ଧରିତ୍ରୀ 52 Years
# ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୮/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, April 28/2026 | Page 14 | ₹ 7.00
୫୨ଶ ଭାଗ ୧୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 153 | ମୂଲ୍ୟ ₹୭/-





**ଅମିଷାଙ୍କ ଅବସୋସ**
'ତେରେ ନାମ୍' ଫିଲ୍ମରେ ସଲମାନ ଖାନ୍‌ଙ୍କ ସହ ଅଭିନୟ ସୁଯୋଗ ହାତଛଡ଼ା କରିଥିବାରୁ ଏବେବି ଅବସୋସ କରନ୍ତି ଅମିଷା ପଟେଲ। ୦୨

୧୪ **ହାଜେଲଉଡ୍‌ଙ୍କ ପ୍ରଭାବୀ ବୋଲିଂ**
ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ପ୍ରଭାବୀ ବୋଲିଂ କରିଛନ୍ତି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁର ଜୋଶ ହାଜେଲଉଡ୍।




# ବାଣିଜ୍ୟ ପରୀକ୍ଷାର୍ଥୀଙ୍କୁ ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ର

**ମାଲକାନଗିରି, ୨୭।୪ (ଗୌରିଶଙ୍କର ପଣ୍ଡା)**

ଜଣେ ବାଣିଜ୍ୟ ବିଭାଗ ପରୀକ୍ଷାର୍ଥୀଙ୍କୁ ପରୀକ୍ଷା ପରିଚାଳକ କଳା ବିଭାଗର ରାଜନୀତି ବିଜ୍ଞାନ ପ୍ରଶ୍ନପତ୍ର ଦେଇଥିଲେ। ଛାତ୍ର ଜଣକ ମଧ୍ୟ କିଛି ବୁଝି ନ ପାରି ସେହି ପ୍ରଶ୍ନର ଉତ୍ତର ଲେଖି ଚାଲିଲେ। ପରୀକ୍ଷାର ୩ ଘଣ୍ଟା ସମୟ ସରିଆସୁଥିବା ବେଳେ ଛାତ୍ରଙ୍କୁ ଭୁଲ୍ ପ୍ରଶ୍ନପତ୍ର ଦିଆଯାଇଥିବା ପରୀକ୍ଷା ପରିଚାଳକ ଜାଣିବା ପରେ ତୁରନ୍ତ ଛାତ୍ରଙ୍କଠାରୁ ସେହି ପ୍ରଶ୍ନପତ୍ର ନେଇ ତାଙ୍କୁ ତାଙ୍କ ବିଭାଗର ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ମାଲକାନଗିରି ସଦରରେ ଥିବା ମାଲକାନଗିରି ମହାବିଦ୍ୟାଳୟରେ ସୋମବାର ଏଭଳି ତ୍ରୁଟି ଦେଖିବାକୁ ମିଳିଛି।

ମାଲକାନଗିରି କଲେଜରେ ବ୍ୟାକ୍ କୋର୍ସ ପାଇଁ ସୋମବାର ପୁନଃ ପରୀକ୍ଷା ଥିଲା। ବିଭିନ୍ନ ବିଷୟରେ ଫେଲ୍ ହୋଇଥିବା ୭୫ ଜଣ ପରୀକ୍ଷାର୍ଥୀ ସୋମବାର ପୁଣି ଥରେ ନିଜର ବ୍ୟାକ୍ କୋର୍ସ ନିମନ୍ତେ ପରୀକ୍ଷା ଦେଇଥିଲେ। ତେବେ ବାଣିଜ୍ୟ ବିଭାଗର ସୌରଭ ଭୌମିକ ନାମକ ଛାତ୍ର ୩ୟ ସେମିଷ୍ଟରର କର୍ପୋରେଟ ଆକାଉଣ୍ଟିଂ ପରୀକ୍ଷା ଦେବାକୁ ଆସିଥିଲେ। କିନ୍ତୁ ପରୀକ୍ଷା ପରିଚାଳକ ଭୁଲ୍‌ରେ ତାଙ୍କୁ ରାଜନୀତି ବିଜ୍ଞାନର ପ୍ରଶ୍ନପତ୍ର ଦେଇଥିଲେ। ସୌରଭ କିଛି ବୁଝି ନ ପାରି ସେହି ପ୍ରଶ୍ନର ଉତ୍ତର ଲେଖି ଚାଲିଲେ। ତେବେ ଇତିମଧ୍ୟରେ ୩ ଘଣ୍ଟା ସମୟ ସରିଆସୁଥିବା ବେଳେ ପରୀକ୍ଷା ପରିଚାଳକ ଜାଣିପାରିଲେ ଯେ, ସୌରଭଙ୍କୁ ଭୁଲ୍ ପ୍ରଶ୍ନପତ୍ର ଦିଆଯାଇଛି। ସୌରଭ ମଧ୍ୟ ଏ ନେଇ ପରୀକ୍ଷା ପରିଚାଳକଙ୍କୁ ଅବଗତ ☞ପୃଷ୍ଠା-୪



ଏକାକୀ ପରୀକ୍ଷା ଦେଉଥିବା ବିଦ୍ୟାର୍ଥୀ।

# ୪ରୁ ୧୦ ଓଜେଇଇ

**ଭୁବନେଶ୍ୱର, ୨୭।୪ (ସୁଚିସ୍ମିତା ସାହୁ)**

ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ)-୨୦୨୬ ମେ' ୪ ତାରିଖରୁ ଆରମ୍ଭ ହେବ। ୧୦ ତାରିଖ ଯାଏ ଚାଲିବାକୁ ଥିବା ଏହି ପରୀକ୍ଷା ଦୈନିକ ୩ଟି ସିଫ୍ଟରେ କରାଯିବ। ପ୍ରଥମ ସିଫ୍ଟ ସକାଳ ୯ରୁ ୧୧ଟା, ଦ୍ୱିତୀୟ ସିଫ୍ଟ ଅପରାହ୍ଣ ୧ଟା ରୁ ୩ଟା ଓ ତୃତୀୟ ସିଫ୍ଟ ପରୀକ୍ଷା ସାଢ଼େ ୪ରୁ ସାଢ଼େ ୬ ଯାଏ ଚାଲିବ। ପ୍ରଥମ ଦିନ ସମସ୍ତ ସିଫ୍ଟରେ ବିଏସ୍‌ସି ନର୍ସିଂ ପରୀକ୍ଷା ରହିଛି। ୫ ତାରିଖ ପ୍ରଥମ ଦୁଇଟି ସିଫ୍ଟରେ ବିଏସ୍‌ସି ନର୍ସିଂ ଓ ତୃତୀୟ ସିଫ୍ଟରେ ବି.ଫାର୍ମ ପରୀକ୍ଷା ରହିଛି। ସେହିପରି ୬ ତାରିଖର ସମସ୍ତ ସିଫ୍ଟରେ ଛାତ୍ରୀଛାତ୍ର ବି.ଫାର୍ମ ପରୀକ୍ଷା ଦେବେ। ୭ ତାରିଖ ପ୍ରଥମ ସିଫ୍ଟରେ ☞ପୃଷ୍ଠା-୪

# ଦୁର୍ଘଟଣାରେ ଗଲା ୭ ଜୀବନ

## କରଞ୍ଜିଆ: ଦମ୍ପତିଙ୍କ ସମେତ ୫ ମୃତ

**ବାରିପଦା/କରଞ୍ଜିଆ (ନୀଳାଦ୍ରି ବିହାରୀ ଦଣ୍ଡପାଟ/କବିତା ମହାନ୍ତ), ୨୭।୪**

ମୟୂରଭଞ୍ଜ ଜିଲା କରଞ୍ଜିଆ ଉପକଣ୍ଠ ଅଞ୍ଚଳରେ ସୋମବାର ପୃଥକ୍ ସଡ଼କ ଦୁର୍ଘଟଣାରେ ୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୬ଜଣ ଗୁରୁତର ହୋଇଛନ୍ତି। ପୋଲିସ ସମସ୍ତ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି।

ସୂଚନା ଅନୁଯାୟୀ, କରଞ୍ଜିଆ ଥାନା ଅଧୀନ ୨୨୦ନଂ. ଜାତୀୟ ରାଜପଥର ବାଉନଶୋଳ ନିକଟରେ ସ୍କୁଟି ଓ ସ୍କର୍ପିଓ ମୁହାଁମୁହିଁ ଧକ୍କା ହୋଇଛି। ଝାଡ଼ଖଣ୍ଡରୁ ଘଟଗାଁ ତାରିଣୀଙ୍କ ଦର୍ଶନ ପାଇଁ ଯାଉଥିବା ସ୍କର୍ପିଓ ଦ୍ରୁତଗତିରେ ☞ପୃଷ୍ଠା-୪

## ଜୁନାଗଡ଼: ମାମୁଁଭଣଜାଙ୍କ ମୃତ୍ୟୁ

**ଭବାନୀପାଟଣା/ଜୁନାଗଡ଼, ୨୭।୪ (ଉତ୍ତମ କୁମାର ଦାଶ/ଅଂଶୁମାନ ଯୋଶୀ)**

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଭଡ୍ରାଗୁଡା ଛକରୁ ସୋମବାର ସକାଳୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏକ ମିନିଟ୍ରକ୍ (ମେଲୋଡି ପାଇଁ ବ୍ୟବହୃତ ଗାଡି) ଧକ୍କାରେ ମାମୁଁଭଣଜାଙ୍କ ମୃତ୍ୟୁ ହୋଇଛି। ସେମାନେ ☞ପୃଷ୍ଠା-୪


**ଆଜିର ସମ୍ପାଦକୀୟ**
ଯଲ୍‌ଦା ଓ ଡିପ୍‌ଫେକ୍



SIKSHA 'O' ANUSANDHAN
SAAT-2026
Empowering students for a brighter future
MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in



4001/46/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଓଡ଼ିଶା ଶାସନ | OPTCL Lifeline of Odisha

୧୬୪୭ କୋଟି ଟଙ୍କା ବ୍ୟୟରେ
କେନ୍ଦୁଝର ବିଦ୍ୟୁତ୍ ଶକ୍ତି ବ୍ୟବସ୍ଥାର ସମ୍ପ୍ରସାରଣ



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

୪୦୦/୨୨୦ କେ.ଭି. ନୂତନ ଗ୍ରୀଡ ସବଷ୍ଟେସନ୍
୨ଟି ୨୨୦ କେ.ଭି. ଗ୍ରୀଡ ସବଷ୍ଟେସନ୍
୫ଟି ଟ୍ରାନ୍ସମିସନ ଲାଇନ

ମୁଖ୍ୟମନ୍ତ୍ରୀ
ଶ୍ରୀ ମୋହନ ଚରଣ ମାଝୀଙ୍କ
କରକମଳରେ
ଭିତ୍ତିପ୍ରସ୍ତର ସ୍ଥାପନ

ଗରିମାମୟ ଉପସ୍ଥିତି
ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀ ଅନନ୍ତ ନାୟକ, ସାଂସଦ, କେନ୍ଦୁଝର
ଡ. ଫକୀର ମୋହନ ନାଏକ, ଅଧ୍ୟକ୍ଷ, ଜିଲ୍ଲା ଯୋଜନା କମିଟି ତଥା ବିଧାୟକ, ତେଲକୋଇ
ଶ୍ରୀ ସନାତନ ମହାକୁଡ, ବିଧାୟକ, ଚମ୍ପୁଆ

୨୮ ଅପ୍ରେଲ ୨୦୨୬ । ପୂର୍ବାହ୍ନ ୯ ଘଟିକା । କେନ୍ଦୁଝର
ଶକ୍ତି ବିଭାଗ, ଓଡ଼ିଶା ସରକାର

OIPR-4001/4011/2/26-27/0007

**ବନ୍ଦେ ଭାରତ ଏକ୍ସପ୍ରେସ୍ କୋଚ୍ ଲାଇନଚ୍ୟୁତ**

ମୁମ୍ବାଇ-ସୋଲାପୁର ବନ୍ଦେ ଭାରତ ଏକ୍ସପ୍ରେସ୍ ସୋମବାର ସନ୍ଧ୍ୟାରେ ପୁଣେ ରେଳଷ୍ଟେସନରେ ପ୍ରବେଶ କରିବା ପୂର୍ବରୁ ଡାଇମଣ୍ଡ କ୍ରସିଂଠାରେ ଏହାର ଏକ କୋଚ୍ ଲାଇନ୍‌ଚ୍ୟୁତ ହୋଇଛି । ତେବେ ଏହି ଦୁର୍ଘଟଣାରେ କୌଣସି ଯାତ୍ରୀ ମୃତାହତ ହୋଇନାହାନ୍ତି ।ଯାତ୍ରୀମାନଙ୍କୁ ଅନ୍ୟ ଏକ ବଗିକୁ ସ୍ଥାନାନ୍ତର କରାଯାଇଥିଲା । ବନ୍ଦେ ଭାରତ ଟ୍ରେନ୍ ଲାଇନଚ୍ୟୁତ ହେବା ଏହା ପ୍ରଥମ ଘଟଣା ।



ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାର ଶେଷ ଦିନରେ ସୋମବାର ମୁଖ୍ୟମନ୍ତ୍ରୀ ତଥା ତୃଣମୂଳ କଂଗ୍ରେସ ସୁପ୍ରିମୋ ମମତା ବାନାର୍ଜୀ କୋଲକାତାରେ ଏକ ରୋଡ୍‌ଶୋ'ରେ ଯୋଗ ଦେଇଛନ୍ତି । ତାଙ୍କ ସହ ଦଳୀୟ ନେତ୍ରୀ ସାୟୋନି ଘୋଷ ଓ ଅନ୍ୟମାନେ ଅଛନ୍ତି ।

# ପଶ୍ଚିମବଙ୍ଗରେ ପ୍ରଚାର ଶେଷ, ଦିନକ ପରେ ଭୋଟ

**ଶପଥ ଉତ୍ସବକୁ ଆସିବେ କହିଲେ ମୋଦି**

କୋଲକାତା,୨୭।୪

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ତଥା ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ବୁଧବାର ହେବାକୁ ଥିବାବେଳେ ସୋମବାର ସନ୍ଧ୍ୟାରେ ପ୍ରଚାର ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୧୪୨ ଆସନ ପାଇଁ ଭୋଟଗ୍ରହଣ କରାଯିବ । ପ୍ରଚାର ଶେଷ ଦିନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ୨୪ ପ୍ରଗଣାର କଙ୍କିନାରାଠାରେ ଏକ ରାଲିକୁ ସମ୍ବୋଧନ କରିଥିବାବେଳେ ବରିଷ୍ଠ ଭାଜପା ନେତା ଅମିତ୍ ଶାହା ହୁଗ୍‌ଲି ଜିଲାର ଚନ୍ଦନନଗରଠାରେ ରୋଡ୍‌ଶୋ' କରିଥିଲେ । ଅନ୍ୟ ଭାଜପା ନେତାଙ୍କ ମଧ୍ୟରେ ଯୋଗୀ ଆଦିତ୍ୟନାଥ ଏବଂ ଅଶ୍ୱିନୀ ବୈଷ୍ଣବ ମଧ୍ୟ ଶେଷ ଦିନରେ ପ୍ରଚାର କରିଥିଲେ । ସେହିପରି ତୃଣମୂଳ କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କୋଲକାତାରେ ରୋଡ୍‌ଶୋ' କରିଥିବାବେଳେ ଦଳର ସାଧାରଣ ସମ୍ପାଦକ ଅଭିଷେକ ବାନାର୍ଜୀ ଆରାମବାଗରେ ରାଲି କରିବା ସହ ମହେଶତାଲାରେ ଏକ ରୋଡ୍‌ଶୋ'ରେ ଭାଗ ନେଇଥିଲେ ।

ନିର୍ବାଚନ ପରେ ଭାଜପା ପଶ୍ଚିମବଙ୍ଗରେ ସରକାର ଗଢ଼ିବ ବୋଲି ପ୍ରଧାନମନ୍ତ୍ରୀ ମୋଦି ଦୃଢ଼ୋକ୍ତି କରିଛନ୍ତି । ମେ' ୪ ପରେ ନୂଆ ସରକାରର ଶପଥ ଗ୍ରହଣ ଉତ୍ସବକୁ ସେ ପଶ୍ଚିମବଙ୍ଗ ଆସିବେ ବୋଲି ସୋମବାର ଜନସାଧାରଣଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

ଦ୍ୱିତୀୟ ପର୍ଯ୍ୟାୟରେ କୋଲକାତା ଉତ୍ତର, କୋଲକାତା ଦକ୍ଷିଣ, ହାଓଡ଼ା, ନଦିଆ, ଉତ୍ତର ୨୪ ପ୍ରଗଣା, ଦକ୍ଷିଣ ୨୪ ପ୍ରଗଣା, ହୁଗ୍‌ଲି ଏବଂ ପୂର୍ବ ବର୍ଦ୍ଧମାନ ସମେତ ୮ଟି ନିର୍ବାଚନ ଜିଲାରେ ମତଦାନ ହେବ । ଏଥିପାଇଁ ସମସ୍ତ ବୃହତ୍ ଦଳର ନେତାମାନେ ଶେଷଦିନରେ ପ୍ରଚାରକୁ ଜୋର୍‌ଦାର କରିଥିଲେ । ସୂଚନାଯୋଗ୍ୟ, ଗତ ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟରେ ୧୫୨ ଆସନ ପାଇଁ ମତଦାନ ହୋଇଥିଲା । ମତଦାନ ହାର ସର୍ବାଧିକ ୯୩.୧୯ ପ୍ରତିଶତ ରହିଥିଲା । ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟଗ୍ରହଣ ପରେ ମେ' ୪ରେ ଏକସଙ୍ଗେ କେରଳମ୍, ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରୀର ଭୋଟଗଣନା କରାଯାଇ ଫଳାଫଳ ପ୍ରକାଶ ପାଇବ ।

## ଦିନେଶ ତ୍ରିବେଦୀ ବାଂଲାଦେଶରେ ଭାରତର ଉଚ୍ଚାୟୁକ୍ତ ନିଯୁକ୍ତ



ଦିନେଶ ତ୍ରିବେଦୀ

ନୂଆଦିଲ୍ଲୀ,୨୭।୪ (ପି.ଟି.)

ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିନେଶ ତ୍ରିବେଦୀଙ୍କୁ ସୋମବାର ବାଂଲାଦେଶରେ ଭାରତର ପରବର୍ତ୍ତୀ ଉଚ୍ଚାୟୁକ୍ତ ନିଯୁକ୍ତ କରାଯାଇଛି । ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସଜାଡ଼ିବା ପାଇଁ ଯୋଜନା ହେଉଥିବାବେଳେ ବରିଷ୍ଠ ରାଜନେତା ତ୍ରିବେଦୀଙ୍କୁ ଢାକା ପଠାଇବା ପାଇଁ ନୂଆଦିଲ୍ଲୀ ନିଷ୍ପତ୍ତି ନେଇଛି । ସୂଚନାଯୋଗ୍ୟ, ୨୦୨୪ ଅଗଷ୍ଟରେ ଶେଖ୍ ହାସିନା ସରକାରର ପତନ ପରେ ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱରେ ବାଂଲାଦେଶର ଅନ୍ତରୀଣ ସରକାର ସମୟରେ ୨ ଦେଶର ସମ୍ପର୍କରେ ତିକ୍ତତା ସୃଷ୍ଟି ହୋଇଥିଲା । ଗତ ଫେବୃଆରୀରେ ପ୍ରଧାନମନ୍ତ୍ରୀ ତାରିକ୍ ରହମାନଙ୍କ ନେତୃତ୍ୱରେ ବାଂଲାଦେଶର ନୂଆ ସରକାର ଆସିବା ପରେ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

# ଭାରତ, ନ୍ୟୁଜିଲାଣ୍ଡ ମଧ୍ୟରେ ଏଫ୍‌ଟିଏ ସ୍ୱାକ୍ଷରିତ

**ନ୍ୟୁଜିଲାଣ୍ଡରେ ଭାରତୀୟ ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ହେବ**

ନୂଆଦିଲ୍ଲୀ,୨୭।୪(ପି.ଟି.)

ଭାରତ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସୋମବାର ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫ୍‌ଟିଏ) ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ବଳରେ ନ୍ୟୁଜିଲାଣ୍ଡ ବଜାରରେ ଭାରତୀୟ ବସ୍ତ୍ର, ଚମଡ଼ା ଜୋତା, ରତ୍ନପଥର ଓ ଅଳଙ୍କାର ସମେତ ୧୦୦ ପ୍ରତିଶତ ରପ୍ତାନି ସାମଗ୍ରୀ ଶୁଳ୍କମୁକ୍ତ ହେବ । ଫଳରେ ଭାରତୀୟ ରପ୍ତାନିକାରୀମାନେ ଏହି ଚୁକ୍ତିନାମା ବଳରେ ଲାଭବାନ୍ ହେବେ । ନ୍ୟୁଜିଲାଣ୍ଡ ପାର୍ଲାମେଣ୍ଟରେ ଅନୁମୋଦନ ପରେ ଚଳିତ ବର୍ଷ ଶେଷ ସୁଦ୍ଧା ଉକ୍ତ ଚୁକ୍ତିନାମା କାର୍ଯ୍ୟକାରୀ ହେବା ଆଶା କରାଯାଉଛି । ଭାରତରେ କେନ୍ଦ୍ର କ୍ୟାବିନେଟ୍ ଏଫ୍‌ଟିଏକୁ ମଞ୍ଜୁରୀ ପ୍ରଦାନ କରିଛି ।

ଏକ ବାଣିଜ୍ୟ ଚୁକ୍ତିନାମାରେ ଦ୍ୱିତୀୟ ଥର ପାଇଁ ଭାରତ ଆଗାମୀ ୧୫ ବର୍ଷ ମଧ୍ୟରେ ୨୦ ବିଲିୟନ ଆମେରିକୀୟ ଡଲାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜିନିବେଶ(ଏଫ୍‌ଡିଆଇ) ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି । ଭାରତ ସହ ୪ ୟୁରୋପୀୟ ରାଷ୍ଟ୍ର କରିଥିବା ଚୁକ୍ତିନାମାରେ ୧୦୦ ବିଲିୟନ ଡଲାର ଏଫ୍‌ଡିଆଇ ପ୍ରତିଶ୍ରୁତି ଦିଆଯାଇଥିଲା । ସୋମବାର ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ ଏବଂ ଭାରତ ଗସ୍ତରେ ଆସିଥିବା ନ୍ୟୁଜିଲାଣ୍ଡର ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମାକ୍‌ଲେ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି । ଏହି ଚୁକ୍ତି ବଳରେ ୫ ବର୍ଷରେ ଦ୍ୱିପାକ୍ଷିକ ବାଣିଜ୍ୟ ୨ ଗୁଣ ବଢ଼ି ୫ ବିଲିୟନ ଡଲାରରେ ପହଞ୍ଚିବା ଆଶା କରାଯାଉଛି । ଏହାଦ୍ୱାରା ଦେଶର କୃଷକ, ଯୁବବର୍ଗ, ମହିଳା, ଏମ୍‌ଏସ୍‌ଏମ୍‌ଇ, କାରିଗର, ଷ୍ଟାର୍ଟଅପ୍, ଛାତ୍ରୀଛାତ୍ର ଓ ନବପ୍ରବର୍ତ୍ତକମାନେ ବିଶେଷ ଲାଭବାନ ହେବେ ବୋଲି ଚୁକ୍ତିନାମା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଭାରତରେ ୨୦ ବିଲିୟନ ଡଲାର ପୁଞ୍ଜିନିବେଶ ପାଇଁ ନ୍ୟୁଜିଲାଣ୍ଡ ପ୍ରତିଶ୍ରୁତି ଦେଇଥିବାରୁ ଏହା କୃଷି, ଉତ୍ପାଦନ, ନବପ୍ରବର୍ତ୍ତନ, ପ୍ରଯୁକ୍ତି ଆଦି କ୍ଷେତ୍ରରେ ଆମର ସହଯୋଗକୁ ସୁଦୃଢ଼ କରିବ ଏବଂ ଉଭୟ ଦେଶ ପାଇଁ ଏକ ସମୃଦ୍ଧ ଓ ଗତିଶୀଳ ଭବିଷ୍ୟତର ମାର୍ଗ ପ୍ରଶସ୍ତ କରିବ ବୋଲି ପ୍ରଧାନମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି । ସେହିପରି ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲୁକ୍ସନ ଏହି ଚୁକ୍ତିକୁ ଦୀର୍ଘବର୍ଷ ପରେ ହୋଇଥିବା ଏକ ଐତିହାସିକ ରାଜିନାମା କହିବା ସହ ଏହା ଆମ ରପ୍ତାନିକାରୀଙ୍କୁ ୧୪୦ କୋଟି ଜନସଂଖ୍ୟା ଥିବା ଭାରତୀୟ ବଜାରରେ ଏବଂ ବିଶ୍ୱର ୩ୟ ବୃହତ୍ ଅର୍ଥନୀତି ହେବାକୁ ଯାଉଥିବା ଦେଶରେ ବ୍ୟବସାୟ କରିବା ପାଇଁ ଅଭୂତପୂର୍ବ ସୁଯୋଗ ପ୍ରଦାନ କରିବ ବୋଲି କହିଛନ୍ତି ।

ଗତ କିଛିବର୍ଷ ମଧ୍ୟରେ ଭାରତର ଏହା ୯ମ ଚୁକ୍ତିନାମା । ୩୮ଟି ବିକଶିତ ରାଷ୍ଟ୍ର ସହ ଏହିସବୁ ଚୁକ୍ତିନାମା ହୋଇଥିବା ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ଗୋୟଲ କହିଛନ୍ତି । ଦେଶର ରପ୍ତାନି, କୃଷି ଉତ୍ପାଦନ, ଦକ୍ଷତା, ନିବେଶ ଓ ସେବାକୁ ସଶକ୍ତ କରାଇବା ଚୁକ୍ତିନାମାର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।



ନୂଆଦିଲ୍ଲୀରେ ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର ଅବସରରେ କେନ୍ଦ୍ର ବାଣିଜ୍ୟ ଓ ଶିଳ୍ପମନ୍ତ୍ରୀ ପୀୟୁଷ ଗୋୟଲଙ୍କ ସହ ନ୍ୟୁଜିଲାଣ୍ଡ ବାଣିଜ୍ୟ ଓ ନିବେଶ ମନ୍ତ୍ରୀ ଟୋଡ୍ ମାକ୍‌ଲେ ।

## ଖାଦ୍ୟରେ ବିଷକ୍ରିୟା: ପରିବାରର ୪ ମୃତ

ମୁମ୍ବାଇ,୨୭।୪

ମୁମ୍ବାଇର ପାଇଧୋନି ଅଞ୍ଚଳରେ ଖାଦ୍ୟରେ ବିଷକ୍ରିୟା ଯୋଗୁ ଗୋଟିଏ ପରିବାରର ୪ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି । ଶନିବାର ରାତିରେ ଏହି ଘଟଣା ଘଟିଛି । ମୃତକମାନେ ହେଲେ ୪୦ ବର୍ଷୀୟ ଅବଦୁଲ୍ଲା ଡୋକାଡିଆ, ତାଙ୍କ ସ୍ତ୍ରୀ ନସ୍‌ରିନ(୩୫), ଝିଅ ଐଶା (୧୬) ଏବଂ ଜୈନାବ (୧୩) । ପରିବାର ସଦସ୍ୟ ଶନିବାର ରାତି ୧୦ଟା ୩୦ ମିନିଟ୍‌ରେ ରାତ୍ରଭୋଜନରେ ବିରିଆନି ଖାଇଥିଲେ । ରାତି ୧ଟାରୁ ୧ଟା ୩୦ ମଧ୍ୟରେ ଉପରୋକ୍ତ ୪ ଜଣ ତରଭୁଜ ଖାଇଥିଲେ । ଭୋର ସମୟରେ ସେମାନଙ୍କର ଝାଡ଼ାବାନ୍ତି ହୋଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ସେମାନଙ୍କର ମୃତ୍ୟୁ ଘଟିଛି । ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି କୁହାଯାଉଛି ।

## ରାଜ୍ୟ ସଭାରେ ଭାଜପା ସଦସ୍ୟ ସଂଖ୍ୟା ୧୧୩

ନୂଆଦିଲ୍ଲୀ,୨୭।୪ (ପି.ଟି.)

ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ୭ ଜଣ ଏମ୍‌ପିଙ୍କ ଭାଜପାରେ ମିଶ୍ରଣକୁ ରାଜ୍ୟ ସଭା ଅଧ୍ୟକ୍ଷ ସି.ପି. ରାଧାକ୍ରିଷ୍ଣନ୍ ସୋମବାର ଆନୁଷ୍ଠାନିକ ଭାବେ ଗ୍ରହଣ କରିଛନ୍ତି । ଏହି ମିଶ୍ରଣ ଫଳରେ ଉଚ୍ଚ ସଦନରେ ଭାଜପାର ସଦସ୍ୟ ସଂଖ୍ୟା ୧୧୩କୁ ବୃଦ୍ଧି ପାଇଥିବାବେଳେ ଅରବିନ୍ଦ କେଜ୍‌ରିଓ୍ୱାଲଙ୍କ ଦଳର ସାମର୍ଥ୍ୟ ୩କୁ ହ୍ରାସ ପାଇଛି । ଆପ୍‌ରୁ ଏମ୍‌ପି ଥିବା ରାଘବ ଚଢ଼ା, ଅଶୋକ ମିତ୍ତଲ, ହରଭଜନ ସିଂ, ସନ୍ଦୀପ୍ ପାଠକ, ବିକ୍ରମଜିତ୍ ସାହନି, ସ୍ୱାତୀ ମାଲିଓ୍ୱାଲ ଏବଂ ରାଜିନ୍ଦର ଗୁପ୍ତା ଗତ ଶୁକ୍ରବାର ଦଳ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ । ସେମାନେ ଏବେ ଭାଜପା ସଦସ୍ୟ ତାଲିକାରେ ରହିଥିବା ରାଜ୍ୟ ସଭା ଓ୍ୱେବ୍‌ସାଇଟ୍‌ରେ ଦେଖାଯାଇଛି । ଆପ୍ ଟିକେଟରେ ରାଜ୍ୟ ସଭାକୁ ଯାଇଥିବା ଏହି ଏମ୍‌ପିମାନେ ଦଳବଦଳ କରି ଭାଜପାରେ ଯୋଗଦେଇଥିବାରୁ ସେମାନଙ୍କ ସଭ୍ୟପଦ ରଦ୍ଦ କରିବାକୁ ଆପ୍ ରବିବାର ରାଜ୍ୟ ସଭା ଅଧ୍ୟକ୍ଷଙ୍କ ନିକଟରେ ଆବେଦନ କରିଥିଲା ।

# ହସ୍ପିଟାଲରେ ଅଂଶୁଘାତ ୟୁନିଟ୍ କାର୍ଯ୍ୟକ୍ଷମ କର

**ରାଜ୍ୟଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ**

ନୂଆଦିଲ୍ଲୀ,୨୭।୪

ଦେଶର ବିଭିନ୍ନ ଭାଗରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଲାଗିରହିଥିବାବେଳେ ସବୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ପରିଚାଳନା ୟୁନିଟ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ କେନ୍ଦ୍ର ସରକାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛନ୍ତି । ଅଂଶୁଘାତ ସମ୍ପର୍କରେ ତୁରନ୍ତ ରିପୋର୍ଟ କରିବାକୁ କୁହାଯାଇଛି । ଦେଶର ବିଭିନ୍ନ ଅଞ୍ଚଳରେ ପ୍ରବଳ ଗ୍ରୀଷ୍ମଲହର ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି ହୋଇଛି । ରାଜ୍ୟଗୁଡ଼ିକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲିଳା ଶ୍ରୀବାସ୍ତବ ପତ୍ର ଲେଖି ସକ୍ରିୟ ଯୋଜନା ଓ ସମନ୍ୱୟର ସହ କାର୍ଯ୍ୟ କରି ଆଗାମୀ ମାସଗୁଡ଼ିକରେ ଭୀଷଣ ରୌଦ୍ରଜନିତ ପ୍ରଭାବକୁ ସଫଳତାର ସହ ମୁକାବିଲା କରିବାକୁ ପରାମର୍ଶ ଦେଇଛନ୍ତି । ଏଥିସହିତ ପର୍ଯ୍ୟାପ୍ତ ସଂଖ୍ୟାରେ ଆମ୍ବୁଲାନ୍ସ ଉପଲବ୍ଧକୁ ସୁନିଶ୍ଚିତ କରାଇବା ଏବଂ ସମୟୋଚିତ ପଦକ୍ଷେପ ପାଇଁ ପୂର୍ବ ସୂଚନାର ପ୍ରସାରଣ କରିବାକୁ କୁହାଯାଇଛି । କେନ୍ଦ୍ର ପକ୍ଷରୁ ଏହା ଦ୍ୱିତୀୟ ଆଡଭାଇଜରି ଜାରି କରାଯାଇଛି । ଗତ ମାସ ୯ ତାରିଖରେ କେନ୍ଦ୍ର ପ୍ରଥମ ଆଡଭାଇଜରି ଜାରି କରିଥିଲା । ଅନ୍ୟ ଏକ ନିର୍ଦ୍ଦେଶନାମା ଜରିଆରେ ଦେଶର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଗ୍ନି ନିର୍ବାପନ ଏବଂ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ସ୍ୱାସ୍ଥ୍ୟ ସଚିବ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ।

## ଚାଦ୍‌ରେ ପାଣି ପାଇଁ ସଂଘର୍ଷ: ୪୨ ମୃତ

ଏନ୍‌ଜାମେନା,୨୭।୪

ପୂର୍ବ ଚାଦ୍‌ରେ ଏକ ଜଳ ଉତ୍ସକୁ ନେଇ ୨ ପରିବାର ମଧ୍ୟରେ ସଂଘର୍ଷରୁ ହିଂସାକାଣ୍ଡରେ ୪୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ଦେଶର ଉପପ୍ରଧାନମନ୍ତ୍ରୀ ଲିମାନେ ମହମତ ସୁଦାନ ସୀମାବର୍ତ୍ତୀ ଓ୍ୱାଡି ଫିରା ପ୍ରଦେଶର ଇଗାଟେ ଅନ୍ତର୍ଗତ ଉକ୍ତ ଗ୍ରାମକୁ ଯାଇ ଆହତମାନଙ୍କୁ ଭେଟିଛନ୍ତି । ଆହତମାନଙ୍କୁ ପ୍ରଦେଶିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିବା ମହମତ କହିଛନ୍ତି ।

## କ୍ଷମା ମାଗିଲେ ସଞ୍ଜୟ ଦତ୍ତ



ନୂଆଦିଲ୍ଲୀ,୨୭।୪

ଅଭିନେତା ସଞ୍ଜୟ ଦତ୍ତଙ୍କ ଆଗାମୀ ଚଳଚ୍ଚିତ୍ର କେଡି: ଦି ଡେଭିଲ୍‌ରେ ଥିବା ଗୀତ 'ସାର୍କେ ଚୁନାର ତେରି ସାର୍କେ'ରେ ଅଶ୍ଳୀଳତା ଅଭିଯୋଗକୁ ନେଇ ଜାତୀୟ ମହିଳା କମିଶନ (ଏନ୍‌ସିଡବ୍ଲ୍ୟୁ) ତାଙ୍କୁ ସମନ କରିଥିଲେ । ସଞ୍ଜୟ ସୋମବାର ଏନ୍‌ସିଡବ୍ଲ୍ୟୁରେ ହାଜର ହୋଇ କ୍ଷମା ମାଗିଛନ୍ତି । ତେବେ ଗୀତର ସୃଜନଶୀଳ ଦିଗ ସହ ସେ ସମ୍ପୃକ୍ତ ନୁହନ୍ତି । ମହିଳାଙ୍କ ମର୍ଯ୍ୟାଦା ଏବଂ ସାମାଜିକ ମୂଲ୍ୟବୋଧକୁ ସମ୍ମାନ ଦିଅନ୍ତି ବୋଲି ସଞ୍ଜୟ କହିଛନ୍ତି । ଏଥିସହିତ ଆଦିବାସୀ ସମ୍ପ୍ରଦାୟର ୫୦ ବାଳିକାଙ୍କ ଶିକ୍ଷା ଖର୍ଚ୍ଚ ବହନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

## ଦିଲ୍ଲୀ ଦଙ୍ଗା: ୧୨ ହତ୍ୟା ଅଭିଯୁକ୍ତ ଦୋଷମୁକ୍ତ

ନୂଆଦିଲ୍ଲୀ,୨୭।୪(ପି.ଟି.)

୨୦୨୦ର ଉତ୍ତରପୂର୍ବ ଦିଲ୍ଲୀ ଦଙ୍ଗାବେଳେ ଅପହରଣ ଓ ହତ୍ୟା ଘଟଣାରେ ଅଭିଯୁକ୍ତ ୧୨ ଜଣଙ୍କୁ ଦିଲ୍ଲୀର ଏକ ଅଦାଲତ ସୋମବାର ଦୋଷମୁକ୍ତ କରିଛନ୍ତି । ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନରେ ବଡ଼ ଧରଣର ବିରୋଧାଭାସ ଏବଂ ଦୁର୍ବଳ ତଥ୍ୟ ପ୍ରମାଣ ଯୋଗୁ ଅଭିଯୋଗକାରୀ ପକ୍ଷ ମାମଲାକୁ ପ୍ରମାଣିତ କରିବାରେ ବିଫଳ ହୋଇଥିବା ଅତିରିକ୍ତ ଦୌରାଜଜ୍ ପର୍ବିନ ସିଂ କହିଛନ୍ତି । ମୁଶାରଫ୍ ହତ୍ୟା ମାମଲାରେ ଲୋକେଶ ସୋଲାଙ୍କି, ପଙ୍କଜ ଶର୍ମା, ସୁମିତ ଚୌଧରୀ ଓରଫ ବାଦଶାହା, ଅଙ୍କିତ ଚୌଧରୀ ଓରଫ୍ ଫୌଜି, ପ୍ରିନ୍ସ ଓରଫ୍ ଡିଜେ ଓ୍ୱାଲା, ଋଷଭ ଚୌଧୁରୀ ଓରଫ ତାପସ, ଯତୀନ ଶର୍ମା ଓରଫ୍ ରୋହିତ, ବିବେକ ପଞ୍ଚାଲ ଓରଫ ନନ୍ଧୁ, ହିମାଂଶୁ ଠାକୁର, ସହିଲ ଓରଫ୍ ବାବୁ, ସନ୍ଦୀପ ଓରଫ ମୋଗଲି ଏବଂ ଟିଙ୍କୁ ଆରୋରାଙ୍କୁ ଅଭିଯୁକ୍ତ କରାଯାଇଥିଲା । ଦିଲ୍ଲୀ ସାମ୍ପ୍ରଦାୟିକ ଦଙ୍ଗା ବେଳେ ୨୦୨୦ ଫେବୃଆରୀ ୨୭ରେ ଭାଗୀରଥି ବିହାରର ଏକ ଡ୍ରେନ୍‌ରୁ ମୁଶାରଫ୍‌ଙ୍କ ମୃତଦେହ ମିଳିବା ପରେ ଉପରୋକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଥିଲା ।

## ସହମତିରେ ସମ୍ପର୍କ ରଖିଥିଲେ ଅପରାଧ ପ୍ରଶ୍ନ ଉଠୁଛି କେଉଁଠୁ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୭।୪(ପି.ଟି.)

ସହମତିରେ ସମ୍ପର୍କ ରଖିଥିଲେ ଅପରାଧର ପ୍ରଶ୍ନ ଉଠୁଛି କେଉଁଠୁ ବୋଲି ସୁପ୍ରିମକୋର୍ଟ ସୋମବାର ଜଣେ ମହିଳାଙ୍କୁ ପ୍ରଶ୍ନ କରିଛନ୍ତି । ମହିଳା ଜଣକ ପୂର୍ବରୁ ଲିଭ୍-ଇନ୍ ରିଲେଶନ୍‌ଶିପ୍‌ରେ ରହୁଥିବା ଜଣେ ବ୍ୟକ୍ତିଙ୍କ ବିରୋଧରେ ବଳାତ୍କାର ଅଭିଯୋଗ ଆଣିଥିଲେ । ବ୍ୟକ୍ତି ଜଣକ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ ବୋଲି ମହିଳାଙ୍କ ଅଭିଯୋଗ ଆଧାରରେ ଏତଲା ଦାଏର ହୋଇଥିଲା । ମଧ୍ୟପ୍ରଦେଶ ହାଇକୋର୍ଟ ଉକ୍ତ ଏତଲାକୁ ଖାରଜ କରିଦେଇଥିବାବେଳେ ମହିଳା ଜଣକ ଏହା ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମହିଳା ଉକ୍ତ ବ୍ୟକ୍ତିଙ୍କ ସହ ରିଲେଶନ୍‌ରେ ଥିବାବେଳେ ସେମାନଙ୍କର ଏକ ସନ୍ତାନ ହୋଇଥିଲା । ବିବାହ କରି ନ ଥିଲେ ମଧ୍ୟ ୧୫ ବର୍ଷ ଏକାଠି ରହି ସନ୍ତାନ କରିସାରିବା ପରେ ବଳାତ୍କାର ଅଭିଯୋଗ ଆସୁଛି କେଉଁଠୁ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ମହିଳାଙ୍କୁ ପ୍ରଶ୍ନ କରିବା ସହ ତାଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି ।

# ଅମିଷାଙ୍କ ଅବସୋସ



ଅମିଷା ପଟେଲ

ମୁମ୍ବାଇ

ବଲିଉଡରେ କଳାକାରମାନେ ଫିଲ୍ମ ସାଇନ କରିବା ଏବଂ ପରେ କୌଣସି କାରଣରୁ ତାହାକୁ ଛାଡ଼ିଦେବା ଏକ ସାଧାରଣ କଥା । କିନ୍ତୁ କିଛି ଫିଲ୍ମ ଏମିତି ଥାଏ, ଯାହାକୁ ହାତଛଡ଼ା କରିବା ପରେ ଜଣେ କଳାକାରଙ୍କୁ ସାରା ଜୀବନ ଅନୁତାପ କରିବାକୁ ପଡ଼ିଥାଏ । ଏମିତି କିଛି ଘଟିଛି ବଲିଉଡ ଅଭିନେତ୍ରୀ ଅମିଷା ପଟେଲଙ୍କ ସହ । ସଲମାନ୍ ଖାନ୍‌ଙ୍କ କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଫିଲ୍ମ 'ତେରେ ନାମ୍'କୁ ନେଇ ଅମିଷା ପଟେଲ ଏକ ବଡ଼ ଖୁଲାସା କରିଛନ୍ତି । ସାଧାରଣତଃ ଆମେ ଜାଣୁ ଯେ 'ତେରେ ନାମ୍' ଫିଲ୍ମରେ ସଲମାନଙ୍କ ସହ ଭୂମିକା ଚାଓ୍ୱଲାଙ୍କ ଯୋଡ଼ି ଏବଂ ସେମାନଙ୍କ କେମିଷ୍ଟ୍ରିକୁ ଦର୍ଶକ ଖୁବ୍ ପସନ୍ଦ କରିଥିଲେ । କିନ୍ତୁ ଅମିଷା ନିକଟରେ ଏକ ସାକ୍ଷାତ୍‌କାରରେ କହିଛନ୍ତି ଯେ, ସଲମାନ୍ ପ୍ରଥମେ ଏହି ଫିଲ୍ମ ପାଇଁ ତାଙ୍କୁ ହିଁ ନେବାକୁ ଚାହୁଁଥିଲେ । ସଲମାନ ତାଙ୍କୁ ଫିଲ୍ମର କାହାଣୀ ଏବଂ ଗୀତ ମଧ୍ୟ ଶୁଣାଇଥିଲେ ।

ଅମିଷା କହିଛନ୍ତି, 'ମୁଁ ଚାହୁଁଥିଲେ ମଧ୍ୟ ଏହି ଫିଲ୍ମ କରିପାରିଲି ନାହିଁ । ଯେତେବେଳେ ସଲମାନ୍ ମୋତେ ଅଫର ଦେଲେ, ସେତେବେଳେ କେବଳ ଗୀତ ଏବଂ କାହାଣୀ ପ୍ରସ୍ତୁତ ଥିଲା । କିନ୍ତୁ ଶୁଟିଂ ତାରିଖ କିମ୍ବା ନିର୍ଦ୍ଦେଶକ କିଏ ହେବେ, ତାହା ସ୍ଥିର ହୋଇନଥିଲା । ଯେତେବେଳେ ସବୁକିଛି ଚୂଡ଼ାନ୍ତ ହେଲା ଏବଂ ସତୀଶ କୌଶିକଜୀ ନିର୍ଦ୍ଦେଶନା ଭାର ନେଲେ, ସେତେବେଳକୁ ମୁଁ ଅନ୍ୟ କିଛି ଫିଲ୍ମ ପାଇଁ ପ୍ରତିଶ୍ରୁତିବଦ୍ଧ ଥିଲି ।' ସେହି ସମୟରେ ତାଙ୍କ ପାଖରେ ବିଲ୍‌କୁଲ ଫ୍ରି ଡେଟ୍ସ ନଥିଲା । ଯଦି ସେହି ସମୟରେ ତାଙ୍କ ପାଖରେ ସମୟ ଥାଆନ୍ତା, ତେବେ ସେ 'ତେରେ ନାମ୍' ଭଳି ଏକ ଚମତ୍କାର ଫିଲ୍ମକୁ କେବେବି ହାତଛଡ଼ା କରିନଥାନ୍ତେ ।

ଅମିଷା ଏହାକୁ ନିଜର ବଡ଼ କ୍ଷତି ଏବଂ ଦୁର୍ଭାଗ୍ୟ ବୋଲି କହିଛନ୍ତି । ସେ କହିଛନ୍ତି, 'ମୁଁ ଏହି ଫିଲ୍ମକୁ ମନା କରିଥିବାରୁ ମୋର ସବୁବେଳେ ଅବସୋସ ରହିବ । ୨୦୦୩ରେ ମୁକ୍ତିଲାଭ କରିଥିବା 'ତେରେ ନାମ୍' ତାମିଲ ଫିଲ୍ମ 'ସେତୁ'ର ରିମେକ ଥିଲା । ଏହି ଫିଲ୍ମଟି ବକ୍ସ ଅଫିସରେ ଧମାଲ କରିବା ସହ ନିଜ ବଜେଟଠାରୁ ଦୁଇଗୁଣ ଅଧିକ ଆୟ କରିଥିଲା ।

ଧରିତ୍ରୀ 52 Years
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୮/୨୦୨୬ | Bhubaneswar, Tuesday, April 28/2026


## ପୁରୀ ବିମାନବନ୍ଦର ବିରୋଧରେ ମେଳି


ବ୍ରହ୍ମଗିରି ବ୍ଲକ ଗୋରୁଆଳ ପଞ୍ଚାୟତସ୍ଥିତ ବାତ୍ୟା ଆଶ୍ରୟସ୍ଥଳରେ ପୁରୀ ବିମାନବନ୍ଦରକୁ ବିରୋଧ କରି କ୍ଷତିଗ୍ରସ୍ତ ଗ୍ରାମବାସୀଙ୍କ ଗ୍ରାମ ସଭା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି) ରିପୋର୍ଟ: ପୃଷ୍ଠା ୧୦

# ଆମେରିକା ଅବରୋଧ ହଟାଇଲେ ହର୍ମୁଜ ଖୋଲିବୁ

**କାଇରୋ,୨୭।୪**

ଆମେରିକା ଅବରୋଧ ହଟାଇ ଯୁଦ୍ଧ ବନ୍ଦକଲେ, ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ମୁକ୍ତ କରିବା ପାଇଁ ଇରାନ ପ୍ରସ୍ତାବ ଦେଇଛି। ଇରାନର ଆଣବିକ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରଶ୍ନ ଉପରେ ପରବର୍ତ୍ତୀ ପର୍ଯ୍ୟାୟରେ ଆଲୋଚନା କରାଯିବ ବୋଲି ୨ ଜଣ ଆଞ୍ଚଳିକ ଅଧିକାରୀ ସୋମବାର କହିଛନ୍ତି। ଇରାନର ଏହି ପ୍ରସ୍ତାବ ସମ୍ପର୍କରେ ପାକିସ୍ତାନ ଆମେରିକାକୁ ଜଣାଇ ଦେଇଛି। ତେବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହାକୁ ଗ୍ରହଣ କରି ନ ପାରନ୍ତି ବୋଲି କୁହାଯାଉଛି।

ଫେବୃଆରୀ ୨୮ରେ ଆମେରିକା ଏବଂ ଇସ୍ରାଏଲ୍ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିବାବେଳେ ୪୦ ଦିନ ପରେ ଟ୍ରମ୍ପ ୨ ସପ୍ତାହ ପାଇଁ ଅସ୍ତ୍ରବିରତି ଘୋଷଣା କରିଥିଲେ। ଏହାର ସମୟସୀମା ଶେଷ ହେବା ପୂର୍ବରୁ ଦୁଇ ଦେଶ କୌଣସି

### ଇରାନର ପ୍ରସ୍ତାବ

ଚୁକ୍ତିନାମାରେ ପହଞ୍ଚି ନ ପାରିବାରୁ ଟ୍ରମ୍ପ ଅନିର୍ଦ୍ଦିଷ୍ଟ କାଳ ପାଇଁ ଅସ୍ତ୍ରବିରତି ଅବଧି ବୃଦ୍ଧି କରିଛନ୍ତି। ତେବେ ଯେକୌଣସି ସମୟରେ ଅସ୍ତ୍ରବିରତି ଉଲ୍ଲଂଘନ ହୋଇପାରେ। ସେପଟେ ଇରାନ ବିଶ୍ୱର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ପରିବହନ ଜଳପଥ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌କୁ ଅବରୋଧ କରି ରଖିଥିବାରୁ ଶକ୍ତି ଯୋଗାଣ କ୍ଷେତ୍ରରେ ଗୁରୁତର ସମସ୍ୟା ସୃଷ୍ଟି ହୋଇଛି ଓ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ବୃଦ୍ଧି ପାଇଛି। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଜବାବରେ ଆମେରିକା ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ କରି ରଖିଛି।

ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ଟ୍ରମ୍ପଙ୍କ ଉପରେ ଚାପ ବଢୁଛି, କାରଣ ମଧ୍ୟବର୍ତ୍ତିକାଳୀନ ☞ପୃଷ୍ଠା-୪

### ୧୨ ଭାରତୀୟ ଥିବା ଜାହାଜ ଉପରେ ଇରାନ୍‌ର ଆକ୍ରମଣ

**ତେହରାନ୍,୨୭।୪**

ଓମାନ ଉପକୂଳରେ ଟୋଗୋର ଏକ ରାସାୟନିକ ସାମଗ୍ରୀ ବୋହେଇ ଜାହାଜ ଉପରେ ଇରାନୀୟ ତଟସୁରକ୍ଷା ବଳ ଆକ୍ରମଣ କରିଛି। ଉକ୍ତ ଜାହାଜରେ ୧୨ ଜଣ ଭାରତୀୟ କ୍ରିଉ ସଦସ୍ୟ ଥିଲେ। ଶିନାସ୍ ବନ୍ଦର ସୀମା ନିକଟରେ ଗତ ଶନିବାର ଏହି ଆକ୍ରମଣ ହୋଇଥିବା ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ସୋମବାର କୁହାଯାଇଛି। ଏମ୍‌ଟି ସିରୋନ୍ ନାମକ ଉକ୍ତ ☞ପୃଷ୍ଠା-୪

# କୋଟିଏ ଟଙ୍କାର ଅଳଙ୍କାର ଜବତ, ୪ ଗିରଫ

**ବାଲେଶ୍ୱର,୨୭।୪**
**(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ବାଲେଶ୍ୱର ସହର ଓ ଏହାର ଆଖପାଖ ଅଞ୍ଚଳରୁ ସୁନା ଓ ରୁପା ଅଳଙ୍କାର ଚୋରି କରିଥିବା ୪ଜଣଙ୍କୁ ସୋମବାର ସଦର ଥାନା ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୧୮୮ ଗ୍ରାମ୍ ସୁନା ଓ ୨୭ କେଜି ୫୦୦ ଗ୍ରାମ୍ ରୁପା ଗହଣା ସହ ନଗଦ ୪,୮୦,୪୦୦ ଟଙ୍କା, ଗୋଟିଏ ଏଲ୍ଇଡି ଟିଭି, ଗୋଟିଏ ଇନ୍‌ଭର୍ଟର, ଏକ ଫ୍ରିଜ୍ ଓ ବାଇକ୍ ଜବତ କରାଯାଇଛି। ଜବତ ଅଳଙ୍କାରର ମୂଲ୍ୟ କୋଟିଏ ଟଙ୍କା ହେବ ବୋଲି ସୋମବାର ସନ୍ଧ୍ୟାରେ ସଦର ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକର ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ରସାଳପୁର ଛେଳିଆପଦା ଅଞ୍ଚଳର କାଳିଆ ଓରଫ ଦୀପକ ବେହେରା(୨୬) ଓ ମୂଷି ଓରଫ କାର୍ତ୍ତିକ ବେହେରା(୨୨), ସୁନ୍ଦରୀ ଗ୍ରାମର ସିପୁ ଓରଫ ସୁକାନ୍ତ ଦାସ(୪୦) ଏବଂ ଟାଉନ ଥାନା ଅଧୀନ ମାଣିଖମ୍ବ ଅଞ୍ଚଳର ବିକାଶ ଚକ୍ରବର୍ତ୍ତୀ(୪୪)।


ଜବତ ସୁନା ଅଳଙ୍କାର ସହ ଏସ୍‌ପି ପ୍ରତ୍ୟୁଷ ଦିବାକର ଓ ଅନ୍ୟ ପୋଲିସ ଅଧିକାରୀ।

ପ୍ରକାଶ ଯେ, ଗତ ୧୪ ତାରିଖରେ ସଦର ଥାନା ଅଧୀନ ବିଦ୍ୟୁତ୍‌ନଗରର ସଚ୍ଚିନ୍ଦ୍ର ଦାସଙ୍କ ଘରେ କେହି ନ ଥିବାବେଳେ ସୁନା ଅଳଙ୍କାର ଚୋରି ହୋଇଥଲା। ଏନେଇ ସଦର ଥାନାରେ ଏକ ମାମଲା (ନଂ.୨୨୬/୨୬) ରୁଜୁ ପରେ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଥିଲା। ସୋମବାର ପୋଲିସ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେମାନଙ୍କ ମଧ୍ୟରୁ ବିକାଶ ସୁନା ଓ ରୁପା ☞ପୃଷ୍ଠା-୪

# ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କରେ ଭାଇ

ତିନିମାସ ତଳେ ମୃତ ଭଉଣୀଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇବାକୁ ବ୍ୟାଙ୍କ ଯାଇଥିଲେ ଭାଇ। ବ୍ୟାଙ୍କ କର୍ତ୍ତୃପକ୍ଷ ମୃତ ଭଉଣୀଙ୍କ ନାମରେ ଆକାଉଣ୍ଟ ଥିବାରୁ ମୃତ୍ୟୁ ପ୍ରମାଣ ପତ୍ର ଓ ଅନ୍ୟ କାଗଜପତ୍ର ଆଣିଲେ ଟଙ୍କା ମିଳିବ ବୋଲି କହିଥିଲେ। ମାତ୍ର ଅପାଠୁଆ ଭାଇ ମୃତ୍ୟୁ ପ୍ରମାଣପତ୍ର ଯୋଗାଡ ପାଇଁ ଶ୍ମଶାନରେ ପୋତା ହୋଇଥିବା ଭଉଣୀର ଶବ ବାହାର କରି କଙ୍କାଳ ଓ ଅସ୍ଥି ଧରି ଆସି ବ୍ୟାଙ୍କରେ ପହଞ୍ଚିଥିଲେ। ଏହା ଦେଖି ବ୍ୟାଙ୍କ କର୍ମଚାରୀ ଭୟଭୀତ ହେବା ସହ ପୋଲିସକୁ ଖବର ଦେଇଥିଲେ। ପୋଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପଚରା ଉଚରା କରିବା ପରେ ସତ ସାମ୍ନାକୁ ଆସିଥିଲା। କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମଲ୍ଲିପଶି ଗ୍ରାମରେ ସୋମବାର ଏଭଳି ଘଟଣା ଘଟିଛି।

### ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ଟଙ୍କା ଦେଲାନି ବ୍ୟାଙ୍କ


ଜିତୁ ମୁଣ୍ଡାଙ୍କୁ ପୋଲିସ ବୁଝାଶୁଝା କରୁଛି।

**ପାଟଣା/କେନ୍ଦୁଝର,୨୭।୪**
**(ବୀର କିଶୋର ଦାଶ/ ନରେଶ ଚନ୍ଦ୍ର ପଟ୍ଟନାୟକ)**

ମୃତ ଭଉଣୀଙ୍କ ଆକାଉଣ୍ଟରେ ଥିବା ଟଙ୍କା ଦେଲାନି ବ୍ୟାଙ୍କ। ଭଉଣୀଙ୍କ ମୃତ୍ୟୁ ପ୍ରମାଣପତ୍ର ଧରି ଆସିବାକୁ କହି ବ୍ୟାଙ୍କ କର୍ମଚାରୀ ଫେରାଇଦେଇଥିଲେ। ମାତ୍ର ଆଦିବାସୀ ବ୍ୟକ୍ତି ପ୍ରମାଣପତ୍ର କ'ଣ ବୁଝି ନ ଥିଲେ। ବାରମ୍ବାର ବ୍ୟାଙ୍କକୁ ଦୌଡ଼ି ନିରାଶ ହେବାରୁ ୩ ମାସ ପୂର୍ବେ ମୃତ୍ୟୁ ଘଟିଥିବା ଭଉଣୀଙ୍କ କଙ୍କାଳ ଶ୍ମଶାନରୁ ଖୋଳି ଅଖାରେ ପୂରାଇ ବ୍ୟାଙ୍କରେ ପହଞ୍ଚିଥିଲେ। ଏଭଳି ଅଭାବନୀୟ ଘଟଣା କେନ୍ଦୁଝର ଜିଲା ପାଟଣା ଥାନା ମୂଷାଖୋରୀ ପଞ୍ଚାୟତ ମଲ୍ଲିପଶି ଗ୍ରାମରେ ଥିବା ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଘଟିଥିବା ଦେଖାଯାଇଛି।

ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ଡିଆନାଳି ଚଟ୍ଟୁରିସାହିର ଜିତୁ ମୁଣ୍ଡାଙ୍କ ଭଉଣୀ କାଳା ମୁଣ୍ଡା (୭୫)ଙ୍କ ୩ ମାସ ପୂର୍ବେ ମୃତ୍ୟୁ ଘଟିଥିଲା। ପ୍ରଥା ଅନୁଯାୟୀ କାଳାଙ୍କ ଅନ୍ତିମ ସଂସ୍କାର କରାଯାଇ ପୋତି ଦିଆଯାଇଥିଲା। ମଲ୍ଲିପଶି ଓଡ଼ିଶା ଗ୍ରାମୀଣ ବ୍ୟାଙ୍କରେ ଥିବା ଭଉଣୀଙ୍କ ଆକାଉଣ୍ଟରେ ପ୍ରାୟ ୧୯, ୩୦୦ ଟଙ୍କା ଜମା ରହିଥିଲା। ଭଉଣୀଙ୍କ ମୃତ୍ୟୁ ପରେ ଜିତୁ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଯାଉଥିଲେ। କିନ୍ତୁ ଆକାଉଣ୍ଟଟି ତାଙ୍କ ଭଉଣୀଙ୍କ ନାମରେ ଥିବାରୁ ବ୍ୟାଙ୍କ ଅଧିକାରୀ ଟଙ୍କା ଦେବାକୁ ମନା କରିଦେଇଥିଲେ। ଭଉଣୀଙ୍କ ମୃତ୍ୟୁର ପ୍ରମାଣପତ୍ର ଏବଂ ଅନ୍ୟାନ୍ୟ କାଗଜପତ୍ର ସଂଗ୍ରହ କରିବାକୁ କହିଥିଲେ। ଜିତୁ ଅଶିକ୍ଷିତ ଥିବାରୁ ମୃତ୍ୟୁ ପ୍ରମାଣପତ୍ର ☞ପୃଷ୍ଠା-୪

# ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାରର ଶେଷଦିନରେ ବନଗାଁ ଲୋକ ସଭା ନିର୍ବାଚନମଣ୍ଡଳୀରେ ଭାଜପା ପ୍ରାର୍ଥୀମାନଙ୍କ ପାଇଁ ପ୍ରଚାର କରିଛନ୍ତି। ସେ ଏହି ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାଗେଡା ବିଧାନସଭା କ୍ଷେତ୍ରରେ ସାଧାରଣ ସଭାରେ ଯୋଗଦେଇ ନିଜର ଅଭିଭାଷଣ ରଖିଛନ୍ତି। ଏହାସହ ଏକ ନିର୍ବାଚନୀ ରାଲିରେ ମଧ୍ୟ ସାମିଲ ହୋଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ତୃଣମୂଳ କଂଗ୍ରେସ ସରକାରକୁ ଟାର୍ଗେଟ କରିବା ସହିତ ଏଥର ସାଧାରଣ ଲୋକମାନେ ସରକାର ପରିବର୍ତ୍ତନ କରି ଭାଜପାକୁ ଶାସନ କ୍ଷମତାକୁ ଆଣିବାକୁ ☞ପୃଷ୍ଠା-୪



ପଶ୍ଚିମବଙ୍ଗ ବାଗେଡା ନିର୍ବାଚନମଣ୍ଡଳୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନ ପ୍ରଚାର କରୁଛନ୍ତି।

# ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ବାଚସ୍ପତିଙ୍କୁ ଲିଖିତ ଜଣାଇଲା ବିଜେଡି

**ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)**

ଗତ ରାଜ୍ୟ ସଭା ନିର୍ବାଚନରେ ଦଳ ବିପକ୍ଷରେ ଭୋଟ୍ ଦେଇଥିବା ୮ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ସୌଭିକ୍ ବିଶ୍ୱାଳ, ସୁବାସିନୀ ଜେନା, ରମାକାନ୍ତ ଭୋଇ, ନବ କିଶୋର ମଲ୍ଲିକ, ଚକ୍ରମଣି କହଁର, ସନାତନ ମହାକୁଡ ଏବଂ ଅରବିନ୍ଦ ମହାପାତ୍ରଙ୍କ ସଭ୍ୟପଦ ରଦ୍ଦ କରିବାକୁ ବିଜେଡି ପକ୍ଷରୁ ସୋମବାର ଦାବି କରାଯାଇଛି। ବିଜେଡି ବିଧାୟକମାନେ ମିଳିତ ଭାବେ ବାଚସ୍ପତି ସୁରମା ପାଢ଼ୀଙ୍କୁ ଭେଟି ଲିଖିତ ଭାବେ ୮ ବିଧାୟକଙ୍କ ସଭ୍ୟପଦ ସମ୍ବିଧାନର ଅନୁଚ୍ଛେଦ ୧୦ ଅନୁଯାୟୀ ରଦ୍ଦ କରିବାକୁ ଜଣାଇଛନ୍ତି। ଉକ୍ତ ୮ ବିଧାୟକ ବର୍ତ୍ତମାନ ଦଳରେ ନିଲମ୍ବିତ ହୋଇ ରହିଛନ୍ତି। ରାଜ୍ୟ ସଭା ନିର୍ବାଚନ ପୂର୍ବରୁ ସନାତନ ଏବଂ ଅରବିନ୍ଦ ଦଳ ବିରୋଧୀ କାର୍ଯ୍ୟ ଲାଗି ନିଲମ୍ବିତ ହୋଇଥିଲେ। ଏହାପରେ ସେମାନଙ୍କ ସମେତ ଅନ୍ୟ ୬ ଜଣ ରାଜ୍ୟ ସଭା ନିର୍ବାଚନରେ ଭୋଟ୍ କ୍ରସ୍ କରି ନିଲମ୍ବିତ ହୋଇଥିଲେ। ଏହି ସମସ୍ତ ବିଧାୟକ ଦଳ ବିରୋଧରେ ବିଭିନ୍ନ ସ୍ଥାନରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେବା ସହିତ ଅନ୍ୟାନ୍ୟ ଦଳ ବିରୋଧୀ କାର୍ଯ୍ୟ କରିଥିବା ନେଇ ବାଚସ୍ପତିଙ୍କ ନିକଟରେ ବିଜେଡି କହିଛି। ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସର ୩ ଜଣ ବିଧାୟକ ସୋଫିଆ ଫିର୍ଦ୍ଦୋସ, ରମେଶ ଜେନା ଏବଂ ଦାଶରଥି ଗମାଙ୍ଗ କ୍ରସ୍ ଭୋଟିଂ କରିବା ସହିତ ଦଳରୁ ନିଲମ୍ବିତ ହୋଇଛନ୍ତି। ରାଜ୍ୟ ☞ପୃଷ୍ଠା-୪

# ୨୦୮୫ ବେଳକୁ ଏକ-ତୃତୀୟାଂଶ ଜୀବଜଗତ ଚରମ ପାଣିପାଗ ସଙ୍କଟର ସମ୍ମୁଖୀନ ହୋଇପାରେ

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ବିଶ୍ୱ ତାପନ ଜାରି ରହିଲେ ୨୦୮୫ ବେଳକୁ ଜୀବଜଗତର ଏକ-ତୃତୀୟାଂଶ ଅତ୍ୟଧିକ ଚରମ ପାଣିପାଗ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଏକ ନୂତନ ଅଧ୍ୟୟନରେ କୁହାଯାଇଛି। ନେଚର ଇକୋଲୋଜି ଆଣ୍ଡ ଇଭଲ୍ୟୁଶନ ନାମକ ପତ୍ରିକାରେ ଉକ୍ତ ଅଧ୍ୟୟନ ପ୍ରକାଶ ପାଇଛି। ତେବେ ନିର୍ଗମନକୁ ଦ୍ରୁତ ବେଗରେ ନେଟ୍ ଜିରୋ ସ୍ତରକୁ କମାଇବା ଦ୍ୱାରା ଏହି ପ୍ରଭାବଗୁଡ଼ିକୁ ଅନେକାଂଶରେ ହ୍ରାସ କରାଯାଇପାରିବ ବୋଲି ଅଧ୍ୟୟନରେ କୁହାଯାଇଛି। ଜର୍ମାନୀର ପୋଟ୍ସଡାମ୍ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚର ଗବେଷକମାନଙ୍କ ନେତୃତ୍ୱରେ ଏହି ଅଧ୍ୟୟନ କରାଯାଇଛି। ଗବେଷକମାନେ ଜଳବାୟୁ ପୂର୍ବାନୁମାନ ଏବଂ ପ୍ରଜାତିଗୁଡ଼ିକର ତଥ୍ୟ ଅନୁଧ୍ୟାନ କରିଛନ୍ତି। ସେମାନେ ଜାଣିବାକୁ ପାଇଛନ୍ତି, ଯଦି ଶତାବ୍ଦୀର ଶେଷଭାଗ ଆଡ଼କୁ ତାପମାତ୍ରା କମିବାକୁ ଆରମ୍ଭ କରେ, ତେବେ ସ୍ଥଳଭାଗରେ ରହୁଥିବା ପ୍ରାଣୀ ବାସସ୍ଥାନର ମାତ୍ର ୯ ପ୍ରତିଶତ ୨୦୮୫ ବେଳକୁ ଚରମ ଜଳବାୟୁ ସଙ୍କଟର ସମ୍ମୁଖୀନ ହୋଇପାରେ ବୋଲି ଆଶା କରାଯାଉଛି। ଗବେଷଣାର ନେତୃତ୍ୱ ନେଉଥିବା ଷ୍ଟିଭାଡ଼ି ହେଇନିକ୍ କହିଛନ୍ତି, ଜଳବାୟୁ ପରିବର୍ତ୍ତନ ବିଶେଷ କରି ଚରମ ପାଣିପାଗ (ଅତ୍ୟଧିକ ବନ୍ୟା, ମରୁଡ଼ି, ଗ୍ରୀଷ୍ମପ୍ରବାହ ଇତ୍ୟାଦି) ସଂରକ୍ଷଣ ଯୋଜନାରେ ଏବେ ବି ଅବହେଳା ହେଉଛି। ଏହା କେବଳ ବହୁବର୍ଷ ଧରି ତାପମାତ୍ରା କ୍ରମାଗତ ପରିବର୍ତ୍ତନ ନୁହେଁ। ବିଭିନ୍ନ ଚରମ ପାଣିପାଗର ମିଳିତ ପ୍ରଭାବ ଜୈବ ବିବିଧତା ପ୍ରତି ମିଳିତ ବିପଦ ସୃଷ୍ଟି କରିପାରେ ବୋଲି ସେ କହିଛନ୍ତି।

15001/28/2627



ଉତ୍କଳଗୌରବ ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
୨୮ ଅପ୍ରେଲ ୨୦୨୬
ସକାଳ ୮ ଘଟିକା - ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।
ଜୟଦେବ ଭବନ, ଭୁବନେଶ୍ୱର
ଅପରାହ୍ଣ ୫ ଘଟିକା । କବିତା ପାଠୋତ୍ସବ
ନିମନ୍ତ୍ରିତ କବିଙ୍କ ଦ୍ୱାରା ସ୍ୱରଚିତ ଦେଶାତ୍ମବୋଧକ କବିତା ଆବୃତ୍ତି
ସନ୍ଧ୍ୟା ୬ ଘଟିକା ସାଧାରଣ ସଭା
- ମୁଖ୍ୟ ଅତିଥି -
ଶ୍ରୀମତୀ ସୁରମା ପାଢ଼ୀ
ବାଚସ୍ପତି, ଓଡ଼ିଶା ବିଧାନସଭା
- ସମ୍ମାନନୀୟ ଅତିଥି -
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର- ଭୁବନେଶ୍ୱର
ଶ୍ରୀଯୁକ୍ତ ସାରଦା ପ୍ରସାଦ ପ୍ରଧାନ
ବିଧାୟକ, ମାହାଙ୍ଗା
- ସମ୍ମାନନୀୟ ବକ୍ତା-
ଡଃ ସଂଗ୍ରାମ କେଶରୀ ରାଉତ
ଅବସରପ୍ରାପ୍ତ ପ୍ରଫେସର, ଓଡ଼ିଆ ବିଭାଗ, ଉତ୍କଳ ବିଶ୍ୱବିଦ୍ୟାଳୟ
ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।
ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/26-27/0028

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ଉତ୍କଳ ସମ୍ମିଳନୀ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ – ମାଲ୍ୟାର୍ପଣ, ସ୍ଥାନ: ରାଜଭବନ ଛକ, ସମୟ: ସକାଳ ୮ଟା ୩୦ – ସାଧାରଣ ସଭା, ସ୍ଥାନ: ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟ, ଅଶୋକ ନଗର, ସମୟ: ସକାଳ ୯ଟା।
- ଭୁବନେଶ୍ୱର ବାର୍ ଆସୋସିଏଶନ୍ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦଙ୍କ ଜୟନ୍ତୀ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ପାଳନ, ସ୍ଥାନ: ବିଧାନସଭା ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ୨ୟ ଉତ୍କଳ ଗୌରବ ସମ୍ମାନ ୨୦୨୬, ସ୍ଥାନ: ଟେନିସ୍ ସେଣ୍ଟର ଅଡିଟୋରିୟମ୍, କଳିଙ୍ଗ ଷ୍ଟାଡିୟମ୍, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଏନ୍‌ସିଇଆର୍‌ଟି ପକ୍ଷରୁ ୬୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଏନ୍‌ସିଇଆର୍‌ଟି ନିୟୁ ଅଡିଟୋରିୟମ୍, ସମୟ: ଅପରାହ୍ନ ୩ଟା।
- ଭାଜପା ଲିଗାଲ୍ ସେଲ୍ ପକ୍ଷରୁ ମଧୁସୂଦନ ଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳନ, ସ୍ଥାନ: ରେଡକ୍ରସ ଭବନ, ସମୟ: ଅପରାହ୍ନ ୫ଟା ୩୦।
- ଅନନ୍ୟ କଳା ଦର୍ପଣ ପକ୍ଷରୁ ୩ୟ ବାର୍ଷିକ ଉତ୍ସବ 'ପ୍ରତିବିମ୍ବ', ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ସମ୍ବାଦ ଓ ଆମ ଓଡ଼ିଶା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନଙ୍କ ଜୟନ୍ତୀ ଅବସରରେ ସ୍ୱାଭିମାନ ଦିବସ ଓ ଆମ ଓଡ଼ିଶା ବକ୍ତୃତା ମାଳା, ସ୍ଥାନ: କ୍ୱାର୍ଟର୍ସ ନଂ.ବି-୩, ୟୁନିଟ୍ ୮, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ଚଳଚ୍ଚିତ୍ର ପରିବାର ପକ୍ଷରୁ ୨ୟ ଓଡ଼ିଆ ଚଳଚ୍ଚିତ୍ର ଦିବସ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ
- ଜିଲା ପ୍ରଶାସନ ପକ୍ଷରୁ ପଥ ଉତ୍ସବ, ସ୍ଥାନ: ବାରବାଟୀ ଷ୍ଟାଡିୟମ ସମ୍ମୁଖ, ସମୟ: ସକାଳ ୬ଟା।
- ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ, ସ୍ଥାନ: ଗୋରାକବର ସମାଧି ପୀଠ, ସମୟ: ସକାଳ ୬ଟା ୧୫।
- କଟକ ଜିଲା ଆଇନଜୀବୀ ପ୍ରକୋଷ୍ଠ ପକ୍ଷରୁ ଆଇନଜୀବୀ ଦିବସ, ସ୍ଥାନ: ସେଭେନ ପିଲାର (ଆନେକ୍ସ-୧), ରେଭେନ୍ସା ବିଶ୍ୱବିଦ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୫ମ ପ୍ରତିଷ୍ଠା ଦିବସ, ସ୍ଥାନ: ପୁଷ୍ପଗିରି ପରିସର, ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ୱାଇଏମ୍‌ସିଏ ଏବଂ ଉତ୍କଳ ସମ୍ମିଳନୀ କଟକର ମିଳିତ ଆନୁକୂଲ୍ୟରେ ବକ୍ତୃତା, ସ୍ଥାନ: ୱାଇଏମ୍‌ସିଏ ପରିସର, ସମୟ: ସନ୍ଧ୍ୟା ୬ଟା।
- ନାମ ସଂକୀର୍ତ୍ତନ ଉତ୍ସବ, ସ୍ଥାନ: ଅରପୁର ଶବରସାହି, ଦୁଲଣାପୁର, ବାଙ୍କୀ, ସମୟ: ସନ୍ଧ୍ୟା ୬ଟା।

## ପୁରୀ
- ବିଶ୍ୱ ନୃତ୍ୟ ଦିବସ ଅବସରରେ ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ପୌରସଦନ, ସମୟ: ସନ୍ଧ୍ୟା ୬ଟା।
- ମଧୁସୂଦନ ଦାସ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ପୁରୀ ବାର୍ ଆସୋସିଏଶନ, ସମୟ: ସକାଳ ୮ଟା୩୦।
- ସାଧାରଣ ବୈଠକ, ସ୍ଥାନ: ବାର୍ ଆସୋସିଏଶନ, ସମୟ: ସନ୍ଧ୍ୟା ୭ଟା,
- ଶ୍ରୀମନ୍ଦିର ପ୍ରବେଶ ନେଇ ପୁରୀବାସୀଙ୍କ ଧାରଣା, ସ୍ଥାନ: ଶ୍ରୀମନ୍ଦିର ସମ୍ମୁଖ, ସମୟ: ଅପରାହ୍ନ ୫ଟା।

## ଖୋର୍ଦ୍ଧା
- ଖୋର୍ଦ୍ଧା ଜିଲା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ ଏବଂ ଆଇନଜୀବୀ ଦିବସ ପାଳନ, ସ୍ଥାନ: ଜୟୀ ରାଜଗୁରୁ ଭବନ, ସମୟ: ସକାଳ ୯ଟା।

## ବାଲେଶ୍ୱର
- ସ୍ୱାଭିମାନ ଦିବସ ଶୋଭାଯାତ୍ରା, ସ୍ଥାନ: ପୋଡାଡିହା ମହୋତ୍ସବ ପଡିଆ, ରୂପସା, ସମୟ: ସକାଳ ୭ଟା ୩୦।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୁଣା କୋର୍ଟ ପରିସର, ଜଳେଶ୍ୱର, ସମୟ: ସକାଳ ୮ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପରମିଟ ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, ସ୍ଥାନ: ନୂଆସାହି ବିଟ୍‌ସ କଲେଜ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା ୩୦।
- ବିଶାଳ ମହିଳା ଜନ ଆକ୍ରୋଶ ସମାବେଶ, ସ୍ଥାନ: ମିଶନ ପଡ଼ିଆ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ମଧୁବାବୁଙ୍କ ଜୟନ୍ତୀ ସମାରୋହ ଓ ପରିଷଦର ବାର୍ଷିକ ଉତ୍ସବ, ସ୍ଥାନ: ଷ୍ଟେଶନ କ୍ଲବ୍, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

## ଭଦ୍ରକ
- ଖବରଦାତା ସମ୍ମିଳନୀ, ସ୍ଥାନ ହୋଟେଲ ସ୍ନେହା, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର
- ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ : ମଧୁସୂଦନ ଛକ, ବଡ଼ବିଲ, ସମୟ: ସକାଳ ୮ଟା।
- ବାସୁଦେବପୁରସ୍ଥିତ ୪୦୦/୨୨୦ କେଭି ଗ୍ରୀଡ୍ ସବ ଷ୍ଟେଶନକୁ ଉପ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟନ, ସ୍ଥାନ: ଯୋଡ଼ା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଏନକେ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ଚମ୍ପୁଆ ବ୍ଲକ୍ ପୁରୁଷୋତ୍ତମପୁର, ସମୟ : ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ
- ଗୋପବନ୍ଧୁ ନଗର ପ୍ରେସ କ୍ଲବ୍ ପକ୍ଷରୁ ଉତ୍କଳ ଗୌରବ ମଧୁ ବାବୁଙ୍କ ଜୟନ୍ତୀ ପାଳନ,ସ୍ଥାନ:ପୁରୁଣା ବାରିପଦା ପଞ୍ଚାୟତ କାର୍ଯ୍ୟାଳୟ ସମିଳନୀ କକ୍ଷ, ଗୋପବନ୍ଧୁ ନଗର, ସମୟ:ସକାଳ ୯ଟା।
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବାରିପଦା ଏକ୍ସପୋ ମେଳା, ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର
- ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୫ ଟା ୩୦।
- ଅନ୍ୱେଷା କଳାକେନ୍ଦ୍ର ପକ୍ଷରୁ ମଧୁସୂଦନ ଜୟନ୍ତୀ, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ସନ୍ଧ୍ୟା ୬ ଟା।

## କନ୍ଧମାଳ
- ୧୦୦ ଫୁଟ ଜାତୀୟ ପତାକା ଉଦ୍‌ଘାଟନ, ସ୍ଥାନ: ଗୋପବନ୍ଧୁ ଛକ, ସମୟ: ସକାଳ ୮ ଟା।

## ଢେଙ୍କାନାଳ
- ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ, ସ୍ଥାନ: ଢେଙ୍କାନାଳ ଜିଲା ଓକିଲ ସଂଘ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ହାକଥନ, ସ୍ଥାନ: କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲ, ସମୟ: ସକାଳ ୯ଟା।

## ଅନୁଗୋଳ
- ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ତରଫରୁ ଦହି ସର୍ବତ ବଣ୍ଟନ, ସ୍ଥାନ: ଆଠମଲ୍ଲିକ ଦୁର୍ଗାବଜାର, ସମୟ: ସକାଳ ୯ଟା।

## ଜଗତ୍‌ସିଂହପୁର
- ପାରାଦୀପ ବାର୍ ଆସୋସିଏସନ ଓ ପୌରପାଳିକାର ମିଳିତ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୮ଟା ୩୦।
- ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ମଧୁବାବୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମ, ସ୍ଥାନ: ଷଣ୍ଢକୁଦ, ପାରାଦୀପ,ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦ୍ରାପଡ଼ା
- ଶ୍ରୀ ବାସୁଦେବଙ୍କ ବିଶ୍ୱଶାନ୍ତି ବିଷ୍ଣୁ ମହାଯଜ୍ଞ, ସ୍ଥାନ: ବେଣାଜୋରୀ ବଟ, ଭରତପୁର, କେନ୍ଦ୍ରାପଡା, ସମୟ: ସକାଳ ୬ଟା।

## ଯାଜପୁର
- ମହା ବିଷୁବ ମିଳନ ଓ କବି ସମ୍ମିଳନୀ, ସ୍ଥାନ: ଯାଜପୁର ଅରିଲୋ ଶାମେଶ୍ୱର ପୀଠ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼
- ମଧୁବାବୁ ଜୟନ୍ତୀ, ସ୍ଥାନ:ଓଡଗାଁ କୋର୍ଟ ପରିସର, ସମୟ ପୂର୍ବାହ୍ନ ୧୧ଟା ।

## ରାୟଗଡ଼ା
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୮ତମ ଜନ୍ମ ବାର୍ଷିକୀ, ସ୍ଥାନ: ୟୁଜିଏମ୍‌ଆଇଟି କଲେଜ ପରିସର, ରାୟଗଡ଼ା, ସମୟ: ସକାଳ ୯ଟା ।
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ତଥା ଆଇନଜୀବୀ ଦିବସ ପାଳନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ନବରଙ୍ଗପୁର
- ମଧୁବାବୁ ଜୟନ୍ତୀ, ସ୍ଥାନ: ଉମରକୋଟସ୍ଥିତ ବିଜୁ ପଟନାୟକ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ସମୟ ପୂର୍ବାହ୍ନ ୧୦ଟା। ।

## କୋରାପୁଟ
- ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୋପବନ୍ଧୁ ପାର୍କ, କୋରାପୁଟ, ସମୟ: ସକାଳ ୯ଟା।
- ଓକିଲ ଦିବସ ପାଳନ, ସ୍ଥାନ: ବାର ଆସୋସିଏଶନ କାର୍ଯ୍ୟାଳୟ ପରିସର, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର
- ରାଜ୍ୟସ୍ତରୀୟ ପୋଲିସ ସନ୍ତରଣ ଓ କ୍ରସ୍‌କଣ୍ଟ୍ରି ପ୍ରତିଯୋଗିତା, ସ୍ଥାନ: ଡାକ୍ତର ଝସକେତନ ସାହୁ ସନ୍ତରଣାଗାର, ସମୟ: ସକାଳ ୭ଟା।

## ବଲାଙ୍ଗୀର
- ମଧୁବାବୁ ଜୟନ୍ତୀ, ସ୍ଥାନ: ସରସ୍ୱତୀ ଶିଶୁ ମନ୍ଦିର, କଦମପଡା, ବଲାଙ୍ଗୀର, ସମୟ: ସକାଳ ୭ଟା ୧୫।
- ବଲାଙ୍ଗୀର ଓକିଲ ସଂଘ ପକ୍ଷରୁ ଲୟର୍ସ ଡେ' ପାଳନ, ସ୍ଥାନ: ସିଭିଲ କୋର୍ଟ ବାର ହଲ୍ ବଲାଙ୍ଗୀର, ସମୟ: ସକାଳ ୯ଟା ୩୦।

## ରାଉରକେଲା
- ଉତ୍କଳ ଗୌରବ ମଧୁସୂଦନ ଦାସ ଓ ପାରଳା ମହାରାଜା ଜୟନ୍ତୀ, ସ୍ଥାନ: ବାସନ୍ତୀ ପାଠାଗାର, ସମୟ: ସନ୍ଧ୍ୟା ୬ଟା ୩୦।
- ପ୍ରଗତି ଉତ୍କଳସଂଘ ପକ୍ଷରୁ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ସେକ୍ଟର-୭, ସମୟ: ସନ୍ଧ୍ୟା ୬ଟା ୪୫।

## ସୁନ୍ଦରଗଡ଼
- ସୁନ୍ଦରଗଡ଼ ଜିଲା ଓକିଲ ସଂଘ ତରଫରୁ ଆଇନଜୀବୀ ଦିବସ, ସ୍ଥାନ: ବିକାଶ ଭବନ, ସୁନ୍ଦରଗଡ଼, ସମୟ: ସକାଳ ୯ଟା।

## ବରଗଡ଼
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରମୁଖ ଜନସଂଗୋଷ୍ଠି ସ୍ଥାନ:ରାଜାଜୀ ଟାଉନହଲ, ପଦ୍ମପୁର, ସମୟ:ଅପରାହ୍ନ ୫ଟା।

## କଳାହାଣ୍ଡି
- ଚନ୍ଦନ ଯାତ୍ରା ଉପଲକ୍ଷେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ, ସ୍ଥାନ: କେସିଙ୍ଗା ବ୍ଲକ କାଣ୍ଡେଲ ଗ୍ରାମସ୍ଥିତ ଲକ୍ଷ୍ମୀନୃସିଂହ ମନ୍ଦିର, ସମୟ: ସକାଳ ୯ଟା।

## ବୌଦ୍ଧ
- ରାତ୍ରିକାଳୀନ ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁଭାରମ୍ଭ, ସ୍ଥାନ: କରଞ୍ଜକଟା ଖେଳପଡ଼ିଆ, ହରଭଙ୍ଗା, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର
- ସୁବର୍ଣ୍ଣପୁର ର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା
- ଜିଲା ଓକିଲ ସଂଘ ପକ୍ଷରୁ ମଧୁବାବୁ ଜୟନ୍ତୀ ପାଳନ, ସ୍ଥାନ: ଜିଲା ବାର୍ ଆସୋସିଏଶନ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## ଝାରସୁଗୁଡ଼ା
- ହନୁମାନ ଚାଳିଶା ପାଠ ଓ ପଞ୍ଚ ଉପଚାର ପୂଜା, ସ୍ଥାନ: ସାହାପଡ଼ା ହନୁମାନ ମନ୍ଦିର, ସମୟ: ସକାଳ ୮ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ତାଳ ଗଛ ଛାଇ ନୁହଁଇ ଚିର,**
**ଆପଣାର ଦୁଃଖ ନ ଜାଣେ ପର**
**କଥାକୁ ବାରନ୍ତେ ସକଳେ**
**କାର୍ଯ୍ୟ ଥିବା ଯାଏ ସକଳେ ଡାକନ୍ତି**
**କେହି ନ ପଚାରେ ଆକୁଳେ।**

ନିଜ ଦୁଃଖକୁ ଅନ୍ୟ କେହି ସହଜରେ ଅନୁଭବ କରିପାରନ୍ତି ନାହିଁ। ବରଂ ସେଥିପ୍ରତି ଭିନ୍ନ ଭିନ୍ନ ଟିପ୍ପଣୀ ବା ମନ୍ତବ୍ୟ ଦେଇଥାନ୍ତି। ସେହିପରି କାମ ପଡ଼ିଲେ ସମସ୍ତେ ଅନ୍ୟକୁ ଖୋଜିଥାନ୍ତି ଅଥଚ କାମ ନ ଥିଲେ କାହାରି କାହା ପ୍ରତି ବ୍ୟାକୁଳତା ପ୍ରକାଶ ପାଇ ନଥାଏ ବୋଲି ଏଠାରେ ସୂଚିତ କରାଯାଇଛି।

**ତୋ ଭାଇ ଗଡଗଡ଼ା ଥିଲା,**
**କଡେ କଉଡ଼ି ହାତରେ ନ ଦେଇ**
**ବଳେ ଛାଡ଼ି ଦେଇ ଗଲା।**

ଯୌତୁକ ଏକ ସାମାଜିକ ବ୍ୟାଧି ଯାହା ଆଜି ବି ସମାଜରେ ପ୍ରଚଳିତ। ବିବାହ ସମୟରେ କନ୍ୟା ଯୌତୁକ ନ ଆଣିଲେ ଶାଶୁଘରର ଅନେକ କଟୁ କଥା ଶୁଣିଥାଏ। ବେଳେବେଳେ ଯୌତୁକଲୋଭୀ ବ୍ୟକ୍ତିମାନେ କନ୍ୟା ପରିବାର ପ୍ରତି ଅଶାଳୀନ ବ୍ୟବହାର ଦେଖାଉଥିବା ଲକ୍ଷ୍ୟ କରାଯାଇଥାଏ। କନ୍ୟା ଭାଇର ଦାରିଦ୍ର୍ୟ ପ୍ରତି ଶାଶୁଘର ଲୋକେ ଖୁଣ୍ଟା ଦେଉଥିବା ନେଇ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ବାଣିଜ୍ୟ ପରୀକ୍ଷାର୍ଥୀଙ୍କୁ ...
କରାଇଥିଲେ। ଏ ନେଇ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକମାନେ ଜାଣିବା ପରେ ତୁରନ୍ତ ଛାତ୍ରଙ୍କଠାରୁ ସେହି ପ୍ରଶ୍ନପତ୍ର ନିଆଯାଇ ତାଙ୍କୁ ତାଙ୍କ ବିଭାଗର ପ୍ରଶ୍ନପତ୍ର ପ୍ରଦାନ କରଯାଇଥିଲା। ଏଥିସହ ତାଙ୍କୁ ଅତିରିକ୍ତ ସମୟ ମଧ ପ୍ରଦାନ କରାଯାଇ ଉତ୍ତର ଲେଖିବାର ସୁଯୋଗ ଦିଆଯାଇଥିଲା। ଅପରପକ୍ଷରେ ଏହି ତ୍ରୁଟି ପାଇଁ ଅନ୍ୟ ଛାତ୍ରମାନେ ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଦୋଷଦେବା ସହ ଘଟଣାକୁ ଲୁଚାବାକୁ ଯାଇ ସୌରଭଙ୍କୁ ବାହାରକୁ ଛାଡ଼ି ନ ଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମାଲକାନଗିରି ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ବାରିକଙ୍କୁ ପଚାରିବାରୁ, ପ୍ରଶ୍ନପତ୍ର ଦେବା ସମୟରେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ତ୍ରୁଟି ରହିଛି।

## କରଞ୍ଜିଆ: ଦମ୍ପତିଙ୍କ ...
ଆସି ସ୍କୁଟିକୁ ଧକ୍କା ଦେଇଥିଲା। ଫଳରେ କରଞ୍ଜିଆ ଡାକ୍ତରଖାନାରୁ ସ୍କୁଟି ଯୋଗେ ଘରକୁ ଫେରୁଥିବା ଦମ୍ପତି ସନ୍ତୋଷ ନାୟକ ଏବଂ ତାଙ୍କ ସ୍ତ୍ରୀ କବିତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସ୍କର୍ପିଓରେ ବସିଥିବା ୫ଜଣ ଗୁରୁତର ହୋଇଥିବାବେଳେ ସେମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ସେହିପରି କରଞ୍ଜିଆରୁ ଠାକୁରମୁଣ୍ଡାକୁ ସଂଯୋଗ କରୁଥିବା ୫୩ନଂ. ଜାତୀୟ ରାଜପଥର କାଦଡିହା ନିକଟରେ ଯାଜପୁର ଜିଲା ଧର୍ମଶାଳାରୁ ରାଇରଙ୍ଗପୁର ଅଭିମୁଖେ ଯାଉଥିବା କାର୍ ସହ କରଞ୍ଜିଆରୁ ଉଦଳା ଆସୁଥିବା ବସ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। କାର୍‌ରେ ଥିବା ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଯାଜପୁର ଜିଲା ଚଣ୍ଡିଖୋଲର ନୀଳମଣି ସାହୁ, ଧର୍ମଶାଳାର ମୋବୁ ବଳା ଓ ପ୍ରଦୀପ ବଳସାମନ୍ତ। ଖବରପାଇ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପହଞ୍ଚି ଗୁରୁତରଙ୍କୁ କରଞ୍ଜିଆ ଡାକ୍ତରଖାନା ପଠାଇଥିଲେ। କାଦଡିହା ଛକ ନିକଟରେ ଏକ ଦୁର୍ଘଟଣାରେ ପଡ଼ିଆବେଡ଼ା କଲେଜଅଧ୍ୟାପକଅର୍ଜୁନକୁମାରମଲ୍ଲିକଆହତହୋଇଛନ୍ତି।

## ଜୁନାଗଡ଼: ମାମୁଁଭଣଜାଙ୍କ ....
ହେଲେ ଜୁନାଗଡ଼ ବ୍ଲକ ମାଟିଗାଁର ମାମୁ ମହେନ୍ଦ୍ର ନାଏକ ଓ ଚିକିଲି ଗାଁର ଭଣଜା ମୁକେଶ ନାଗ। ପୂର୍ବାହ୍ନରେ ଏକ ବାଇକ୍ ଯୋଗେ ମହେନ୍ଦ୍ର ଓ ମୁକେଶ ଜୁନାଗଡ଼ ଯାଉଥିବାବେଳେ ଭତ୍ରାଗୁଡା ଛକଠାରେ ମିନିଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ହୋଇଥିଲା। ମିନିଟ୍ରକ୍ ଚାଳକଙ୍କ ବେପାରୁଆ ଗାଡ଼ି ଚାଳନା ଯୋଗୁ ୨ ଜଣଙ୍କ ଜୀବନ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ତେଣୁ ଏହାର ତଦନ୍ତ କରି ଚାଳକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ମୃତ ମୁକେଶଙ୍କ ବାପା କୈଳାସ ଜୁନାଗଡ଼ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

## ୪ରୁ ୧୦ ଓଜେଇଇ...
ଇଣ୍ଟିଗ୍ରେଟେଡ୍‌ଏମ୍‌ବିଏ (୧ ଘଣ୍ଟା) ଓ ଏମ୍‌ଏସ୍‌ସି ନର୍ସିଂ, ଦ୍ୱିତୀୟ ଓ ତୃତୀୟ ସିଫ୍ଟରେ ଏମ୍‌ବିଏ ପରୀକ୍ଷା ରହିଛି। ୮ ତାରିଖ ସମସ୍ତ ସିଫ୍ଟରେ ଏଲ୍‌ଇ. ଟେକ୍(ଡିପ୍ଲୋମା) ପରୀକ୍ଷା ଥିବାବେଳେ ୯ ତାରିଖ ପ୍ରଥମ ସିଫ୍ଟରେ ଏଲ୍‌ଇ. ଟେକ୍(ଡିପ୍ଲୋମା), ଦ୍ୱିତୀୟ ସିଫ୍ଟରେ ଏମ୍‌ସିଏ/ଏମ୍‌ଏସ୍‌ସି(କମ୍ପ୍ୟୁଟର ସାଇନ୍ସ), ତୃତୀୟ ସିଫ୍ଟରେ ଏମ୍‌ସିଏ/ପୋଷ୍ଟ ବେସିକ ସାଇନ୍ସ ନର୍ସିଂ ପରୀକ୍ଷା ରହିଛି। ୧୦ ତାରିଖ ପ୍ରଥମ ସିଫ୍ଟରେ ଏମ୍. ଫାର୍ମ (୧ ଘଣ୍ଟା)/ ଏମ୍.ଆର୍କ/ଏମ୍. ପ୍ଲାନ୍ ଆଣ୍ଡ୍ ଏମ୍.ଟେକ୍ (୧୧ ପ୍ରୋଗ୍ରାମ) ଓ ଏଲ୍. ଟେକ୍ ବିଏସ୍‌ସି (୧ ଘଣ୍ଟା) ଓ ଦ୍ୱିତୀୟ ସିଫ୍ଟରେ ବି.କ୍ୟାଟ୍ ଓ ଏଲ୍.ଫାର୍ମ(୧ ଘଣ୍ଟା)/ପୋଷ୍ଟ ବେସିକ୍ ଡିପ୍ଲୋମା ନର୍ସ ପରୀକ୍ଷା ରହିଛି। କମ୍ପ୍ୟୁଟର୍ ଆଧାରିତ ପରୀକ୍ଷା (ସିବିଟି) ହେବ ବୋଲି ଓଜେଇଇ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

## କୋଟିଏ ଟଙ୍କାର...
ଅଳଙ୍କାର କିଣିଥିବା ଜୁଏଲେରି ମାଲିକ ବୋଲି ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ଏସ୍‌ପିଙ୍କ ସମେତ ପ୍ରବେଶନ ଆଇପିଏସ୍ ମଞ୍ଜୁସା ବି ଜଜ, ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକ ଉପସ୍ଥିତ ଥିଲେ।

## ଆମେରିକା ଅବରୋଧ...
ନିର୍ବାଚନ ପୂର୍ବରୁ ତୈଳ ଓ ଗ୍ୟାସୋଲିନ୍ ଦର ଅତ୍ୟଧିକ ବୃଦ୍ଧି ପାଇଛି। ଏଥିସହ ଆମେରିକାର ଉପସାଗରୀୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ଉପରେ ମଧ ଚାପ ପଡ଼ିଛି। କାରଣ ସେମାନେ ତୈଳ ଓ ଗ୍ୟାସ୍ ରପ୍ତାନି ପାଇଁ ଉକ୍ତ ସାମୁଦ୍ରିକ ପଥକୁ ବ୍ୟବହାର କରୁଥିଲେ। ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ବନ୍ଦ ଯୋଗୁ ବିଶ୍ୱ ଅର୍ଥନୀତି ପ୍ରଭାବିତ ହୋଇଛି। ସାର, ଖାଦ୍ୟ ଓ ଅନ୍ୟାନ୍ୟ ମୌଳିକ ସାମଗ୍ରୀ ଦର ବୃଦ୍ଧି ପାଇଛି। ଏହି ପ୍ରସ୍ତାବ ଇରାନର ପରମାଣୁ କାର୍ଯ୍ୟକ୍ରମ ଆଲୋଚନାକୁ ଘୁଞ୍ଚାଇଦେବ। ଅନ୍ୟପକ୍ଷରେ ଟ୍ରମ୍ପ କହିଛନ୍ତି, ଇରାନ ସହ ଯୁଦ୍ଧକୁ ଓହ୍ଲାଇବାର ମୁଖ୍ୟ କାରଣ ହେଉଛି, ଏହାକୁ ପରମାଣୁ ବୋମା ତିଆରିରୁ ରୋକିବା। ଉପରୋକ୍ତ ପ୍ରସ୍ତାବ ସମ୍ପର୍କରେ ଇରାନ ଓ ପାକିସ୍ତାନର ଅଧିକାରୀଙ୍କ ମଧ୍ୟରେ ଏକ ରୁଦ୍ଧଦ୍ୱାର ବୈଠକରେ ଆଲୋଚନା ହୋଇଥିବା ୨ ଅଧିକାରୀ ନାମ ପ୍ରକାଶ ନ କରିବା ସର୍ତ୍ତରେ ସୂଚନା ଦେଇଛନ୍ତି। ଆମେରିକା ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ସଫଳତାର ସହ ଆରମ୍ଭ କରିବାକୁ ଚାହୁଁଥିଲେ ଏଥିପାଇଁ ତେହରାନ୍‌ର ପ୍ରଥମ ପ୍ରସ୍ତାବ ହେଲା ଇରାନ ଏବଂ ଲେବାନନ୍ ବିରୋଧରେ ଚାଲିଥିବା ଯୁଦ୍ଧ ସମ୍ପୂର୍ଣ୍ଣ ବନ୍ଦ କରାଯିବା ସହ ଭବିଷ୍ୟତରେ ନ ହେବା ପାଇଁ ଗ୍ୟାରେଣ୍ଟି ଦେଉ। ଏଥିରେ ଆମେରିକା ରାଜି ହେଲେ ଦ୍ୱିତୀୟ ପର୍ଯ୍ୟାୟରେ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ର ପରିଚାଳନା ଓ ପ୍ରଶାସନକୁ ନେଇ ଆଲୋଚନା ହେବ। ଏହି ୨ ପର୍ଯ୍ୟାୟ ପରେ ଇରାନ ଆଣବିକ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ବୋଲି କହିଛି।

## ୧୨ ଭାରତୀୟ...
କେମିକାଲ୍ ଟ୍ୟାଙ୍କର ଅନ୍ୟ ଜାହାଜ ସହ ଯାଉଥିବାବେଳେ ତଟସୁରକ୍ଷା ବଳ ପକ୍ଷରୁ ସତର୍କତାମୂଳକ ଗୁଳି କରାଯାଇଥିଲା। ତେବେ ଜାହାଜରେ ଭାରତୀୟ କ୍ରିଉ ସଦସ୍ୟମାନେ ସୁରକ୍ଷିତ ଥିବା ମନ୍ତ୍ରଣାଳୟର ନିର୍ଦ୍ଦେଶକ ମନଦୀପ ସିଂ ରାନ୍ଧୱା ଗଣମାଧ୍ୟମକୁ କହିଛନ୍ତି।

## ଭଉଣୀଙ୍କ କଙ୍କାଳ...
ସମ୍ପର୍କରେ ବୁଝିପାରିଲେ ନାହିଁ। ଭଉଣୀଙ୍କ କଙ୍କାଳ ଶ୍ମଶାନରୁ ଖୋଳି ବାହାର କରିଥିଲେ। ଭଉଣୀ ନାମରେ ଥିବା ଜମା ପାସ୍‌ବୁକ ଓ କଙ୍କାଳକୁ ଜରି ଅଖାରେ ଧରି ପ୍ରାୟ ୪ କି.ମି. ଚାଲି ସୋମବାର ଅପରାହ୍ନ ପ୍ରାୟ ୧ଟାରେ ଗ୍ରାମୀଣ ବ୍ୟାଙ୍କ ଆଗରେ ପହଞ୍ଚିଥିଲେ। କଙ୍କାଳ ଦେଖି ବ୍ୟାଙ୍କ କର୍ମଚାରୀ ଭୟଭୀତ ହୋଇ ପୋଲିସକୁ ଖବର ଦେଇଥିଲେ। ଖବର ପ୍ରସାରିତ ହେବା ପରେ ଆଖପାଖରୁ ଲୋକେ ଦେଖିବା ପାଇଁ ବ୍ୟାଙ୍କରେ ରୁଣ୍ଡ ହୋଇଥିଲେ। ପାଟଣା ପୋଲିସ ପହଞ୍ଚି ଜିତୁଙ୍କ ସହ ଆଲୋଚନା କରିଥିଲା। ବୁଝାଶୁଝା ପରେ କଙ୍କାଳକୁ ନେଇ ଶ୍ମଶାନରେ ପୁଣି ପୋତି ଦିଆଯାଇଥିଲା। ଥାନା ଅଧିକାରୀ କିରଣ ପ୍ରସାଦ ସାହୁ କହିଛନ୍ତି, ଜିତୁଙ୍କୁ ବୁଝାଇ ମୃତ୍ୟୁ ପ୍ରମାଣପତ୍ର ସଂଗ୍ରହ କରିବାକୁ କୁହାଯାଇଛି। ଏହାପରେ ସେ ତାଙ୍କ ଭଉଣୀଙ୍କ କଙ୍କାଳ ଥିବା ବ୍ୟାଗ୍ ସହିତ ଫେରି ଯାଇଥିଲେ। ଅନ୍ୟପକ୍ଷେ ବ୍ୟାଙ୍କ କର୍ମଚାରୀ କୁଆଡ଼େ ତାଙ୍କୁ ଭଉଣୀ ଆସିଲେ ଟଙ୍କା ଦିଆଯିବ ବୋଲି କହିଥିବା କୁହାଯାଉଛି। ଏ ନେଇ ବ୍ୟାଙ୍କ ପରିଚାଳକ ସୁଶାନ୍ତ ସେଠୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ।

## ପଶ୍ଚିମବଙ୍ଗରେ...
ଆହ୍ୱାନ ଦେଇଛନ୍ତି। ଓଡ଼ିଶା ଭଳି ଡବଲ ଇଞ୍ଜିନ ସରକାରକୁ ଆଣିଲେ ପଶ୍ଚିମବଙ୍ଗରେ ବିକାଶ ଆଗେଇପାରିବ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ଦିନିକିଆ ପଶ୍ଚିମବଙ୍ଗ ଗସ୍ତ କାର୍ଯ୍ୟକ୍ରମ ଶେଷକରି ସୋମବାର ଓଡ଼ିଶା ଫେରି ଆସିଛନ୍ତି। ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ବିମାନବନ୍ଦରଠାରେ ପହଞ୍ଚିବା ପରେ ତାଙ୍କୁ ବହୁ ସଂଖ୍ୟକ ଓଡ଼ିଆ ଲୋକ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ। ମୁଖ୍ୟମନ୍ତ୍ରୀ ସେଠାରୁ ସିଧାସଳଖ ପ୍ରଚାର ମଇଦାନକୁ ଗସ୍ତ କରିଥିଲେ ବୋଲି ଜଣାପଡ଼ିଛି। ଏହି ଅବସରରେ ତାଙ୍କ ସାଙ୍ଗରେ ଓଡ଼ିଶାର କେତେଜଣ ବିଧାୟକ ମଧ ଉପସ୍ଥିତ ଥିଲେ।

## ୮ ବିଧାୟକଙ୍କ...
ସଭା ନିର୍ବାଚନ ପରେ ପରେ କଂଗ୍ରେସ ସେହି ୩ ଜଣଙ୍କ ସଭ୍ୟ ପଦ ରଦ୍ଦ ଲାଗି ବାଚସ୍ପତିଙ୍କ ନିକଟରେ ବହୁ ଆଗରୁ ଲିଖିତ ଭାବେ ଜଣାଇ ସାରିଛି। ମାତ୍ର ବିଜେଡି କାହିଁକି ଏତେ ବିଳମ୍ବରେ ତାଙ୍କ ଦଳର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ଲାଗି ଦାବି କଲା ତାକୁ ନେଇ ମଧ ଚର୍ଚ୍ଚା ଜୋର୍ ଧରିଛି। ବିଜେଡି ବିଧାୟକମାନେ ସୋମବାର ପୂର୍ବାହ୍ନ ୧୧ଟାରେ ପ୍ରଥମେ ଶଙ୍ଖ ଭବନଠାରେ ଏକାଠି ହୋଇଥିଲେ। ସେଠାରେ ଦଳ ବିରୋଧୀ କାର୍ଯ୍ୟ କରିଥିବା ବିଧାୟକଙ୍କ ସଭ୍ୟପଦ ରଦ୍ଦ ବିଷୟରେ ଆଲୋଚନା ହୋଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ନବୀନ ନିବାସରୁ ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ସମ୍ପର୍କିତ ଲିଖିତ ପତ୍ର ଆଣିବାରେ ବିଳମ୍ବ କରିଥିଲେ। ମାତ୍ର ବିଧାୟକମାନେ ଶଙ୍ଖ ଭବନରେ ଅପେକ୍ଷା କରି ରହିଥିଲେ। ପ୍ରମିଳା ଶଙ୍ଖ ଭବନରେ ପହଞ୍ଚିବା ପରେ ସବୁ ବିଧାୟକ ଏକାଠି ହୋଇ ବାଚସ୍ପତିଙ୍କୁ ଭେଟି ଦଳର ଦାବି ଜଣାଇଛନ୍ତି। ଏହାପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ଯେଉଁ ବିଧାୟକମାନେ ବିଭିନ୍ନ ସମୟରେ ଦଳର ହ୍ୱିପ୍ ମାନିନାହାନ୍ତି, ଅନେକ ସମୟରେ ଦଳ ବିରୋଧୀ ମନ୍ତବ୍ୟ ରଖିଛନ୍ତି ଏବଂ ସ୍ୱେଚ୍ଛାକୃତ ଭାବେ ଦଳରେ ନାହାନ୍ତି ବୋଲି କହିଛନ୍ତି, ଅନୁଚ୍ଛେଦ ୧୦ ଅନୁଯାୟୀ ସେମାନଙ୍କ ସଭ୍ୟ ପଦ ରଦ୍ଦ କରିବାକୁ ବାଚସ୍ପତିଙ୍କୁ କୁହାଯାଇଛି। ବିଭିନ୍ନ ଆଇନ ବିଶେଷଜ୍ଞଙ୍କ ସହିତ ଆଲୋଚନା କରିବା ପରେ ଯେଉଁ ବିଧାୟକମାନେ ଦଳର ସମ୍ବିଧାନକୁ ଅବମାନନା କରିଛନ୍ତି, ସେମାନଙ୍କ ସଭ୍ୟପଦ ରଦ୍ଦ ହୋଇପାରିବ ବୋଲି ସ୍ପଷ୍ଟ ହୋଇଛି। ରାଜ୍ୟ ସଭା ନିର୍ବାଚନର ୩ ଦିନ ପୂର୍ବରୁ ଦଳର ମୁଖ୍ୟ ସଚେତକ ଏକ ହ୍ୱିପ୍ ଜାରି କରିଥିଲେ। ସେହି ହ୍ୱିପ୍‌ରେ ସେ ଉଲ୍ଲେଖ କରିଥିଲେ, ୩ ଦିନ ଭିତରେ କେହି ବିଧାୟକ ଭୁବନେଶ୍ୱର ଛାଡ଼ିବେ ନାହିଁ, ଦଳର ଯେଉଁ କାର୍ଯ୍ୟକ୍ରମ ହେବ ସେଥିରେ ଯୋଗଦେବେ। ମାତ୍ର ନିଲମ୍ବିତ ବିଧାୟକମାନେ ତାକୁ ଅବମାନନା କରିଥିଲେ। ପରବର୍ତ୍ତୀ ସମୟରେ ସେମାନେ କ୍ରସ୍ ଭୋଟ୍ କରିଲେ। ଏହାସହ ଦଳ ବିରୋଧରେ ମନ୍ତବ୍ୟ ରଖି ସେମାନେ ସ୍ୱେଚ୍ଛାକୃତ ଭାବେ ଦଳରେ ରହିବେ ନାହିଁ ବୋଲି ଦର୍ଶାଇ ସାରିଛନ୍ତି। ପ୍ରମିଳା ମଲିକ କହିଛନ୍ତି, କ୍ରସ୍ ଭୋଟିଂ କରିବା ସହ ଦଳ ବିରୋଧରେ ବାରମ୍ବାର ମନ୍ତବ୍ୟ ରଖୁଥିବା ବିଧାୟକମାନେ ଯଦି ଏତେ ଲୋକପ୍ରିୟ ତେବେ ସେମାନେ ଇସ୍ତଫା ଦେଇ ସ୍ୱାଧୀନ ଭାବେ ନିର୍ବାଚନ ଲଢନ୍ତୁ। ଅନ୍ୟ ରାଜ୍ୟରେ ଯେପରି ଆଇନ ଅନୁଯାୟୀ ଦଳ ବିରୋଧରେ କାର୍ଯ୍ୟ କରିଥିବା ବିଧାୟକମାନଙ୍କ ସଭ୍ୟପଦ ରଦ୍ଦ ହୋଇଛି, ସମାନ ନିୟମ ଏଠାରେ ମଧ ଲାଗୁ ହେଉ। ଭାଜପା ନେତା ତଥା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିଜେଡି ନିୟମ କାନୁନ କିଛି ଜାଣିନାହିଁ। ଜଣେ ବିଧାୟକଙ୍କୁ ନିଲମ୍ବିତ କରିବା ପରେ ସେ ଆଉ ସେହି ଦଳର ସଭ୍ୟ ରୁହନ୍ତି ନାହିଁ। ଯିଏ ସଭ୍ୟ ନୁହେଁ, ସେମାନଙ୍କ କ୍ଷେତ୍ରରେ ହ୍ୱିପ୍ କାମ କରେନାହିଁ। ହ୍ୱିପ୍ କି ଆଣ୍ଟି ଡିଫେକ୍ସନ ଆକ୍ଟ ଜାଣନ୍ତି ନାହିଁ। ନ ଜାଣିଲେ କିଛି ଅସୁବିଧା ନାହିଁ, ସେମାନଙ୍କୁ ବୁଝାଇବା ପାଇଁ ଆମେ ଅଛୁ ବୋଲି ପୂଜାରୀ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଶନି ସହ ମଙ୍ଗଳଙ୍କ ସଂଯୋଗ ଦୈହିକ ଅସୁସ୍ଥତା ସୃଷ୍ଟିକଲେ ମଧ ଚନ୍ଦ୍ରଙ୍କ ପ୍ରଭାବରେ ବ୍ୟବହାରିକ କୁଶଳତା ଜାରିରହିବ। ସହକର୍ମୀ, ଅଧସ୍ତନ କର୍ମଚାରୀ ଏବଂ ବନ୍ଧୁବର୍ଗଙ୍କ ସହ ସୁସମ୍ପର୍କ ପୂର୍ବବତ୍ ରହିପାରେ। କିନ୍ତୁ କାର୍ଯ୍ୟବ୍ୟସ୍ତତା କାରଣରୁ କ୍ଳାନ୍ତି ଅନୁଭବ କରିବେ। ସଭାସମିତି ଓ ଆନୁଷ୍ଠାନିକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** – ଶୁକ୍ରଙ୍କ ରାଶ୍ୟାବସ୍ଥାନରୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣାଧୀନ ରହିବା ସହ ବିଳାସପ୍ରିୟ ହେବେ। ରାହୁ କର୍ମସ୍ଥାନରେ ଅବସ୍ଥାନ ପୂର୍ବକ ସମସ୍ୟାକୁ ପ୍ରତିହତକରି କାର୍ଯ୍ୟସାଧନ କରାଇବେ। ରବି ଉଚ୍ଚସ୍ଥ ଯୋଗୁ ଗୃହ ନିର୍ମାଣ ସମ୍ବନ୍ଧୀୟ କିମ୍ବା ଗଠନମୂଳକ କାର୍ଯ୍ୟ ସମ୍ପନ୍ନ କରିପାରନ୍ତି। ଆର୍ଥିକ ଓ ସାମାଜିକ ସ୍ଥିତି ମଜଭୁତ ରଖିବା ନିମିତ ବିଭିନ୍ନ ଯୋଜନା କରିବେ।

**ମିଥୁନ** – ବୁଧଙ୍କ ସୁପ୍ରଭାବରୁ ବୌଦ୍ଧିକତାର ଅଭିବୃଦ୍ଧି ବନ୍ଧୁଗହଣରେ ସମ୍ମାନର ପରିଚାୟକ ହେବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବ୍ୟବସାୟରେ ଝଗଡ଼ା ଏବଂ ବିବାଦୀୟ ପରିସ୍ଥିତିରେ ସାମ୍ୟତା ଆସିପାରେ। ଆନୁଷଙ୍ଗିକ ସାହାଯ୍ୟ ଲାଭକରି କାମ ତ୍ୱରାନ୍ୱିତ କରିବେ। ଅନୁଷ୍ଠାନ କିମ୍ବା ବ୍ୟକ୍ତିଙ୍କ ନିକଟରୁ ଅର୍ଥପ୍ରାପ୍ତି ସହ ନୂତନ କର୍ମାରମ୍ଭରେ ଉତ୍ସାହିତ ହେବେ।

**କର୍କଟ** – ରାଶ୍ୟାଧିପ ତୃତୀୟସ୍ଥ କର୍ମକ୍ଷେତ୍ରରେ ଦକ୍ଷତାର ପ୍ରଶଂସା ମାଧ୍ୟମରେ ସାମାଜିକ ସ୍ଥିତିକୁ ସୁଦୃଢ଼ କରିବ। ପାରିବାରିକ କ୍ଷେତ୍ର ବ୍ୟତିକ୍ରମ ଭିତରେ ଅବଶ୍ୟ ଶୃଙ୍ଖଳିତ ରହିପାରେ। ସହକର୍ମୀଙ୍କ ମଧ୍ୟରେ ସୌହାର୍ଦ୍ଦ୍ୟତା ଅଭାବରୁ କର୍ମକ୍ଷେତ୍ରରେ ଅସ୍ଥିରତା ଦେଖାଦେବ। ଶିଳ୍ପ,ବାଣିଜ୍ୟ ଓ ପରିବହନ ଶନିଙ୍କ ପ୍ରଭାବରୁ ଦୁର୍ବଳ ରହିପାରେ।

**ସିଂହ** – ରବି ଏବଂ ଚନ୍ଦ୍ରଙ୍କ ସ୍ଥିତି ମନ୍ଦ ନ ଥିବାରୁ ଦୈହିକ ଏବଂ ମାନସିକ ସ୍ଥିତି ସୁଦୃଢ଼ ରହିବ। ସମ୍ପର୍କୀୟଙ୍କ ସକାଶେ ବ୍ୟୟ କରିବାକୁ ବାଧ ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାର୍ଯ୍ୟର ଅଗ୍ରଗତି ଯୋଗୁ ଆଶ୍ୱସ୍ତି ଲାଭ କରିବେ। ପାରିବାରିକ ସ୍ଥିତି ବହୁତ ଭଲ ରହିବ ଏବଂ ସନ୍ତାନହେତୁକ ଗୌରବ ଅନୁଭବ କରିପାରନ୍ତି।

**କନ୍ୟା** – ରାଶି ପ୍ରତି ବୁଧଙ୍କ ଦୃଷ୍ଟି ଫଳରେ ଯେଉଁ କାମରେ ହାତ ଦେବେ ସଫଳତା ହାସଲ କରିବେ। ଜମିଜମା, କଳ କାରଖାନା, ହୋଟେଲ ଶିଳ୍ପ କ୍ଷେତ୍ରରୁ ଲାଭବାନ୍ ହେବେ। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିବା କାରଣରୁ ସାମୟିକ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁ ଗହଣରେ ବାକ୍ ଅସଂଯମ ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ତୁଳା** – ରବିଙ୍କ ଦୃଷ୍ଟି ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବ। ପାରିବାରିକ ଜୀବନରେ ବ୍ୟତିକ୍ରମ ଥିଲେ ମଧ କିଛି ଅସୁବିଧା ହେବନାହିଁ। ବ୍ୟବସାୟରେ ଅଭୂତପୂର୍ବ ସଫଳତା ହାସଲକରିବେ। ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ,ନତୁବା ବହୁମୂଲ୍ୟ ଦେବାକୁ ପଡ଼ିପାରେ।

**ବିଛା** – ଚନ୍ଦ୍ରଙ୍କ ଲାଭ ଭାବରେ ଅବସ୍ଥିତି ଆପଣଙ୍କ ଆଶା ଓ ଅଭିଳାଷ ପୂରଣ କରିବାରେ ସମର୍ଥ ହେବ। ଆର୍ଥିକ ଅନଟନ କାମକୁ ବିଳମ୍ବିତ କରିବାରୁ ବିବ୍ରତ ହେବେ। ପ୍ରକାଶନ, ପ୍ରଶାସନିକ ତଥା ରାଜନୈତିକ ସ୍ତରରେ ବ୍ୟସ୍ତତା ମଧ ଦୂରେଇହେବ। କ୍ରୀଡ଼ା, ସାହିତ୍ୟ, ଚଳଚ୍ଚିତ୍ର କ୍ଷେତ୍ରରେ ସଫଳତା ଆଶା କରାଯାଇପାରେ।

**ଧନୁ** – ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ ଆରୋଗ୍ୟଲାଭ, କାର୍ଯ୍ୟସିଦ୍ଧି ସାଙ୍ଗକୁ ସାମାଜିକ ସ୍ତରରେ ଉଚ୍ଚସମ୍ମାନ ପାଇବେ। ଦୀର୍ଘଦିନରୁ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟିହେବ। ଶିଳ୍ପ, ବାଣିଜ୍ୟ ଓ ପରିବହନରେ ଉନ୍ନତି ଘଟିବାରେ ବନ୍ଧୁଙ୍କ ଅବଦାନକୁ ଭୁଲିପାରିବେନାହିଁ। ଜମିଜମା ବିବାଦର ସମାଧାନ ସୁଯୋଗ ସୃଷ୍ଟି ହେବ।

**ମକର** – ଆପଣଙ୍କ ରାଶି ପାଇଁ ଗ୍ରହ ସ୍ଥିତି ଅନୁକୂଳ ନ ଥିବାରୁ ପାରିବାରିକ ସମସ୍ୟା ମଧ୍ୟରେ ମାନସିକ ଶାନ୍ତି ରହି ନ ପାରେ। ତଥାପି ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବା ସକାଶେ ବନ୍ଧୁ ଦ୍ୱାରକୁ ଗମନକରିବେ। ରାଜନୀତି ତଥା ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହୋଇପାଇପାରନ୍ତି।

**କୁମ୍ଭ** – ଚନ୍ଦ୍ରଙ୍କ ଦ୍ୱାରା ସଂଘଟିତ ବିପରୀତ ରାଜଯୋଗ ପ୍ରଭାବରେ ବ୍ୟୟବହୁଳତା ମଧ୍ୟରେ କାର୍ଯ୍ୟସିଦ୍ଧି ହେବ। ଆଜି ଦେବ ଦର୍ଶନ ସକାଶେ ମନ ବଳାଇବେ। ଦୀର୍ଘଦିନରୁ ଅପେକ୍ଷା କରି କରି ଆଜି ହଠାତ୍ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହେବେ। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟ କରିବାରେ ସକ୍ଷମ ହେବେ।

**ମୀନ** – ରାଶିରେ ଶନି ଏବଂ ମଙ୍ଗଳଙ୍କ ସଂଯୋଗରୁ ବନ୍ଧୁମାନଙ୍କ ଦ୍ୱାରା କୌଣସି ସମସ୍ୟା ସକାଶେ ବ୍ୟସ୍ତତା ଅନୁଭବ କରିପାରନ୍ତି। ପ୍ରତ୍ୟେକ କାର୍ଯ୍ୟରେ ସଫଳତା ଅବଶ୍ୟ ପାଇବେ, କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। କଳା,ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ, କିନ୍ତୁ ସମସ୍ୟା ମଧ୍ୟରେ ଚଳିବାକୁ ପଡ଼ିପାରେ।

ଆଜି ଏପ୍ରିଲ ୨୮ ତାରିଖ, ଓକିଲ ଦିବସ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ବୈଶାଖ ଶୁକ୍ଳ ଦ୍ୱାଦଶୀ ମଙ୍ଗଳବାର। ରାଶିନକ୍ଷତ୍ର-ଉତ୍ତରା ଫାଲ୍‌ଗୁନୀ/ କନ୍ୟା, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ୧୨ ନକ୍ଷତ୍ରେ ବିବାହ ପାଣି ଗ୍ରହଣ। ଦିବା ଘ.୦୮।୩୩ ଗତେ, ଘ.୧୦।୨୮ ମଧ୍ୟେ, ଘ.୦୧।୦୦ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୧୯ ମଧ୍ୟେ ରାହୁକାଳ ।

### ସଞ୍ଜୀବ ମିଶ୍ରଙ୍କୁ ଆବାସିକ କମିଶନର ଅତିରିକ୍ତ ଦାୟିତ୍ୱ

ଭୁବନେଶ୍ୱର,(ରବିନାରାୟଣ ଜେନା): ରାଜ୍ୟ ସରକାରଙ୍କ ପକ୍ଷରୁ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ରଙ୍କୁ ସୋମବାର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ, ଅର୍ଥ ବିଭାଗ ପ୍ରମୁଖ ସଚିବ ମିଶ୍ରଙ୍କୁ ନୂଆଦିଲ୍ଲୀସ୍ଥିତ ରାଜ୍ୟ ସରକାରଙ୍କ ପ୍ରମୁଖ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି।




# ‘ପେସା’କୁ ନେଇ ବଢ଼ିଲା ତତ୍ପରତା

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

## ୩୦ରେ ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ଚୂଡ଼ାନ୍ତ ବୈଠକ

ରାଜ୍ୟରେ ଆଦିବାସୀ ବର୍ଗଙ୍କ ଅଧିକାରକୁ ସୁରକ୍ଷିତ ରଖିବା ଏବଂ ସେମାନଙ୍କୁ ହକ୍ ଦେବାପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଏନେଇ ଏପ୍ରିଲ ୩୦ରେ ମୁଖ୍ୟଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ‘ପେସା’ ନିୟମର ଚୂଡ଼ାନ୍ତ ବୈଠକ ଅନୁଷ୍ଠିତ ହେବ ବୋଲି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜଣାପଡ଼ିଛି।

ଏସଂକ୍ରାନ୍ତରେ ପଞ୍ଚାୟତିରାଜ ବିଭାଗର ଏସ୍ଆଇଆର୍ଡି ନିର୍ଦ୍ଦେଶିକା ମଧୁସ୍ମିତା ସାମଲ ଏପ୍ରିଲ ୨୪ରେ ରାଜ୍ୟ ଉନ୍ନୟନ ଆୟୁକ୍ତଙ୍କ ସହିତ ଗୃହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟଶାସନ ସଚିବ,ଜଙ୍ଗଲ ଓ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ମଧୁସ୍ମିତା ଦର୍ଶାଇଛନ୍ତି, ଏହି ‘ପେସା’ ନିୟମର ଚିଠା ପ୍ରସ୍ତାବକୁ ନେଇ ପୂର୍ବରୁ ଏକ କମିଟି ଗଠନ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏବେ ଏହି ନିୟମର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏଥିପାଇଁ ମୁଖ୍ୟଶାସନ ସଚିବ ଏପ୍ରିଲ ୩୦ରେ ଦିନ ଧାର୍ଯ୍ୟ କରିଛନ୍ତି। ଲୋକସେବା ଭବନର ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ସନ୍ଧ୍ୟା ୬ଟାରେ ଏହି ବୈଠକ ଅନୁଷ୍ଠିତ ହେବ। ଏଥିରେ ଯୋଗଦେବା ଲାଗି ମଧୁସ୍ମିତା ପତ୍ରରେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ଏହି ଆଇନ ରାଜ୍ୟରେ କାର୍ଯ୍ୟକାରୀ କରିବା ଲାଗି ୨୦୨୩ ନଭେମ୍ବର ୧୦ରେ ତତ୍କାଳୀନ ସରକାରଙ୍କ ପକ୍ଷରୁ ଚିଠା ପ୍ରସ୍ତାବ ଆସିଥିଲା। ଏହି ଚିଠା ବିଜ୍ଞପ୍ତିକୁ ନେଇ ଯଦି କାହାର କିଛି ଅଭିଯୋଗ କିମ୍ବା ସୁଚିନ୍ତିତ ମତାମତ ଥାଏ ଦେବାକୁ କୁହାଯାଇଥିଲା। ଏପରି କି ଜିଲାପାଳମାନେ ଏହି ‘ପେସା’ ଆଇନକୁ ଲୋକଙ୍କୁ ଠିକଣା ଭାବେ ବୁଝାଇବା ଏବଂ ଏହାର ବ୍ୟାପକ ପ୍ରସାର ଲାଗି ପଦକ୍ଷେପ ନେବାକୁ କୁହାଯାଇଥିଲା। ଏହାଦ୍ୱାରା ପଞ୍ଚାୟତବାସୀଙ୍କ ମଧ୍ୟରୁ କାହାର କ’ଣ ସମସ୍ୟା ଉପୁଜିବ ସେ ସଂକ୍ରାନ୍ତରେ ମତାମତ ସଂଗ୍ରହ କରି ସରକାରଙ୍କୁ ତୁରନ୍ତ ଅବଗତ କରାଇବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ କୁହାଯାଇଥିଲା। ପତ୍ରରେ କୁହାଯାଇଥିଲା, ଓଡ଼ିଶା ଗ୍ରାମପଞ୍ଚାୟତ ନିୟମ-୨୦୨୩ ଅନୁଯାୟୀ ସରକାରଙ୍କ ପକ୍ଷରୁ ଅଧିସୂଚିତ ଅଞ୍ଚଳ ସଂପ୍ରସାରଣ(ପେସା) ଆଇନ ଲାଗି ବିଜ୍ଞପ୍ତି ଜାରି କରାଗଲା। ପଞ୍ଚାୟତରେ ଲଘୁ ଖଣିଜ ସମ୍ପଦ, ଜଳାଶୟ, ମାନବିକ ଅଧିକାର, ଗ୍ରାମ, ଗ୍ରାମସଭା, ପଞ୍ଚାୟତ ସମିତି, ଜିଲା ପରିଷଦ ଆଇନ ଏବଂ ପଞ୍ଚାୟତର କ୍ଷମତା ବୃଦ୍ଧି କରାଯିବ। ବହୁ କ୍ଷମତା ପଞ୍ଚାୟତରେ ରହିଥିଲେ ହେଁ ‘ପେସା’ ଆଇନ କାର୍ଯ୍ୟକାରୀ ନ ହେବା ଯୋଗୁ ସରପଞ୍ଚଙ୍କ କ୍ଷମତା ସହିତ ଆଦିବାସୀ ବର୍ଗ ଏହାର ସୁଫଳ ପାଇପାରୁ ନାହାନ୍ତି। ଗ୍ରାମପଞ୍ଚାୟତ ହେଉଛି ଗ୍ରାମ ଶାସନର କାର୍ଯ୍ୟକାରୀ କର୍ତ୍ତୃପକ୍ଷ। ଗ୍ରାମସଭାର ଅଧ୍ୟକ୍ଷ ହେଉଛନ୍ତି ସରପଞ୍ଚ। ଗ୍ରାମସଭା ଜରିଆରେ ପଞ୍ଚାୟତରେ କୃଷି ଲାଗି ସ୍ୱତନ୍ତ୍ର ଖସଡ଼ା, ସାମାଜିକ ସମୀକ୍ଷା କରିବା ସହିତ ଯେଉଁମାନେ ବକେୟା ଖିଲାପକାରୀ ଥିବେ ସେମାନଙ୍କ ସମ୍ପର୍କରେ ଜରିମାନା କରିବା ନିଷ୍ପତ୍ତି ସରପଞ୍ଚମାନେ ନେଇପାରିବେ। ଏହାସହିତ କେଉଁଠାରେ ସାଧାରଣ ସାମଗ୍ରୀ ବଣ୍ଟନ ଦୋକାନ ଖୋଲିବ ଏବଂ ଦର ତଦାରଖ କରିବା, ବିଭିନ୍ନ ଯୋଜନାରେ ହିତାଧିକାରୀ ଚିହ୍ନଟ କରିବା, ଅଙ୍ଗନୱାଡ଼ି କେନ୍ଦ୍ର, ବିଦ୍ୟାଳୟ କାର୍ଯ୍ୟକ୍ରମ, ପାନୀୟଜଳ ପରିଚାଳନା ପ୍ରଭୃତି କାର୍ଯ୍ୟକ୍ରମ ଅନୁଧ୍ୟାନ କରିବେ। ଗ୍ରାମସଭା ଜରିଆରେ ପଞ୍ଚାୟତରେ କେତେ ଅର୍ଥ କେଉଁ ସଂସ୍ଥା ବିନିଯୋଗ କରିଛି ତା’ର ପ୍ରମାଣପତ୍ର ନିଶ୍ଚିତ କରିବା, ଲଘୁ ଖଣିଜ ସମ୍ପଦ ତଥା ସ୍ଥାନୀୟ ପଦାର୍ଥ ଉପରେ ରୟାଲଟି ଗ୍ରହଣ କରିବା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିପାରିବେ। ବିଜ୍ଞପ୍ତିରେ ଦର୍ଶାଯାଇଥିଲା, ଯେତେବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଜମି ଅଧିଗ୍ରହଣ କରାଯିବ, ସେତେବେଳେ ଗ୍ରାମପଞ୍ଚାୟତ ସହିତ ଅଧିଗ୍ରହଣକାରୀ ଅଧିକାରୀମାନେ ପରାମର୍ଶ କରି ଉକ୍ତ କାର୍ଯ୍ୟ କରିବେ। ସରକାରଙ୍କ ଖସଡ଼ା ଅନୁଯାୟୀ ସମସ୍ତ କାର୍ଯ୍ୟ ହେବା ବିଧେୟ। ସେହିପରି ଯେତେବେଳେ ଗ୍ରାମ ସୀମାରେ ପରିବର୍ତ୍ତନ କରାଯିବା ସହିତ କିଛି ନୂତନ ଲୋକଙ୍କୁ ସାମିଲ କରାଯିବ, ସେତେବେଳେ ଅଧିଗ୍ରହଣ ଅଞ୍ଚଳରେ ଲୋକଙ୍କୁ କ୍ଷତିପୂରଣ ଦେବାକୁ ପଡ଼ିବ।

# ଶୃଙ୍ଖଳିତ ନୀତିକାନ୍ତି ପାଇଁ ନିଆଯାଇପାରିବ କାର୍ଯ୍ୟାନୁଷ୍ଠାନ

## ସରକାରଙ୍କୁ ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟିର ୨ୟ ଅନ୍ତରୀଣ ରିପୋର୍ଟ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ନୀତିକାନ୍ତି କିଭଳି ଶୃଙ୍ଖଳିତ ହେବ ସେନେଇ ସୋମବାର ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସ୍ୱତ୍ୱଲିପି କମିଟି ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଦ୍ୱିତୀୟ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛି। ଜଷ୍ଟିସ୍ ଡ. ଦୁର୍ଗା ପ୍ରସନ୍ନ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ରଙ୍କୁ ନେଇ ଗଠିତ ଦୁଇଜଣିଆ କମିଟି ମନ୍ଦିରର ସେବା ପୂଜା, ଶୃଙ୍ଖଳିତ ନୀତିକାନ୍ତି, ମନ୍ଦିର ଗର୍ଭଗୃହ ଓ ରୋଷଶାଳା ମରାମତି, ଉଜ୍ଜ୍ୱଳ ଆଲୋକୀକରଣ ବ୍ୟବସ୍ଥା, ସେବାୟତ ପାଇଁ ସ୍ୱତନ୍ତ୍ର ତାଲିମ୍ କାର୍ଯ୍ୟକ୍ରମ, ହୁଣ୍ଡି ପରିଚାଳନା, ଜମି ସମସ୍ୟା ସମାଧାନ ନେଇ ପ୍ରାୟ ୧୬ଟି ପ୍ରସ୍ତାବ ରିପୋର୍ଟରେ ଦର୍ଶାଇଛନ୍ତି।

ଏନେଇ ମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ମହାପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରର ଶୃଙ୍ଖଳିତ ନୀତିକାନ୍ତି ସହ ସମସ୍ତ ସେବାୟତ, ନିଯୋଗ ଏବଂ ଭକ୍ତଙ୍କ ପାଇଁ ସର୍ବଶ୍ରେଷ୍ଠ ବ୍ୟବସ୍ଥା ହେବ। ଏଥିଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ପରବର୍ତ୍ତୀ ନିଷ୍ପତ୍ତି ତ୍ୱରିତ ଗ୍ରହଣ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ କମିଟି ଅଧ୍ୟକ୍ଷ ଜଷ୍ଟିସ ଚୌଧୁରୀ କହିଛନ୍ତି, ଜାନୁଆରୀ ୨୦୨୬ରେ କମିଟି ପକ୍ଷରୁ ପ୍ରଥମ ଅନ୍ତରୀଣ ରିପୋର୍ଟ ପ୍ରଦାନ କରାଯାଇଥିଲା। ଏହି ଦ୍ୱିତୀୟ ରିପୋର୍ଟରେ ଶ୍ରୀମନ୍ଦିର ଭଳି ଆଇନ ବ୍ୟବସ୍ଥା ମଧ୍ୟ ରହିବ। ଯଦି ନୀତିକାନ୍ତିରେ ତ୍ରୁଟି ଦେଖାଯାଏ ତେବେ କାର୍ଯ୍ୟାନୁଷ୍ଠାନ ନିଆଯାଇପାରିବ। କମିଟି ରିପୋର୍ଟରେ ଭକ୍ତ, ସେବାୟତ, ଏଏସ୍ଆଇ, ରାଜ୍ୟ ଗ୍ରନ୍ଥାଗାର, ଆଇନ ବିଶାରଦମାନଙ୍କ ମତ ରହିଛି। ଆଗାମୀ ଦିନରେ ମଧ୍ୟ ଅନେକଙ୍କ ମତ ସଂଗ୍ରହ କରାଯାଇ ଚୂଡ଼ାନ୍ତ ରିପୋର୍ଟ ଆସିପାରେ। କମିଟି ଗଠନ ପରେ ଲିଙ୍ଗରାଜ ମନ୍ଦିରରେ ବିଶୃଙ୍ଖଳା କମିବାରେ ଲାଗିଛି। ଆଗକୁ ରିପୋର୍ଟଗୁଡ଼ିକ ସରକାର ଅନୁଧ୍ୟାନ କରି ଆଇନରେ ପରିଣତ କରିବେ। ଏହି କାର୍ଯ୍ୟକ୍ରମରେ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ, ଅତିରିକ୍ତ ଶାସନ ସଚିବ ଶିବ ପ୍ରସାଦ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଜାପାନ ରାଷ୍ଟ୍ରଦୂତଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଶାର ‘ଡାଲମା’ ସ୍ୱାଦକୁ ଓନୋଙ୍କ ପ୍ରଶଂସା

ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)

ସମ୍ବଲପୁର ରେଙ୍ଗାଲିଠାରେ ଗତ ୨୪ ତାରିଖରେ ଜେଏସ୍ଡବ୍ଲୁ ଏବଂ ଜାପାନର ଜେଏଫ୍ଇ ଷ୍ଟିଲ୍ ମଧ୍ୟରେ ଏକ ଯୌଥ ଉଦ୍ୟୋଗ (ଜଏଣ୍ଟ ଭେଞ୍ଚର) ନେଇ ଘୋଷଣା କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉପସ୍ଥିତ ଥିବାବେଳେ ଭାରତରେ ଅବସ୍ଥାପିତ ଜାପାନ ରାଷ୍ଟ୍ରଦୂତ ଓନୋ କେଇଚି ମଧ୍ୟ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଜାପାନ ରାଷ୍ଟ୍ରଦୂତଙ୍କୁ ପାରମ୍ପରିକ ଓଡ଼ିଆ ଖାଦ୍ୟ ପରଷା ଯାଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦରେ ରାଷ୍ଟ୍ରଦୂତ ଖୁବ୍ ଆନନ୍ଦିତ ଥିଲେ। ବିଶେଷକରି ଡାଲମା ତାଙ୍କୁ ବହୁତ ଭଲ ଲାଗିଥିଲା। କାର୍ଯ୍ୟକ୍ରମ ସରିବା ପରେ ସେ ତାଙ୍କ ସାମାଜିକ ଗଣମାଧ୍ୟମରେ ଲେଖିଥିଲେ, ଓଡ଼ିଶାରେ ଡାଲମାର ସ୍ୱାଦକୁ ଖୁବ୍ ଉପଭୋଗ କଲେ। ଏହା ଅତ୍ୟନ୍ତ ସ୍ୱାଦିଷ୍ଟ ଏବଂ ଓଡ଼ିଶାର ଉନ୍ନତ ରନ୍ଧନ କଳାର ଏକ ସୁନ୍ଦର ପ୍ରତିଫଳନ। ଓନୋଙ୍କ ଏହି ପୋଷ୍ଟ ପରେ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ‘X’ରେ ଉଲ୍ଲେଖ କରିଛନ୍ତି, ଓଡ଼ିଶାର ପାରମ୍ପରିକ ସ୍ୱାଦକୁ ଏତେ ଭଲ ପାଇଥିବାରୁ ଓନୋଙ୍କୁ ଧନ୍ୟବାଦ। ଡାଲମା କେବଳ ଖାଦ୍ୟ ପରମ୍ପରାର ଅଂଶ ନୁହେଁ, ଏହା ହେଉଛି ଆମ ସଂସ୍କୃତି ଓ ଆତିଥେୟତାର ପ୍ରତୀକ। ଏହି ମତପ୍ରକାଶ କରିବା ସହିତ ଓଡ଼ିଶା ଓ ଜାପାନ ମଧ୍ୟରେ ଥିବା ସାଂସ୍କୃତିକ ସମନ୍ୱୟ ଆଗାମୀ ଦିନରେ ଆମର ବନ୍ଧୁତାକୁ ଆହୁରି ସୁଦୃଢ଼ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

# ଆଜି ‘ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା’ କରିବ ଭାଜପା

ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)

ମହିଳାମାନଙ୍କୁ ସଶକ୍ତ କରିବା ଲାଗି କେନ୍ଦ୍ର ସରକାର ନାରୀଶକ୍ତି ବନ୍ଦନ ଅଧିନିୟମ ଆଣିଥିଲେ। ଏହି ଅଧିନିୟମ ମହିଳାମାନଙ୍କ ପାଇଁ ଲୋକ ସଭା ଏବଂ ବିଧାନସଭାରେ ୩୩% ଆସନ ସଂରକ୍ଷଣକୁ ସୁନିଶ୍ଚିତ କରୁଥିଲା। ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗୀଦାରିତାକୁ ଦୃଢ଼ୀଭୂତ କରୁଥିଲା। ମାତ୍ର କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡି ମେଣ୍ଟ ଏହାକୁ ପାର୍ଲାମେଣ୍ଟରେ ପାରିତ କରେଇ ଦେଇ ନ ଥିଲା। ବିଜେଡି ଇଣ୍ଡି ମେଣ୍ଟରେ ସାମିଲ ହୋଇ ଏହାକୁ ସମର୍ଥନ କରିଥିଲା। ଏଥିରୁ ବିରୋଧୀ ଦଳଗୁଡ଼ିକର ମହିଳା ବିରୋଧୀ ଆଭିମୁଖ୍ୟ ସ୍ପଷ୍ଟ ହୋଇଛି। ସେମାନଙ୍କ ଏହି ମହିଳା ବିରୋଧୀ ଷଡ଼ଯନ୍ତ୍ର ବିରୋଧରେ ଆକ୍ରୋଶ ପ୍ରତିଫଳିତ ହୋଇଛି। ଚାରିଆଡେ ଏବେ ଆନ୍ଦୋଳନ ଓ ପ୍ରତିବାଦ କରାଯାଉଛି। ମଙ୍ଗଳବାର ଭୁବନେଶ୍ୱରଠାରେ ଏହାର ପ୍ରତିବାଦରେ ଏକ ବିଶାଳ ମହିଳା ଆକ୍ରୋଶ ମଶାଲ ଶୋଭାଯାତ୍ରା ଅନୁଷ୍ଠିତ ହେବ ବୋଲି ଭାଜପା ଏମ୍ପି ଅନିତା ଶୁଭଦର୍ଶିନୀ ପଟ୍ଟନାୟକ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଅନିତା କହିଛନ୍ତି, ବିରୋଧୀଙ୍କ ମହିଳା ବିରୋଧୀ ଆଭିମୁଖ୍ୟକୁ ନେଇ ଗତ ୨୨ ତାରିଖରେ ରାଜଧାନୀରେ ଜନ ଆକ୍ରୋଶ ମହିଳା ପଦଯାତ୍ରା କରାଯାଇଥିଲା। ଗତ ୨୪ ଓ ୨୫ ତାରିଖରେ ପ୍ରତ୍ୟେକ ଜିଲାରେ ଜନ ଆକ୍ରୋଶ ମହିଳା ସମ୍ମିଳନୀ ଓ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାରଠାରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ରାଜ୍ୟର ସବୁ ମଣ୍ଡଳରେ ଜନ ଆକ୍ରୋଶ ମହିଳା ପଦଯାତ୍ରା ଅନୁଷ୍ଠିତ ହେବ ବୋଲି ସେ କହିଛନ୍ତି।

# ୩୦ ସୁଦ୍ଧା ମରାମତି ଲାଗି ନିର୍ଦ୍ଦେଶ

## ଖୋର୍ଦ୍ଧା-ନୟାଗଡ଼ ଏନ୍ଏଚ୍-୫୭ରେ ୧୦ ଦୁର୍ଘଟଣାପ୍ରବଣ ସ୍ଥାନ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ଖୋର୍ଦ୍ଧାରୁ ନୟାଗଡ଼ ମଧ୍ୟରେ ଯାଇଥିବା ଜାତୀୟ ରାଜପଥ-୫୭ରେ ୧୦ଟି ପ୍ରମୁଖ ଦୁର୍ଘଟଣା ପ୍ରବଣ ସ୍ଥାନ ଭାବେ ଚିହ୍ନଟ ହୋଇଛି। ଉକ୍ତ ଚିହ୍ନଟ ଅଞ୍ଚଳକୁ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ଲାଗି ନିର୍ମାଣ ବିଭାଗ ପକ୍ଷରୁ ଜାତୀୟ ରାଜପଥ ମୁଖ୍ୟଯନ୍ତ୍ରୀଙ୍କୁ କୁହାଯାଇଛି। ଏପ୍ରିଲ ୩୦ ସୁଦ୍ଧା ଏହାର କାର୍ଯ୍ୟକାରିତା ରିପୋର୍ଟ ଦେଲେ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିବେ ବୋଲି ବିଭାଗ ପକ୍ଷରୁ ପତ୍ରରେ ଦର୍ଶାଯାଇଛି। ନିର୍ମାଣ ବିଭାଗର ଅନୁସଚିବ ପ୍ରତାପ କୁମାର ଜେନା ପତ୍ରରେ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ଜିଲାସ୍ତରୀୟ କର୍ମଚାରୀମାନଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରାଯାଇଥିଲା। ଉକ୍ତ କମିଟି ଉକ୍ତ ୧୦ ଦୁର୍ଘଟଣାପ୍ରବଣ ସ୍ଥାନ ଚିହ୍ନଟ କରିଛନ୍ତି। ଏହି ରିପୋର୍ଟଟି ଖୋର୍ଦ୍ଧା ଜିଲାପାଳଙ୍କ ଦ୍ୱାରା ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ଜାତୀୟ ରାଜପଥ ଭୁବନେଶ୍ୱରଙ୍କୁ ପ୍ରଦାନ କରାଯାଇଛି। ଉକ୍ତ ୧୦ଟି ସ୍ଥାନରେ ତୁରନ୍ତ ପ୍ରତିକାରମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ସୁପାରିସରେ କୁହାଯାଇଛି।

# ‘ସବୁ ରାଜସ୍ୱ ମାଫ୍ ଓ ଜମିପଟ୍ଟା ସଂଶୋଧନ କାମ ୩୦ ମେ ସୁଦ୍ଧା ଶେଷକର’

## ଜିଲାପାଳମାନଙ୍କୁ ରାଜସ୍ୱ ସଚିବଙ୍କ ଚିଠି

ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)

ଅଧିଗୃହୀତ ଜମି ମାମଲାରେ ଭୂମି ରାଜସ୍ୱ ଛାଡ଼ ଏବଂ ଜମିପଟ୍ଟା ବା ରେକର୍ଡ ଅଫ ରାଇଟ୍ସ ସଂଶୋଧନକୁ ମେ ୩୦ ସୁଦ୍ଧା ଶେଷ କରିବା ପାଇଁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି କରାଯାଇଛି। ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଚିଠି ଲେଖି କହିଛନ୍ତି, ଅଧିଗ୍ରହଣ ସମ୍ବନ୍ଧୀୟ ସଂଶୋଧନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦେବା ଜରୁରୀ। ଏହି ପରିପ୍ରେକ୍ଷୀରେ ସଂଶୋଧିତ ରେକର୍ଡ ନ ଥିବା ଯୋଗୁ ଅନଧିକୃତ କିମ୍ବା ବିବାଦୀୟ ଜମି ପୁନର୍ବାର କିଣାବିକା ରୋକିବା ପାଇଁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳମାନେ ନିର୍ଦ୍ଦିଷ୍ଟ ଫର୍ମାଟ୍ ଅନୁସାରେ ସମ୍ବନ୍ଧିତ ସୂଚନା ଆସନ୍ତା ଜୁନ୍ ୧୫ ମଧ୍ୟରେ ରାଜସ୍ୱ ବିଭାଗକୁ ପ୍ରଦାନ କରିବେ।

ପୂର୍ବରୁ ଜାରି ହୋଇଥିବା ନିର୍ଦ୍ଦେଶ ଅନୁଯାୟୀ ଅନେକ ମାମଲାରେ ଭୂମି ରାଜସ୍ୱ ଛାଡ଼ ଓ ଜମିପଟ୍ଟା ସଂଶୋଧନ କାର୍ଯ୍ୟ ବକେୟା ରହିଛି। ଯଦ୍ୱାରା ଜମି ସମ୍ବନ୍ଧୀୟ ରେକର୍ଡ ନିୟମିତ ଭାବେ ସଂଶୋଧନ ହେବାରେ ବ୍ୟାଘାତ ସୃଷ୍ଟି ହେଉଛି। ତେଣୁ ସମସ୍ତ ବକେୟା ମାମଲା ନିର୍ଦ୍ଧାରିତ ସମୟସୀମା ଭିତରେ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳମାନେ ମାସିକ ଭିତ୍ତିରେ ଲକ୍ଷ୍ୟ ଧାର୍ଯ୍ୟ କରି ତହସିଲଦାରମାନଙ୍କ ମାଧ୍ୟମରେ ଆବଶ୍ୟକ ସଂଶୋଧନ କାର୍ଯ୍ୟ ସମ୍ପାଦନ କରିବେ। ଉପଜିଲାପାଳଙ୍କୁ ଏହି କାର୍ଯ୍ୟର ନିରୀକ୍ଷଣ ଦାୟିତ୍ୱ ଦିଆଯିବା ସହ ଆର୍ଡିସି ପ୍ରତ୍ୟେକ ୨ ମାସରେ ଏହାର ସମୀକ୍ଷା କରିବେ। ରାଜସ୍ୱ ପର୍ଷଦ ପ୍ରତ୍ୟେକ ୩ ମାସରେ ସମୀକ୍ଷା କରି ବିଭାଗକୁ ରିପୋର୍ଟ ପ୍ରଦାନ କରିବେ। ମାତ୍ର ରାଜସ୍ୱ ବିଭାଗକୁ ଏପର୍ଯ୍ୟନ୍ତ ସଂଶୋଧିତ ରିପୋର୍ଟ ଠିକ୍ ସମୟରେ ହସ୍ତଗତ ହୋଇନାହିଁ।



# ୟଲ୍‌ଦା ଓ ଡିପ୍‌ଫେକ୍

ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ସର୍ବତ୍ର ଉପଲବ୍ଧ ହେଲାଣି। ମଣିଷର ଜୀବନଯାତ୍ରାକୁ ସହଜ ଓ ସୁବିଧାଜନକ କରିଦେଉଥିବାରୁ ତାହାର ଆଦର ବଢ଼ିବାରେ ଲାଗିଛି। କିନ୍ତୁ ଏହାର ଦୁର୍ବ୍ୟବହାର ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରୁଛି। ଏଆଇ ଆଧାରିତ ହ୍ୟୁମାନ୍ ଇମେଜ୍ ସିନ୍ଥେସିସ୍ କୌଶଳ ଭାବେ 'ଡିପ୍‌ଫେକ୍' ଜଣାଶୁଣା। ଡିପ୍‌ଫେକ୍ ପ୍ରଯୁକ୍ତି ଅସତ୍ୟ ଛବି, ଭିଡିଓ ଏବଂ ଅଡିଓ ରେକର୍ଡିଂ କରିଥାଏ। ଉଦାହରଣ ସ୍ୱରୂପ, ବାସ୍ତବରେ ଦୃଶ୍ୟମାନ ବ୍ୟକ୍ତିଙ୍କ ଚେହେରା ଓ ସ୍ୱରକୁ ଏଭଳି ନକଲ କରାଯାଇଥାଏ ଯେ, ତାହା ଦେଖଣାହାରୀ ବା ଶ୍ରୋତାଙ୍କୁ ଅବିକଳ ଅନୁଭବ ହୋଇଥାଏ। ଯଦି କେହି ସନ୍ଦେହ କରେ ତେବେ କଷ୍ଟକରି ମୂଳକୁ ଗଲେ ହୁଏତ ସତ୍ୟ ଜଣାପଡ଼ିପାରେ। ଡିପ୍‌ଫେକ୍ କେତେ ଗଭୀରକୁ ଯାଇଛି ଓ ସେ ସଂକ୍ରାନ୍ତ ଏକ ଘଟଣାକୁ ସାଧାରଣରେ ପ୍ରକାଶ କରିବା ଲାଗି 'ସ୍କାଏ ନ୍ୟୁଜ୍' ଉପସ୍ଥାପିକା ୟଲ୍‌ଦା ହାକିମ୍ ଅନ୍ତର୍ଜାତୀୟ ଖବର ସରବରାହ ସଂସ୍ଥା 'ରଏଟର୍ସ'କୁ ଦେଇଥିବା ସାକ୍ଷାତ୍‌କାରକୁ ବିଶ୍ଳେଷଣ କଲେ ବହୁତ ବିଷୟରେ ଜଣାପଡୁଛି।

ୟଲ୍‌ଦା ପ୍ରାୟ ଦୁଇ ଦଶନ୍ଧି ଧରି ବିଶ୍ୱ ରାଜନୀତି ଓ ଯୁଦ୍ଧ କ୍ଷେତ୍ରରୁ ରିପୋର୍ଟିଂ କରିବା ସହ ନିଆରା ଉପସ୍ଥାପନା ଶୈଳୀ ଯୋଗୁ ବେଶ୍ ଜଣାଶୁଣା। ଆଫଗାନିସ୍ତାନରେ ଜନ୍ମ ହୋଇ ଅଷ୍ଟ୍ରେଲିଆରେ ବଢ଼ିଥିବା ୟଲ୍‌ଦା ବ୍ରିଟେନ୍‌ରେ କ୍ୟାରିୟର କରିବା ସହ ବିଶ୍ୱ ସ୍ତରରେ ପ୍ରସିଦ୍ଧି ଅର୍ଜନ କରିଛନ୍ତି। ରଏଟର୍ସ ସହ କଥାବାର୍ତ୍ତା କରି ୟଲ୍‌ଦା ଏଆଇ-ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନାର ବିପଦ ଏବଂ କାହିଁକି ସାମ୍ବାଦିକତା କ୍ଷେତ୍ରରେ ଏହା ବିଶ୍ୱସନୀୟତା ହରାଉଛି ତାହା ଉପରେ ମତ ରଖିଛନ୍ତି। ତାଙ୍କ ରିପୋର୍ଟିଂକୁ ବଦଳାଯାଇ ତାହାର ପ୍ରସାରଣ କରାଯିବା କିଭଳି ଅସ୍ୱସ୍ତିକର ସ୍ଥିତି ସୃଷ୍ଟି କରିଥିଲା, ସେହି ବିଷୟରେ ସେ ଦର୍ଶାଇଛନ୍ତି। ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ କାରାଗାର ଜୀବନ, ଓକିଲ, ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବନତି ଘଟିବା ଓ ଡାକ୍ତରୀ ସୁବିଧା ନ ପାଇବା ନେଇ ପରିବାରର କ୍ରୋଧ ବିଷୟରେ ତାଙ୍କ ଭଉଣୀଙ୍କ ସହ ୟଲ୍‌ଦା ଇଣ୍ଟରଭ୍ୟୁ କରିଥିଲେ। ତାହା ଭାଇରାଲ ହୋଇଥିଲା। ଏହା ପାକିସ୍ତାନୀ ଚ୍ୟାନେଲଗୁଡ଼ିକରେ ପ୍ରସାରିତ ହୋଇଥିଲା ଓ ସୋସିଆଲ ମିଡିଆରେ ଅନେକ ଲକ୍ଷ ଥର ଦେଖାଯାଇଥିଲା। କିନ୍ତୁ ତା'ପର ଦିନ ଫେକ୍ ଭିଡିଓ ଆସିଲା। ୟଲ୍‌ଦା ଭାବିଥିଲେ ଯେ, ତାହା ସେହି ସମାନ ଇଣ୍ଟରଭ୍ୟୁ। କିନ୍ତୁ ଇମ୍ରାନଙ୍କ ଭଉଣୀ ଯେତେବେଳେ ପ୍ରଯୋଜକଙ୍କ ସହ ଯୋଗାଯୋଗ କରି ଜାଣିଲେ ଯେ ତାହା ଏକ ଡିପଫେକ୍ ସେତେବେଳେ ୟଲ୍‌ଦା ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ପ୍ରଯୁକ୍ତିର କରାମତି ସେହି ଭିଡିଓକୁ ଉନ୍ନତ ସ୍ତରକୁ ନେଇଯାଇଥିଲା। ସେ ନିଜକୁ ସେଥିରେ ଦେଖୁଥିଲେ ମଧ୍ୟ ଅସତ୍ୟ ଭିଡିଓକୁ ଠଉରାଇପାରୁ ନ ଥିଲେ। ତେବେ କେତେଟା ପ୍ରଶ୍ନ ଯାହା ସେ ପଚାରି ନ ଥିଲେ ସେଗୁଡ଼ିକ ମିଥ୍ୟା ଭିଡିଓରେ ସ୍ଥାନିତ ହେବା ସନ୍ଦେହ ସୃଷ୍ଟି କରିଥିଲା। ପାକିସ୍ତାନ ସେନା ମୁଖ୍ୟଙ୍କୁ ଇମ୍ରାନ୍‌ଙ୍କ ଭଉଣୀ ସମାଲୋଚନା କରୁଥିବା ନକଲି ଭିଡିଓରେ ଦେଖାଯାଇଥିଲା। ତାହା ପାକିସ୍ତାନ ଓ ଭାରତୀୟ ଗଣମାଧ୍ୟମରେ ବହୁଳ ପ୍ରସାରିତ ହୋଇ ପ୍ରତିକ୍ରିୟା ସୃଷ୍ଟି କରିଥିଲା।

ଏଥିରୁ ବୁଝିବାକୁ ହେବ ଯେ, 'ସିଇଂ ଇଜ୍ ବିଲିଭିଂ' ବା ଦେଖିଲେ ବିଶ୍ୱାସ ହୁଏ ବୋଲି ଯେଉଁ କଥା ରହିଛି, ତାହା ଏବେ ବାସ୍ତବତା ହରାଇଲାଣି। ସାମ୍ବାଦିକତା କ୍ଷେତ୍ରରେ 'ସିଇଂ ଇଜ୍ ବିଲିଭିଂ'କୁ ଗୁରୁତ୍ୱ ଦିଆଯାଇଥାଏ। ୟଲ୍‌ଦାଙ୍କ ଇଣ୍ଟରଭ୍ୟୁ ଓ ପରବର୍ତ୍ତୀ ସମୟରେ ହୋଇଥିବା ଅସତ୍ୟ ଭିଡିଓକୁ ସବୁବେଳେ କଦାପି ଠଉରାଇ ହୋଇ ନ ପାରେ। ଅତୀତରେ ଏହାର ଅନେକ ଦୃଷ୍ଟାନ୍ତ ଦେଖାଦେଇଛି। ମ୍ୟାନ୍‌ମାର ଘଟଣାର ଭିଡିଓକୁ ମଣିପୁରରେ ହୋଇଥିବାର ପ୍ରଦର୍ଶନ କରାଯାଇ ଅରାଜକତା ସୃଷ୍ଟି କରାଯାଇଥିଲା। ସେହିପରି କେତେକ ଜଣାଶୁଣା ଚଳଚ୍ଚିତ୍ର ଅଭିନେତ୍ରୀ ଅଭିନେତାଙ୍କ ଚେହେରା ଭିନ୍ନ ଦିଗରେ ବ୍ୟବହାର କରାଯିବା ପରେ ଧରାପଡ଼ିଯିବା ବିଷୟ ଲୋକଲୋଚନକୁ ଆସିଛି। ୟଲ୍‌ଦା ହାକିମ୍‌ଙ୍କ କଥା ଦେଖିଲେ ସେ ଯେଉଁ ଧାରାରେ ସାକ୍ଷାତ୍‌କାର କରିଥିଲେ, ଡିପ୍‌ଫେକ୍ ବ୍ୟବହାର କରାଯାଇ ତାହାକୁ ଭିନ୍ନ ଦିଗକୁ ନିଆଯାଇଥିଲା। ଫଳରେ ଅବାସ୍ତବ ଇଣ୍ଟରଭ୍ୟୁ ଶିରୋନାମା ପାଲଟିଗଲା। ତେଣୁ କୁହାଯାଇପାରେ ଯେ, ଏଆଇ-ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନା ନିଶ୍ଚିତ ଭାବେ ସାମ୍ବାଦିକତା ବୃତ୍ତି ଏବଂ ଦର୍ଶକ, ଶ୍ରୋତା ହୁଅନ୍ତୁ ବା ପାଠିକାପାଠକଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କଲାଣି। ତେଣୁ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତି ୟଲ୍‌ଦା ହାକିମ୍‌ଙ୍କ ସାକ୍ଷାତ୍‌କାରକୁ ଏକ ଦୃଷ୍ଟାନ୍ତ ଭାବେ ଦେଖିବା ଦରକାର।

କୁହାଯାଇପାରେ ଯେ, ଏଆଇ-ଜେନେରେଟେଡ୍ ବିଭ୍ରାନ୍ତିକର ସୂଚନା ନିଶ୍ଚିତ ଭାବେ ସାମ୍ବାଦିକତା ବୃତ୍ତି ଏବଂ ଦର୍ଶକ, ଶ୍ରୋତା ହୁଅନ୍ତୁ ବା ପାଠିକାପାଠକଙ୍କ ଉପରେ ପ୍ରଭାବ ପକାଇବା ଆରମ୍ଭ କଲାଣି। ତେଣୁ ଗଣମାଧ୍ୟମ ସହ ଜଡ଼ିତ ବ୍ୟକ୍ତି ୟଲ୍‌ଦା ହାକିମ୍‌ଙ୍କ ସାକ୍ଷାତ୍‌କାରକୁ ଏକ ଦୃଷ୍ଟାନ୍ତ ଭାବେ ଦେଖିବା ଦରକାର।

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | | | | | 4 |
| | | 7 | | | 2 | | | |
| 2 | | | | 1 | | | | |
| | | | | | | 9 | | 6 |
| 6 | | | | 7 | 9 | | 1 | |
| | | 1 | 4 | | | | 3 | 8 |
| 4 | | | 8 | | | | 6 | |
| 7 | | | | | | | 5 | 3 |
| | | | 2 | 4 | | | 8 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 7 | 3 | 2 | 8 | 4 | 5 | 6 | 1 |
| 2 | 8 | 1 | 6 | 5 | 7 | 4 | 9 | 3 |
| 4 | 5 | 6 | 1 | 9 | 3 | 8 | 2 | 7 |
| 8 | 3 | 7 | 4 | 2 | 6 | 9 | 1 | 5 |
| 5 | 2 | 4 | 9 | 7 | 1 | 3 | 8 | 6 |
| 6 | 1 | 9 | 8 | 3 | 5 | 7 | 4 | 2 |
| 1 | 6 | 5 | 7 | 4 | 9 | 2 | 3 | 8 |
| 3 | 9 | 2 | 5 | 1 | 8 | 6 | 7 | 4 |
| 7 | 4 | 8 | 3 | 6 | 2 | 1 | 5 | 9 |

ଗତକାଲିର ଉତ୍ତର

# ବଫର ରାଜ୍ୟରେ ବିଦ୍ରୋହ ଧ୍ୱନି



ଡ. ସାରଦା ପ୍ରସାଦ କର

ନେପାଳର ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ଦ୍ୱାରା ଉନ୍ମୋଚିତ 'ନେପାଳ ପ୍ରଥମ, ନେପାଳୀ ପ୍ରଥମ' ବୈଦେଶିକ ନୀତି ଏବେ ଦେଶରେ ଏକ ବଡ଼ ଧରଣର କୂଟନୈତିକ ବିବାଦ ସୃଷ୍ଟି କରିଛି। ଏହି ନୀତିରେ ନେପାଳକୁ ଭାରତ ଓ ଚାଇନା ମଧ୍ୟରେ ଏକ 'ବଫର ଷ୍ଟେଟ' ବା ଏକ ମଧ୍ୟବର୍ତ୍ତୀ ଅସ୍ଥିର କ୍ଷେତ୍ର ଭାବରେ ବର୍ଣ୍ଣନା କରାଯାଇଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏହି ନୂତନ ଜାତୀୟ ପ୍ରତିବଦ୍ଧତା ଢାଞ୍ଚାରେ ନେପାଳ କୌଣସି ସାମରିକ ବ୍ଲକରେ ଯୋଗ ନ ଦେଇ ଉଭୟ ଶକ୍ତିଶାଳୀ ପଡ଼ୋଶୀଙ୍କଠାରୁ 'ସମଦୂରତା' ବଜାୟ ରଖିବାକୁ ଲକ୍ଷ୍ୟ ରଖିଛି। ବାସ୍ତବିକ ସାମରିକ ମେଣ୍ଟରେ ଯୋଗଦେବା ନ ଦେବା ନେପାଳର ଇଚ୍ଛାଧୀନ ପ୍ରସଙ୍ଗ। ଆଙ୍ଗ୍ଲୋ-ନେପାଳ ଯୁଦ୍ଧର ପରିଣାମ ଓ ଭୌଗୋଳିକ ଅବସ୍ଥାନ ଦୃଷ୍ଟିରୁ ସୁରକ୍ଷିତ ଥିବା ହିନ୍ଦୁବହୁଳ ରାଜ୍ୟଟି ସାମରିକ ସହଯୋଗୀ ବନେଇବା ଦ୍ୱାରା ଅଧିକ ଖର୍ଚ୍ଚର ଆବଶ୍ୟକତା ସହ ଦେଶ ଉପରେ ଚାପ ବଢ଼ିବ। ସ୍ୱାସ୍ଥ୍ୟ, ଶିକ୍ଷା, ନିଯୁକ୍ତି, କୃଷି ଅଭିବୃଦ୍ଧି, ଶିଳ୍ପ ପ୍ରଗତି ଆଉ ସାମାଜିକ ସୁରକ୍ଷା ଉପରେ ଧ୍ୟାନକେନ୍ଦ୍ରିତ କଲେ 'ନେପାଳ ପ୍ରଥମ, ନେପାଳୀ ପ୍ରଥମ' କଥାଟି ନିଜ ଅଧିବାସୀଙ୍କ ପାଖରେ ଗ୍ରହଣୀୟ ହେବ। ଭାରତ ଓ ଚାଇନା ଭୂଖଣ୍ଡରେ ବୁଲିବୁଲି ରୁଦ୍ରାକ୍ଷ, ଶୀଳାଜିତ, ଉଷ୍ମ ପୋଷାକ ବିକୁଥିବା ନେପାଳୀ ଯୁବକର ପେଟକଥା ଯଦି ଦେଶରେ ସମାହିତ ହୋଇପାରୁଛି ତେବେ ବାଲେନ ଶାହ ଦେଶକୁ ଦେଇଥିବା ପ୍ରତିଶ୍ରୁତିର ଭଗୀରଥ ସାଜିବେ।

ନେପାଳ ସରକାର ଭାରତରୁ ଯାଉଥିବା ୧୦୦ ଟଙ୍କାରୁ ଅଧିକ ମୂଲ୍ୟର ସାମଗ୍ରୀ ଉପରେ ଅନିବାର୍ଯ୍ୟ ଶୁଳ୍କ ଲାଗୁ କରିଛନ୍ତି। ସୀମାବର୍ତ୍ତୀ ଅଞ୍ଚଳର ଲୋକଙ୍କ କହିବା କଥା ହେଉଛି ଏହା ଫଳରେ ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରଭାବିତ ହେଉଛି। କାରଣ ସେମାନେ ଦୀର୍ଘବର୍ଷ ଧରି ସୀମା ସେପଟୁ ସାମଗ୍ରୀ କିଣାବିକା ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଛନ୍ତି। ଏହା ଭିତରେ ବାଲେନ ସରକାରଙ୍କ ବିରୋଧରେ କଷ୍ଟମ ନୀତି ସଂଶୋଧନ କରିବାକୁ ପ୍ରତିବାଦ ହୋଇଛି। ଦ୍ୱିତୀୟ ବିବାଦ ରହିଛି ଛାତ୍ର ସଂଗଠନକୁ ନେଇ। ଛାତ୍ରନେତାଙ୍କ କହିବା କଥା ସରକାର ଆଲୋଚନା କରିବା ବଦଳରେ ଏକତରଫା ନିଷ୍ପତ୍ତି ନେଉଛନ୍ତି। ଯାହାକୁ ନେଇ ଅନେକ ହଜାର ଛାତ୍ର ରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି। ସେପଟେ ଗୃହମନ୍ତ୍ରୀ ସୁଦନ ଗୁରଙ୍ଗଙ୍କ ନାମରେ ଆୟଠାରୁ ଅଧିକ ସମ୍ପତ୍ତି ରହିବା ଦାବିରେ ମନ୍ତ୍ରୀ ଇସ୍ତଫା ଦେଇଛନ୍ତି।

ଚାଇନା ସହ ବାଣିଜ୍ୟିକ ଅଭାବୀ ପ୍ରାୟ ୧୫ ପ୍ରତିଶତ, ୩୪୦ ବିଲିଅନ ଡଲାରର ଅଭାବୀ ବାଣିଜ୍ୟରୁ ଉଠିବାକୁ ହେଲେ ନେପାଳକୁ ନିଜର ବୈଦ୍ୟୁତିକ ଯନ୍ତ୍ରାଂଶ ଓ କଳକବ୍‌ଜା ଉତ୍ପାଦ



ବଢାଇବାକୁ ପଡିବ। ନଚେତ୍ ଚାଇନାକୁ ଆବଶ୍ୟକ କଞ୍ଚାମାଲ ଦେବାକୁ ପଡିବ। ସେପର୍ଯ୍ୟନ୍ତ ବାଲେନ ଶାହଙ୍କୁ ପରିଶ୍ରମ କରିବାକୁ ହେବ। ଭାରତ ସହ ନେପାଳର ସାଂସ୍କୃତିକ ପର୍ଯ୍ୟଟନ ସହଯୋଗ ରହିଛି। ହିନ୍ଦୁ ବହୁଳ ରାଷ୍ଟ୍ର ଭାବରେ ଭାରତୀୟ ପର୍ଯ୍ୟଟକଙ୍କ ପ୍ରଥମ ଆକର୍ଷଣ ନେପାଳ। ୨୦୨୫ରେ ପାଖାପାଖି ୧୫ ଲକ୍ଷ ଭାରତୀୟ ପର୍ଯ୍ୟଟକଙ୍କ ଅବଦାନ ସମୁଦାୟ ପର୍ଯ୍ୟଟକଙ୍କ ୩୫.୨ ପ୍ରତିଶତ, ଯାହା ୬ ପ୍ରତିଶତ ଜିଡିପିକୁ ଯୋଗଦାନ। ଭାରତ କେବେ ନେପାଳକୁ 'ବଫର ଷ୍ଟେଟ' ଭାବେ ନାହିଁ। ପେଟ୍ରୋଲିୟମ ଉତ୍ପାଦ, ବାସମତି ଚାଉଳ, ଷ୍ଟିଲ୍, ଖାଇବା ତେଲ ଆଦି ପାଇଁ ନେପାଳର ପ୍ରଥମ ପସନ୍ଦ ଭାରତ। ଭାରତୀୟ ବାଣିଜ୍ୟ ବିନିମୟରେ ନେପାଳୀ ଯୋଗଦାନ ୫:୧ ଭାଗ। ନେପାଳ- ଭାରତ ବାଣିଜ୍ୟିକ ଅସମାନତା ଆଳ 'ଆମେରିକା ଫାଷ୍ଟ' ଭଳି କଥା ନୁହେଁ। ଭାରତୀୟ ମାନବ ସମ୍ବଳ ନେପାଳ ପରି ଅଣବିକଶିତ ଦେଶ ଉପରେ ନିର୍ଭରଶୀଳ ନୁହେଁ।

ନେପାଳର ପୂର୍ବତନ ବୈଦେଶିକ ମନ୍ତ୍ରୀ ଓ ବିଶେଷଜ୍ଞମାନେ ବାଲେନଙ୍କ ଉକ୍ତିକୁ ଉପନିବେଶବାଦୀ ମାନସିକତା ଏବଂ ନେପାଳର ସାର୍ବଭୌମତ୍ୱକୁ ଦୁର୍ବଳ କରିବା ଭଳି ଏକ ପଦକ୍ଷେପ କହି ସମାଲୋଚନା କରିଛନ୍ତି। ବିଶେଷକରି ରାଜା ବୀରେନ୍ଦ୍ରଙ୍କ ଭଳି ପୂର୍ବତନ ଶାସକମାନେ ନେପାଳକୁ ଏକ 'ସେତୁ' ଭାବରେ ଚିତ୍ରଣ କରିବାକୁ ଚାହୁଁଥିବା ବେଳେ ବାଲେନ ଶାହଙ୍କ ଏହି 'ବଫର ରାଜ୍ୟ' ଶବ୍ଦ ପ୍ରୟୋଗ ନେପାଳର ଅନ୍ତର୍ଜାତୀୟ ମର୍ଯ୍ୟାଦା ହ୍ରାସ କରୁଥିବା ଅଭିଯୋଗ ହୋଇଛି। ଭାରତ-ନେପାଳ ଦ୍ୱିପାକ୍ଷିକ ଚୁକ୍ତି 'ଟ୍ରିଟି ଅଫ୍ ପିସ୍ ଆଣ୍ଡ ଫ୍ରେଣ୍ଡଶିପ୍-୧୯୫୦' କୁ 'ରୋଟି ବେଟି କି ରିସ୍ତା' କୁହାଯିବାର କାରଣ ଥିଲା ଶାନ୍ତି-ମୈତ୍ରୀ ସ୍ଥାପନା ସହ ବ୍ୟକ୍ତି ସ୍ତରରେ ବୌଦ୍ଧ ଓ ହିନ୍ଦୁ ସାଂସ୍କୃତିକ ମିଳନସ୍ଥଳୀ ତିଆରି କରିବା। ପ୍ରଧାନମନ୍ତ୍ରୀ କୃଷ୍ଣ ପ୍ରସାଦ ଓଲି ଯେଉଁଥିରେ ବିଷମଞ୍ଜି ବୁଣିବା ଆରମ୍ଭ କରିଥିଲେ, ଦେଶର ଅର୍ଥନୀତିକୁ ବିଗାଡି ଏବେ ଜେଲରେ। ନେପାଳକୁ ପ୍ରତିରକ୍ଷା ସରଞ୍ଜାମ, ସାଞ୍ଜୁଆ ଯାନ ଓ ଯୁଦ୍ଧ କୌଶଳ 'ସୂର୍ଯ୍ୟ କିରନ-୨୦୨୫' ଆଦି ସହଯୋଗରୁ ଭାରତ ସମ୍ପର୍କ ବୃଦ୍ଧି କରିବା ଚେଷ୍ଟା କରିଆସିଛି। ପ୍ରତିବଦଳରେ ନେପାଳ ଚାଇନା ସମ୍ପର୍କ ଆଡକୁ ଅଧିକ କେନ୍ଦ୍ରୀଭୂତ ହୋଇଛି।

ଗୋଟିଏ ପଟରେ ଚାଇନା ଋଣ ଜାଲରୁ ବାହାରିବା ନେପାଳ ପାଇଁ କଷ୍ଟସାଧ୍ୟ । ସରକାରୀ ବିମାନ ଚଳାଚଳ ସଂସ୍ଥା ଋଣ ଭାରରେ ଉବୁଟୁବୁ। ତାକୁ ଶୁଝିବାର ବାଟ କରିବା ପରିବର୍ତ୍ତେ ନେପାଳ 'ବଫର ରାଜ୍ୟ' କହି ନିଜକୁ ନିଜେ ଅସମ୍ମାନ କରିବାର କିଛି କାରଣ ନାହିଁ। ନେପାଳର ପୂର୍ବତନ ବୈଦେଶିକ ମନ୍ତ୍ରୀ ପ୍ରଦୀପ ଗ୍ୟାୱାଲିଙ୍କ କହିବା କଥା, ନେପାଳ ନିଜକୁ କେବେ ବି ଏକ ମଧ୍ୟବର୍ତ୍ତୀ ଅସ୍ଥିର କ୍ଷେତ୍ର ବା ବଫର ରାଜ୍ୟ ଭାବେ ଗ୍ରହଣ କରିନାହିଁ କିମ୍ବା ଭାବିବା ଉଚିତ ନୁହେଁ। କାଲାପାନୀ-ଲିମ୍ପିଆଧୁରା-ଲିପୁଲେଖ ସଂଯୋଗିତ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଭାରତର ବାଣିଜ୍ୟିକ ଗତିବିଧିକୁ ନେପାଳ ବିରୋଧ କରେ। ବିରୋଧାଭାଷ ବଢ଼ିବାରୁ ଭାରତର ଜଳବିଦ୍ୟୁତ୍ ଯୋଜନା ପ୍ରସ୍ତାବ ଆଗକୁ ବଢିପାରୁନି। ଚାଇନାର ପ୍ରସ୍ତାବ ଭାରତ-ଚାଇନା-ନେପାଳ ତ୍ରିପାକ୍ଷିକ ସହଯୋଗ ଚୁକ୍ତି କାଗଜରେ ସୀମିତ, ନେପାଳର ସନ୍ଦେହ ଯୋଗୁ ଆଗକୁ ବଢିପାରୁନି। ଚାଇନା-ନେପାଳ ଅର୍ଥନୈତିକ କରିଡର ଟିକେ ଅଧିକ କ୍ରିୟାଶୀଳ ହୋଇଛି। ବାଣିଜ୍ୟିକ ଅଭିବୃଦ୍ଧି ଚାଇନାକୁ ଲାଭ ହୋଇଛି।

ବଫର ରାଜ୍ୟ ତାକୁ କୁହାଯାଏ, ଯିଏ ଭୌଗୋଳିକ ଭାବରେ ଦୁଇ ସମୃଦ୍ଧ ରାଜ୍ୟର ମଧ୍ୟଭାଗରେ ଥାଏ। ଯେମିତି ପୋଲାଣ୍ଡ ଦେଶଟି ରୁଷିଆ ଆଉ ଫ୍ରାନ୍ସ ମଧ୍ୟରେ। ଗୋଟିଏ ଦେଶ ଆଉ ଗୋଟିଏ ଦେଶ ଉପରେ ଆକ୍ରମଣ କଲେ ପ୍ରଥମେ ମଝି ଦେଶଟିକୁ ଅକ୍ତିଆର କରିବ। ହେଲେ ନେପାଳର ପର୍ବତଘେରା ଅଞ୍ଚଳ ଭାରତ କିମ୍ବା ଚାଇନା କାହା ପାଇଁ ଏତେ ସହଜ ନୁହେଁ ଅନୁପ୍ରବେଶ କରିବା। ସେ ଦୃଷ୍ଟିରୁ ନେପାଳ ନିଜକୁ ବଫର ଷ୍ଟେଟ କହିବା ନିଜ ଲୋକଙ୍କ ପାଖରେ ଶୃଙ୍ଖଳା ଦେଶଭକ୍ତି ବାଣ୍ଟିବା। ନେପାଳ, ନେପାଳୀ ପ୍ରଥମ କଥାଟି ବାଲେନଙ୍କ ଟ୍ରମ୍ପ ମସ୍ତିଷ୍କ କଥା। 'ଆମେରିକା ଫାଷ୍ଟ' ନାରା ଦେଇ ୨୦୨୪ରେ ଦ୍ୱିତୀୟ ପାଳି ଆରମ୍ଭ କରିଥିବା ଟ୍ରମ୍ପ୍ ଏବେ ଲୋକଙ୍କ ଆଗରେ ମୁଣ୍ଡ ନୁଆଇଁ ଠିଆ ହେଉଛନ୍ତି। ଅସହିଷ୍ଣୁତାରେ ଦେଶର ପ୍ରଗତି ଦେଖିବା ବୃଥା।

ଜର୍ମାନୀ ଆଉ ରୁଷିଆ ମଝିରେ ପୋଲାଣ୍ଡ, ରୁଷିଆ ଆଉ ଚାଇନା ମଝିରେ ମଙ୍ଗୋଲିଆ, ସିରିଆ ଆଉ ଇସ୍ରାଏଲ ମଝିରେ ଲେବାନନ ପୁଣି ଏକଦା ବ୍ରିଟିଶ ସାମ୍ରାଜ୍ୟ ଆଉ ରୁଷିଆ ମଝିରେ ଆଫଗାନିସ୍ତାନକୁ ବଫର ରାଜ୍ୟ କୁହାଯାଏ। ପ୍ରତିଦ୍ୱନ୍ଦ୍ୱୀ ଦେଶ ମଝିରେ ଶାନ୍ତିଦୂତ ଭଳି ଆଉ ଗୋଟିଏ ଦେଶ ଛିଡା ହୋଇଥାଏ। କିନ୍ତୁ ଚାଇନା ଆଉ ଭାରତ ଭିତରେ ନେପାଳ ଶାନ୍ତିଦୂତ ହେବା ସମ୍ଭବ ନୁହେଁ। ପର୍ବତମାଳା ମଧ୍ୟରେ ନିଜେ ସୁରକ୍ଷିତ, ଈଶ୍ୱରଙ୍କ କୃପା। ଏକଥା ନେପାଳର ଆଧୁନିକ ନିର୍ମାତା ଜାଣିବା ଉଚିତ। ବେଜିଂ ପୂର୍ବରୁ ତ୍ରିପାକ୍ଷିକ ସହଯୋଗର ପ୍ରସ୍ତାବ ଦେଇଥିଲେ ମଧ୍ୟ ଭାରତ ଏଥିରେ ବିଶେଷ ଆଗ୍ରହ ଦେଖାଇ ନ ଥିଲା। ଏଭଳି ସ୍ଥିତିରେ ବାଲେନ ସରକାରଙ୍କ ଏହି ନୂତନ କୂଟନୈତିକ ଆଭିମୁଖ୍ୟ ପଡ଼ୋଶୀ ରାଷ୍ଟ୍ରଙ୍କ ସହ ଥିବା ସମ୍ପର୍କକୁ ଆଗାମୀ ଦିନରେ ଆହୁରି ଜଟିଳ କରିପାରେ ବୋଲି ଆଶଙ୍କା କରାଯାଉଛି।

ମୋ : ୮୨୪୯୮୨୭୧୪୮

# ଓଡ଼ିଶାର ପ୍ରଥମ ରାଜନୈତିକ ପୁରୁଷ ମଧୁବାବୁ



ସୀତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳଗୌରବ ମଧୁସୂଦନ ଦାସ ହେଉଛନ୍ତି ଓଡ଼ିଶାର ସର୍ବପ୍ରଥମ ଓଡ଼ିଆ ରାଜନୈତିକ ପୁରୁଷ। ତାଙ୍କଠାରୁ ପ୍ରଥମେ ଓଡ଼ିଆଙ୍କୁ ମିଳିଥିଲା ରାଜନୀତି କ୍ଷେତ୍ରରେ ପ୍ରବେଶ କରିବାରେ ମୁକ୍ତ ଅଧିକାର। ମଧୁବାବୁ ୧୯୦୩ରେ ଜାତୀୟ କଂଗ୍ରେସରୁ ଅଲଗା ହୋଇ 'ଉତ୍କଳ ସମ୍ମିଳନୀ' ଗଠନକରି ଏକ ନୂତନ ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ଚେଷ୍ଟା କରିଥିଲେ। ସେତେବେଳେ ଉତ୍କଳର ସ୍ୱତନ୍ତ୍ର ସ୍ଥିତି ନ ଥିଲା। ଏହା ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହ ମିଶିକରି ରହିଥିଲା। ତେଣୁ ଏସବୁ ଅଞ୍ଚଳକୁ ମିଶାଇ ଏକ ଶାସନାଧୀନ କରିବା ପାଇଁ ଉତ୍କଳରେ ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା 'ଓଡ଼ିଆ ଆନ୍ଦୋଳନ'ନାମରେ ପରିଚିତ। ଓଡ଼ିଆ ଜାତିର ସାମଗ୍ରିକ ବିକାଶ ଏହି ଆନ୍ଦୋଳନ ସହ ସଂଶ୍ଳିଷ୍ଟ ଥିଲା। ମଧୁବାବୁଙ୍କ ପ୍ରଚେଷ୍ଟା ଫଳରେ ୧୯୦୩ରେ ସମ୍ବଲପୁରର ଉତ୍କଳ ସହ ମିଶ୍ରଣ ହୋଇଥିଲା। ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଉତ୍କଳର ମାନ ଫେରାଇ ଆଣିବା ପାଇଁ ସେ ଆନ୍ଦୋଳନ ଚଳାଇ ଆସିଥିଲେ। ସେ ସାଇମନ କମିଶନ, ଓଡନେଲ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ଏହିପରି ଭାବରେ ଓଡ଼ିଆ ଆନ୍ଦୋଳନକୁ ସେ ଉଜ୍ଜୀବିତ କରି ରଖୁଥିଲେ। ବଙ୍ଗାଳିଙ୍କର ଖଣ୍ଡ ବିଖଣ୍ଡିତ ଓଡ଼ିଆ ଭାଷାଭାଷୀ ଅଞ୍ଚଳରୁ ଓଡ଼ିଆ ଭାଷା ଲୋପକରିବାର ଉଦ୍ୟମକୁ ପଣ୍ଡକରିବା ପାଇଁ 'ଉତ୍କଳ ଦୀପିକା' ପ୍ରକାଶ ପାଇବା ପରେ ଇଂରେଜ ସରକାରଙ୍କ ହୀନ ଉଦ୍ୟମ ପଣ୍ଡ ହୋଇଥିଲା। ୧୯୨୭ରେ ସାଇମନ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ। ଓଡନେଲ କମିଟି ସୁପାରିସ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଲା। ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ହାସଲକଲା। କିନ୍ତୁ ଏହା ପୂର୍ବରୁ ମଧୁବାବୁ ମୃତ୍ୟୁବରଣ କରିଥିଲେ।

ମଧୁସୂଦନ ଜଣେ ରାଜନୀତିଜ୍ଞ, ଓକିଲ, ବାଗ୍ମୀ ଓ ସଂଗଠକ ଥିଲେ। ମଧୁବାବୁଙ୍କ ସମ୍ପାଦନରେ 'ଓଡ଼ିଆ' ନାମକ ଏକ ଇଂରାଜୀ ସାପ୍ତାହିକ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା। ଏହା ଥିଲା ସେତେବେଳେ ଓଡ଼ିଶାର ଜନଜୀବନ, ସାମାଜିକ ଓ ରାଜନୈତିକ ଇତିହାସର ମୁଖପାତ୍ର। ବିଶେଷତଃ ସ୍ତ୍ରୀଲୋକଙ୍କୁ କୋର୍ଟ କଚେରିରେ ସାହାଯ୍ୟ କରିବା ନିମନ୍ତେ ଶୈଳବାଳାଙ୍କ ସାନଭଉଣୀ ସୁଧାଂଶୁବାଳାଙ୍କୁ ମଧୁବାବୁ 'ଲ' ପଢ଼ାଇଥିଲେ ଓକିଲ କରିବାକୁ। କିନ୍ତୁ 'Legal Practioner's Act' ରେ ମହିଳାମାନେ ଓକିଲ ହେବାର ଆଇନ ନ ଥିବାରୁ ସୁଧାଂଶୁବାଳାଙ୍କୁ ଓକିଲ ଲାଇସେନ୍ସ ପାଇଁ ଦରଖାସ୍ତକୁ ନାକଚ କରିଦିଆଗଲା। ମଧୁବାବୁ ସେଥିପାଇଁ ମକଦ୍ଦମା କରି ପ୍ରିଭି କାଉନସିଲ୍ ପର୍ଯ୍ୟନ୍ତ



ମକଦ୍ଦମା ଲଢ଼ିଥିଲେ। ଡିଗ୍ରୀ ହାସଲକରି 'ଭାରତରେ ମହିଳାମାନେ ଓକିଲ ହୋଇପାରିବେ'ବୋଲି ଭାରତ ସରକାରଙ୍କ ଦ୍ୱାରା ଆଇନ ପ୍ରଣୟନ କରାଇଥିଲେ।

ମଧୁବାବୁ ଜଣେ ବିଚକ୍ଷଣ ଆଇନ ବିଶାରଦ ଥିଲେ। ସେ ମନ୍ତ୍ରୀ ଥିଲାବେଳେ 'Local Self Government Act' (ମ୍ୟୁନିସିପାଲିଟି ଆକ୍ଟ) ପ୍ରଣୟନ କରିଥିଲେ। ସେହି ଆକ୍ଟ ଏଯାବତ ବଳବତ୍ତର ରହିଛି, ଯାହା ପ୍ରମାଣ କରେ ସେ ଜଣେ ଉଚ୍ଚକୋଟୀର ରାଷ୍ଟ୍ର ନେତା ଥିଲେ। ସେ ହେଉଛନ୍ତି ସ୍ୱଦେଶୀ ଶିଳ୍ପ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ। ସେ ଉପଲବ୍ଧି କରିଥିଲେ, ଶିଳ୍ପ ବିକାଶ ବିନା କୃଷି ଉପରେ କେବଳ ନିର୍ଭରକରି ଦେଶର ଅର୍ଥନୈତିକ ଅଭିବୃଦ୍ଧି ସମ୍ଭବପର ନୁହେଁ। ତେଣୁ ସେ ତାରକସି ଶିଳ୍ପର ବିକାଶ ପ୍ରତି ଦୃଷ୍ଟି ଦେଇଥିଲେ। ମଧୁବାବୁ ଓଡ଼ିଶାର ଚମଡ଼ା କାରିଗରଙ୍କ ଉନ୍ନତି ପାଇଁ କଟକରେ 'ଉତ୍କଳ ଟ୍ୟାନେରି' ଚମଡ଼ା କାରଖାନା ଗଢ଼ିଥିଲେ। ସେଠାରେ ଯେଉଁ ଜୋତା ତିଆରି ହେଉଥିଲା ତାହାର ଉଚ୍ଚମାନ ଯେପରି ରକ୍ଷା କରାଯାଏ ସେଥିପ୍ରତି ସେ ସଚେତନ ଥିଲେ। ସେ ମନେକରୁଥିଲେ, ଯଦି ଓଡ଼ିଶା ନିର୍ମିତ ଜୋତା ତା'ର ଉଚ୍ଚମାନ ରକ୍ଷାକରି ନ ପାରେ ତା'ହେଲେ ତାହା ଓଡ଼ିଆ ଜାତି ପ୍ରତି ଲଜ୍ଜାକର ହେବ।

୧୯୨୪ରୁ ମଧୁବାବୁଙ୍କ ସ୍ୱଦେଶୀ ଶିଳ୍ପ ଆନ୍ଦୋଳନ ହରିଜନ ସଂସ୍ଥାପନ ଗ୍ରାମ୍ୟ ଉନ୍ନୟନର ପରିକଳ୍ପନା, ମୌଳିକ ଶିକ୍ଷାର ପ୍ରବର୍ତ୍ତନ ପାଇଁ ଜନଜାଗରଣ ଅନେକାଂଶରେ ମହାତ୍ମାଗାନ୍ଧୀଙ୍କ ଚିନ୍ତାଧାରାକୁ ଆଲୋଡ଼ିତ କରିଥିଲା। ହରିଜନଙ୍କ ପ୍ରତି ମଧୁବାବୁ ଯେଉଁ ଚିନ୍ତାଧାରା ପୋଷଣ କରିଥିଲେ, ତାହା ଦେଖି ମହାତ୍ମାଗାନ୍ଧୀ କହୁଥିଲେ, ସମାଜର ଏକ ଅଂଶ ପ୍ରତି ଆମେ ଯେଉଁ ଅପରାଧ କରିଚାଲିଛେ, ମଧୁସୂଦନ ଦାସ ସେସମ୍ପର୍କରେ ମୋ ଆଖି ଖୋଲିଦେଇଥିଲେ।

ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଅବଦାନ ହେଲା ବ୍ରିଟିଶ ସରକାରଙ୍କ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନର ବ୍ୟବସ୍ଥା ଗ୍ରହଣ। ମଧୁବାବୁଙ୍କ ଜୀବନ ଇତିହାସରୁ ଜଣାପଡ଼େ, ଜଣେ ଆଇନଜୀବୀର ଭୂମିକା କେବଳ କୋର୍ଟ କଚେରି ପରିସରରେ ସୀମାବଦ୍ଧ ନୁହେଁ, ବରଂ ଜଣେ ଆଇନଜୀବୀଙ୍କ କର୍ତ୍ତବ୍ୟ ଓ ଉତ୍ତରଦାୟିତ୍ୱ ସମାଜ ତଥା ଦେଶର ଉନ୍ନତି ଓ ଅଗ୍ରଗତି ପାଇଁ ପରିବ୍ୟାପ୍ତ। ମଧୁବାବୁ ଏକାଧାରରେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ, ପ୍ରଥମ ଓଡ଼ିଆ ଏମ୍.ଏ.। ସେ ଥିଲେ ପ୍ରଥମ ବିଲାତଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବିକରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଛୋଟଲାଟ୍ ଏବଂ ବଡ଼ଲାଟ୍ ସଭାରେ ମଧୁବାବୁ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ଜଣେ ଆଇନଜୀବୀ, ଆଇନଜ୍ଞ ତଥା ଦେଶବତ୍ସଳ ନେତା ରୂପେ ମଧୁସୂଦନ ଦାସଙ୍କର ଭୂମିକା ପ୍ରେରଣାଦାୟକ। ତେବେ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ର ମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ପ୍ରତ୍ୟେକ ଓଡ଼ିଆ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ରାଷ୍ଟ୍ର ଦିବସ ରୂପେ ପାଳନକଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ।

**ଆଇନଜୀବୀ ତଥା**
**ଅଧ୍ୟକ୍ଷ, ରାଜ୍ୟ ଆଇନଜୀବୀ, ପରିଷଦ**
**ମୋ:୯୯୩୭୦୮୦୦୦୧**

## ଏଇ ଭାରତରେ

ପିଲାମାନେ ଦେଶର ଭବିଷ୍ୟତ, ସେମାନଙ୍କ ଶିକ୍ଷା ଉପରେ ଦେଶର ବିକାଶ ସମ୍ଭବ । ଏହି ଗୁରୁତ୍ୱପୂର୍ଣ୍ଣ ଦିଗକୁ ଭଲ ଭାବେ ହୃଦୟଙ୍ଗମ କରିଛନ୍ତି ଆସାମର ଉତ୍ତମ ଟେରୋନ। ତାଙ୍କର ବୟସ ଏବେ ୪୭। ସେ ପାରିଜାତ ଏକାଡେମୀ ପ୍ରତିଷ୍ଠା କରି ୨୦ ଗାଁର ପିଲାଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ଉତ୍ତମ ବିଏସ୍‌ସି ପାସ୍ କରିଛନ୍ତି। ତାଙ୍କୁ ୨୧ ବର୍ଷ ବୟସ ହୋଇଥିବାବେଳେ ସେ ଲକ୍ଷ୍ୟ କରିଥିଲେ ତାଙ୍କ ଗାଁ ଓ ଆଖପାଖ ଗାଁର ପିଲାମାନେ ସ୍କୁଲକୁ ନ ଯାଇ ବାହାରେ ବୁଲୁଛନ୍ତି ଏବଂ ସେହି ପିଲାଙ୍କୁ ନିଜେ ପଢ଼ାଇବା ଲାଗି ସେତେବେଳେ ନିଷ୍ପତ୍ତି ନେଇଥିଲେ। ଉତ୍ତମ ପ୍ରଥମେ ତାଙ୍କ ଗୁହାଳକୁ ସ୍କୁଲରେ ପରିଣତ କରି ମାଗଣାରେ ପଢ଼ାଇବା ଆରମ୍ଭ କରିଥିଲେ। ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବୃଦ୍ଧି ପାଇବା ପରେ ସେ ୨୦୦୩ରେ ପାରିଜାତ ଏକାଡେମୀ ପ୍ରତିଷ୍ଠା କରିଥିଲେ, ଯାହା ଏଯାବତ ସଫଳତାର ସହ ଚାଲିଛି। ଏଥିପାଇଁ ଉତ୍ତମ ପ୍ରଥମେ ୮୦୦ ଟଙ୍କା ଖର୍ଚ୍ଚ କରିଥିଲେ। ଏହି ଏକାଡେମୀ ଆସାମ ଷ୍ଟେଟ୍ ବୋର୍ଡ ଦ୍ୱାରା ପଞ୍ଜୀକୃତ ହୋଇଛି। ଏବେ ଏହି ଏକାଡେମୀରେ ୨୦ ଜଣ ପ୍ରଶିକ୍ଷଣପ୍ରାପ୍ତ ଶିକ୍ଷକ ଅଛନ୍ତି ଏବଂ ୪୦୦ ପିଲା ନର୍ସରିଠାରୁ ଦଶମ ଯାଏ ପଢୁଛନ୍ତି। ପିଲାଙ୍କୁ ଆସାମିଜ୍, ହିନ୍ଦୀ, ଇଂଲିଶ, ସାମାଜିକ ବିଜ୍ଞାନ ଏବଂ ଗଣିତ ପଢ଼ାଯାଉଛି। ସେମାନଙ୍କୁ କମ୍ପ୍ୟୁଟର ଲର୍ନିଂ, ହସ୍ତତନ୍ତ, ଖେଳ ଏବଂ ନୃତ୍ୟ ଶିକ୍ଷା ଦିଆଯାଉଛି। ଯେଉଁପିଲା ଦୁର୍ଗମ ଅଞ୍ଚଳରୁ ଆସିଛନ୍ତି ସେମାନଙ୍କ ପାଇଁ ହଷ୍ଟେଲରେ ରହିବାର ବ୍ୟବସ୍ଥା କରାଯାଉଛି। ବ୍ୟକ୍ତିବିଶେଷ ଓ ବିଭିନ୍ନ ସଂସ୍ଥାରୁ ଦାନ ସୂତ୍ରରେ ମିଳୁଥିବା ଅର୍ଥରେ ଉତ୍ତମ ଏହି ସ୍କୁଲ ଚଳାଇଛନ୍ତି।

## ଚିରନ୍ତନୀ

ଧୀରେ ଧରା ଲଭଇ ଚେତନା
ବହେ କାହୁଁ ମନ୍ଦ ମଳୟ
ଜୀବନର ଗଉରବ ଗୀତ
ହରିଥିଲା କାଲି ଜଡ଼ ଶୀତ
ଆଜି ଆଣେ ପରାଣେ ପ୍ରଳୟ
ପଉଷର ମନ୍ଦ ମଳୟ !
–(ପୌଷ–ମଳୟ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଶବ୍ଦ ଜ୍ଞାନ ଉପରେ ଗୁରୁତ୍ୱ ଦିଆଯାଉ

ମହାଶୟ,

ଆଜିକାଲି ମାତୃଭୂମି, ମାତୃଭାଷା ଓ ଓଡ଼ିଆ ଅସ୍ମିତା ନେଇ ବିଭିନ୍ନ ସ୍ତରରେ ଆଲୋଚନା ହେଉଛି। ବିଶେଷକରି ସଭାସମିତି, ରାଜନୈତିକ ଉଦ୍‌ଘାଟନ ଓ ଉନ୍ମୋଚନ ଉତ୍ସବରେ ଏହାର ପ୍ରଚାର ପ୍ରସାର ବେଶି ଚାଲିଛି। ପରିତାପର ବିଷୟ, ଆମ ଓଡ଼ିଆ ମାଧ୍ୟମ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଶବ୍ଦ ଜ୍ଞାନ ଉପରେ ଆଦୌ ଗୁରୁତ୍ୱ ଦିଆଯାଉ ନାହିଁ। ତେଣୁ ବର୍ଣ୍ଣ ଅଶୁଦ୍ଧି ବହୁମାତ୍ରାରେ ଦୃଷ୍ଟିଗୋଚର ହେଉଛି। ପୁନଶ୍ଚ ଆଗଧାଡ଼ିର ସମ୍ବାଦପତ୍ରରେ ଉଦୁଉଦିଆ ସକାଳ, ଗରିମା, ବିଶିଷ୍ଟ ଇତ୍ୟାଦି ଶବ୍ଦ ବ୍ୟବହାର ଦେଖିବାକୁ ମିଳିଥାଏ। ସୁତରାଂ ଏହି ଅବସରରେ ଶିକ୍ଷାବିଭାଗ ଯଦି ଭାଷା ବିଶେଷଜ୍ଞଙ୍କ ଦ୍ୱାରା ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟଗୁଡ଼ିକରେ କର୍ମଶାଳା ଆୟୋଜନ କରନ୍ତା, ତେବେ ଛାତ୍ରୀଛାତ୍ର ଉପକୃତ ହେବା ସହ ଭାଷା ସାହିତ୍ୟର ହିତ ସାଧନ ହୋଇପାରନ୍ତା ।

–ରବୀନ୍ଦ୍ର କୁମାର ମହାପାତ୍ର, କଲ୍ୟାଣ ବିହାର, ସୁନ୍ଦରପଦା, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

## ହାତୀ ଆକ୍ରମଣରେ ଜଣେ ମୃତ

ବନ୍ତଳା,୨୭।୪(ସୁଶିତ ସାହୁ): ଅନୁଗୋଳ ରେଞ୍ଜ ଶରଧାପୁର ପଞ୍ଚାୟତ ଗଡେଇମୁଣ୍ଡା ଗାଁର ଭୁବନ ପ୍ରଧାନ(୫୦)ଙ୍କ ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ସବୁଦିନ ଭଳି ସୋମବାର ସକାଳେ ଭୁବନ ଏବଂ ତାଙ୍କ ସ୍ତ୍ରୀ ଗାଁ ନିକଟରେ ଥିବା ଜଙ୍ଗଲକୁ ଗାଈ ଚରେଇବା ପାଇଁ ଯାଇଥିଲେ। ସେହି ସମୟରେ ଭୁବନଙ୍କ ସ୍ତ୍ରୀଙ୍କୁ ହାତୀ ଗୋଡ଼ାଇଥିଲା। ଭୁବନ ତାଙ୍କୁ ପଳାଇଯିବା ପାଇଁ କହିଥିଲେ। ତାଙ୍କ ସ୍ତ୍ରୀ ଦୌଡ଼ି ପଳାଇଥିବାବେଳେ ଭୁବନ ହାତୀ ମୁହଁରେ ପଡ଼ିଯାଇଥିଲେ। ସେଠାରେ ହାତୀ ଭୁବନଙ୍କୁ ଦଳି ଦେଇଥିଲା।

# ମହିଳା, ଖବରଦାତାଙ୍କୁ ଦୁର୍ବ୍ୟବହାର କଲେ ଜିଲାପାଳ

**ଏରସମା ବ୍ଲକ କାର୍ଯ୍ୟାଳୟରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର**

ଜଗତ୍‌ସିଂହପୁର, ୨୭।୪ (ପ୍ରମୋଦ କୁମାର ନାୟକ)

ସୋମବାର ଏରସମା ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭାବନୀୟ ଘଟଣା ଘଟିଛି। ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଗୁହାରି କରିବାକୁ ସେଠାରେ ପହଞ୍ଚିଥିବା କେତେଜଣ ମହିଳାଙ୍କୁ ଜିଲାପାଳ ଜେ. ସୋନାଲ ଚିତ୍କାର କରି ଦୁର୍ବ୍ୟବହାର କରିଛନ୍ତି। ଏଥିସହ ଏହି ସମୟରେ ଫଟୋ ଉଠାଉଥିବା ଖବରଦାତାଙ୍କୁ ମଧ୍ୟ ଜିଲାପାଳ ଛାଡି ନ ଥିଲେ। ପାଟି କରି ତୁରନ୍ତ ପୋଲିସକୁ କହି ଖବରଦାତାଙ୍କ ମୋବାଇଲରେ ଥିବା ଫଟୋକୁ ଡିଲିଟ୍ କରି ଦେଇଥିବା ସଙ୍ଗିନ ଅଭିଯୋଗ ହୋଇଛି। ଏହି ଖବର ପ୍ରଚାରିତ ହେଲା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

ଏ ସମ୍ପର୍କରେ ଗଡ଼ବିଶୁନପୁର ପଞ୍ଚାୟତ ୧୨ ନମ୍ବର ୱାର୍ଡସଭ୍ୟା ପ୍ରତିମା ଭୌମିକଙ୍କ ସମେତ କେତେଜଣ ମହିଳା ପ୍ରତିକ୍ରିୟାରେ କହିଛନ୍ତି, ପାନୀୟ ଜଳ ସମସ୍ୟା ଯୋଗୁ ସେମାନେ ଅସୁବିଧାରେ ପଡୁଛନ୍ତି। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ତେଣୁ କେତେଜଣ ମହିଳାଙ୍କ ସହ ସେ ଗରା, ବାଲଟି ଆଦି ଧରି ଏରସମା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କୁ ଦେଖା କରିବାକୁ ଚାହିଁଥିଲେ। କିନ୍ତୁ କାହାକୁ ଭିତରକୁ ଯିବାକୁ ଅନୁମତି ଦିଆଯାଇ ନ ଥିଲା। ପ୍ରଥମେ ଜଣେ ଯିବାକୁ କୁହାଯାଇଥିଲା। ଏଥିରେ ସେମାନେ ରାଜି ନ ହେବାରୁ ପରେ ୪ ଜଣଙ୍କୁ ଯିବାକୁ କୁହାଯାଇଥିଲା। ସେମାନେ ଜିଲାପାଳଙ୍କ ନିକଟରେ ପହଞ୍ଚି


ଜନଶୁଣାଣିକୁ ଗରା ମାଠିଆ ଧରି ଆସିଥିବା ମହିଳା।

ଦରଖାସ୍ତ ଦେଇଥିଲେ। ଜିଲାପାଳ ଏହା ପଢି ସବୁ ବୁଝି ପୁଣି ଥରେ କ'ଣ ପାଇଁ ଆସିଛ ବୋଲି ପଚାରିଥିଲେ। ସେମାନେ ପାଣି ଆସୁ ନ ଥିବା କହିବା ମାତ୍ରେ ଟ୍ୟାଙ୍କର ଯୋଗେ ପଠାଯିବ ବୋଲି ଜିଲାପାଳ କହିଥିଲେ। ଏହି ସମୟରେ ସେମାନେ ଅଧିକ କିଛି କହିବା ତ ଦୂରର କଥା କେବଳ ଟ୍ୟାଙ୍କର ଶବ୍ଦ ଉଚ୍ଚାରଣ ମାତ୍ରେ ଜିଲାପାଳ ରାଗି ନିଆଁ ହୋଇ ଯାଇଥିଲେ। ହଠାତ୍ ଚିତ୍କାର କରି ଚୁପ୍, ଆଗକୁ ମୋ ସାମ୍ନାରେ ପାଟି କରିବନି ବୋଲି କହିଥିଲେ। ଜିଲାପାଳଙ୍କ ଏଭଳି ବ୍ୟବହାର ସେମାନଙ୍କୁ ଗଭୀର ଆଘାତ ଦେଇଛି। ଏତେ ଅଧିକାରୀ ଓ ଲୋକଙ୍କ ଆଗରେ ଜିଲାପାଳ ସେମାନଙ୍କୁ ଯେଉଁଭଳି କୁକୁର, ମାଙ୍କଡ଼ ଭଳି ବ୍ୟବହାର କଲେ ତାହା ଯନ୍ତ୍ରଣାଦାୟକ। ଏହାଦ୍ୱାରା ସେମାନଙ୍କ ମାନ, ସମ୍ମାନ ହାନି ଘଟିଛି। ମହିଳାମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା କୁହାଯାଉଥିବାବେଳେ ଜନ ଶୁଣାଣି ଶିବିରରେ ଜିଲାପାଳଙ୍କ ଏତାଦୃଶ ବ୍ୟବହାର ସେମାନଙ୍କୁ ମର୍ମାହତ କରିଥିବା ମହିଳାମାନେ ଦୁଃଖର ସହ କହିଛନ୍ତି। ଏ ସମ୍ପର୍କରେ ଧରିତ୍ରୀ ଏରସମା ଖବରଦାତା ଦୀପ୍ତିରଞ୍ଜନ ଖଣ୍ଡୁଆଳ କହିଛନ୍ତି, ମହିଳାମାନେ ଜିଲାପାଳଙ୍କୁ ଅଭିଯୋଗ କଲାବେଳେ ସେ ଶିବିରରେ ପହଞ୍ଚି ଫଟୋ ଉଠାଉଥିଲେ। କିନ୍ତୁ ଜିଲାପାଳ କ୍ରୋଧାନ୍ୱିତ ହୋଇ ଫଟୋ, ଭିଡିଓ ତୁରନ୍ତ ଡିଲିଟ୍ କର କହିଥିଲେ। ସେ କିଛି ବୁଝିବା ପୂର୍ବରୁ ତାଙ୍କୁ ଜଣେ ଅପରାଧୀ ଭଳି ବ୍ୟବହାର କରାଯାଇଥିଲା। ତାଙ୍କ ମୋବାଇଲରୁ ବଳପୂର୍ବକ ଫଟୋ, ଭିଡିଓ ଆଦି ଡିଲିଟ୍ କରିବାକୁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ ତାଙ୍କ ମୋବାଇଲ ଅନୁଧ୍ୟାନ କରି ଫଟୋ ଡିଲିଟ୍ କରି ଦେଇଥିଲା। ଯାହା ତାଙ୍କ ସାମାଜିକ ପ୍ରତିଷ୍ଠାରେ ଘୋର ଆଞ୍ଚ ଆଣିଥିବା ଖଣ୍ଡୁଆଳ କହିଛନ୍ତି। ଏ ସମ୍ପର୍କରେ ଜିଲାପାଳଙ୍କ ସହ ତାଙ୍କ ମୋବାଇଲ ଯୋଗେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ।

**ଝାରସୁଗୁଡ଼ା ପୁଣି ସବୁଠୁ ଉତ୍ତପ୍ତ**

# ଆଜିଠୁ କାଳବୈଶାଖୀ

ଭୁବନେଶ୍ୱର, ୨୭।୪ (ବନ୍ଦନା ସେଠୀ)

ଅସହ୍ୟ ଗରମ ଓ ଗୁଳୁଗୁଳିରୁ ମିଳିବ ଆଶ୍ୱସ୍ତି। ଲଗାତାର କିଛି ସପ୍ତାହ ଧରି ଜାରି ରହିଥିବା ଗ୍ରୀଷ୍ମପ୍ରବାହରେ ଲାଗିବ ବ୍ରେକ୍। ମଙ୍ଗଳବାରଠାରୁ ରାଜ୍ୟ ପାଣିପାଗରେ ବଡ଼ ପରିବର୍ତ୍ତନ ଆସିବା ନେଇ ଆକଳନ କରିଛି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର। ସୂଚନାନୁସାରେ, ବଙ୍ଗୋପସାଗରରୁ ଆସୁଥିବା ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରଭାବରେ ଆଗାମୀ ପ୍ରାୟ ୭ଦିନ ପର୍ଯ୍ୟନ୍ତ ରାଜ୍ୟରେ କାଳବୈଶାଖୀ ବର୍ଷା ଲାଗି ରହିବ। ମଙ୍ଗଳବାରଠାରୁ ମେ' ୨ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ। ବିଶେଷକରି ଆସନ୍ତା ୨୯ ତାରିଖରେ ଏକ ଟ୍ରଫ୍ ଲାଇନ ଯୋଗୁ ବର୍ଷାର ପରିମାଣ ଅଧିକ ରହିବ। ଏଥିସହ ପବନର ବେଗ ଘଣ୍ଟାପ୍ରତି ୫୦ରୁ ୬୦ କି.ମି. ପର୍ଯ୍ୟନ୍ତ ରହିବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ୨ଦିନ ମଧ୍ୟରେ ତାପମାତ୍ରା ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇବ। କିନ୍ତୁ ମଙ୍ଗଳବାର ଝାରସୁଗୁଡା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼ ଏବଂ ସୋନପୁର ଜିଲାରେ ଗ୍ରୀଷ୍ମପ୍ରବାହ ଜାରି ରହୁଥିବାରୁ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡ଼ା, ବଲାଙ୍ଗୀର, କଳାହାଣ୍ଡି, ବୌଦ୍ଧ, ନୟାଗଡ଼, ସୁନ୍ଦରଗଡ଼, ସମ୍ବଲପୁର ଓ ସୋନପୁର ଜିଲାରେ ରାତି ସମୟରେ ଗୁଳୁଗୁଳି ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲାକୁ ପ୍ରବଳ ଗରମ ଓ ଗୁଳୁଗୁଳି ପାଇଁ ୱାର୍ନିଂ ଦିଆଯାଇଛି। ତେବେ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କଳାହାଣ୍ଡି ଓ କନ୍ଧମାଳ ଜିଲାର କିଛିସ୍ଥାନରେ ଘଡ଼ଘଡ଼ି ସହିତ ବର୍ଷା ଓ ପବନ ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସୋମବାର ରାଜ୍ୟର ୧୫ ସହରର ତାପମାତ୍ରା ୪୦ ଡିଗ୍ରୀରୁ ଅଧିକ ରହିଥିଲା। ଝାରସୁଗୁଡାରେ ସର୍ବାଧିକ ତାପମାତ୍ରା ୪୪.୭ ଡିଗ୍ରୀ ଛୁଇଁଥିବାବେଳେ ବରଗଡ଼ ୪୩.୯, ବୌଦ୍ଧ ୪୩.୫, ବଲାଙ୍ଗୀର ୪୩.୩, ସମ୍ବଲପୁର ଓ ନୂଆପଡ଼ା ୪୩.୨, ରାଉରକେଲା, ଟିଟିଲାଗଡ଼, ହୀରାକୁଦ ଏବଂ ସୁନ୍ଦରଗଡ଼ ୪୩, ସୋନପୁର ୪୨.୮, ତାଳଚେର ୪୨.୬, ଅନୁଗୋଳ ୪୨.୩, ଭବାନୀପାଟଣା ୪୨.୨ ଏବଂ ନୟାଗଡ଼ରେ ୪୧.୨ ଡିଗ୍ରୀ ରେକର୍ଡ ହୋଇଛି।

## ଆଜି ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତ

କେନ୍ଦୁଝର,୧୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମଙ୍ଗଳବାର କେନ୍ଦୁଝର ଗସ୍ତ କରିବେ। ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ସରକାରୀ ଓ ଘରୋଇ କାର୍ଯ୍ୟକ୍ରମରେ ଯୋଗ ଦେବାର ରହିଛି। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଉପଲକ୍ଷେ ସକାଳ ୯ଟା ୩୦ରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବେ। ପୂର୍ବାହ୍ନ ୧୦ଟା ୩୦ରେ ଯୋଡ଼ାସ୍ଥିତ ଉଚ୍ଚବାଲିଠାରେ ଘଟିକାରେ ଉଚ୍ଚ କ୍ଷମତା ସମ୍ପନ୍ନ ଗ୍ରୀଡ୍ ସବ୍‌ଷ୍ଟେଶନର ଭିତ୍ତିପ୍ରସ୍ତର ସ୍ଥାପନା କରିବେ। ମଧ୍ୟାହ୍ନ ୧୨ଟା ୨୦ରେ ଚମ୍ପୁଆସ୍ଥିତ ପୁରୁଷୋତ୍ତମପୁର ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀରେ ଯୋଗଦେବାର ସୂଚନା ମିଳିଛି।

## 'କାର୍ଯ୍ୟସ୍ଥଳରେ ସୁରକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ'

ଭୁବନେଶ୍ୱର, ୨୭।୪(ବନ୍ଦନା ସେଠୀ)

ଏପ୍ରିଲ ୨୮କୁ 'କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ' ଭାବେ ପାଳନ କରାଯାଉଛି। କାର୍ଯ୍ୟସ୍ଥଳରେ ହେଉଥିବା ଦୁର୍ଘଟଣା, ରୋଗ ଏବଂ ମୃତ୍ୟୁକୁ ରୋକିବା ଦିଗରେ ସଚେତନତା ବୃଦ୍ଧି କରିବା ସହିତ ସୁରକ୍ଷିତ ଓ ସୁସ୍ଥ କାର୍ଯ୍ୟ ବାତାବରଣ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଅନ୍ତଃରାଷ୍ଟ୍ରୀୟ ଶ୍ରମ ସଂଗଠନ (ଆଇଏଲ୍ଓ) ଦ୍ୱାରା ସମର୍ଥିତ ଏହି ଦିବସ ୨୦୦୩ରୁ ପ୍ରତିବର୍ଷ ପାଳନ କରାଯାଉଛି। ଚଳିତ ବର୍ଷର ପ୍ରସଙ୍ଗ ହେଉଛି 'କାର୍ଯ୍ୟସ୍ଥଳରେ ସାଇକୋଲୋଜିକାଲ୍ ରିସ୍କକୁ କମ୍ କରିବା ଏବଂ ମାନସିକ ସ୍ୱାସ୍ଥ୍ୟକୁ ପ୍ରୋତ୍ସାହିତ କରିବା'। କାର୍ଯ୍ୟସ୍ଥଳରେ ନିୟମିତ ସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ, ହେଲ୍‌ମେଟ୍, ଗ୍ଲୋଭ୍‌ସ ଏବଂ ଜୋତା ଭଳି ପିପିଇ କିଟ୍ ବ୍ୟବହାର, ସୁରକ୍ଷିତ କାର୍ଯ୍ୟ ବାତାବରଣ ନୀତି ଲାଗୁ କରିବା ଆଦି ସୁରକ୍ଷା ପଦକ୍ଷେପ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ରହିଛି।

## ବିଚାରପତି ସତ୍ୟପୀର ମିଶ୍ରଙ୍କ ପରଲୋକ



ତାଳଚେର, ୨୭।୪ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେର ବ୍ରାହ୍ମଣ ଶାସନର ଆଇନଜୀବୀ ସ୍ୱର୍ଗତ ଦିବାକର ମିଶ୍ରଙ୍କ ୪ର୍ଥ ପୁତ୍ର ତଥା କଟକ ଜିଲା ଟ୍ୟାକ୍ସ ଟ୍ରିବ୍ୟୁନାଲର ବିଚାରପତି ଭାବେ କାର୍ଯ୍ୟରତ ସତ୍ୟପୀର ମିଶ୍ର (୫୮)ଙ୍କ ପରଲୋକ ଘଟିଛି। ସ୍ୱର୍ଗତ ମିଶ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ବିଚାରପତି ଭାବେ କାର୍ଯ୍ୟ କରିଥିଲେ। କିଛିଦିନ ହେଲା ଅସୁସ୍ଥତା କାରଣରୁ ସେ ଶଯ୍ୟାଶାୟୀ ଥିଲେ। ରବିବାର ରାତି ୧୨ଟାରେ କଟକସ୍ଥିତ ବାସଭବନଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମରଶରୀର ତାଳଚେରସ୍ଥିତ ବାସଭବନରେ ପହଞ୍ଚିବା ପରେ ଢେଙ୍କାନାଳର ପୂର୍ବତନ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ତାଳଚେର ଓକିଲ ସଂଘ କର୍ମକର୍ତ୍ତା, ସରକାରୀ ଓକିଲ, ଶତାଧିକ ଆଇନଜୀବୀ, ତାଳଚେର କୋର୍ଟରେ ପୂର୍ବତନ ସ୍ୱତନ୍ତ୍ର ସରକାରୀ ଓକିଲ ଗିରିଜା ଶଙ୍କର ମିଶ୍ର, ଓକିଲ ସଂଘର ପୂର୍ବତନ ସଭାପତି ଓ କର୍ମକର୍ତ୍ତା ପ୍ରମୁଖ ପହଞ୍ଚି ଶେଷ ଦର୍ଶନ କରିଥିଲେ। ସହର ପରିକ୍ରମା ପରେ ମଣ୍ଡପାଳସ୍ଥିତ ଶାନ୍ତି ଧାମରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

# ଫାଶୀ ଲଗାଇ ଶାଳୀ, ଭିଣୋଇଙ୍କ ଆତ୍ମହତ୍ୟା

ବାଲେଶ୍ୱର,୨୭।୪ (ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଜିଲା ଚାନ୍ଦିପୁର ଥାନା ଅଧୀନ ସାହାଦା ଗ୍ରାମରେ ସୋମବାର ଘରେ କେହି ନ ଥିବାବେଳେ ଶାଳୀ ଓ ଭିଣୋଇ ବେକରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ଉକ୍ତ ଗ୍ରାମର ରବି ମାଝୀ(୨୩) ଏବଂ ତାଙ୍କ ଶାଳୀ ମୁନି ମୁର୍ମୁ(୧୮)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ରବିଙ୍କ ବାପାଙ୍କ କହିବା ଅନୁଯାୟୀ, ରବି ମୟୂରଭଞ୍ଜ ଜିଲା ତେନ୍ତୁଳିମୁଣ୍ଡା ଗ୍ରାମରେ ବିବାହ କରିଥିଲେ। ପରେ ସେ ତାଙ୍କ ସ୍ତ୍ରୀଙ୍କ ବଡ଼ବାପାଙ୍କ ଝିଅ ମୁନିଙ୍କୁ ଗୋପନରେ ପ୍ରେମକରି ଚେନ୍ନାଇରେ ଯାଇ ରହୁଥିଲେ। ଏ ସମ୍ପର୍କରେ ରବିଙ୍କ ସ୍ତ୍ରୀ ଜାଣିବା ପରେ ବାପଘରକୁ ପଳାଇ ଯାଇଥିଲେ। କିଛିଦିନ ତଳେ ରବି ଓ ମୁନି ଚେନ୍ନାଇରୁ ଆସି ସହାଦା ଗ୍ରାମରେ ରବିଙ୍କ ଘରେ ରହୁଥିଲେ। ସୋମବାର ଘରେ କେହି ନ ଥିବା ସମୟରେ କୌଣସି କଥାକୁ ନେଇ ଦୁଇଜଣଙ୍କ ମଧ୍ୟରେ ଝଗଡ଼ା ଲାଗି ଉଭୟ ଘରେ ଫାଶୀ ଲଗାଇ ଦେଇଛନ୍ତି। ପରିବାର ଲୋକେ ଘରେ ପହଞ୍ଚି ଦେଖିବା ପରେ ଦୁଇଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ।

## ସମୁଦ୍ର ଜଳରୁ ପଥର କଙ୍କଡ଼ା ଚିହ୍ନଟ

ବ୍ରହ୍ମପୁର, ୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)



ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ର ପକ୍ଷରୁ ପଥର କଙ୍କଡ଼ାର ଚିହ୍ନଟ ହୋଇଛି। ଏହି କଙ୍କଡ଼ା ବାଲେଶ୍ୱର ଜିଲାର ବାହାବଳପୁରରୁ ୨୦୨୩ରେ ପ୍ରଥମଥର ପାଇଁ ମିଳିଥିବାରୁ 'ଲାଇଫିରା ଗାନ୍ଧୀ' ନାମ ରଖାଯାଇଛି। ୨୦୨୩ରେ ବାହାବଳପୁରରୁ ଗବେଷକ ଡ.ସନ୍ଦୀପ କୁମାର ମହାପାତ୍ର ଏବଂ ଚିତ୍ରକ ଦେ ଏହାକୁ ସଂଗ୍ରହ କରି ଗୋପାଳପୁର ଭାରତୀୟ ପ୍ରାଣୀ ସର୍ବେକ୍ଷଣ କେନ୍ଦ୍ରକୁ ଏହାର ପରୀକ୍ଷା ପାଇଁ ଆଣିଥିଲେ। ଏଠାରେ କେନ୍ଦ୍ରର ବୈଜ୍ଞାନିକ ଡ.ଅନିଲ ମହାପାତ୍ରଙ୍କ ନେତୃତ୍ୱରେ ଏହି କଙ୍କଡାର ବିଭିନ୍ନ ପରୀକ୍ଷା କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ପ୍ରଜାତିର କଙ୍କଡା ସମୁଦ୍ରର କୂଳବର୍ତ୍ତୀର ବାଲି ଓ ପଙ୍କ ଅଞ୍ଚଳମାନଙ୍କରେ ମିଳିଥାନ୍ତି। ଏହାର ଖୋଳର ସମ୍ମୁଖ ଅଂଶରେ ୨ଟି କଣ୍ଟା ରହିବା, ଖୋଳର ଉପରି ଭାଗରେ ଗୋଲାକୃତ ଚିହ୍ନ ରହିଛି। ଅଣ୍ଡିରା କଙ୍କଡ଼ାର ଗୋଡ଼ ପତଳା ଏବଂ ତାହାର ଶୀର୍ଷ ଭାଗ ଉଠିଲା ଭଳି ଦେଖିବାକୁ। ଏହାର ମୁଖରେ ଥିବା ମ୍ୟାକ୍ସିଲିପେଡ ପାଖୁଡା ଭଳି। ପେଟର ତଳ ଭାଗରେ ଗୋଟିଏ ଦାନ୍ତ ରହିଛି। ଏହି ପ୍ରଜାତିର କଙ୍କଡାଟି ଦକ୍ଷିଣ ଚାଇନାରୁ ୨୦୨୪ରେ ଚିହ୍ନଟ ହୋଇଥିଲା। ଏହି କଙ୍କଡ଼ାଟି ଦେଖିବାକୁ ଛୋଟ ପ୍ରଜାତିର, ଏହାର ୧୦ଟି ଗୋଡ଼, ଗୋଲେଇ ୧.୫ ରୁ ୨ ସେମି । ଏହାର ପରୀକ୍ଷା ନିରୀକ୍ଷା ପରେ ଏହା ଭିନ୍ନ ହୋଇଥିବାର ଅନ୍ତର୍ଜାତୀୟ ପତ୍ରିକା ନାଉପ୍ଲିୟର୍ଶରେ ଚଳିତ ମାସରେ ପ୍ରକାଶିତ ହୋଇଛି। ତାହାସହ ଏହାର ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ନିରୀକ୍ଷା କରାଯାଉଥିବା କେନ୍ଦ୍ରର ବୈଜ୍ଞାନିକ ଡ. ମହାପାତ୍ର ସୂଚନା ଦେଇଛନ୍ତି।

## ଜିଲାପାଳ, ଏସ୍‌ପି, ସମ୍ପୃକ୍ତ ବିଭାଗକୁ ଆୟୋଗଙ୍କ ନୋଟିସ୍

**ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା**

ଭୁବନେଶ୍ୱର, ୨୭।୪(ସୁନିତ୍ ମିଶ୍ର)

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକର ନଳଗଜା ପଞ୍ଚାୟତରେ ଥିବା କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଜଣେ ପଞ୍ଚମ ଶ୍ରେଣୀର ଛାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଏହାସହ ଅନେକ ଛାତ୍ରୀଛାତ୍ର ଅସୁସ୍ଥ ହୋଇଥିଲେ। ଏହି ଘଟଣାକୁ ନେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗଙ୍କ ପକ୍ଷରୁ କଠୋର ପଦକ୍ଷେପ ଗ୍ରହଣ କରାଯାଇଛି। ବିଜେଡିର ଏକ ପ୍ରତିନିଧିମଣ୍ଡଳୀ ପକ୍ଷରୁ ଏନେଇ ଏକ ଅଭିଯୋଗ ଦାଖଲ କରାଯାଇଥିଲା। ଏହି ଅଭିଯୋଗ ଉପରେ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ତଦନ୍ତ ଆରମ୍ଭ କରିଛନ୍ତି। ଏ ବିଷୟରେ ମୟୂରଭଞ୍ଜର ଜିଲାପାଳ, ଏସ୍‌ପି ଏବଂ ରାଜ୍ୟ ସରକାରଙ୍କ ଏସ୍‌ସି, ଏସ୍‌ଟି ଉନ୍ନୟନ ବିଭାଗକୁ ନୋଟିସ୍ ଜାରି କରାଯାଇଛି। ଆୟୋଗଙ୍କ ନୋଟିସ୍ ଅନୁଯାୟୀ, ସମ୍ପୃକ୍ତ ଅଧିକାରୀମାନେ ୭ ଦିନ ମଧ୍ୟରେ ଉକ୍ତ ଘଟଣାରେ କ'ଣ ପଦକ୍ଷେପ ନିଆଯାଇଛି ତା'ର ରିପୋର୍ଟ ଦାଖଲ କରିବେ। ଯଦି ସମୟ ଭିତରେ ଉତ୍ତର ନ ମିଳେ ତେବେ ଆୟୋଗଙ୍କ ପକ୍ଷରୁ ସିଭିଲ୍ କୋର୍ଟର କ୍ଷମତା ପ୍ରୟୋଗ କରି ସମନ୍ ଜାରି କରିବେ ବୋଲି ବିଜେଡି କହିଛି।

## ଏପ୍ରିଲ ୩୦ ଅଭିଭାବକ-ଶିକ୍ଷକ ବୈଠକ ସ୍ଥଗିତ

ଭୁବନେଶ୍ୱର,୨୭।୪(ସୁଚିସ୍ମିତା ସାହୁ)

ଆସନ୍ତା ୩୦ ତାରିଖରେ ବିଦ୍ୟାଳୟରେ ହେବାକୁ ଥିବା ଚଳିତବର୍ଷର ପ୍ରଥମ ଅଭିଭାବକ-ଶିକ୍ଷକ ବୈଠକ ଏବଂ ବିଦ୍ୟାଳୟ ପରିଚାଳନା କମିଟି ବୈଠକକୁ ସ୍ଥଗିତ ରଖାଯାଇଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଦୃଷ୍ଟିରୁ ବିଦ୍ୟାଳୟଗୁଡ଼ିକୁ ଆଗୁଆ ଖରାଛୁଟି ଘୋଷଣା କରାଯାଇଥିବାରୁ ବୈଠକକୁ ମଧ୍ୟ ବାତିଲ କରାଯାଇଛି। ପରବର୍ତ୍ତୀ ସମୟରେ ବୈଠକ ତାରିଖ ଧାର୍ଯ୍ୟ କରାଯିବ ବୋଲି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା)ର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ସମସ୍ତ ଜିଲା ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଅବଗତ କରିଛନ୍ତି।

## ଇଗ୍ନୁ ଆଞ୍ଚଳିକ କେନ୍ଦ୍ରରେ କ୍ୟାମ୍ପସ ନିଯୁକ୍ତି ଅଭିଯାନ

ଭୁବନେଶ୍ୱର,୨୭।୪(ସୁଚିସ୍ମିତା ସାହୁ)

ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଇଗ୍ନୁ) ଭୁବନେଶ୍ୱର ଏବଂ ରାଇରଙ୍ଗପୁର ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ଟ୍ରେନଗୁରୁ ଏକୁକେୟାର ପ୍ରାଇଭେଟ୍ ଲିମିଟେଡ୍ ସହଯୋଗରେ ଆସନ୍ତା ୩୦ ତାରିଖରେ ପ୍ରଥମଥର ପାଇଁ କ୍ୟାମ୍ପସ ପ୍ଲେସ୍‌ମେଣ୍ଟ ଅଭିଯାନ ଆୟୋଜନ ହେଉଛି। ଛାତ୍ରୀଛାତ୍ରମାନେ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଇଗ୍ନୁ କେନ୍ଦ୍ରଠାରେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିପାରିବେ। ସକାଳ ୯ଟା ୩୦ରେ ରିପୋର୍ଟିଂ ପାଇଁ କୁହାଯାଇଛି। ଏହି ପ୍ଲେସ୍‌ମେଣ୍ଟ ଡ୍ରାଇଭ୍‌ରେ ସମସ୍ତ ସ୍ନାତକ ଛାତ୍ରୀଛାତ୍ରଙ୍କ ସମେତ ଡିପ୍ଲୋମା, ଆଇଟିଆଇ, ବୈଷୟିକ ଏବଂ ଅଣ ବୈଷୟିକ ପୃଷ୍ଠଭୂମିର ପ୍ରାର୍ଥୀ ସାମିଲ ହୋଇପାରିବେ। ଭୁବନେଶ୍ୱର ଇଗ୍ନୁ ଆଞ୍ଚଳିକ କେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଏମ୍. କେ. ଦାଶ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ବୃତ୍ତିଗତ ଯାତ୍ରାର ଆରମ୍ଭରେ ଶିଳ୍ପ ସମ୍ପର୍କ ଏବଂ ନିଯୁକ୍ତି ସୁଯୋଗ ପ୍ରଦାନ କରି ସମର୍ଥନ କରିବା ଏହି କ୍ୟାମ୍ପସ୍ ଡ୍ରାଇଭର ପ୍ରାଥମିକ ଲକ୍ଷ୍ୟ। ଏହା ଶିକ୍ଷାଗତ ଶିକ୍ଷା ଏବଂ କର୍ପୋରେଟ ଆଶା ମଧ୍ୟରେ ଏକ ସେତୁ ଭାବରେ କାର୍ଯ୍ୟ କରେ, ଯାହା ଛାତ୍ରୀଛାତ୍ରଙ୍କୁ କର୍ମଶକ୍ତିରେ ସୁଗମ ଭାବରେ ପରିବର୍ତ୍ତନ କରିବାରେ ସାହାଯ୍ୟ କରିବ ବୋଲି ସେ କହିଛନ୍ତି।

## ୯ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ

ଭୁବନେଶ୍ୱର,୨୭।୪ (ରବିନାରାୟଣ ଜେନା)

ରାଜ୍ୟରେ ମହିଳା କଂଗ୍ରେସକୁ ଅଧିକ ଶକ୍ତିଶାଳୀ କରିବା ଲକ୍ଷ୍ୟ ନେଇ ସୋମବାର ଏଆଇଏମ୍‌ସି ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏଆଇଏମ୍‌ସି ଅଧ୍ୟକ୍ଷା ଅଲକା ଲାମ୍ବା ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କୁ ପତ୍ର ଲେଖି ୯ ଜିଲାର ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତି ସଂକ୍ରାନ୍ତରେ ଅବଗତ କରାଇଛନ୍ତି। ଅଲକାଙ୍କ ଅନୁମୋଦନକ୍ରମେ ବଲାଙ୍ଗୀର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଜୟନ୍ତୀ ପଟେଲ ନିଯୁକ୍ତ ହୋଇଥିବାବେଳେ ଗଞ୍ଜାମ(ପଶ୍ଚିମ) ପାଇଁ ସୁରଭି ବିଶୋୟୀ, ଖୋର୍ଦ୍ଧା ପାଇଁ ଅପସନା ବେଗମ, ରାଉରକେଲା ପାଇଁ ଝରଣା ତ୍ରିପାଠୀ ନିଯୁକ୍ତ ହୋଇଛନ୍ତି। ସେହିପରି ବାଲେଶ୍ୱର ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ ଉର୍ମିଳା ମାଝୀ ନିଯୁକ୍ତ ହୋଇଥିବାବେଳେ ଭଦ୍ରକ ପାଇଁ ଅମିତାବାଲା ଆଚାର୍ଯ୍ୟ, ଭୁବନେଶ୍ୱର ପାଇଁ ଶ୍ରୀୟା ମହାନ୍ତି, ଯାଜପୁର ପାଇଁ ଆରତୀ ସ୍ୱାଇଁ ଏବଂ ସୁନ୍ଦରଗଡ଼ ପାଇଁ କଳ୍ପନା ଆପଟ ନିଯୁକ୍ତ ହୋଇଛନ୍ତି।

## 'ହାତ' ଛାଡ଼ିଲେ ପ୍ରଶାନ୍ତ

ଭୁବନେଶ୍ୱର,୨୭।୪ (ରବିନାରାୟଣ ଜେନା)


ପ୍ରଶାନ୍ତ କୁମାର ଶତପଥୀ

କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ପ୍ରଶାନ୍ତ କୁମାର ଶତପଥୀ ସୋମବାର ଇସ୍ତଫା ଦେଇଛନ୍ତି। ପ୍ରଶାନ୍ତ ଏ ନେଇ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହିତ ପିସିସି ସଭାପତି ଭକ୍ତ ଚରଣ ଦାସ, ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ପ୍ରମୁଖଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ପ୍ରଦାନ କରିଥିବା ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି, ଦୀର୍ଘବର୍ଷ ଧରି କଂଗ୍ରେସ ରହି ମେଡିଆ ସେଲର ସମ୍ପାଦକ ଓ ମୁଖପାତ୍ର ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରି ଆସିଛି। ବ୍ୟକ୍ତିଗତ କାରଣ ଯୋଗୁ ଦଳର ପ୍ରାଥମିକ ପଦରୁ ଇସ୍ତଫା ଦେଉଛି ବୋଲି ପ୍ରଶାନ୍ତ ପତ୍ରରେ ଉଲ୍ଲେଖ କରିଛନ୍ତି। ମାତ୍ର ପ୍ରଶାନ୍ତଙ୍କ ଏହି ଇସ୍ତଫାକୁ ନେଇ ରାଜ୍ୟ କଂଗ୍ରେସରେ ଏବେ ଭ୍ରୂକୁଞ୍ଚନ ସୃଷ୍ଟି ହୋଇଛି। କିଛିଦିନ ପୂର୍ବରୁ ମୁଖପାତ୍ର ଅମୀୟ ପାଣ୍ଡବ ଦଳ ଛାଡ଼ିଥିବାବେଳେ ଏବେ ପ୍ରଶାନ୍ତଙ୍କ ଇସ୍ତଫାକୁ ନେଇ ଚର୍ଚ୍ଚା ଜୋର ଧରିଛି।

## ବସ୍‌ରେ ଆନ୍ଧ୍ର ଚାଲାଣବେଳେ ୧୩ ନାବାଳକ ଉଦ୍ଧାର

ମାଲକାନଗିରି,୨୭।୪ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ଶିଶୁ ଚୋରା ଚାଲାଣ ଓ ଧର୍ମାନ୍ତରୀକରଣ ଘଟଣା ପୁଣି ସାମ୍ନାକୁ ଆସିଛି। ଆନ୍ଧ୍ରପ୍ରଦେଶର ବିଜୟୱାଡା ଅଭିମୁଖେ ଯାଉଥିବା ଏକ ଘରୋଇ ବସ୍‌ରୁ ୧୩ ଜଣ ନାବାଳକଙ୍କୁ ମାଲକାନଗିରି ପୋଲିସ ସୋମବାର ଉଦ୍ଧାର କରିଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ପୋଲିସ ଓ ଚାଇଲ୍ଡ ହେଲ୍ପଲାଇନ ପକ୍ଷରୁ ତଦନ୍ତ ଜାରି ରହିଛି। ସୂଚନା ଅନୁଯାୟୀ, ସାଇ କ୍ରିଷ୍ଣା ନାମକ ଏକ ବସ୍ ମାଲକାନଗିରିରୁ ବିଜୟୱାଡା ଅଭିମୁଖେ ଯାଉଥିଲା। ଏହି ବସ୍‌ରେ କେତେଜଣ ପିଲାଙ୍କୁ ଚୋରା ଚାଲାଣ କରାଯାଉଥିବା ନେଇ ଚାଇଲ୍ଡ ହେଲ୍ପଲାଇନ ନମ୍ବର ୧୦୯୮କୁ ଏକ ସୂଚନା ମିଳିଥିଲା। ଖବରପାଇ ମାଲକାନଗିରି ପୋଲିସ ଏବଂ ଚାଇଲ୍ଡ ହେଲ୍ପଲାଇନ ଟିମ୍ ମାଲକାନଗିରି ଥାନା ସମ୍ମୁଖରେ ବସ୍‌କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ବସ୍‌ରୁ ପିଲାଙ୍କୁ ଉଦ୍ଧାର କରାଯାଇଥିଲା।

# ରେଙ୍ଗାଲି ବାମ କେନାଲ ଡିଭିଜନ ଅଫିସ ସିଲ୍

କାମାକ୍ଷାନଗର,୨୭।୪ (ସୁଧୀର ପରିଡ଼ା)

ଜଣେ ଠିକାଦାରଙ୍କ ପ୍ରାୟ ୩ କୋଟିରୁ ଅଧିକ ଟଙ୍କାର ବିଲ୍ ପ୍ରଦାନ କରି ନ ଥିବାରୁ ଢେଙ୍କାନାଳ ଜିଲା କାମାକ୍ଷାନଗର ରେଙ୍ଗାଳି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସୋମବାର ସିଲ୍ କରାଯାଇଛି। କଟକ କମର୍ସିଆଲ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ କୋର୍ଟ କର୍ମଚାରୀ ଉକ୍ତ କାର୍ଯ୍ୟାଳୟକୁ ସିଲ୍ କରିଛନ୍ତି।


କାମାକ୍ଷାନଗରସ୍ଥିତ ରେଙ୍ଗାଳି ବାମ କେନାଲ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସିଲ୍ କରାଯାଉଛି।

ସୂଚନା ଅନୁଯାୟୀ, କାମାକ୍ଷାନଗର ଅଞ୍ଚଳରେ ୨୦୦୪ ମସିହାରେ ପ୍ରାୟ ୯ କୋଟି ଟଙ୍କାର କେନାଲ କାମ କରିବା ପାଇଁ ଏକ ଠିକା ସଂସ୍ଥା ଚୁକ୍ତି କରିଥିଲା। ତେବେ କାମ ଚାଲିଥିବା ସମୟରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସାଇଟ ଯୋଗାଇ ଦିଆଯାଇ ନ ପାରିବାରୁ ବିଭାଗ ନିଜ ଆଡୁ କାମ ବନ୍ଦ କରିଦେଇଥିଲା। ଏହାସହ ଠିକାଦାରଙ୍କ ୨ଟି କାମ ବାବଦକୁ ପ୍ରାୟ ୫୨ ଲକ୍ଷ ଏବଂ ୨୯ ଲକ୍ଷ ଟଙ୍କା ପ୍ରାପ୍ୟକୁ ମଧ୍ୟ ଅଟକାଇ ଦେଇଥିଲା। ଉକ୍ତ ବେକୟା ଅର୍ଥ ବର୍ତ୍ତମାନ ସୁଧ ସହ ମିଶି ପ୍ରାୟ ୩ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଠିକାସଂସ୍ଥା କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ ଠିକା ସଂସ୍ଥା ବିରୋଧରେ ଜଳସେଚନ ବିଭାଗ ପକ୍ଷରୁ ଜିଲା କୋର୍ଟ, ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ମାମଲା କରାଯାଇଥିଲେ ମଧ୍ୟ ରାୟ ସପକ୍ଷରେ ଯାଇ ନ ଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗ ପକ୍ଷରୁ ଠିକାଦାରଙ୍କୁ ଟଙ୍କା ପ୍ରଦାନ କରା ନ ଯିବାରୁ ମାମଲା କଟକ କମର୍ସିଆଲ କୋର୍ଟକୁ ଯାଇଥିଲା। ୨ ବର୍ଷ ଧରି ମାମଲା ଚାଲିବା ପରେ ଅଧିକାରୀଙ୍କ ଉପସ୍ଥିତିରେ ଅଧୀକ୍ଷଣ ଯନ୍ତ୍ରୀଙ୍କ ଅଫିସକୁ ସିଲ୍ କରାଯାଇଛି।

# ମୋକ୍ସିମ, ସୋଫିଆଙ୍କୁ ଭେଟିଲେ ଦିଲୀପ ରାୟ

**ମା' କଟକଚଣ୍ଡୀଙ୍କୁ ଦର୍ଶନ କଲେ**

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟ ସଭା ସଦସ୍ୟ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଦିଲୀପ ରାୟ ସୋମବାର ପ୍ରଥମ ଥର କଟକ ଗସ୍ତରେ ଆସି ମା' କଟକଚଣ୍ଡୀଙ୍କୁ ଦର୍ଶନ କରିବା ସହ ଓଡ଼ିଶା ଜନତା କଂଗ୍ରେସର ସଭାପତି ଇଂ. ମହମ୍ମଦ ମୋକ୍ସିମ ଏବଂ ତାଙ୍କ କନ୍ୟା ତଥା ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କୁ ଭେଟିଛନ୍ତି। ମୋକ୍ସିମ ଓ ସୋଫିଆଙ୍କ ସହ ଦିଲୀପଙ୍କ ସାକ୍ଷାତକୁ ନେଇ କଟକ ରାଜନୀତି ଅଧିକ ଉଷ୍ମ ହୋଇଛି।

ଦିଲୀପ ପ୍ରଥମେ ମା' କଟକଚଣ୍ଡୀ ମନ୍ଦିରରେ ପହଞ୍ଚି ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ କଟକ ଚଣ୍ଡୀରୋଡ୍ ଶେଖବଜାର ପୂଜା କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ସେ ମୋକ୍ସିମଙ୍କ ବାସଭବନରେ ପହଞ୍ଚିଥିଲେ। ସେଠାରେ ମୋକ୍ସିମ ଓ ସୋଫିଆଙ୍କ ସହ କିଛି ସମୟ ଧରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ତେବେ ମୋକ୍ସିମଙ୍କ ନୂଆ ଦଳ ଗଠନ ପରିପ୍ରେକ୍ଷୀରେ ଏଭଳି ସାକ୍ଷାତ ଆଲୋଚନାକୁ ନେଇ ରାଜନୈତିକ ମହଲରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି।


ଚଣ୍ଡୀରୋଡ଼ ଶେଖବଜାର ପୂଜା କମିଟି ପକ୍ଷରୁ ଦିଲୀପ ରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଉଛି।

ତେବେ ଦିଲୀପ କହିଛନ୍ତି, କୌଣସି ରାଜନୀତି ଆଲୋଚନା ନୁହେଁ, ବରଂ ମୋକ୍ସିମବାବୁଙ୍କ ସହ ମୋର ବହୁ ପୁରୁଣା ସମ୍ପର୍କ ରହିଛି। ରାଜ୍ୟ ସଭା ନିର୍ବାଚନରେ ତାଙ୍କୁ ଭୋଟ ଦେଇଥିବାରୁ ସେ ମୋକ୍ସିମ ବାବୁ ଓ ସୋଫିଆଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି। ଅନ୍ୟପଟେ ମୋକ୍ସିମ କହିଛନ୍ତି, ଆମର ପାରିବାରିକ ସମ୍ପର୍କ ରହିଛି। ସେ ମୋତେ ଭେଟିବାରେ କାହାର କୌଣସି ଅସୁବିଧା ରହିବା ଉଚିତ ନୁହେଁ। ଏଥିସହ ସୋଫିଆଙ୍କ ଦଳ ପରିବର୍ତ୍ତନ କରିବା ପ୍ରସଙ୍ଗରେ ମୋକ୍ସିମ କହିଛନ୍ତି, କଂଗ୍ରେସରୁ ଟିକେଟ ପାଇ ସୋଫିଆ ବିଧାୟିକା ହୋଇଛନ୍ତି ଏବଂ ୨୦୨୯ ଯାଏ କାମ କରିବେ। ଯଦି ପରବର୍ତ୍ତୀ ଦଳରେ ସୋଫିଆ କାମ କରନ୍ତି ତେବେ ଓଡ଼ିଶା ଜନତା କଂଗ୍ରେସର ଦାୟିତ୍ୱ ନେବେ ବୋଲି ମୋକ୍ସିମ ସୂଚନା ଦେଇଛନ୍ତି।

# ଆହୁରି ନିରାପଦ ହେବ ଜଳକ୍ରୀଡ଼ା ପର୍ଯ୍ୟଟନ

■ ଏନ୍‌ଆଇଡବ୍ଲ୍ୟୁଏସ୍, ଓଏଫ୍‌ଇଏସ୍ ସହ ପର୍ଯ୍ୟଟନ ବିଭାଗର ଏମ୍‌ଓୟୁ

■ କୋଣାର୍କ ରାମଚଣ୍ଡୀରେ ଆରମ୍ଭ ହେଲା ଲାଇଫ୍‌ଗାର୍ଡ଼ ତାଲିମ

ଭୁବନେଶ୍ୱର/ପୁରୀ/କୋଣାର୍କ, ୨୭।୪(ବନ୍ଦନା ସେଠୀ/ଅଜିତ୍ କୁମାର ମହାନ୍ତି/ଜ୍ୟୋତିରାଜ ମହାନ୍ତି)



ରାମଚଣ୍ଡୀସ୍ଥିତ ପ୍ରତିଷ୍ଠାନଠାରେ ତାଲିମର ଶୁଭାରମ୍ଭ ଅବସରରେ ଅଧିକାରୀଙ୍କ ସହ ଲାଇଫ୍‌ଗାର୍ଡ଼ମାନେ।

ଓଡ଼ିଶା ହେବ ନିରାପଦ ତଥା ସାହସିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ। ରାଜ୍ୟ ସରକାରଙ୍କ ଏଭଳି ଲକ୍ଷ୍ୟ ପୂରଣ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ବିଭାଗ ଗୋଆସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ (ଏନ୍‌ଆଇଡବ୍ଲ୍ୟୁଏସ୍) ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତକାଳୀନ ସେବା (ଓଏଫ୍‌ଇଏସ୍) ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି। ରାଜ୍ୟରେ ଦ୍ରୁତଗତିରେ ବିକାଶ କରୁଥିବା ଜଳକ୍ରୀଡ଼ା ପରିବେଶର କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପର ଅଂଶସ୍ୱରୂପ କୋଣାର୍କ ରାମଚଣ୍ଡୀସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନଶିପ ଆଣ୍ଡ ଲାଇଫଗାର୍ଡ ଇନ୍‌ଷ୍ଟିଚ୍ୟୁଟ୍(ଓସୱାଲି)ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସୋମବାର ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତର ୧୧ଟି ବ୍ୟାଚ୍‌ରେ ପରିଚାଳିତ ହେବ ଓ ପ୍ରତି ବ୍ୟାଚ୍ ୧୨ଦିନ ଧରି ତାଲିମ୍ ନେବ। ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରକ୍ରିୟା ଶେଷ ହେବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ଜଣ ସରକାରୀ ଏବଂ ବେସରକାରୀ ଲାଇଫ୍‌ଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିରେ ଉଦ୍ଧାର କୌଶଳ, ସି.ପି.ଆର, ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି। ତାଲିମ୍‌ରେ ଉତ୍ତୀର୍ଣ୍ଣ ଲାଇଫ୍‌ଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ। ଓଡ଼ିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜଭୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨/୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫ୍‌ଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି। ଅପରପକ୍ଷେ ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ସମାପ୍ତ ହୋଇଛି। ଏହି ତଥ୍ୟକୁ ଆଧାର କରି ଲାଇଫ୍‌ଗାର୍ଡ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବକଙ୍କର ଜିଲାଭିତ୍ତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି। ଏହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବରେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ। ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ଓସୱାଲି ସହଯୋଗରେ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦିଆଯାଇଛି।

## ଆତ୍ମହତ୍ୟା କରିବାକୁ ଭିଡ଼ିଓରେ ଧମକ

ଭୁବନେଶ୍ୱର, ୨୭।୪ (ପ୍ରସନଜିତ୍ ସାହୁ)

**ନିମାପଡ଼ାରୁ ଲିଙ୍ଗରାଜ ଷ୍ଟେଶନ ଆସିଥିଲେ**



ରୂପାଲୀ ରାଉତ

ନିଜକୁ ଟ୍ରାନ୍ସମ୍ୟାନ ପରିଚୟ ଦେଉଥିବା ରୂପାଲୀ ରାଉତ ଆତ୍ମହତ୍ୟା କରିବା ପାଇଁ ସୋମବାର ସକାଳେ ଏକ ଭିଡିଓ ଶେୟାର କରିଥିଲେ। ଲିଙ୍ଗରାଜ ଷ୍ଟେଶନ ପାଖରେ ଦିନ ୧୨ଟାରୁ ୧ଟା ମଧ୍ୟରେ ଆତ୍ମହତ୍ୟା କରିବାର ଲାଇଭ୍ ଭିଡିଓ ଶେୟାର କରିବେ ବୋଲି ଜଣାଇଥିଲେ। ଏହାକୁ ନେଇ ଜିଆରପି ଓ ରେଲୱେ ପୋଲିସ ଉକ୍ତ ଷ୍ଟେଶନର ବିଭିନ୍ନ ସ୍ଥାନରେ ଛାନ୍‌ଭିନ ଆରମ୍ଭ କରିଥିଲା। ଅପରାହ୍ନ ୩ ଟାରେ ତାଙ୍କୁ ଜିଆରପି ଥାନାରେ ରୂପାଲୀଙ୍କୁ ଅଟକ ରଖାଯାଇଥିବା ଦେଖିବାକୁ ମିଳିଥିଲା। ତେବେ ରୂପାଲୀ କାହିଁକି ଆତ୍ମହତ୍ୟା ଉଦ୍ୟମ କରୁଥିଲେ ଓ ସେ କାହା ଉଦ୍ଦେଶ୍ୟରେ ସେହି ଭିଡିଓ କରିଥିଲେ ସେ ସମ୍ପର୍କରେ କୌଣସି ସୂଚନା ମିଳିପାରିନାହିଁ। ଅନ୍ୟପଟେ ମାନସିକ ଅବସାଦ କାରଣରୁ ମମାଲି ଏପରି ଭିଡିଓ କରିଥିବା କହିଛନ୍ତି।

ପ୍ରକାଶଯୋଗ୍ୟ, ଖୋର୍ଦ୍ଧା ଜିଲା ଭୂଷଣପୁର ଅଞ୍ଚଳର ମମାଲି ରାଉତ ୧୫ ଦିନ ହେବ ତାଙ୍କର ଜଣେ ସାଙ୍ଗଙ୍କ ସହିତ ନିମାପଡ଼ାରେ ରହୁଥିଲେ। ମାନସିକ ଅବସାଦ କାରଣରୁ ସେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇ ସୋମବାର ସକାଳ ୫ ଟାରୁ ନିମାପଡ଼ାରୁ ଲିଙ୍ଗରାଜ ଷ୍ଟେଶନ ଆସିଥିଲେ। ସେଠାରେ ସେ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଏକ ଭିଡିଓ ସୋସିଆଲ ମିଡିଆରେ ଶେୟାର କରିଥିଲେ। ଖବର ପାଇ ଜିଆର୍‌ପି ଓ ରେଲୱେ ଥାନା ପକ୍ଷରୁ ଷ୍ଟେଶନରେ ଖୋଜାଖୋଜି ଆରମ୍ଭ ହୋଇଥିଲା। ଘଟଣାସ୍ଥଳରେ ମମାଲିଙ୍କ ମା' ମଧ୍ୟ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ଅଲ୍ ଓଡ଼ିଶା ଟ୍ରାନ୍ସଜେଣ୍ଡର ଆସୋସିଏଶନର ସଭାପତି ମୀରା ପରିଡ଼ା ତାଙ୍କୁ ଉଦ୍ଧାର କରି ଏୟାରଫିଲ୍ଡ ଥାନା ଜିମା ଦେଇଥିଲେ। ଡାକ୍ତରୀ ମାଇନା ପରେ ମମାଲିଙ୍କୁ ତାଙ୍କ ମା'ଙ୍କ ସହିତ ଛାଡ଼ି ଦିଆଯାଇଥିବା ପୋଲିସ ସୂଚନା ଦେଇଛି।

## ମା' ସନ୍ତୋଷୀଦେବୀଙ୍କ ବାର୍ଷିକ ଉତ୍ସବ

ଭୁବନେଶ୍ୱର,୨୭।୪ (ସୌମ୍ୟରଞ୍ଜନ ରାଉତ)

ବରମୁଣ୍ଡା ଗାଁର ମା' ସନ୍ତୋଷୀ ଦେବୀଙ୍କ ୧୯ତମ ବାର୍ଷିକ ଉତ୍ସବ ଉପଲକ୍ଷେ ବିଶ୍ୱଶାନ୍ତି ମହାଯଜ୍ଞ ୩ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପିପିଲିରୁ ଘଣ୍ଟୁଆ, ଢୋଲ ବାଜା ଓ ବାଣ ଫୁଟାଯାଇ ୨୧ଜଣ ଭକ୍ତ କଳସ ଶୋଭାଯାତ୍ରାରେ ନୀଳକଣ୍ଠେଶ୍ୱର ମନ୍ଦିର ପର୍ଯ୍ୟନ୍ତ ଆସି ବରମୁଣ୍ଡା ଗ୍ରାମ ପରିକ୍ରମା କରିଥିଲେ। ଗୁରୁବାର ଦେବୀଙ୍କ ଅଙ୍କୁରୋପଣ, ଶୁକ୍ରବାର ଜଳଯାତ୍ରା, ମଣ୍ଡଳାଧିବାଶ ଓ ଘଟ ସ୍ଥାପନ, ଶନିବାର ସୂର୍ଯ୍ୟପୂଜା, ଗୋପୂଜା, ସର୍ବାଦେବାଦେବୀ ପୂଜା, ଦେବୀଙ୍କ ଷୋଡ଼ଶ ଉପଚାର, ଅଗ୍ନିସ୍ଥାପନ, ଚଣ୍ଡୀପାଠ, ଆହୂତି, ହୋମ ଓ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ମହାଯଜ୍ଞ ଉତ୍ସବରେ ୩୮ ନମ୍ବର କର୍ପୋରେଟର ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୫୦ ନମ୍ବର ବରମୁଣ୍ଡା ୱାର୍ଡ଼ର କର୍ପୋରେଟର ରାମଚନ୍ଦ୍ର ସିଂ, ଓଡ଼ିଶା ବିଧାନସଭାର ପୂର୍ବତନ ସଚିବ ଦାଶରଥି ଶତଥୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୂର୍ବତନ ଉପସଚିବ ସୁରେନ୍ଦ୍ର କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ଅନୁଷ୍ଠାନ ପକ୍ଷରୁ ସଙ୍ଗୀତ ନିର୍ଦ୍ଦେଶକ ଶରତ ଚନ୍ଦ୍ର ବାରିକ ଓ ଦଳ ଭଜନ ପରିବେଷଣ କରିଥିଲେ। ବିଶ୍ୱ ସାହୁ, ସୁଧାଂଶୁ ଶେଖର ମହାନ୍ତି, ଦୀପକ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।





ସାଇସ୍ମୃତି କଳାକେନ୍ଦ୍ର ପକ୍ଷରୁ ସୋମବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ୧୮ତମ ନୃତ୍ୟ ମହୋତ୍ସବରେ ଅତିଥିମାନେ (ଉପର)। ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ରସୁଲଗଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ



ଭୁବନେଶ୍ୱର,୨୭।୪ (ସୌମ୍ୟରଞ୍ଜନ ରାଉତ)

ରସୁଲଗଡ଼ ଜିଜିପି କଲୋନୀସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ଉତ୍ସବ ରବିବାର ରବୀନ୍ଦ୍ରମଣ୍ଡପଠାରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରିଷ୍ଠ ଭାଜପା ନେତା ତଥା ବିଶିଷ୍ଟ ସମାଜସେବୀ ଜଗନ୍ନାଥ ପ୍ରଧାନ ଉତ୍ସବକୁ ଉଦ୍‌ଘାଟନ କରି କହିଲେ, ଅକ୍ଳାନ୍ତ ପରିଶ୍ରମ ବଳରେ ସାର୍ଥକତା ଓ ଶ୍ରେଷ୍ଠତା ମିଳିଥାଏ। ଅଭିଭାବକମାନେ ନିଜ ପିଲାଙ୍କୁ ଏଥିପ୍ରତି ଉତ୍ସାହିତ କରିବା ସହିତ ନୂଆ ଶିକ୍ଷାନୀତି, ମୁଖ୍ୟମନ୍ତ୍ରୀଙ୍କ ପ୍ରେରଣା ଓ ପ୍ରଧାନମନ୍ତ୍ରୀଙ୍କ ସ୍ୱପ୍ନର ଭାରତ ଗଢିବାରେ ସହଯୋଗ କରିବାକୁ ନିବେଦନ କରିଥିଲେ। ମୁଖ୍ୟବକ୍ତା ଭାବେ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ମନୋରଞ୍ଜନ ମହାପାତ୍ର ଯୋଗଦେଇ ବିଶ୍ୱର ବଡ଼ ବଡ଼ ସଫଳ ବ୍ୟକ୍ତିତ୍ୱଙ୍କ ଉଦାହରଣ ଦେଇ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାକୁ ପିଲାମାନଙ୍କୁ ପ୍ରେରଣା ଦେଇଥିଲେ। ଉତ୍କଳ ମାଟିର ଗୌରବ ଗାଥା, ମାତାପିତାଙ୍କ ସେବା ଓ ମା'ମାଟିର ସୁରକ୍ଷା ପାଇଁ ପିଲାମାନଙ୍କୁ ମାର୍ଗଦର୍ଶନ ଦେବା ସହିତ ଅଭିଭାବକମାନେ କିପରି ନିଜ ସନ୍ତାନଙ୍କ ଉନ୍ନତିରେ ସହାୟକ ହୋଇପାରିବେ ତାହାକୁ ଗୀତ ମାଧ୍ୟମରେ ପ୍ରକାଶ କରିଥିଲେ। ବିଦ୍ୟାଳୟ ସଭାପତି ପ୍ରଦ୍ୟୁମ୍ନ କୁମାର ବେହେରା ସଭାପତିତ୍ୱ ଅଭିଭାଷଣରେ କହିଲେ, ଶୈଶବ ହେଉଛି ଶିଶୁର ଜୀବନ ଗଠନର ମୂଳଦୁଆ। ତେଣୁ ଶୈଶବ ଦିଗହରା ନ କରି ଠିକ୍ ମାର୍ଗରେ ପରିଚାଳିତ କରିବାକୁ ଅଭିଭାବକଙ୍କୁ ସେ ଅନୁରୋଧ କରିବା ସହିତ ସୁନାର ଭାରତ ଗଠନରେ ସହାୟକ ହେବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଶ୍ରେଷ୍ଠତା ପ୍ରତିପାଦନ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ପକ୍ଷରୁ 'ନୁର ସାରଥି', 'ଦୁରି ରତ୍ନ' ଓ 'ଗଙ୍ଗା ମିତ୍ର' ଉପାଧି ପ୍ରଦାନ କରାଯିବା ସହିତ ପୁରାତନ ଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସୁଜାତା ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ମଧୁସ୍ମିତା ଦାସ ଧନ୍ୟବାଦ ଦେଇଥିଲେ। ଗୁରୁମା ପ୍ରୀତିପଦ୍ମା ସାହୁ, ବୈଜୟନ୍ତୀ ପଟ୍ଟନାୟକ, ପ୍ରମିଳା ପଣ୍ଡା, ପାୟଲ ଜେନା, ସବିତା ମଞ୍ଜରୀ ଜେନା, ପୁଷ୍ପା ବେହେରା, ସରିତା ରାଉତ, ଶୁଭଶ୍ରୀ ପ୍ରତିଭା ନନ୍ଦ ଓ ପ୍ରମୋଦ ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପିଲାମାନେ ପ୍ରତିଭା ପ୍ରଦର୍ଶନ କରିଥିଲେ।

## ଜମାଟୋ ବୟଙ୍କୁ ଖଣ୍ଡାରେ ହାଣିଲେ ଦୁର୍ବୃତ୍ତ

**ପୁଣି ରାଜଧାନୀରେ ବୁଲିଲା ଖଣ୍ଡା**

ଭୁବନେଶ୍ୱର, ୨୭।୪ (ପ୍ରସନଜିତ୍ ସାହୁ)



ରାଜଧାନୀରେ ପୁଣି ବୁଲିଲା ଖଣ୍ଡା। ମାଷ୍ଟରକ୍ୟାଣ୍ଟିନ ନିକଟରେ ସୋମବାର ରାତିରେ ଜଣେ ଜୋମାଟୋ ବୟଙ୍କୁ ଖଣ୍ଡାରେ ଆକ୍ରମଣ ହୋଇଛି। ସେ ହେଲେ ବମିଖାଲର ଜନ୍ମେଞ୍ଜୟ ଗୋଛାୟାତ। ତାଙ୍କ ଡାହାଣ ଗୋଡ଼ରେ ଗଭୀର ଆଘାତ ଲାଗିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସୂଚନାଯୋଗ୍ୟ ଜନ୍ମେଞ୍ଜୟ ଭୁବନେଶ୍ୱରରେ ଜଣେ ଫୁଡ୍ ଡେଲିଭରି ବୟ ଭାବରେ କାମ କରନ୍ତି। ସେ ମାଷ୍ଟର କ୍ୟାଣ୍ଟିନ ପାଖ ଏକ ହୋଟେଲ ନିକଟରେ ଅର୍ଡର ଅପେକ୍ଷାରେ ବସିଥିବା ସମୟରେ ୨ଜଣ ଦୁର୍ବୃତ୍ତ ହଠାତ୍ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। କିଛି ସମୟ ପରେ ସେମାନଙ୍କ ମଧ୍ୟରୁ ଜଣେ ଜନ୍ମେଞ୍ଜୟଙ୍କ ଗୋଡ଼କୁ ଖଣ୍ଡାରେ ଆକ୍ରମଣ କରି ଫେରାର ହୋଇ ଯାଇଥିଲେ। ପ୍ରବଳ ରକ୍ତସ୍ରାବ କାରଣରୁ ଘଟଣାସ୍ଥଳରେ ଜନ୍ମେଞ୍ଜୟ ପଡ଼ି ଚିତ୍କାର କରିବାରୁ ସେଠାରେ ଅନେକ ଲୋକ ରୁଣ୍ଡ ହୋଇଯାଇଥିଲେ। ଏହି ଘଟଣାରେ ଖାରବେଳନଗର ପୋଲିସ ଏକ ମାମଲା (ନଂ.୨୬୬/୨୦୨୬) ରୁଜୁ କରି ଦୁର୍ବୃତ୍ତମାନଙ୍କୁ ଖୋଜୁଥିବା କହିଛି। ରବିବାର ରାଜଧାନୀରେ ଜଣେ ଡେଲିଭରି ବୟଙ୍କୁ ଆକ୍ରମଣ ହୋଇଥିଲା। ଠିକ୍ ଭାବରେ ପିସିଆର୍ ପାଟ୍ରୋଲିଂ ହେଉ ନ ଥିବାରୁ ପ୍ରତିଦିନ ରାଜଧାନୀରେ ମରଣାନ୍ତକ ଆକ୍ରମଣ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି।

## ପଞ୍ଚାୟତ କାର୍ଯ୍ୟାଳୟରେ ପଲ୍ଲୀରେ ପ୍ରଶାସନ

ବାଲିଅନ୍ତା,୨୭।୪(ନୀଳମାଧବ ସାହୁ)

ବାଲିଅନ୍ତା ବ୍ଲକ ଅନ୍ତର୍ଗତ ସତ୍ୟଭାମାପୁର ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଅଭିଯୋଗ ଶୁଣାଣିଜନିତ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ବିଡିଓ ରଶ୍ମିତା ନାଥ, ସରପଞ୍ଚ ରଶ୍ମିତା ଭୋଇଙ୍କ ସମେତ ବ୍ଲକର ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ଶିବିରରେ ୧୩ଟି ଗ୍ରାମୀଣ ଗୃହ ସମ୍ବନ୍ଧୀୟ ଓ ୧ ଟି ଭତ୍ତା ଆଦି ମୋଟ ୧୬ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପକ୍ଷରୁ ଜନ ଆରୋଗ୍ୟ ସମିତିର ଏକ ବୈଠକ ସରପଞ୍ଚ ରଶ୍ମିତା ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଏନ୍‌ଏମ ରଶ୍ମିପ୍ରିୟା ଦାସ, ସିଏଚ୍‌ଓ ରଶ୍ମିତା ସାହୁଙ୍କ ସମେତ ଅଙ୍ଗନୱାଡ଼ି ଓ ଆଶା କର୍ମୀମାନେ ଯୋଗଦେଇଥିଲେ। ବୈଠକରେ ପ୍ରତି ଗ୍ରାମରେ ଜଳଛତ୍ର ଖୋଲିବା ସହ ଟିକାକରଣ ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା।

## ଗୋ ସୁରକ୍ଷା ସମ୍ମାନ ଆହ୍ୱାନ ଅଭିଯାନ ଉଦ୍ଦେଶ୍ୟରେ ଦାବିପତ୍ର

ବାରଙ୍ଗ, ୨୭।୪(ଲିଙ୍ଗରାଜ ରାଉତ)

ବିଭିନ୍ନ ସଂଗଠନ ପକ୍ଷରୁ ବାରଙ୍ଗ ତସିଲଦାରଙ୍କୁ ସେମାବାର ଗୋ ସୁରକ୍ଷା ସମ୍ମାନ ଆହ୍ୱାନ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଅବସରରେ ବ୍ଲକର ପ୍ରାୟ ସମସ୍ତ ଅଞ୍ଚଳରୁ ଗୋ ପ୍ରେମୀମାନେ ଏକାଠି ହୋଇ ଗୋ ସମ୍ମାନ ଉଦ୍ଦେଶ୍ୟରେ ତ୍ରିଶୂଳିଆ ବଜାରରୁ ଏକ ଶୋଭାଯାତ୍ରା ବାହାରି ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସେମାନଙ୍କ ମଧ୍ୟରେ କେନ୍ଦ୍ର ସରକାର ଏବଂ ସମସ୍ତ ରାଜ୍ୟ ସରକାରଙ୍କୁ ରାଷ୍ଟ୍ର ଏବଂ ଭାରତୀୟ ସଂସ୍କୃତିର ହିତ ପାଇଁ ସମ୍ବିଧାନ ପରିସର ମଧ୍ୟରେ ରହି ଅହିଂସା ଉପାୟରେ ଗୋ ମାତାଙ୍କୁ ଉପଯୁକ୍ତ ଅନୁସନ୍ଧାନ ଏବଂ ଅନୁଦାନ ମିଳୁ, ଭାରତରେ ଗୋ ହତ୍ୟା ସମ୍ପୂର୍ଣ୍ଣ ନିଷେଧ ହେଉ ଓ ଗୋ ମାତାଙ୍କୁ ରାଷ୍ଟ୍ର ମାତାର ସମ୍ମାନ ସହ ମୌଳିକ ଅଧିକାର ପ୍ରଦାନ କରିବା ଆଦି ରହିଛି। ଏନେଇ ୩ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ଉଦ୍ଦେଶ୍ୟରେ ବାରଙ୍ଗ ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

## ରବୀନ୍ଦ୍ର ମଣ୍ଡପରେ ଅବ୍ୟବସ୍ଥା: ଦର୍ଶକ, ଆୟୋଜକ ହଟହଟା

**ଭୁବନେଶ୍ୱର,୨୭।୪ (ସୌମ୍ୟରଞ୍ଜନ ରାଉତ) – ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ରାଜଧାନୀ ଭୁବନେଶ୍ୱରର ପ୍ରମୁଖ ତଥା ପୁରୁଣା ପ୍ରେକ୍ଷାଳୟ ରବୀନ୍ଦ୍ର ମଣ୍ଡପରେ ଏବେ ନାନା ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଉପର ଚକାଚକ ଦିଶୁଥିବା ଏହି ପ୍ରେକ୍ଷାଳୟର ଭିତର ସମସ୍ୟା ଦର୍ଶକ ଓ ଆୟୋଜକଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରୁଛି। ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ପାଣି ଓ ପରିମଳ ସମସ୍ୟା ହଟହଟା କରୁଛି। ଆଗୁଆ ହଜାର ହଜାର ଟଙ୍କା ଦେଇ ବୁକିଂ ନେଉଥିବା ଆୟୋଜକ ସମସ୍ୟା ଜଣାଇଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି।**



### ଭଙ୍ଗା ଶୌଚାଳୟରୁ ବାହାରୁଛି ଦୁର୍ଗନ୍ଧ





ରବୀନ୍ଦ୍ର ମଣ୍ଡପରେ ରାଜ୍ୟ ତଥା ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେଉଛି। ଦେଶ ବିଦେଶରୁ ମଧ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଏଠାକୁ ଅତିଥି, ଦର୍ଶକ ଓ କଳାକାର ଭାବେ ଆସୁଛନ୍ତି। ହେଲେ ଶୌଚାଳୟର ଭଗ୍ନ ଅବସ୍ଥା ଓ ଦୁର୍ଗନ୍ଧ ବାହାରୁଥିବାରୁ ସେମାନେ କ'ଣ ଅନୁଭୂତି ନେଇ ଫେରୁଥିବେ ତାହା ସହଜରେ ଅନୁମେୟ। ଅନେକ ଦିନ ହେବ ଶୌଚାଳୟ ଭଙ୍ଗାରୁଜା ଅବସ୍ଥାରେ ରହିଛି। କବାଟ ଭାଙ୍ଗିଯାଇଥିବାବେଳେ ଉପର ସିଲିଂ ଖସି ପଡ଼ିଛି। ଅନେକ ସମୟରେ ଶୌଚାଳୟ ଭିତର ସଫା ହେଉ ନ ଥିବାରୁ ଦୁର୍ଗନ୍ଧରେ ନାକ ଫାଟି ଯାଉଛି। ପ୍ରତ୍ୟେକ ଦିନ ଏଠାକୁ ସଂସ୍କୃତି ବିଭାଗର ଅଧିକାରୀ, ନେତା, ମନ୍ତ୍ରୀ ଓ ଅଭିନେତା ଆସୁଥିଲେ ମଧ୍ୟ ଏଦିଗରେ ପଦକ୍ଷେପ ନ ନେବା 'ସରକାର୍‌କା ମାଲ୍ ଦରିଆ ମେଁ ଡାଲ୍' ସଦୃଶ ହୋଇଛି।

### ସବୁଠୁ ବଳିଯାଉଛି ପାଇବା ପାଣି, ଏସି ସମସ୍ୟା

ରବୀନ୍ଦ୍ର ମଣ୍ଡପରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ସମୟରେ ଏସି ଠିକ୍ ଭାବେ କାମ କରୁ ନ ଥିବା ଅଭିଯୋଗ ହେଉଛି। ଦର୍ଶକ ଓ ଅତିଥିମାନେ ଅସହ୍ୟ ଗରମରେ ବସି କାର୍ଯ୍ୟକ୍ରମ ଦେଖିବାକୁ ବାଧ୍ୟ ହେଉଛନ୍ତି। ତଳ ମହଲାରେ ଚଳିଯାଉଥିଲେ ମଧ୍ୟ ଉପରେ ବସୁଥିବା ଦର୍ଶକ ଗରମରେ ଛଟପଟ ହେଉଛନ୍ତି। ସେହିଭଳି ପ୍ରେକ୍ଷାଳୟରେ ପିଇବା ପାଣି ସମସ୍ୟା ଚିନ୍ତା ବଢ଼ାଉଛି। ଏତେବଡ଼ ପ୍ରେକ୍ଷାଳୟରେ ବାହାରେ ଏକମାତ୍ର ପିଇବା ପାଣି ବ୍ୟବସ୍ଥା ଥିବାବେଳେ ଭିତରେ କୌଣସି ପ୍ରକାରର ପିଇବା ପାଣିର ବ୍ୟବସ୍ଥା ନାହିଁ। କଳାକାର ଓ ଦର୍ଶକ ପାଣିପାଇ ଏପଟ ସେପଟ ଘୂରିବାକୁ ପଡୁଥିବାବେଳେ ଜାଣିଥିବା ଲୋକେ ବାହାରୁ ପାଣିକିଣି ଆଣୁଥିବା ଦେଖାଯାଉଛି। ।





### ଅଚଳ ଲାଇଟ୍, ଅନ୍ଧାରରେ ବରପୁତ୍ର

ରବୀନ୍ଦ୍ର ମଣ୍ଡପ ବାହାରେ ଥିବା ଛୋଟ ପାର୍କ ଭିତରେ ଅନେକ ଛୋଟ ବଡ଼ ଲାଇଟ୍ ଅଚଳାବସ୍ଥାରେ ରହିଛି। କିଛି ଲାଇଟ୍ ଆକର୍ଷଣୀୟ ହୋଇଥିଲେ ମଧ୍ୟ ଆଉ କିଛି ଲାଇଟ୍ ଅନେକ ଦିନ ହେବ ଅଚଳ ହୋଇ ରହିଥିଲେ ହେଁ ଦାୟିତ୍ୱରେ ଥିବା ଅଧିକାରୀ ଏଥିପ୍ରତି ଧ୍ୟାନ ଦେଉନାହାଁନ୍ତି। ସେହିପରି ମଣ୍ଡପ ପରିସରରେ ଥିବା ବରପୁତ୍ର ମଧ୍ୟ ଅନ୍ଧାରରେ ରହୁଛନ୍ତି। ଲାଇଟ୍ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଅନେକ ଦିନ ହେବ ଅଚଳ ହୋଇ ପଡ଼ିରହିଛି। ଏପରି ଅବସ୍ଥା ଏକ ପ୍ରମୁଖ ସଂସ୍କୃତିକ ମଞ୍ଚ ପାଇଁ ଅପମାନଜନକ ବୋଲି କୁହାଯାଉଥିଲେ ମଧ୍ୟ ଦାୟିତ୍ୱରେ ରହୁଥିବା ଅଧିକାରୀ ଓ କର୍ମଚାରୀଙ୍କ ମନମାନି ସମସ୍ୟାକୁ ବହୁଗୁଣିତ କରୁଛି।

**ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ**

କଟକ ସଦର,(ସୁଶାନ୍ତ କୁମାର ଜେନା): କିଶନନଗର ଥାନା ଅନ୍ତର୍ଗତ ହୁଲିପୁର ଗ୍ରାମର କୁନି ଭୋଇଙ୍କ ଦୁଇବଖରା ଚାଳଘର ସୋମବାର ପୂର୍ବାହ୍ନରେ ପୋଡ଼ି ଭସ୍ମୀଭୂତ ହୋଇଯାଇଛି। ଘରେ ଥିବା ଆସବାବପତ୍ର, ଧାନ, ଚାଉଳ ସହ ନଗଦ ଟଙ୍କା ପୋଡ଼ିଯାଇଛି। ଗ୍ରାମବାସୀ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଘଟଣାସ୍ଥଳରେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି।

## ସଂକ୍ଷେପରେ

### ଆଜି ଭାଜପାର ଜନ ଆକ୍ରୋଶ ସମାବେଶ

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ନାରୀଶକ୍ତି ବନ୍ଦନ ଅଧିନିୟମକୁ ଲୋକ ସଭାରେ ବିରୋଧୀ ଦଳଗୁଡ଼ିକ ବିରୋଧ କରିବା ପରେ ସମଗ୍ର ଦେଶରେ ବିଭିନ୍ନ ମହିଳା ସଂଗଠନ ପକ୍ଷରୁ ତୀବ୍ର ପ୍ରତିବାଦ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଅପରାହ୍ନରେ ତୁଳସୀପୁରରେ ଭାଜପା କଟକ ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ଜନ ଆକ୍ରୋଶ ସମାବେଶ ଆୟୋଜନ ହେବ। ଏହି ସମାବେଶରେ ଜିଲାର ୫ଟି ନିର୍ବାଚନମଣ୍ଡଳୀରୁ ୫ ହଜାରରୁ ଅଧିକ ମହିଳା ଯୋଗଦେବେ ବୋଲି ଭାଜପା ପକ୍ଷରୁ ସୋମବାର ସର୍କିଟ ହାଉସରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟା ରଶ୍ମିରେଖା ଦାସ ସୂଚନା ଦେଇଛନ୍ତି। ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ନମିତା ମିଶ୍ର, ଗୀତା ଦାସ, ପ୍ରବୀଣା ମହାପାତ୍ର, ମଧୁସ୍ମିତା ପ୍ରଧାନ, ଅମ୍ବିକା ଦାସ, ସନ୍ତୋଷୀ ଚୌଧୁରୀ, ରୀତା ମହାପାତ୍ର, ପ୍ରତିମା ସ୍ୱାଇଁ ଓ ସବିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ୧୪୭ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ, ଜଣେ ଗିରଫ

କଟକ,୨୭।୪(କୁମାରଶ୍ରୀ)

ଜଣେ ପେସାଦାର ନିଶା ବେପାରୀଙ୍କୁ ଅବକାରୀ ବିଭାଗର ଫ୍ଲାଇଙ୍ଗ ସ୍କ୍ୱାଡ୍ ଗିରଫ କରିଛି। ସେ ହେଲେ ଲାଲବାଗ ଥାନା ଅନ୍ତର୍ଗତ ଚାନ୍ଦିନୀଚୌକ ଅଞ୍ଚଳର ଭାବଗ୍ରାହୀ ସେଠୀ(୨୬)। ତାଙ୍କ ପାଖରୁ ୧୪୭ ଗ୍ରାମ୍ ବ୍ରାଉନସୁଗାର ଜବତ ହୋଇଛି, ଯାହାର ମୂଲ୍ୟ ପ୍ରାୟ ୧୪ ଲକ୍ଷ ୭୦ ହଜାର ଟଙ୍କା। ପୋଲିସ ସୂଚନା ମୁତାବକ, ଗତ କିଛିଦିନ ହେବ ସତୀଚଉରା ସଂଲଗ୍ନ ଅଞ୍ଚଳରେ ନିଶା କାରବାର ଚାଲୁଥିବା ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ତଦନ୍ତରୁ ଚାନ୍ଦିନଚୌକ ଅଞ୍ଚଳର ଭାବଗ୍ରାହୀ ଏହି କାରବାର କରୁଥିବା ସ୍ପଷ୍ଟ ହୋଇଥିଲା। ଭାବଗ୍ରାହୀ ନିଶାଦ୍ରବ୍ୟ ଧରି ସେଲଟର ଛକ ନିକଟରେ ଛିଡା ହୋଇଥିବା ଖବର ପାଇ ଫ୍ଲାଇଂ ସ୍କ୍ୱାଡ୍ ସେଠାରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା। ତଲାସି ବେଳେ ତାଙ୍କ ପାଖରୁ ୧୪୭ ଗ୍ରାମ୍ ବ୍ରାଉନସୁଗାର ମିଳିଥିଲା। ଚାନ୍ଦିନଚୌକ ଅଞ୍ଚଳରେ ଭାବଗ୍ରାହୀ ଏକ ଦୋକାନ କରିଥିଲେ। ଅର୍ଥ ଲୋଭରେ ପଡ଼ି ସେ ନିଶାମାଫିଆଙ୍କ ସଂସ୍ପର୍ଶରେ ଆସି ବ୍ରାଉନସୁଗାର ବେପାର ଆରମ୍ଭ କରିଥିଲେ। ବାଲେଶ୍ୱରରୁ ନିଶାଦ୍ରବ୍ୟ ଆଣି କଟକ ଓ ଆଖପାଖ ଅଞ୍ଚଳରେ ବିକ୍ରି କରୁଥିଲେ।

### ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ

କଟକ ସଦର,୨୭।୪(ସୁଶାନ୍ତ କୁମାର ଜେନା)

ବୟାଳିଶ ମୌଜା ଅନ୍ତର୍ଗତ ଶିଶୁଆ ଗ୍ରାମର ସାମଲ ସାହି ରାସ୍ତାକୁ ଜବରଦଖଲ କରାଯାଇ ବିଭିନ୍ନ ନିର୍ମାଣ କରାଯାଇଥିଲା। ହାଇକୋର୍ଟଙ୍କ ରାୟକୁ କାର୍ଯ୍ୟକାରୀ କରାଯାଇ ସୋମବାର କଟକ ସଦର ତହସିଲ ପ୍ରଶାସନ ଏହି ଜବରଦଖଲକୁ ଉଚ୍ଛେଦ କରିଛି। ଅତିରିକ୍ତ ତହସିଲଦାର ଶୋଭେନ ବିଶ୍ୱାଳଙ୍କ ଉପସ୍ଥିତିରେ ପୋଲିସ ସହାୟତାରେ ସ୍ଥାୟୀ ନିର୍ମାଣକୁ ଭଙ୍ଗାଯାଇଥିଲା। ଭଙ୍ଗା ସମୟରେ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା।

# ଜନଗଣନାକାରୀଙ୍କ ସମସ୍ୟା ବୁଝିଲେ ଜିଲାପାଳ

କଟକ,୨୭।୪(କାର୍ତ୍ତିକ ସାହୁ)



ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ସହ ଜନଗଣନା କାର୍ଯ୍ୟରେ ନିୟୋଜିତ ଅଧିକାରୀ ଓ କର୍ମଚାରୀମାନେ।

୨୦୨୭ ଜନଗଣନାକୁ ସୁଚାରୁରୂପେ ସଫଳତାର ସହ ସମ୍ପନ୍ନ କରିବାକୁ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଜିଲାରେ ନିୟୋଜିତ ଜନଗଣନାକାରୀମାନଙ୍କ ସହିତ ସୋମବାର ଆଲୋଚନା କରିଛନ୍ତି। ଜିଲାପାଳ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ମନୋବଳ ବୃଦ୍ଧି କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଜିଲାପାଳ ସମ୍ପୃକ୍ତ କର୍ମଚାରୀମାନଙ୍କୁ ଗୋଟିଏ ଲେଖାଏ ଟୋପି ପ୍ରଦାନ କରିଛନ୍ତି। ପ୍ରତି ବ୍ଲକରେ ଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଓଆର୍‌ଏସ୍ ପ୍ୟାକେଟ୍ ମହଜୁଦ ରଖାଯାଇଥିବା ବିଷୟରେ ମଧ୍ୟ ଅବଗତ କରାଇଛନ୍ତି। ଜନଗଣନା ସମୟରେ ଆବଶ୍ୟକ ପଡ଼ିଲେ ଗଣନାକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରୁ ଓଆର୍‌ଏସ୍ ପ୍ୟାକେଟ୍ ନେଇପାରିବେ ବୋଲି ଜିଲାପାଳ କହିଛନ୍ତି। ଜନଗଣନା ଦେଶର ଯୋଜନାମୂଳକ ଉନ୍ନତି ପାଇଁ ମୂଳ ତଥ୍ୟ ଯୋଗାଇଥାଏ, ଯାହା ଉପରେ ଦେଶର ନୀତି ନିର୍ଦ୍ଧାରଣ କରାଯାଇଥାଏ। ଏଭଳି ଏକ ଗଠନମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିବାରୁ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଜିଲାପାଳ ପ୍ରଶଂସା କରିବା ସହ ସଠିକ୍ ଓ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ଜନଗଣନାର ଗୁରୁତ୍ୱ ସମ୍ବନ୍ଧରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହ ଏହି କାର୍ଯ୍ୟରେ ସେମାନଙ୍କ ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ(ସାଧାରଣ) କମଲଜିତ୍ ଦାସ ଏବଂ ଡେପୁଟି କଲେକ୍ଟର ନୁରୀ ପରବିନ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଆଜି ତଦନ୍ତ କରିବେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷ

**ଏସ୍‌ସିବିରୁ ୧୪ ଶିଶୁ ବିକ୍ରି ଘଟଣା**

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଅସହାୟ ମହିଳାଙ୍କ ୧୪ ଶିଶୁ ବିକ୍ରି ଘଟଣାର ତଦନ୍ତ କରିବ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)। ମଙ୍ଗଳବାର ପୂର୍ବାହ୍ନରେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷ ଏସ୍‌ସିବିରେ ପହଞ୍ଚି କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବେ। ଅନ୍ୟପଟେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ମିଳିବା ପରେ ତତ୍ପରତା ଦେଖାଦେଇଛି। ମେଡିକାଲ ପକ୍ଷରୁ ଏକ ଟିମ୍ ଗଠନ ସହ ନବଜାତ ଶିଶୁଙ୍କ ପଞ୍ଜୀକରଣ ତାଲିକା ଯାଞ୍ଚ କରାଯାଉଛି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ୨୦୧୮ ଡିସେମ୍ବର ୨୬ରୁ ୨୦୨୫ ମାର୍ଚ୍ଚ ୨ ମଧ୍ୟରେ ୧୬ ଜଣ ଅସହାୟ ତଥା ଅପରିଚିତ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ପ୍ରସବ କରାଯାଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୪ ଜଣ ଶିଶୁଙ୍କ ସମ୍ପର୍କରେ କୌଣସି ତଥ୍ୟ ନ ଥିବା ଆର୍‌ଟିଆଇ ତଥ୍ୟରୁ ସାମ୍ନାକୁ ଆସିଛି। ଉକ୍ତ ଘଟଣାର ତଦନ୍ତ ପାଇଁ ଓଏସ୍‌ସିପିସିଆର୍ ଅଧ୍ୟକ୍ଷ ମଙ୍ଗଳବାର ଏଠାକୁ ଆସିବେ। ମାହାଙ୍ଗା ଅଞ୍ଚଳର ଦୀପକ କୁମାର ଆଚାର୍ଯ୍ୟ ଓ ଯାଜପୁର ଅଞ୍ଚଳର ଅଚ୍ୟୁତ କୁମାର ସାହୁ ଉକ୍ତ ଘଟଣାର ତଦନ୍ତ ପାଇଁ ସ୍ୱାସ୍ଥ୍ୟ ସଚିବ, ଆର୍‌ଡିସି, କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।

# ଗୋ’ମାତାଙ୍କୁ ରାଷ୍ଟ୍ରମାତା ଘୋଷଣା ସହ ସୁରକ୍ଷା ଦାବି




କଟକ,୨୭।୪(କୁମାରଶ୍ରୀ)

ଗୋ’ ସୁରକ୍ଷା ପାଇଁ ନିୟମ କଡ଼ାକଡ଼ି ସହ ଗୋମାତାଙ୍କୁ ରାଷ୍ଟ୍ରମାତା ଘୋଷଣା କରାଯିବା ଦାବିରେ ସୋମବାର ଗୋ’ଭକ୍ତ ଓ ଗୋ’ପ୍ରେମୀମାନଙ୍କ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ସକାଳେ କଟକ ଚଣ୍ଡୀମନ୍ଦିରରୁ ଏହି ବିଶାଳ ଶୋଭାଯାତ୍ରା ବାହାରି ଚାନ୍ଦିନୀଚୌକସ୍ଥିତ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ଏଥିରେ କଟକ ମହାନଗର ନିଗମ ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ସମେତ ବହୁସଂଖ୍ୟାରେ ଗୋ’ଭକ୍ତ ଓ ଗୋ’ପ୍ରେମୀ ଯୋଗଦେଇଥିଲେ। ଗୋ-ହତ୍ୟା ଭଳି କଳଙ୍କର ସମ୍ପୂର୍ଣ୍ଣ ବିନାଶ, ଗୋ’ରକ୍ଷା ନିମନ୍ତେ କଠୋର ଆଇନ ପ୍ରଣୟନ, ଗୋଚରଜମିକୁ ଜବରଦଖଲମୁକ୍ତ କରି କେବଳ ଗୋଶାଳା ପରିଚାଳନା ନିମନ୍ତେ ବ୍ୟବହାର, ରାଷ୍ଟ୍ରର ଆଧାର ରୂପେ ଘୋଷଣା, ଗୋମାତାଙ୍କ ଉପରେ ଉପଯୁକ୍ତ ଗବେଷଣା, ଗୋବର ଓ ଗୋମୂତ୍ରରୁ ପ୍ରସ୍ତୁତ ସାମଗ୍ରୀକୁ ପ୍ରୋତ୍ସାହନ ସାଙ୍ଗକୁ ପ୍ରତ୍ୟେକ ଗ୍ରାମପଞ୍ଚାୟତରେ ‘ନନ୍ଦୀଶାଳା’ ସ୍ଥାପନା ଆଦି ଦାବି କରାଯାଇଥିଲା। ଏହି ଅବସରରେ ତହସିଲଦାରଙ୍କୁ ଏ ସଂକ୍ରାନ୍ତ ଦାବିପତ୍ର ଦିଆଯାଇଥିଲା। ଗୋ ସୁରକ୍ଷା ନେଇ ଆଗାମୀ ଦିନରେ ଏଭଳି କାର୍ଯ୍ୟକ୍ରମ ଜୋରଦାର କରାଯିବ ବୋଲି ସାମାଜିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ କୁହାଯାଇଛି।

# ଟ୍ରକ ମାଲିକ, ସହଯୋଗୀ ଗିରଫ

**୨୩ ଟନ ହାର୍ଡକୋକ୍ ଜବତ ଘଟଣା**

ମଙ୍ଗୁଳି-ଜଗତପୁର, ୨୭।୪(ମାନସ ସାମଲ)

୨୩ ଟନ୍ ହାର୍ଡକୋକ୍ ଜବତ ଘଟଣାରେ ଟାଙ୍ଗୀ ପୋଲିସ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ଟ୍ରକ ମାଲିକ ଉତ୍ତରାଖଣ୍ଡ ହରିଦ୍ୱାର ଜିଲା ଲକ୍ସର୍ ଥାନା ଅଞ୍ଚଳର ମହମ୍ମଦ ୱାକିଲ (୪୦) ଏବଂ ତାଙ୍କ ସହଯୋଗୀ କଟକ ସଦର ଥାନା ଅଧୀନ ଚାନ୍ଦିନୀଚୌକ ଅଞ୍ଚଳର ସୁରେନ୍ଦ୍ର କୁମାର ଶର୍ମା (୬୧)। ପୂର୍ବରୁ ସମ୍ପୃକ୍ତ ଟ୍ରକର ଚାଳକ ଓ ହେଲ୍ପରଙ୍କୁ ଗିରଫ କରାଯାଇଥିଲା। ପୋଲିସ ଏ ନେଇ ଏକ ମାମଲା (ନଂ. ୧୯୦/୨୬) ରୁଜୁ କରି ତଦନ୍ତ ଜାରି ରଖିଛି। ସୂଚନାଯୋଗ୍ୟ, ଗତ ୧୦ ତାରିଖ ସନ୍ଧ୍ୟାରେ ନିର୍ଗୁଣ୍ଡି ପୁରୁଣା ଟୋଲ୍ ପ୍ଲାଜା ନିକଟରେ ଟାଙ୍ଗୀ ପୋଲିସ ଯାନବାହନ ଯାଞ୍ଚ ସମୟରେ ଗୋଟିଏ ୧୨ଚକିଆ ଟ୍ରକ୍ (ନଂ. ଏଚ୍‌ଆର୍ ୫୫ଭି ୫୭୭୭)କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ପରେ ଟ୍ରକ ଲୋଡ୍ ଥିବା ଉକ୍ତ ଟ୍ରକ୍‌ର ଚାଳକ ଓ ହେଲପର୍ କୌଣସି ବୈଧ କାଗଜପତ୍ର ଦେଖାଇ ପାରି ନ ଥିଲେ। ପଚରାଉଚରା ପରେ ଟ୍ରକ୍ ମାଲିକ ଓ ତାଙ୍କ ସହଯୋଗୀଙ୍କ ନିର୍ଦ୍ଦେଶରେ ଉକ୍ତ ହାର୍ଡକୋକ୍‌କୁ ଅବୈଧ ଭାବେ ବିକ୍ରୟ ଉଦ୍ଦେଶ୍ୟରେ ପରିବହନ କରୁଥିଲେ ବୋଲି ଚାଳକ ଓ ହେଲ୍‌ପର ପୋଲିସ ଆଗରେ ସ୍ୱୀକାର କରିଥିଲେ।

# ୪୧ନଂ. ୱାର୍ଡରେ ଓଡ଼ିଶା ଜନତା କଂଗ୍ରେସର କର୍ମୀ ସମ୍ମିଳନୀ

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ସିଏମ୍‌ସି ୱାର୍ଡ ନଂ. ୪୧ର ମଝିସାହିରେ ସୋମବାର ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଏକ ବିଶାଳ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ନିକୁଞ୍ଜ ପଶାୟତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଦଳର ରାଜ୍ୟ ସଭାପତି ଇଂ. ମହମ୍ମଦ ମୋକ୍ସିମ ଯୋଗଦେଇ ବିଭିନ୍ନ ମୌଳିକ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ଆଗାମୀ ଦିନରେ ଦଳୀୟ ସଙ୍ଗଠନକୁ ତୃଣମୂଳସ୍ତରରୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଜନସାଧାରଣଙ୍କ ସେବା ଓ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଦଳ ସଦାସର୍ବଦା ସଂକଳ୍ପବଦ୍ଧ ବୋଲି ସେ କହିଥିଲେ। ସମ୍ମିଳନୀରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା ସାମ୍ପ୍ରତିକ ସ୍ଥିତିରେ ସାଧାରଣ ଲୋକଙ୍କ ସ୍ୱରକୁ ଶାଣିତ କରିବା ପାଇଁ ଓଡ଼ିଶା ଜନତା କଂଗ୍ରେସ ଏକ ମାଧ୍ୟମ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ଦଳର ଅନେକ ସକ୍ରିୟ କର୍ମୀ ଓଡ଼ିଶା ଜନତା କଂଗ୍ରେସରେ ସାମିଲ ହୋଇଥିଲେ। ସମ୍ମିଳନୀରେ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟକ ମହିଳା, ଯୁବତୀ ଯୁବକ ଉତ୍ସାହର ସହ ଅଂଶଗ୍ରହଣ କରିଥିବାବେଳେ ବରିଷ୍ଠ ବ୍ୟକ୍ତିବିଶେଷ ଓ ସାହି ମୁରବିମାନେ ଉପସ୍ଥିତ ଥିଲେ।

# ୧୧ ଲକ୍ଷ ଟଙ୍କାର ଚୋରା କାଠ ଜବତ

କଟକ ସଦର,୨୭।୪
(ସୁଶାନ୍ତ କୁମାର ଜେନା)



କଦମପଡ଼ାସ୍ଥିତ ବେଆଇନ କରତ କଳ ଉପରେ ବନବିଭାଗର ଚଢ଼ାଉ।

ବୟାଳିଶ ମୌଜା ଥାନା ଅନ୍ତର୍ଗତ କଦମପଡ଼ାରେ ଥିବା ଏକ ବେଆଇନ କରତକଳ ଉପରେ ସୋମବାର ସକାଳେ ବନ ବିଭାଗର ଅଧିକାରୀମାନେ ଚଢାଉ କରିଛନ୍ତି। ଏହି ଚଢାଉ ବେଳେ କାଠ କାଟିବା ଯନ୍ତ୍ରାଂଶ, ୧୩୬.୮୪ ଶିଫ୍ଟ କାଠ ସମେତ ୧୧ଲକ୍ଷ ଟଙ୍କାର ବିଭିନ୍ନ ସାମଗ୍ରୀ ଜବତ କରାଯାଇଥିବା ଫୁଲନଖରା ବନାଞ୍ଚଳ କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ଚଢ଼ାଉରେ ୪୨ମୌଜା ଥାନା ଓ ଭିଜିଲାନ୍ସ ଶାଖା ସହଯୋଗ କରିଥିଲା। ବିରିଡ଼ି, କଟକ ସଦର, କନ୍ଦରପୁର, କିଶନନଗର ଅଞ୍ଚଳରୁ ଟ୍ରାକ୍ଟର ଯୋଗେ ଚୋରା କାଠ ଏହି କରତକଳକୁ ଆସୁଥିଲା। ଏନେଇ ଉକ୍ତ କରତକଳ ମାଲିକଙ୍କ ବିରୋଧରେ ବନ ବିଭାଗ ପକ୍ଷରୁ ୨୭/୨୦୨୬ରେ ଏକ ମାମଲା ରୁଜୁ କରାଯାଇଛି।

# ସିନର୍ଜି କଲେଜ ଇନୋଭିଜନ-୨୦୨୬




ଫୁଲନଖରା, ୨୭।୪ (ସତ୍ୟରଞ୍ଜନ ଦାସମହାପାତ୍ର)

ଫୁଲନଖରାସ୍ଥିତ ସିନର୍ଜି କଲେଜରେ ଇନୋଭିଜନ-୨୦୨୬ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସପାଳନ ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମେକାନିକାଲ ଇଂଜିନିୟରିଙ୍ଗ ବିଭାଗ, ସିନର୍ଜି ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି ଓ ଏସକେଡ଼ି ପ୍ୟାଟେଣ୍ଟ କୋଲକତା ମିଳିତ ଭାବରେ ଆୟୋଜନ କରିଥିଲେ। ଏଥିରେ ସିନର୍ଜି ମ୍ୟାନେଜିଙ୍ଗ ଟ୍ରଷ୍ଟି ବିନୋଦ ଦାଶ, ନିର୍ଦ୍ଦେଶକ ପ୍ରଫେସର ଚିତ୍ରସେନ ଜଗତଦେଓ, ଆଇଆଇଟି ଭୁବନେଶ୍ୱରର ପ୍ରଫେସର ସନ୍ଦୀପ ପଟ୍ଟନାୟକ, ଡ. ଅଶ୍ୱିନୀକୁମାର ମହାନ୍ତି, ସିନର୍ଜି ଡିନ୍ ଡ.ଯୋଗେଶରୀ ରାଉତ, ସୁମନକୁମାର ଦାସ ଏବଂ ଡ. ରମେଶଚନ୍ଦ୍ର ନାୟକ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର ୬୫ଟି ସୃଜନଶୀଳ ପ୍ରକଳ୍ପ ଉପସ୍ଥାପିତ ହୋଇଥିଲା। ସେଥିମଧ୍ୟରୁ ୩୫ଟି ପ୍ରକଳ୍ପ ମନୋନୀତ ହୋଇଥିଲା। ଡ. ବିଶ୍ୱମୋହନ ବେହେରା, ନରେଶ ପାତ୍ର ଓ ଛାତ୍ରୀଛାତ୍ରଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସିଡୁଆ ବାଲିଘାଟରେ ଚଢ଼ାଉ

କଟକ ସଦର,୨୭।୪(ସୁଶାନ୍ତ କୁମାର ଜେନା)

କଟକ ସଦର ତହସିଲ ଅନ୍ତର୍ଗତ ସିଡୁଆ ନଦୀ ଆଇତଳଙ୍ଗ ବାଲିଘାଟର ଲିଜ ଅବଧି ପୂରଣ ହୋଇସାରିଛି। ଏହାସତ୍ତ୍ୱେ ରାତିବେଳା ଉକ୍ତ ଘାଟରୁ ଟ୍ରାକ୍ଟର, ହାଇୱା ଦ୍ୱାରା ବାଲି ପରିବହନ କରାଯାଉଥିବା ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ବେଣ୍ଟକାର ରାଜସ୍ୱ ସର୍କଲର ନିରୀକ୍ଷକ ରଞ୍ଜିତ ଦାସ ଏବଂ ୪୨ ମୌଜା ଥାନାର ଅଧିକାରୀ ହେମନ୍ତ ସେଠୀ ମିଳିତ ଭାବେ ଚଢ଼ାଉ କରି ଏହି ଘାଟକୁ ବନ୍ଦ କରିଛନ୍ତି। ବାଲିଘାଟକୁ ଗାଡ଼ି ପ୍ରବେଶ ପାଇଁ ଥିବା ରାସ୍ତାକୁ ମଧ୍ୟ ଜେସିବି ଦ୍ୱାରା ପୋଲିସ ଖୋଳି ଦେଇଛି। ମାତ୍ର ସେଠାରେ ଆଗରୁ ଛିଡ଼ା ହୋଇଥିବା ଟ୍ରାକ୍ଟର, ହାଇୱାକୁ ଜବତ କରାଯାଇନାହିଁ, କାରଣ ଏଥିରେ ବାଲି ବୋଝେଇ ହୋଇ ନ ଥିଲା।

# ୮୭ ଅଭିଯୋଗରୁ ୧୦ ସମାଧାନ

**ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି**

ମଙ୍ଗୁଳି-ଜଗତପୁର,୨୭।୪(ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ଓଏଲ୍‌ଏମ୍ କକ୍ଷରେ ଜିଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଏସ୍‌ପି ବିନୀତ ଅଗ୍ରୱାଲ, ବିଡିଓ ଏନ୍. ରାଜଲକ୍ଷ୍ମୀ ଓଝା, ଅତିରିକ୍ତ ବିଡିଓ ଶ୍ୱାଶତ କୁମାର ଜେନା ପ୍ରମୁଖଙ୍କ ସମେତ ବିଭିନ୍ନ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗଦେଇଥିଲେ। ତହସିଲଦାରଙ୍କ ଅନୁପସ୍ଥିତିକୁ ନେଇ ଅଭିଯୋଗକାରୀମାନେ ଅସନ୍ତୋଷ ପ୍ରକାଶ କରି କିଛି ସମୟ ହୋହଲ୍ଲା କରିଥିଲେ। ଜିଲାପାଳଙ୍କ ହସ୍ତକ୍ଷେପ ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶିବିରରେ ମୋଟ ୮୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୬୯ଟି ବ୍ୟକ୍ତିଗତ ଓ ୧୮ଟି ସାମୂହିକ ସମସ୍ୟା ସମ୍ପର୍କିତ ଥିଲା। ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଅବଶିଷ୍ଟ ଅଭିଯୋଗଗୁଡ଼ିକ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ସମ୍ପୃକ୍ତ ବିଭାଗ ପଠାଯାଇଛି।

# ‘ଛାତ୍ରୀଛାତ୍ରମାନେ ସଂସ୍କାରୀ ହୁଅନ୍ତୁ’




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଟାଙ୍ଗୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଚତୁର୍ବିଂଶତମ ବାର୍ଷିକ ଉତ୍ସବ**

ମଙ୍ଗୁଳି-ଜଗତପୁର,୨୭।୪(ମାନସ ସାମଲ)

ଟାଙ୍ଗୀ କୋଟସାହି ପଞ୍ଚାୟତ ରାମଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଚତୁର୍ବିଂଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗୋଲ୍ଡ ମେଡାଲିଷ୍ଟ ଦିଲୀପ ମଲିକଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ବିଦ୍ୟୁତ ପରିଷଦର ସଭାପତି ରମାକାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ପ୍ରତିଷ୍ଠାତା ଅରୁଣ କୁମାର ସ୍ୱାଇଁ, ବିଦ୍ୟାମନ୍ଦିର ପରିଚାଳନା କମିଟି ସମ୍ପାଦକ ଭାଗ୍ୟଧର ସେଠୀ ଓ ପ୍ରଧାନ ଆଚାର୍ଯ୍ୟ ଅରକ୍ଷିତ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ବେହେରା, ରଞ୍ଜିତ କୁମାର ଲେଙ୍କା, ଲୋକନାଥ ବେହେରା ପ୍ରମୁଖ ଯୋଗଦେଇଥିଲେ। ଆଗରୁ ଭୟ ଓ ଭକ୍ତିରେ ପାଠ ପଢ଼ା ହେଉଥିଲା। ମା’ ବାପା ପ୍ରଥମ ଗୁରୁ, ତେଣୁ ତାଙ୍କ କଥା ଆଗ ଶୁଣିବା। ପ୍ରଥମେ ସଂସ୍କାରୀ ହୁଅ, ପାଠ ଆପେ ଆପେ ହେବ ବୋଲି ଅତିଥିମାନେ କହିଥିଲେ। କ୍ରୀଡ଼ା ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୁରୁମା’ ଗୁରୁଜୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଘରେ ପଶି ଲୁଟ୍: ୪ ଗିରଫ

କଟକ,୨୭।୪(କୁମାରଶ୍ରୀ)

ସୁତାହାଟ ତଳସାହିର ଜଣେ ବ୍ୟକ୍ତିଙ୍କ ଘର ଗେଟ୍ ତାଲା ଭାଙ୍ଗି ଲୁଟ୍‌ପାଟ୍ କରିବା ଅଭିଯୋଗରେ ଦରଘାବଜାର ଥାନା ପୋଲିସ ୪ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ୩ ଜଣ ଲୁଟେରା ଥିବାବେଳେ ଜଣେ ଚୋରି ଜିନିଷ କିଣିଥିଲେ। ଗିରଫ ଅଭିଯୁକ୍ତମାନେ ହେଲେ ପୁରୁଣା ରାଉସାପାଟଣାର ରାଜୁ ସାହୁ, କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସିଡିଏମ୍‌ଓଙ୍କ ଅଫିସ ପାଖରେ ରହୁଥିବା ନରେଶ ହାତୀ, ସୁତାହାଟ ଅଞ୍ଚଳର ସୁନୀଲ କୁମାର ଲାଲା ଓ ସୁତାହାଟ ତଳସାହିର ଦେବରାଜ ନାଏକ । ଅଭିଯୁକ୍ତମାନଙ୍କଠାରୁ ୮ଶହ ଟଙ୍କା, ୩ଟି ଗ୍ୟାସ ଚୁଲା, ଲୁହାଫ୍ରେମ୍ ଆଦି ଜବତ ହୋଇଛି। ପୋଲିସ ସୂଚନାନୁଯାୟୀ, ସୁତାହାଟ ତଳସାହିରେ ରାଜଲକ୍ଷ୍ମୀ କରଙ୍କ ଘର। ତାଙ୍କର ଏକ ପୁରୁଣା ଘରେ କିଛି ଜିନିଷପତ୍ର ରଖି ତାହାକୁ ଗୋଦାମ ଭାବେ ବ୍ୟବହାର କରାଯାଉଛି। ଗତ ୨୩ ତାରିଖରେ ଅଭିଯୁକ୍ତ ନରେଶ, ଦେବରାଜ ଓ ସୁନୀଲ ଉକ୍ତ ଘରର ତାଲା ଭାଙ୍ଗି ଏବଂ ଅନ୍ୟ ଏକ ଗେଟ୍ ତାଡ଼ି ଘର ଭିତରେ ପଶିଥିଲେ। ଗୋଦାମରେ ଥିବା ବହୁ ଜିନିଷପତ୍ର ଚୋରିକରି ନେଇଯାଇଥିଲେ। ଏନେଇ ରାଜଲକ୍ଷ୍ମୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା।

# ଶିଶୁଭବନରେ ନୂତନ ଜୀବନ ପାଇଲେ ଶିଶୁକନ୍ୟା

- ପେଟ ଓ ମଳଦ୍ୱାରକୁ ମାଡ଼ିଯାଇଥିଲା ମାଂସପିଣ୍ଡୁଳା
- ଅସ୍ତ୍ରୋପଚାର ପରେ ବାହାରିଲା ନେଫ୍ରୋବ୍ଲାଷ୍ଟମା ଟ୍ୟୁମର

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)



ଶିଶୁକନ୍ୟା ସହ ଅସ୍ତ୍ରୋପଚାରରେ ସାମିଲ ଥିବା ଡାକ୍ତରମାନେ।

କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଜଣେ ୩ ବର୍ଷୀୟା ଶିଶୁକନ୍ୟାଙ୍କ ଶରୀରରୁ ନେଫ୍ରୋବ୍ଲାଷ୍ଟମା ନାମକ ଟ୍ୟୁମର ଅସ୍ତ୍ରୋପଚାର କରାଯାଇ ବାହାର କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଏହି ଅସ୍ତ୍ରୋପଚାର କରାଯାଇଥିବାବେଳେ ପ୍ରାୟ ୩ କେଜିର ଟ୍ୟୁମର କଢ଼ାଯାଇଛି। ଶିଶୁଜଣକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ସେ ମଙ୍ଗଳବାର ଡିସ୍‌ଚାର୍ଜ ହେବେ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

ସୂଚନା ମୁତାବକ, ୬ମାସ ପୂର୍ବେ କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳର ନକୁଳ ହେନ୍ତୁଳଙ୍କ ୩ ବର୍ଷୀୟା ଝିଅର ହଠାତ୍ ଶରୀର ଅସୁସ୍ଥ ହେବା ସହ ପେଟ ଫୁଲିବାକୁ ଲାଗିଥିଲା। ଶିଶୁଟିର ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ନକୁଳ କଟକ ଶିଶୁଭବନକୁ ଆଣିଥିଲେ। ପେଡିଆଟ୍ରିକ ସର୍ଜରି ବିଭାଗର ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଜାରି ରହିଥିଲା। ଅଧିକ ଯନ୍ତ୍ରଣା ହେବାରୁ ଗତ ମାର୍ଚ୍ଚ ୨୮ରେ ଶିଶୁକୁ ଉକ୍ତ ବିଭାଗରେ ଭର୍ତ୍ତି କରାଯାଇଥିଲା। ସମସ୍ତ ପରୀକ୍ଷା ନିରୀକ୍ଷାରୁ ଶିଶୁର ପେଟ ଓ ମଳଦ୍ୱାରରେ ଟ୍ୟୁମର ମାଡ଼ିଯାଇଥିବା ଜଣାପଡ଼ିବାରୁ ଏପ୍ରିଲ ୧୩ରେ ଅସ୍ତ୍ରୋପଚାର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଡା. ଅବିନାଶ କୁମାର ପଣ୍ଡା, ଡା. କିରଣ କୁମାର କର, ଡା. ବିଜୟ କୁମାର ମେହେର, ଆନାସ୍ଥେସିଆ ବିଭାଗ ଡା. ଦେବବ୍ରତ ପଣ୍ଡା ଅସ୍ତ୍ରୋପଚାରରେ ନିୟୋଜିତ ଥିବାବେଳେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସହଯୋଗ କରିଥିଲେ। ୨ଘଣ୍ଟା ଧରି ଅସ୍ତ୍ରୋପଚାର ଚାଲିଥିଲା ଓ ପରେ ଶିଶୁଟିକୁ ସର୍ଜିକାଲ ୱାର୍ଡରେ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଥିଲା। ଶିଶୁଟି ୧୪ ଦିନ ଚିକିତ୍ସିତ ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛି। ଏନେଇ ବିଭାଗୀୟ ମୁଖ୍ୟ ଡା. ତ୍ରିପାଠୀ କହିଛନ୍ତି, ଏହା ଏକ ବିରଳ ଅସ୍ତ୍ରୋପଚାର। ଏଭଳି ଟ୍ୟୁମର ପ୍ରାୟତଃ ୨ରୁ ୪ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ପ୍ରାୟତଃ ଶିଶୁପୁତ୍ରମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଏହାକୁ ଏକ କର୍କଟ ରୋଗ ବୋଲି ମଧ୍ୟ କୁହାଯାଏ, କିନ୍ତୁ ଏହି ଟ୍ୟୁମର କଢ଼ାଯିବା ପରେ କେମୋ ନେବା ଦ୍ୱାରା ବିପଜ୍ଜନକ ହୋଇ ନ ଥାଏ। ଅସ୍ତ୍ରୋପଚାର ପରେ ଏବେ ଶିଶୁକନ୍ୟାଟି ସାଧାରଣ ଶିଶୁଙ୍କ ପରି ଖାଦ୍ୟ ଖାଇପାରିବ। ବର୍ତ୍ତମାନ ସମ୍ପୃକ୍ତ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସେ ପ୍ରକାଶ କରିଛନ୍ତି।

# ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟିତ

ବୋଲଗଡ଼,୨୭।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅଧୀନ ପିଟୁକୁଳିଠାରେ ସୋମବାର ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ବିଭାଗ ଏବଂ ପିଟୁକୁଳି ବଣିକ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକୋତ୍ସବ କମିଟି ସଭାପତି ପବିତ୍ର ମୋହନ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ସାହୁ ଅଭିଭାଷଣରେ ସ୍ଥାନୀୟ ଲୋକକଳାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ସାମାଜିକ କର୍ମୀ ମନୋଜ ପ୍ରଧାନ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ୍, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ



ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଅଇଁଠୁ ରଣଜିତସିଂହ, ଅଙ୍ଗନୱାଡି କର୍ମୀ ଶାନ୍ତିଲତା ଦେଈ, ପ୍ରଧାନଶିକ୍ଷକ ସୁଧୀର କୁମାର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ପରିକ୍ଷିତ ମାଝୀ, ରାଜସୁନାଖଳା ପିଏନ୍‌ବି ପରିଚାଳକ ଗୌରବ ଦାସ, ପୂର୍ବତନ ସରପଞ୍ଚ ଫକୀର ସ୍ୱାଇଁ ଏବଂ ନ୍ୟାୟବିତ୍ ନାରାୟଣ ବଳିଆରସିଂହ, ଗଣମାଧ୍ୟମ କ୍ଷେତ୍ରରେ ନିରଞ୍ଜନ ନାୟକ, ସଞ୍ଜୀବ କୁମାର ସେଠୀ ଓ ପ୍ରଫୁଲ୍ଲ କୁମାର ସିଂହଙ୍କୁ ସ୍ମୃତି ଫଳକ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଶିକ୍ଷକ ଦୁର୍ଗା ପ୍ରସାଦ ସୁବୁଦ୍ଧି, ବାସୁଦେବ ବରାଡ, ସୁକାନ୍ତ କୁମାର ବ୍ରହ୍ମା, ବିଜୟ କୁମାର ସାହୁ ଏବଂ ବିଦ୍ୟାଧର ସାହୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ପୂଜକ ଶରତ ମହାପାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ପରେ ଦଣ୍ଡୁ କରଣ ଓ ସାଥୀଙ୍କ ଦ୍ୱାରା ଆଧ୍ୟାତ୍ମିକ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପିଟୁକୁଳି, ଚମ୍ପାଇଲୋ ଓ ଅସରଳା ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରେ ବଲାଙ୍ଗୀରର 'ସଙ୍ଗୀତ ସାଧନା ଅନୁଷ୍ଠାନ' ଏବଂ 'ସମ୍ବଲପୁରୀ ନୃତ୍ୟ ପ୍ରତିମା'ଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ, ଖୋର୍ଦ୍ଧାର ପ୍ରସିଦ୍ଧ ପାରମ୍ପରିକ 'ପାଇକ ଆଖଡ଼ା' ପ୍ରଦର୍ଶନ କରିଥିଲେ। ଉପସ୍ଥାପକ ଶ୍ରୀକାନ୍ତ କୁମାର ନାୟକ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।


ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟନ ଅବସରରେ ସୋମବାର କଳାକାରମାନେ ପାଇକ ଆଖଡ଼ା ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ବଜ୍ରପାତ: ଜଳିଗଲା ମନ୍ଦିର ପତାକା



ବୋଲଗଡ଼,୨୭।୪(ଦେବବ୍ରତ ହୋତା)

ବୋଲଗଡ଼ ସଦର ଅଞ୍ଚଳରେ ସୋମବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ବଜ୍ରପାତ ହୋଇଥିଲା। ଏଥିରେ ବାବା ବାଲୁଙ୍କେଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ଥିବା ମା'କାଳୀ ମନ୍ଦିରର ପତାକା ଜଳିଯାଇଛି। ସେହିପରି ନିକଟରେ ଥିବା ନଡ଼ିଆ ଗଛଟି ମଧ୍ୟ ଜଳିଯାଇଥିବା ଦେଖିବାକୁ ମିଳିଛି। ମନ୍ଦିରର ଆଂଶିକ କ୍ଷତି ଘଟିଥିବା ବେଳେ ଏଭଳି ବଜ୍ରପାତର ପ୍ରଚଣ୍ଡ ଶବ୍ଦ ଯୋଗୁ ଜନସାଧାରଣ ଭୟଭୀତ ହୋଇପଡ଼ିଥିଲେ।

### ୨ ଟ୍ରାକ୍ଟର, ଜେସିବି ମେସିନ ଜବତ

ବାଘମାରୀ,୨୭।୪(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ତହସିଲ ଅଞ୍ଚଳରେ ମାଙ୍କଡ଼ା ପଥର ଏବଂ ମୋରମ ଚୋରାଚାଲାଣ ବଢ଼ିଚାଲିଛି। ସୋମବାର ଲେଖନପୁର ସାପୁଆ ପୋଖରୀ ନିକଟରେ ବେଆଇନଭାବେ ମୋରମ ଉତ୍ତୋଳନ ସହ ଚାଲାଣ ହେଉଥିଲା। ଖବରପାଇ ତହସିଲଦାର ଆଦିତ୍ୟ ଦୀପଙ୍କର ଷଡ଼ଙ୍ଗୀ ଏବଂ ବାଘମାରୀ ପୋଲିସ ଉକ୍ତ ମୋରମ ଖଣିରେ ଚଢ଼ାଉ କରିଥିଲେ। ତେବେ ଚଢ଼ାଉ ବେଳେ ଗୋଟିଏ ଜେସିବି ମେସିନ ଏବଂ ଦୁଇଟି ଟ୍ରାକ୍ଟର ଜବତ କରାଯାଇ ବାଘମାରୀ ଥାନା ଜିମା ଦିଆଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୩୨/୨୬)ରୁଜୁ ହୋଇଛି ବୋଲି ଥାନା ଅଧିକାରୀ ସୁଚିତ୍ରା ଜେନା କହିଛନ୍ତି।

### ଗାଡ଼ି ଧକ୍କାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ନିରାକାରପୁର,୨୭।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଜଙ୍କିଆ ଥାନା ଅଧୀନ ବଡ଼ପୋଖରିଆ ନିକଟ ମା'ବାଉତୀଙ୍କ ମନ୍ଦିର ସମ୍ମୁଖ ୧୬ନମ୍ବର ଜାତୀୟ ରାଜପଥରେ ସୋମବାର ଗାଡ଼ିଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ତେବେ ତାଙ୍କର ପରିଚୟ ମିଳିପାରି ନାହିଁ। ଏନେଇ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି, ସମ୍ପୃକ୍ତ ବ୍ୟକ୍ତିଜଣଙ୍କ ଅନ୍ଧାରରେ ରାସ୍ତା ପାର ହେଉଥିବା ବେଳେ କୌଣସି ଅଜଣା ଗାଡ଼ି ତାଙ୍କୁ ଧକ୍କାଦେଇ ଘଟଣାସ୍ଥଳରୁ ପଳାଇଛି। ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ଖୋର୍ଦ୍ଧା ମେଡିକାଲକୁ ପଠାଯାଇଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ ପରେ ପରିଚୟ ନ ମିଳିଲେ ଶବଗୃହରେ ରଖାଯିବ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

### ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

କୃଷ୍ଣପ୍ରସାଦ,୨୭।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋବରଧୂଳି ଗ୍ରାମର ଏକ ପୋଖରୀରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଗ୍ରାମର ବାଦଲ ପାହାନ। ସୂଚନା ମୁତାବକ, ଗୋବରଧୂଳି ଖଳା ପୋଖରୀରେ ବାଦଲ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଖବରପାଇ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀରୁ ବାଦଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ହୁଡ଼ା ହାଣି ପୋଖରୀରୁ ଜଳ ନିଷ୍କାସନ

## ଜିଲାପାଳଙ୍କ ନିକଟରେ ଫେରାଦ ହେଲେ ଗ୍ରାମବାସୀ

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନକୁ ଦିନ ତାପମାତ୍ରା ଉପରମୁହାଁ ହେବାରେ ଲାଗିଛି। ତେବେ ପ୍ରଚଣ୍ଡ ରୌଦ୍ରତାପରେ କେନାଲ ଶୁଖିଲା ପଡ଼ିଥିବା ବେଳେ ମଣିଷଠାରୁ ପ୍ରାଣୀ ଜଗତ ପାଣି ପାଇଁ ହଇରାଣ ହେଉଛନ୍ତି। ଏହି ସମୟରେ ଲୋକଙ୍କ ବ୍ୟବହାର ଯୋଗ୍ୟ ପୋଖରୀରୁ ଜୋରଜବରଦସ୍ତ ଜଳ ନିଷ୍କାସନ କରାଯାଇଥିବା ନେଇ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପଞ୍ଚାୟତର ସାଲତରା ଗ୍ରାମରେ ଯୋଗୀ ବନ୍ଧ ପୋଖରୀ ରହିଛି। ଏହି ପୋଖରୀର ପାଣିକୁ ଗ୍ରାମବାସୀ ବ୍ୟବହାର କରିଥାନ୍ତି। ତେବେ କୌଣସି କାରଣ ନ ଥାଇ ଗେଡିଆପାଲ୍ଲୀ ପଞ୍ଚାୟତ ଜନପ୍ରତିନିଧିଙ୍କ ସ୍ୱାମୀ ଏବଂ ତାଙ୍କ ପୁଅ ପୋଖରୀ ହୁଡାକୁ ହାଣି ଦେଇଛନ୍ତି। ଫଳରେ ପାଣି ଅନ୍ୟତ୍ର ନିଷ୍କାସନ ହୋଇଯିବାରୁ ପୋଖରୀଟି ଶୁଖିଲା ପଡ଼ିଛି। ଏନେଇ ଗ୍ରାମବାସୀ ପ୍ରତିବାଦ କରିବାରୁ ଅସାମାଜିକ ବ୍ୟକ୍ତିଙ୍କୁ ଲଗାଇ ବିଭିନ୍ନ ଧମକ ଦିଆଯାଉଥିବା ନେଇ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ କରି ଦୋଷୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଅଟୋ ଆମ୍ବୁଲାନ୍ସ ସେବା ଉଦ୍‌ଘାଟିତ


ଅଟୋ ଆମ୍ବୁଲାନ୍ସ ସେବା ଉଦ୍‌ଘାଟନ ଅବସରରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଅନ୍ୟମାନେ।

ବାଲୁଗାଁ,୨୭।୪(ସଂଗ୍ରାମ ପାଇକରାୟ)

ବାଣପୁର-ବାଲୁଗାଁ ରୋଟାରୀ କ୍ଲବ ପକ୍ଷରୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ନିମନ୍ତେ ବିଭିନ୍ନ ସେବାମୂଳକ କାର୍ଯ୍ୟକ୍ରମ ଦୀର୍ଘ ୩୯ବର୍ଷ ହେବ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ରବିବାର ସନ୍ଧ୍ୟାରେ ବାଲୁଗାଁ କଲେଜ ପରିସରରେ ଚାଲୁଥିବା ଚିଲିକା ପୁସ୍ତକ ମେଳାରେ ରୋଟାରୀ କ୍ଲବ ପକ୍ଷରୁ ଏକ ଅଟୋ ଆମ୍ବୁଲାନ୍ସ ସେବା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରୋଟାରୀ ଜିଲା ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ରଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ବାଣପୁରର ଜଣେ ଦିବ୍ୟାଙ୍ଗ ଯୁବକ ଶିବରାମ ନାୟକଙ୍କୁ ଏହାର ଦାୟିତ୍ୱ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ କ୍ଲବ ସଭାପତି ସୁନୀଲ ପାତ୍ର, ପୂର୍ବତନ ସଭାପତି ସରୋଜିନୀ ଦାଶ, ବିଜୟ କୁମାର ବେହେରା, ଶ୍ୟାମସୁନ୍ଦର ପୃଷ୍ଟି, ନନ୍ଦକିଶୋର ମିଶ୍ର, ରବି ନାରାୟଣ ନାୟକ, ରବି ନାରାୟଣ ପାଲ, ଆଗାମୀ ବର୍ଷର ସଭାପତି ଡ.ଚିନ୍ତାମଣି ମିଶ୍ର, ସଭ୍ୟ ଅଶୋକ କୁମାର ନାୟକ, ସଞ୍ଜୟ କୁମାର ସାହୁ, ଗଗନ ବିହାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଶିବରାମ ନାୟକଙ୍କ ମୋବାଇଲ ନମ୍ବର ୮୯୧୭୬୫୫୬୨୯ ରେ ଯୋଗାଯୋଗ କରି ଜନସାଧାରଣ ଏହାର ସୁଯୋଗ ନେଇପାରିବେ ବୋଲି କ୍ଲବ ପକ୍ଷରୁ କୁହାଯାଇଛି।

# ଚଳିତ ବର୍ଷ ଲାଗିବ ୧୦ଲକ୍ଷ ତାଳ ମଞ୍ଜି

କୃଷ୍ଣପ୍ରସାଦ,୨୭।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଗୋମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନେଟ ଜିରୋ ପ୍ଲାନେଟ ଫାଉଣ୍ଡେଶନ ତଥା ଗ୍ରୀନ୍ ପାରିକୁଦ ସଙ୍ଗଠନର ଏକ ପ୍ରସ୍ତୁତି ବୈଠକ ଆବାହକ ପରିବେଶବିତ୍ ହିମାଂଶୁ ଶେଖର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଗତ ୫ବର୍ଷ ମଧ୍ୟରେ ୧ଲକ୍ଷ ୪୦ହଜାର ଚାରା ରୋପଣ କରାଯାଇଥିବା ବେଳେ ସେଗୁଡ଼ିକର ରକ୍ଷଣାବେକ୍ଷଣ ଓ ଆକଳନ ଦିଗରେ ସମୀକ୍ଷା କରାଯାଇଥିଲା। ଉପକୂଳ ଜିଲା ଏବଂ ବଜ୍ରପାତ ଜନିତ କ୍ଷୟକ୍ଷତି ଜିଲାରେ ଚଳିତ ବର୍ଷ ଫାଉଣ୍ଡେଶନ ପକ୍ଷରୁ ୧୦ଲକ୍ଷ ତାଳ ମଞ୍ଜି ଲଗାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ୫ ଲକ୍ଷ ନିମ୍ବ ବୃକ୍ଷ ଚିଲିକା ମଧ୍ୟରେ ଥିବା କୁଦରେ ଲଗାଯିବାକୁ ସ୍ଥିର ହୋଇଛି। ଭୁବନେଶ୍ୱରରେ ଛୋଟ ଛୋଟ ଘନ ଜଙ୍ଗଲ ତିଆରି କରାଯିବ, ସେଥିପାଇଁ ସ୍ଥାନ ଖୋଜା ଚାଲିଥିବା ଆବାହକ ନାୟକ ପ୍ରକାଶ କରିଛନ୍ତି। ୨୦୧୯ରୁ ୨୦୨୩ ମସିହା ମଧ୍ୟରେ ପାରିକୁଦ ଅଞ୍ଚଳ, ପୁରୀଠାରୁ ଭୁବନେଶ୍ୱର ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱ, ଭୁବନେଶ୍ୱରଠାରୁ କଟକ ମୁଖ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ୪୦କେଜି ନିମ୍ବ ମଞ୍ଜି ପକାଯାଇଛି। କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଝାରକଟା ଠାରୁ ମର୍ଦ୍ଦରାଜପୁର ପର୍ଯ୍ୟନ୍ତ ଚିଲିକା ରିଂ ବନ୍ଧରେ ଲାଗିଥିବା ୧ହଜାରରୁ ଊର୍ଦ୍ଧ୍ୱ ନିମ୍ବ ବୃକ୍ଷ ବଡ଼ ହେବାକୁ ଲାଗିଛି। ବୈଠକରେ ବରିଷ୍ଠ ସଦସ୍ୟା ଅମିତା ତରେଇ, ସାମାଜିକ କର୍ମୀ ବିଷ୍ଣୁ ଚରଣ ବେହେରା, ମିନାରାଣୀ ସାହୁ, ମହେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ୨୯ରେ

ବୋଲଗଡ଼,୨୭।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ବଡ଼କୁମାରୀ ପଞ୍ଚାୟତ ରାଜସୁନାଖଳାସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆସନ୍ତା ୨୯ ତାରିଖରେ ରାଜ୍ୟସ୍ତରୀୟ ବୁଦ୍ଧିଜୀବୀ ସମ୍ମିଳନୀ ଓ ପ୍ରତିଭା ସମ୍ମାନ ଉତ୍ସବ ଅନୁଷ୍ଠିତ ହେବ। ପ୍ରତିବର୍ଷ ଭଳି ଉତ୍କଳୀୟମ ଫାଉଣ୍ଡେଶନ, ଭାରତ ଓ ରାଜ୍ ଯୁବ ପ୍ରତିଷ୍ଠାନର ମିଳିତ ଉଦ୍ୟମକ୍ରମେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ସମୟରେ ନିଜ ଜୀବନକୁ ଉତ୍ସର୍ଗୀକୃତ କରି କାର୍ଯ୍ୟକରୁଥିବା ସମସ୍ତ ବୁଦ୍ଧିଜୀବୀଙ୍କ ମନୋବଳକୁ ସୁଦୃଢ଼ ଓ ପୁନଃ ପ୍ରେରଣାଦାୟୀ କାର୍ଯ୍ୟ କରିବା ପାଇଁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଆୟୋଜନ କରାଯାଇଛି ବୋଲି ଉତ୍କଳୀୟ ଫାଉଣ୍ଡେଶନ ଭାରତର ଅଧ୍ୟକ୍ଷ ଆଇନଜୀବୀ ରାଜୀବ ଲୋଚନ ପ୍ରଧାନ କହିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରୁଥିବା ସଙ୍ଗଠନର ଏହି କାର୍ଯ୍ୟକ୍ରମ ଅବସରରେ ସ୍ଥାନୀୟ ତଥା ରାଜ୍ୟର ବିଭିନ୍ନ ଅଞ୍ଚଳର ଯୁବ କବି, ସାହିତ୍ୟିକ, କ୍ରୀଡ଼ାବିତ୍, ଆଇନଜୀବୀ, ସାମାଜିକ କର୍ମୀମାନେ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସ୍ଥିର ହୋଇଛି।

# କପିଳେଶ୍ୱର ଦେବଙ୍କ ପୀଠରେ ଚନ୍ଦନ ଯାତ୍ରା

ନିରାକାରପୁର,୨୭।୪(ମାନସ ଚନ୍ଦ୍ର ପଟ୍ଟନାୟକ)

ଡିଆ ପଞ୍ଚାୟତ ବିଜେ ଡିଆସ୍ଥିତ କପିଳେଶ୍ୱର ଦେବଙ୍କ ପୀଠରେ ଚନ୍ଦନ ଯାତ୍ରା ଗତ ଅକ୍ଷୟତୃତୀୟାରୁ ଆରମ୍ଭ ହୋଇଛି। ପାରମ୍ପରିକ ରୀତିନୀତିରେ ଚାଲିଥିବା ଏହି ଚନ୍ଦନଯାତ୍ରା ଉତ୍ସବରେ ଶ୍ରୀଜୀଉଙ୍କ ବିଜେ ପ୍ରତିମାକୁ ସକାଳେ ନୀତିପୂଜା ପରେ ଦିନତମାମ ଚନ୍ଦନ, କର୍ପୂର ମିଶ୍ରିତ ସୁଶୀତଳ ଜଳରେ ଆସୀନ କରାଯାଉଛି। ପରେ ସନ୍ଧ୍ୟାଧୂପରେ ଶ୍ରୀଜୀଉଙ୍କୁ ବିଭିନ୍ନ ପ୍ରକାର ଫଳ ଆଦି ନୈବେଦ୍ୟ ଲାଗି କରାଯାଉଛି। ପରେ ମନ୍ଦିର ବେଢ଼ାରେ ପରିକ୍ରମା କରାଯାଉଛି। ପାରମ୍ପରିକ ତୂରୀ ବାଦ୍ୟ ସାଙ୍ଗକୁ ହରିବୋଲ, ହୁଳହୁଳି, ଘଣ୍ଟଘଣ୍ଟି ଶବ୍ଦରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ଶ୍ରୀଜୀଉଙ୍କ ନୀତିକାନ୍ତି ପରେ ପୁନର୍ବାର ଉପଯୁକ୍ତ ସିଂହାସନ ଆସୀନ କରାଯାଉଛି। ଏହି ପାରମ୍ପରିକ ଚନ୍ଦନଯାତ୍ରା ଦେଖିବାକୁ ଦୈନିକ ସନ୍ଧ୍ୟାରେ


ଠାକୁରଙ୍କୁ ବେଢ଼ା ପରିକ୍ରମା କରାଯାଉଛି।

ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି। ପରିଚାଳନା କମିଟି ସଦସ୍ୟ କିଶୋର କୁମାର ଦାଶ, ମାନସ ଚନ୍ଦ୍ର ପଟ୍ଟନାୟକ, ସାରଙ୍ଗଧର ମହାପାତ୍ର ପ୍ରମୁଖ କର୍ମକର୍ତ୍ତା ସହଯୋଗ କରୁଛନ୍ତି। ମୁଖ୍ୟ ପୂଜକ ଧ୍ରୁବ କିଶୋର ମହାପାତ୍ର କୁହନ୍ତି, ଜୀବଜଗତକୁ ଗ୍ରୀଷ୍ମଜନିତ ପ୍ରଚଣ୍ଡ ରୌଦ୍ରତାପରୁ ଉଦ୍ଧାର କରିବା ନିମନ୍ତେ ଶ୍ରୀଜୀଉଙ୍କ ଏହି ଯାତ୍ରା ଅନୁଷ୍ଠିତ ହେଉଥିବା କହିଥିବା ବେଳେ ଏହି ଚନ୍ଦନ ଯାତ୍ରାକୁ ନେଇ ଅନ୍ୟାନ୍ୟ ପୌରାଣିକ ମତ ମଧ୍ୟ ରହିଛି।

### ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)

ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ଥାନା ଅନ୍ତର୍ଗତ ଅସରଳା ଗ୍ରାମର ଜଗନ୍ନାଥ ବରାଡ଼। ସୂଚନା ମୁତାବକ, ଗ୍ରାମ ନିକଟ ବିଲରେ ଜଗନ୍ନାଥ ଶାଗ କାଟୁଥିବା ବେଳେ ହଠାତ୍ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଘରକୁ ଫେରି ସେ ଅସୁସ୍ଥ ହୋଇପଡ଼ିବାରୁ, ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ଜିଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# କଡ଼ବରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ



ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ବୋଲଗଡ଼,୨୭।୪(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ କଡ଼ବ ପଞ୍ଚାୟତସ୍ତରୀୟ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଡିଓ ସୁମନ ସୁଧା କୁଣ୍ଡୁ, ତହସିଲଦାର ବିଜୟ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀମାନେ ଯୋଗଦେଇ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା ଓ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ। ଏହି ଅବସରରେ ମୋଟ୍ ୮୧ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୫୪ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିବା ବେଳେ ଆଉ ୨୭ ଅଭିଯୋଗର ତଦନ୍ତ ପରେ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି। ସ୍ଥାନୀୟ ସରପଞ୍ଚ ନଳୀନ ବଡ଼ଜେନା, ସମିତିସଭ୍ୟା ବୈତୁଲା ବିବି, ପିଇଓ ଧୀରେନ୍ଦ୍ର ବେହେରା,ଏଡିଇଓ ପ୍ରମୋଦିନି ସୁବୁଦ୍ଧି, ୱାର୍ଡ ମେମ୍ବର ଓ ପଞ୍ଚାୟତ କର୍ମଚାରୀମାନେ ସହଯୋଗ କରିଥିଲେ।

# ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ: କିଟ୍ ଏକାଦଶ ବିଜୟୀ


ଅତିଥିଙ୍କ ସହ ଉଭୟ ଦଳର ଖେଳାଳି ।

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତା ଖୋର୍ଦ୍ଧା ଜୋନ ମ୍ୟାଚ୍‌ରେ ସୋମବାର କିଟ୍ ଏକାଦଶ ଟିମ୍ ବିଜୟୀ ହୋଇଛି। ସ୍ଥାନୀୟ ବିଜେବି ହାଇସ୍କୁଲ ମିନି ଷ୍ଟାଡିୟମଠାରେ କିଟ୍ ଏକାଦଶ ଏବଂ କୋରାପୁଟ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। କିଟ୍ ଏକାଦଶ ଟିମ୍ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୪ଉଇକେଟ ବିନିମୟରେ ୧୩୧ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଣୀ ଟୁଡୁ ୫୮ରନ ଓ ବର୍ଷାରାଣୀ ସିଂ ୨୭ରନ କରିଥିଲେ। ଜବାବରେ କୋରାପୁଟ ଟିମ୍ ୨୦ଓଭରରେ ୬ ଉଇକେଟ ବିନିମୟରେ ୯୩ରନ ସଂଗ୍ରହ କରି ପରାଜିତ ହୋଇଥିଲା। କୋରାପୁଟ ଟିମ୍ ପକ୍ଷରୁ ସୁଧୃତି ରାଉତ ୨୪ରନ ଏବଂ ଭାବନା ବର୍ମା ୨୦ରନ କରିଥିଲେ। କିଟ୍ ଏକାଦଶ ଟିମ୍ ପକ୍ଷରୁ ବର୍ଷାରାଣୀ ସିଂ ଓ କୁନି ବଦରା ଦୁଇଟି ଲେଖାଏ ଉଇକେଟ ନେଇଥିଲେ। ଆନନ୍ଦ ସାହୁ ଏବଂ ଅଭିନାଶ ନାୟକ ମ୍ୟାଚ୍ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ସତ୍ୟନାରାୟଣ ପରିଡ଼ା ଦାୟିତ୍ୱ ତୁଲାଇଥିଲେ। କ୍ରିକେଟ ଆସୋସିଏଶନ ଅଫ୍ ଦି ଡିଷ୍ଟ୍ରିକ୍ଟ ଖୋର୍ଦ୍ଧାର ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ଚଣ୍ଡୀ ପ୍ରସାଦ ଆଚାର୍ଯ୍ୟ, ସୁଧୀର ସାହୁ, ବ୍ରିଜେଶ ପ୍ରଧାନ, କାଜଲ ବଳିୟାରସିଂ, ଅବ୍ୟକ୍ତ ହରିହର ଖାଡ଼ଙ୍ଗା, ବିରଞ୍ଚି ନାରାୟଣ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ରାଇଜିଂଷ୍ଟାର, ଫିଲ୍ଡ ଫାଇଟର ବିଜୟୀ

ବୋଲଗଡ଼,୨୭।୪(ଦେବବ୍ରତ ହୋତା)

ବୋଲଗଡ଼ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଚାଲିଥିବା ଦ୍ୱାଦଶ ବୋଲଗଡ଼ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଓ ତୃତୀୟ ଲିଗ୍ ମ୍ୟାଚ ସୋମବାର ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଲିଗ୍ ମ୍ୟାଚ୍ ରାଇଜିଂଷ୍ଟାର ଏବଂ ବି.ବି.ରକଷ୍ଟାର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ରାଇଜିଂଷ୍ଟାର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ଓଭରରେ ୫ ଉଇକେଟ ବିନିମୟରେ ୯୭ରନ ସଂଗ୍ରହ କରିଥିଲା। ଜବାବରେ ବି.ବି.ରକଷ୍ଟାର ଟିମ୍ ୧୦ ଓଭରରେ ୫ଉଇକେଟ ବିନିମୟରେ ୯୨ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଏହି ମ୍ୟାଚରେ ଅତିଥିଭାବେ ବିଇଓ ପ୍ରମୋଦ କୁମାର ସ୍ୱାଇଁ ଏବଂ ପ୍ରଧାନ ଶିକ୍ଷକ ପୀତବାସ ଲେଙ୍କା ଯୋଗଦେଇ ଖେଳାଳିଙ୍କୁ


ଅତିଥିଙ୍କ ଗହଣରେ ଖେଳାଳିମାନେ।

ଉତ୍ସାହିତ କରିବାସହ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ଅକ୍ଷୟ ରାଉତରାୟଙ୍କୁ ପୁରସ୍କୃତ କରିଥିଲେ। ସେହିପରି ତୃତୀୟ ଲିଗ୍ ମ୍ୟାଚ ଫିଲ୍ଡ ଫାଇଟର ଓ ପାୱାରହିଟର ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ଫିଲ୍ଡ ଫାଇଟର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇଲେଟ ବିନିମୟରେ ୧୧୯ରନ ସଂଗ୍ରହ କରିଥିଲା। ଜବାବରେ ପାୱାରହିଟର ଟିମ୍ ୧୦ ଓଭରରେ ୯ଉଇକେଟ ବିନିମୟରେ ୫୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅତିଥିଭାବେ ବ୍ଲକ ଉପାଧ୍ୟକ୍ଷ ରମେଶ ସାହୁ ଏବଂ ପୂର୍ବତନ ସମିତି ସଭ୍ୟ ବୀର ଦାସ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହାଡ଼ିଆ ସେନାପତିଙ୍କୁ ପୁରସ୍କୃତ କରିଥିଲେ। ରଶ୍ମିରଞ୍ଜନ ପଟ୍ଟନାୟକ ଏବଂ ବାପି ସାହୁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜକ ଫ୍ରେଣ୍ଡସ କ୍ଲବର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ଆହୁରି ନିରାପଦ ହେବ ଜଳକ୍ରୀଡ଼ା ପର୍ଯ୍ୟଟନ

- ଏନ୍‌ଆଇଡବ୍ଲ୍ୟୁଏସ୍, ଓଏଫ୍‌ଇଏସ୍ ସହ ପର୍ଯ୍ୟଟନ ବିଭାଗର ଏମ୍‌ଓୟୁ
- କୋଣାର୍କ ରାମଚଣ୍ଡୀରେ ଆରମ୍ଭ ହେଲା ଲାଇଫ୍‌ଗାର୍ଡ ତାଲିମ



ରାମଚଣ୍ଡୀସ୍ଥିତ ପ୍ରତିଷ୍ଠାନଠାରେ ତାଲିମର ଶୁଭାରମ୍ଭ ଅବସରରେ ଅଧିକାରୀଙ୍କ ସହ ଲାଇଫ୍‌ଗାର୍ଡମାନେ।

ପୁରୀ/କୋଣାର୍କ, ୨୭।୪(ଅଜିତ୍ କୁମାର ମହାନ୍ତି/ଜ୍ୟୋତିରାଜ ମହାନ୍ତି)

ଓଡ଼ିଶା ହେବ ନିରାପଦ ତଥା ସାହସିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ। ରାଜ୍ୟ ସରକାରଙ୍କ ଏଭଳି ଲକ୍ଷ୍ୟ ପୂରଣ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ବିଭାଗ ଗୋଆସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ (ଏନ୍‌ଆଇଡବ୍ଲ୍ୟୁଏସ୍) ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତକାଳୀନ ସେବା (ଓଏଫ୍‌ଇଏସ୍) ସହ ଏମ୍‌ଓୟୁ ସ୍ୱାକ୍ଷର କରିଛି। ରାଜ୍ୟରେ ଦ୍ରୁତଗତିରେ ବିକାଶ କରୁଥିବା ଜଳକ୍ରୀଡ଼ା ପରିବେଶର କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପର ଅଂଶସ୍ୱରୂପ କୋଣାର୍କ ରାମଚଣ୍ଡୀସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନଶିପ ଆଣ୍ଡ ଲାଇଫଗାର୍ଡ ଇନ୍‌ଷ୍ଟିଚ୍ୟୁଟ୍(ଓସୱାଲି)ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସୋମବାର ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତର ୧୧ଟି ବ୍ୟାଚ୍‌ରେ ପରିଚାଳିତ ହେବ ଓ ପ୍ରତି ବ୍ୟାଚ୍ ୧୨ଦିନ ଧରି ତାଲିମ୍ ନେବ। ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରକ୍ରିୟା ଶେଷ ହେବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ଜଣ ସରକାରୀ ଏବଂ ବେସରକାରୀ ଲାଇଫ୍‌ଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିରେ ଉଦ୍ଧାର କୌଶଳ, ସି.ପି.ଆର, ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି। ତାଲିମ୍‌ରେ ଉତ୍ତୀର୍ଣ୍ଣ ଲାଇଫ୍‌ଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ। ଓଡ଼ିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜଭୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨/୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫ୍‌ଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି। ଅପରପକ୍ଷେ ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୂପ କାର୍ଯ୍ୟ ସମାପ୍ତ ହୋଇଛି। ଏହି ତଥ୍ୟକୁ ଆଧାର କରି ଲାଇଫ୍‌ଗାର୍ଡ ପ୍ରଶିକ୍ଷଣ ପାଇଁ ଆଗ୍ରହୀ ଯୁବକଙ୍କର ଜିଲାଭିତ୍ତିକ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ଜାରି ରହିଛି। ଏହା ମାଧ୍ୟମରେ ସମୁଦ୍ରତଟ, ହ୍ରଦ, ଡ୍ୟାମ୍ ଓ ନଦୀତଟ ସହିତ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ରଗୁଡ଼ିକରେ ବ୍ୟବସ୍ଥିତ ଭାବରେ କ୍ଷମତା ବିକାଶ ଓ ନିୟୋଜନ ସୁନିଶ୍ଚିତ କରାଯିବ। ବିଭିନ୍ନ ଜଳାଶୟରେ ବଢୁଥିବା ଦୁର୍ଘଟଣାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ବିଭାଗ ଓସୱାଲି ସହଯୋଗରେ ପର୍ଯ୍ୟଟକଙ୍କ ସୁରକ୍ଷା ବୃଦ୍ଧି ପାଇଁ ଏହି ପଦକ୍ଷେପ ଗ୍ରହଣ କରିଥିବା ସୂଚନା ଦିଆଯାଇଛି।

## ରଥଖଳାରୁ...

### ୪୨ ତୁମ୍ବର ବିନ୍ଧ କାର୍ଯ୍ୟ ଶେଷପର୍ଯ୍ୟାୟରେ



ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ଶ୍ରୀନଅର ସ୍ଥିତ ଅସ୍ଥାୟୀ ରଥ ଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସୋମବାର ରଥ ନିର୍ମାଣର ସପ୍ତମ ଦିନରେ ସପ୍ତମ ଦିନରେ ମହାରଣା ସେବକମାନେ ତୁମ୍ବ ଗୁଡ଼ିକରେ ବିନ୍ଧ କାର୍ଯ୍ୟ ଜାରି ରଖିଛନ୍ତି। ନିର୍ମାଣ କାର୍ଯ୍ୟ ଶେଷ ବେଳକୁ ତିନିରଥର ମୋଟ ୪୨ ତୁମ୍ବର ବିନ୍ଧ କାର୍ଯ୍ୟ ଶେଷପର୍ଯ୍ୟାୟରେ ପହଞ୍ଚିଛି। ମଙ୍ଗଳବାର ତୁମ୍ବ ବିନ୍ଧଗୁଡ଼ିକର ସଂଶୋଧନ କାର୍ଯ୍ୟ ସହ ତୁମ୍ବ ବିନ୍ଧରେ ଅରକଣ୍ଟା ବସିବା ପାଇଁ ଅଗର ବିନ୍ଧ କରାଯିବ ବୋଲି ତିନିରଥ ମୁଖ୍ୟ ମହାରଣା ସୂଚନା ଦେଇଛନ୍ତି। ଏଥିସହ କରତୀ ମହାରଣା ସେବକ ମାନେ ଆଉ ୪ଟି ତୁମ୍ବର ଘେରକଟା କାର୍ଯ୍ୟ ଶେଷ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାର ଶାଳରେ ତିନିରଥ ଓଝା କମାର ସେବକମାନେ ଅରକଣ୍ଟା ପ୍ରସ୍ତୁତିସହ ତୁମ୍ବ ଅଖ ବିନ୍ଧରେ ବସିବା ପାଇଁ 'ପନ୍ଦାରିବଳା' ନିର୍ମାଣ ଜାରିରଖିଛନ୍ତି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୪।୨୦୨୬

| ୪,୦୭,୨୬୩ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |



ବୈଶାଖ ଶେଷ ସୋମବାର ଶ୍ରୀଲୋକନାଥଙ୍କୁ ଦର୍ଶନ ପାଇଁ ପୀଠରେ ଭକ୍ତଙ୍କ ଭିଡ଼। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ପୁରୀରେ ପହଞ୍ଚିଲା ୮ମ ପର୍ଯ୍ୟାୟ ରଥକାଠ





ପୁରୀ,୨୭।୪ (ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ସ୍ୱତ୍ୱଲିପି ଓ ରଥ ସଂହିତା ଅନୁଯାୟୀ, ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ରାଜନଅର ସମ୍ମୁଖସ୍ଥ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ରବିବାର ବିଳମ୍ବିତ ରାତିରେ ଚଳିତ ବର୍ଷର ଅଷ୍ଟମ ପର୍ଯ୍ୟାୟ ରଥ କାଠ ରଥଖଳାରେ ପହଞ୍ଚିଛି। ଟ୍ରକ୍ ଯୋଗେ ୨୩ ଖଣ୍ଡ ରଥ କାଠ କନ୍ଧମାଳ ଜିଲା ବାଲିଗୁଡ଼ା ଉପଖଣ୍ଡ କୋଟଗଡ଼ ରେଞ୍ଜରୁ ଆସିଛି। ୮ମ ପର୍ଯ୍ୟାୟରେ ଆସିଥିବା ରଥକାଠରେ ୪୦ ଫୁଟିଆ ୨୩ ଖଣ୍ଡ ଧଉରା କାଠ ରହିଛି।

# ରଥ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏଥିନିମନ୍ତେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ସୋମବାର ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ରଥଖଳାକୁ ଯାଇ ରଥ ନିର୍ମାଣକାରୀ ସେବକଙ୍କ ସହ ଆଲୋଚନା କରିବା ପରେ ସମୀକ୍ଷା କରିଛନ୍ତି। ଏଥିସହ କ'ଣ ସମସ୍ୟା ରହିଛି ସେ ନେଇ ମଧ୍ୟ ଅବଗତ ହୋଇଥିଲେ। ଏ ନେଇ ଜିଲାପାଳ ପରିଡ଼ା କହିଛନ୍ତି, ଘୋଷଯାତ୍ରା ପାଇଁ ରଥଖଳାରେ ଯେଉଁ ପ୍ରସ୍ତୁତି ଚାଲିଛି ତାହା ଭଲ ଭାବରେ ଜାରି ରହିଛି। ପ୍ରତିଦିନ ଆମର ଟିମ୍ ଆସି ରଥ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି। ତୁମ୍ବ କାର୍ଯ୍ୟ ସରି ତୁମ୍ବ ବିନ୍ଧ କାର୍ଯ୍ୟ ଚାଲିଛି। ଏହାପରେ ଅର କାର୍ଯ୍ୟ କରାଯାଇ ଚକ ଅଖ କାର୍ଯ୍ୟ ହେବ। ରଥ କାଠ ପର୍ଯ୍ୟାୟକ୍ରମେ ଆସି ପହଞ୍ଚିଛି। ଚଳିତ ଥର ଅଧିକ କାଠ ଅଣାଯାଉଛି, ଅନେକ କାଠ ପହଞ୍ଚିଥିବା ବେଳେ ଯେଉଁ ସବୁ କାଠ ରହିଯାଇଛି ତାହା ଖୁବ୍‌ଶୀଘ୍ର ଆସି ପହଞ୍ଚିବ ବୋଲି ଜିଲାପାଳ କହିଛନ୍ତି।

## ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ଭାବାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

ସାକ୍ଷୀଗୋପାଳ,୨୭।୪ (କିଶୋର ମହାପାତ୍ର/ ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)

ଆଚାର୍ଯ୍ୟ ଭାବାନନ୍ଦଙ୍କ ବିୟୋଗରେ ଏକ ଶୋକସଭା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଶାସନିକ ଭବନରେ ସ୍ୱର୍ଗତ ଭାବାନନ୍ଦଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ପ୍ରାର୍ଥନା ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସ୍ମୃତି ସଭାରେ କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ, କୁଳସଚିବ ରଶ୍ମିରେଖା ଦାସ, ବିତ୍ତ ନିୟନ୍ତ୍ରକ ସଞ୍ଜୀବ ଜେନା, ପରୀକ୍ଷା ନିୟନ୍ତ୍ରକ ଡ. ସନ୍ଦୀପ କୁମାର ଚାନ୍ଦ, ଭାଷାବିଜ୍ଞାନ ବିଭାଗ ମୁଖ୍ୟ ଡ. ଲିପିକା ନାୟକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଡ. ସଙ୍ଗୀତା ଜେନା, ଡ. ଶର୍ମିଷ୍ଠା ମହାପାତ୍ର, ଡ. ଜୟନ୍ତ ପରିଡ଼ା, ଡ. ଶୁଭସ୍ମିତା ନାୟକ, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ ପ୍ରମୁଖ ଅଧ୍ୟାପକ ଓ କର୍ମଚାରୀ ଯୋଗଦେଇ ସଂସ୍କୃତିପ୍ରେମୀ ଭାବାନନ୍ଦଙ୍କର ବିୟୋଗ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ବୋଲି କହିଛନ୍ତି।

# ଭକ୍ତଙ୍କ ସୁବିଧା ପାଇଁ କରାଯିବ ସର୍ଟଲ ବ୍ୟବସ୍ଥା

ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

ଜୁଲାଇ ୧୬ରେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା। ଏହି ଯାତ୍ରାକୁ ଶୃଙ୍ଖଳିତ ଭାବେ କରାଯିବା ନେଇ ରାଜ୍ୟ ସରକାରଙ୍କ ଠାରୁ ଆରମ୍ଭ କରି ଜିଲା, ପୋଲିସ ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜାରି ରହିଛି। ଏନେଇ ଶନିବାର ରଥ ସମ୍ପର୍କିତ ପ୍ରସ୍ତୁତି ବୈଠକ ଭୁବନେଶ୍ୱର ଠାରେ ମୁଖ୍ୟଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ରଥଯାତ୍ରା ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ କାର୍ଯ୍ୟ କରାଯାଉଥିବା ବେଳେ ନିର୍ଦ୍ଧାରିତ ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବାକୁ ଗୁରୁତ୍ୱ ଦିଆଯାଉଛି।

ଏନେଇ ସୋମବାର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ରଥଯାତ୍ରା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି।

### ରଥଯାତ୍ରା ପ୍ରସ୍ତୁତି ନେଇ ସୂଚନା ଦେଲେ ଜିଲାପାଳ

ଶ୍ରଦ୍ଧାଳୁଙ୍କ ସୁବିଧା ନିମନ୍ତେ ପ୍ରଥମ ଥର ପାଇଁ ସର୍ଟଲ ବ୍ୟବସ୍ଥା କରାଯିବ। ବିଶେଷ କରି କୌଣସିଜଟିଳ କିମ୍ବା ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ସଟଲ ସର୍ଭିସ୍ ମାଧ୍ୟମରେ ଶ୍ରଦ୍ଧାଳୁଙ୍କୁ ପ୍ରସ୍ଥାନ କରିପାରିବେ। ଭକ୍ତଙ୍କ ପାଇଁ ହେବ ସହରର ବିଭିନ୍ନ ସ୍ଥାନରେ ୧୬୦୦ ଶୌଚାଳୟ ହେବ। ଏହାମଧ୍ୟରେ କିଛି ସ୍ଥାୟୀ ଶୌଚାଳୟ ରହିବ। ସେହିପରି ରଥଯାତ୍ରା ନୀତିକାନ୍ତି, ସୂଚନା, ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ କେଉଁ ବାଟ ଦେଇ ପ୍ରସ୍ଥାନ କରିବେ, କେଉଁ ଆଡ଼କୁ ଯିବେ ଓ କେଉଁ ଆଡକୁ ଯିବେ ନାହିଁ ସେ ସମ୍ପର୍କରେ ସୂଚନା ପ୍ରଦାନ ପାଇଁ ୪୦ରୁ ଊର୍ଦ୍ଧ୍ୱ ଏଲ୍‌ଇଡି ଡିସପ୍ଲେ ସିଷ୍ଟମ ପୁରୀର ବିଭିନ୍ନ ସ୍ଥାନରେ ଲଗାଯିବ। ସେହିପରି ପ୍ରସ୍ତୁତ ହୋଇଥିବା ଆକ୍ସନ ପ୍ଲାନ୍ ନିର୍ଦ୍ଧାରିତ ସମୟରେ ସାରିବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ରଥଯାତ୍ରା ବେଳକୁ ମୌସୁମୀ ପ୍ରବେଶ କରିବା ସହ ବର୍ଷା ହେବାର ସମ୍ଭାବନା ରହିଥିବାରୁ ସହରର କେଉଁ କେଉଁ ସ୍ଥାନରେ ବର୍ଷା ଜଳ ଜମି ରହିବାର ସମ୍ଭାବନା ରହିଛି, ତୁରନ୍ତ ବର୍ଷା ଜଳ ନିଷ୍କାସନ ପାଇଁ ଉଚ୍ଚକ୍ଷମତା ସମ୍ପନ୍ନ ମୋଟର ପମ୍ପ ରଖାଯିବ। ସେହିପରି ପୁରୀ ମହାନଗର ନିଗମ ପକ୍ଷରୁ ସହରର ସମସ୍ତ ମୁଖ୍ୟ ଡ୍ରେନ ଦୁଇ ଥର ସଫା ହେବା ନେଇ ନିଷ୍ପତି ହୋଇଛି । ରଥଯାତ୍ରା ପାଇଁ ୩ କୋଟି ବ୍ୟୟରେ ଅସ୍ଥାୟୀ ପାର୍କିଂ ସ୍ଥଳ କରାଯିବ। ସବୁ ବିଭାଗ ନିଜ ନିଜ ଦାୟିତ୍ୱ କିପରି ଠିକ୍ ସମୟରେ ସାରିବେ ସେ ନେଇ ସମୀକ୍ଷା କରାଯାଉଥିବା ନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଛନ୍ତି।

## ବାବା ପିଙ୍ଗଳେଶ୍ୱର ମହାଦେବଙ୍କ ପୀଠରେ କ୍ଷୀରସାଗର ମେଳା

ଅସ୍ତରଙ୍ଗ,୨୭।୪(ମମତା ଜେନା)

କାକଟପୁର ବ୍ଲକ ଅନ୍ତର୍ଗତ ସଢ଼ାଂଶ ଗ୍ରାମର ପୁରାତନ ଶୈବପୀଠ ବାବା ପିଙ୍ଗଳେଶ୍ୱର ମହାଦେବଙ୍କ ପୀଠରେ ସାଂସ୍କୃତିକ ଯୁବ ପରିଷଦ ଓ ଆଞ୍ଚଳିକ ଯାଦବ ସଂଘ ସହଯୋଗରେ କ୍ଷୀର ସାଗର ମେଳା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଲିଟର କ୍ଷୀର ବାବାଙ୍କ ଲିଙ୍ଗରେ ଶ୍ରଦ୍ଧାଳୁମାନେ ଢାଳିଥିଲେ। ଏହି ସମାରୋହରେ ଲଉଡ଼ି ଖେଳ, ଓଗାଳ ନାମ ସଂକୀର୍ତ୍ତନ, ଭଜନ ପରିବେଷଣ ସହ ଉତ୍କଳ ଭାରତୀ କଳା ବିକାଶ କେନ୍ଦ୍ର ନାଉଗାଁ ତରଫରୁ ରାଧାକୃଷ୍ଣ ଲୀଳା ଓ ଅନ୍ନପୂର୍ଣ୍ଣା ମହାରଣାଙ୍କ ନୃତ୍ୟ, ସଙ୍ଗୀତ ଦର୍ଶକଙ୍କ ମନ ମୋହିଥିଲା। କାର୍ଯ୍ୟକ୍ରମକୁ ପ୍ରେମାନନ୍ଦ ବେହେରା, ସୁବାଶିଷ ବେହେରା, ହରେକୃଷ୍ଣ ଦାସ, ଧଡ଼ି ବେହେରା, ଦୁଃଶାସନ ବେହେରା ପରିଚାଳନା କରିଥିଲେ।

# ହାପିନେସ୍ ଫାଉଣ୍ଡେଶନର ପ୍ରତିଷ୍ଠା ଦିବସ

ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

ସ୍ୱେଚ୍ଛାସେବୀ ସଂଗଠନ ହାପିନେସ୍ ଫାଉଣ୍ଡେଶନର ୬ଷ୍ଠ ପ୍ରତିଷ୍ଠା ଦିବସ ଉପଲକ୍ଷେ 'ଆନନ୍ଦ ଉତ୍ସବ ୨୦୨୬' ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ନାଲ୍‌କୋର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଆଶୁତୋଷ ରଥ, ବିଶିଷ୍ଟ ଅତିଥି ଭାବେ ଇ-୨୪ ହସ୍ପିଟାଲ୍‌ର ପରିଚାଳନା ନିର୍ଦ୍ଦେଶକ ଇଂ. ରାଜେଶ କୁମାର ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ଓ ଭାରତ ବିକାଶ ପରିଷଦର ରାଜ୍ୟ ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପୁରୀ ଜିଲା ଓ ଜିଲା ବାହାରୁ ବିଭିନ୍ନ ସ୍ୱେଚ୍ଛାସେବୀ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନ ତରଫରୁ ବିଭିନ୍ନ କଲେଜର ଛାତ୍ରୀଛାତ୍ରଙ୍କୁ କଲେଜ୍ ଭିତରେ ଏବଂ ବାହାରେ ସେବାକାର୍ଯ୍ୟରେ ଜଡ଼ିତ କରିବା ପାଇଁ ଗଠନ କରାଯାଇଥିବା 'ଇକୋ କ୍ଲବ୍ ଏବଂ ସୋସିଆଲ ୟୁଥ୍ କ୍ଲବ'ର ବିଶେଷ ଯୋଗଦାନ ପାଇଁ କଲେଜଗୁଡ଼ିକୁ ସମ୍ମାନିତ କରାଯାଇଛି। ପୂର୍ବବର୍ଷ ରଥଯାତ୍ରା ଓ ରକ୍ତଦାନ ଶିବିରରେ ବିଶେଷ ଅବଦାନ ପାଇଁ ଅନୁଷ୍ଠାନ ତରଫରୁ ରଥାଯାତ୍ରା ସେବା ସମ୍ମାନ ଓ ରକ୍ତବୀର ସମ୍ମାନରେ ସମ୍ମାନିତ କରାଯାଇଛି। ଅନୁଷ୍ଠାନର ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ସଦସ୍ୟା, ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ହାପିନେସ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ତଥା ସଭାପତି ଇଂ. ପ୍ରଦୀପ୍ତ କୁମାର ପ୍ରଧାନ, କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ପରିଚାଳନା କରିଥିଲେ। ଶୁଭ୍ରଜିତ୍ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ।



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

# ମିଳିନି ଅନ୍ତ୍ୟୋଦୟ ଗୃହ: ଭଙ୍ଗାଘରେ ୩ ପ୍ରାଣୀ

### ଖବରକାଗଜ ବିକିଲେ ଚଳୁଛି ସଂସାର

ଗୋପ,୨୭।୪(ଭାରତୀ ଭୂଷଣ ଉପାଧ୍ୟାୟ)



ଦୀର୍ଘବର୍ଷ ଧରି ଭଙ୍ଗା ଆଜବେଷ୍ଟସ ଘରେ ଜୀବନ ବିତାଉଥିବା ଗୋପ ବ୍ଲକ ଅନ୍ତର୍ଗତ ଗଣେଶ୍ୱରପୁର ପଞ୍ଚାୟତ ଅଧୀନ ଶଙ୍ଖାରିଆ ଗ୍ରାମର ଗୀତାଞ୍ଜଳି ସ୍ୱାଇଁ (୪୬)ଙ୍କ ପରିବାରକୁ ଏପର୍ଯ୍ୟନ୍ତ ସରକାରଙ୍କ ଯୋଜନାରେ ଘରଟିଏ ମିଳିନାହିଁ। ଚଳିତ ବର୍ଷ କମ୍ ଦିନ ମଧ୍ୟରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ଘର ଦିଆଯିବ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ଫଳରେ ଏହି ପରିବାର ଭଙ୍ଗା ଘରେ କଷ୍ଟେମଷ୍ଟେ ଚଳୁଛନ୍ତି। ଦୁଇଦିନ ତଳେ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ଗଣେଶ୍ୱରପୁର ପଞ୍ଚାୟତର ୧୬ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲେ ମଧ୍ୟ ସେହି ତାଲିକାରୁ ଗୀତାଞ୍ଜଳି ବାଦ୍ ପଡ଼ିଛନ୍ତି। ଗୀତାଞ୍ଜଳିଙ୍କ ସ୍ୱାମୀ ସୁଧୀର ସ୍ୱାଇଁ ଖବରକାଗଜ ବିକିଲେ ତାଙ୍କ ସଂସାର ଚଳୁଛି।

ସ୍ୱାମୀ ଓ ଏକ ମାତ୍ର ୧୮ ବର୍ଷିୟା କନ୍ୟା ସହ ଗୀତାଞ୍ଜଳି ଗୋଟିଏ ବଖରା ଭଙ୍ଗା ଦଦରା ଆଜବେଷ୍ଟସ ଘରେ ରହୁଛନ୍ତି। ବର୍ଷା ହେଲେ ରାତିସାରା ଅନିଦ୍ରା ହେବାକୁ ପଡୁଛି। ବେଳେବେଳେ ପର ପିଣ୍ଡାରେ ସେମାନେ ଆଶ୍ରୟ ନେବାକୁ ବାଧ ହେଉଛନ୍ତି। ବାରମ୍ବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଦୌଡ଼ି କାକୁତିମିନତି କରିଥିଲେ ସୁଦ୍ଧା କେହି ତାଙ୍କ କଥା ଶୁଣୁନାହାନ୍ତି ବୋଲି ଗୀତାଞ୍ଜଳି କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି। ତାଙ୍କ ଝିଅ ଏବେ ବହୁ କଷ୍ଟରେ ମାଗିଯାଚି ବିଏସ୍‌ସି ପଢୁଥିବା ବେଳେ ଭଗବାନ କେବଳ ସାହା ଭରସା ବୋଲି ସେ କହିଛନ୍ତି। ଗତମାସରେ ବିଡିଓଙ୍କୁ ଗୁହାରି କରିବା ପରେ ଘର ମିଳିବ ବୋଲି କହିଥିଲେ। ଲେଖିକରି ଦେବା ପରେ ବ୍ଲକ ପକ୍ଷରୁ ସୁଧୀରଙ୍କୁ ଫୋନ ମାଧ୍ୟମରେ ଓଟିପି ମଗାଯାଇଥିଲା। ସେ ଓଟିପି ଦେଇଥିଲେ ମଧ୍ୟ ପରମୁହୂର୍ତ୍ତରେ ଘର ତାଲିକାରୁ ତାଙ୍କୁ ବାଦ୍ ଦିଆଯାଇଥିଲା। ଏବେ ଧନୀକ ଶ୍ରେଣୀର ଲୋକଙ୍କୁ ଘର ମିଳୁଛି, ହେଲେ ତାଙ୍କ ପାଇଁ ସରକାରଙ୍କ ଦରଦ ନାହିଁ ବୋଲି ସୁଧୀର ଅସହାୟତା କଣ୍ଠରେ କହିଛନ୍ତି। ଅନ୍ତ୍ୟୋଦୟ ଯୋଜନାରେ ଗରିବ ଶ୍ରେଣୀର ଲୋକଙ୍କୁ ସାମିଲ୍ କରିବାର ନିୟମକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହେଉଛି। ଏନେଇ ଗୋପ ବିଡିଓ ଦାୟିତ୍ୱରେ ଥିବା ତହସିଲଦାର ସୂର୍ଯ୍ୟଶଙ୍କର ଦାଶ କହିଛନ୍ତି, ମୋ' ନିକଟକୁ ସେପରି କିଛି ଅଭିଯୋଗ ଆସିନାହିଁ, ତଥାପି ଆବାସ ଦେବାକୁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନେବି।

# 'ପ୍ରତିଶ୍ରୁତି ଅନୁଯାୟୀ କ୍ଷତିପୂରଣ ଦିଅ, ନଚେତ୍ ଆନ୍ଦୋଳନ'

**ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଏୟାରପୋର୍ଟ କ୍ଷତିଗ୍ରସ୍ତଙ୍କ ସ୍ୱତନ୍ତ୍ର ଗ୍ରାମସଭା**

ପୁରୀ/ବ୍ରହ୍ମଗିରି,୨୭।୪(ଅଜିତ୍ କୁମାର ମହାନ୍ତି/ସ୍ୱାଧୀନ ଚମ୍ପତିରାୟ)

ପୁରୀ-ବ୍ରହ୍ମଗିରି ରାସ୍ତାର ଶିପସରୁବାଲି ମୌଜାରେ ପ୍ରସ୍ତାବିତ ଶ୍ରୀଜଗନ୍ନାଥ ଗ୍ରୀନ ଫିଲ୍ଡ ଏୟାରପୋର୍ଟ ପାଇଁ (ଷ୍ଟେଜ୍-୧) ଜଙ୍ଗଲ ମଞ୍ଜୁରି ପ୍ରଦାନ ପରେ ଏବେ ପୁରୀରେ ପ୍ରସ୍ତାବିତ ଏୟାରପୋର୍ଟ ପାଇଁ ବାଟ ଖୋଲିଛି। ପ୍ରତିଶ୍ରୁତି ଅନୁଯାୟୀ କ୍ଷତିପୂରଣ ଦିଅ, ନଚେତ୍ ଆନ୍ଦୋଳନ କରାଯିବ ବୋଲି ବ୍ରହ୍ମଗିରି ବ୍ଲକ୍ ଗୋରୁଆଳ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳରେ କ୍ଷତିଗ୍ରସ୍ତଙ୍କ ପକ୍ଷରୁ ସୋମବାର ସ୍ୱତନ୍ତ୍ର ଗ୍ରାମସଭାରେ ନିଷ୍ପତ୍ତି ହୋଇଛି। ଏଥିରେ ଜମି ଅଧିଗ୍ରହଣ, ପୁନର୍ବାସ, ପୁନଃଥଇଥାନ ଓ କ୍ଷତିପୂରଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

ଏୟାରପୋର୍ଟ ପାଇଁ ମୋଟ ୧୧୬୪.୭୫୪ ଏକର ଜମି ଆବଶ୍ୟକ। ସେଥିମଧ୍ୟରୁ ୨୨୧.୮୯୧ ଏକର ଘରୋଇ ଜମି ଅଧିଗ୍ରହଣ କରାଯିବ, ବାକି ୯୪୨.୮୬୩ ଏକର ସରକାରୀ ଜମି ରହିଛି। ଉଭୟ ଶିପସରୁବାଲି ଏବଂ ଷଣ୍ଢପୁର ମୌଜାରୁ ମୋଟ ୧୨୯ ପରିବାର ବିସ୍ଥାପିତ ହେବେ। ତେଣୁ ବିସ୍ଥାପିତଙ୍କୁ ଜମି ଅଧିଗ୍ରହଣ ଓ ପୁନର୍ବାସ ଆଇନ ଅନୁଯାୟୀ, କ୍ଷତିପୂରଣ ପ୍ରଦାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ପାଇଁ ପରିବାର ହିସାବରେ ୫ ଲକ୍ଷ ଟଙ୍କା, ଗୃହ ସହାୟତା ଏବଂ ନୂତନ ଘର ନିର୍ମାଣ ପାଇଁ ୩.୩୯ ଲକ୍ଷ ଟଙ୍କାରୁ ଅଧିକ ରାଶି, ଘରୋଇ ସାମଗ୍ରୀର ପରିବହନ ଏବଂ ସ୍ଥାନାନ୍ତର ବାବଦକୁ ୧.୧୩ ଲକ୍ଷ ଟଙ୍କା, ଗୋଟିଏ ବର୍ଷ ଜୀବିକା ନିର୍ବାହ ପାଇଁ ୫୪,୩୦୦ ଟଙ୍କା, ଦୋକାନ ସ୍ଥାପନ ପାଇଁ ୨୫,୦୦୦ ଟଙ୍କା ପ୍ୟାକେଜ ଘୋଷଣା କରାଯାଇଛି। ଭୁବନେଶ୍ୱର ଏୟାରପୋର୍ଟ ପାଇଁ ମାତ୍ର ୯୮୬ ଏକର ଜମି ନିଆଯାଇଥିବା ବେଳେ ପୁରୀରେ ଏତେ ଜମିର ଆବଶ୍ୟକତା କ'ଣ ପାଇଁ ବୋଲି ଗ୍ରାମସଭାରେ ପଞ୍ଚାୟତବାସୀ ପ୍ରଶ୍ନ ଉଠାଇଛନ୍ତି। ପୁନର୍ବାସ ଓ ପୁନଃଥଇଥାନ ନୀତି ଧାରା ୧୫ ଅନୁଯାୟୀ ଜନଶୁଣାଣି ସମୟରେ ଶ୍ରୀଜଗନ୍ନାଥ ଗ୍ରୀନ୍ ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ଦ୍ୱାରା କ୍ଷତିଗ୍ରସ୍ତ ପରିବାରକୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୁହାଯାଇଥିଲା। ଧାରା ୨୦ର ଅବଧି ମେ ୨ରେ ସରିବାକୁ ଯାଉଥିଲେ ହେଁ ଏଯାବତ ଘୋଷିତ କ୍ଷତିପୂରଣ ରାଶି ଦିଆଯାଇନି, ତେଣୁ ଏହା ବିରୋଧରେ ପଞ୍ଚାୟତବାସୀ ଏକାଠି ହୋଇଛନ୍ତି। ଉପଯୁକ୍ତ କ୍ଷତିପୂରଣ ଓ ଭିତ୍ତିଭୂମିର ସୁବିଧା ନ କରି ଶ୍ରୀଜଗନ୍ନାଥ ଗ୍ରୀନ୍‌ଫିଲ୍ଡ ଅନ୍ତର୍ଜାତୀୟ ବିମାନବନ୍ଦର ପାଇଁ ପ୍ରଚେଷ୍ଟା ହେଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। ତେବେ ଜଳ, ଜମି, ଜଙ୍ଗଲର ସୁରକ୍ଷା ପାଇଁ ଗ୍ରାମବାସୀ ଏକାଠି ହୋଇଥିବା ବେଳେ ଆସନ୍ତା ୩୦ରେ ହଜାର ହଜାର ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେବେ।

ଏନେଇ ଗ୍ରାମବାସୀ ରଘୁନାଥ ସାହୁ କହିଛନ୍ତି, ବିମାନବନ୍ଦର ନାମରେ ସରକାର ଏଠାରେ ହରିଲୁଟ୍ କରିବାକୁ ଯୋଜନା କରୁଛନ୍ତି। ମାତୃଭୂମିର ରକ୍ଷା କରିବା ପାଇଁ ଯେଉଁ ମିଥ୍ୟା ପ୍ରତିଶ୍ରୁତି ସରକାର ଦେଇଥିଲେ, ତାହାର ପ୍ରତିବାଦରେ ଆଜି ସ୍ୱର ଉତ୍ତୋଳନ ପାଇଁ ଗ୍ରାମସଭା ଡକାଯାଇଛି।

ସେହିପରି ସରପଞ୍ଚ ନିରଞ୍ଜନ ମିଶ୍ର କହିଛନ୍ତି, ଆଜି ସ୍ୱତନ୍ତ୍ର ଗ୍ରାମ ସଭା ଡକାଯାଇଛି। ଏୟାରପୋର୍ଟ ପାଇଁ ସରକାରଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯାଉଥିଲା। ପୂର୍ବରୁ ପ୍ରଶାସନ ପକ୍ଷରୁ କରାଯାଇଥିବା ଗ୍ରାମସଭାରେ ପ୍ରଶାସନ ନିକଟରେ କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଥିଲା। ମଲ୍ଟିସ୍ପେଶାଲିଟି ମେଡିକାଲ୍ କରିବା, ପଞ୍ଚାୟତର ୩୦ ଶତକଡା ପିଲାଙ୍କୁ ଚାକିରି ଦେବେ, ବାତ୍ୟା ଆଶ୍ରୟସ୍ଥଳୀ, କଲେଜ ନିର୍ମାଣ, ପଞ୍ଚାୟତର ଉନ୍ନତି ପାଇଁ ୨ ଏକର ଜାଗା ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ତାହା ଆଜିପର୍ଯ୍ୟନ୍ତ କରାଯାଇନାହିଁ ବୋଲି ମିଶ୍ର କହିଛନ୍ତି।

ଏନେଇ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ବର୍ତ୍ତମାନ ପ୍ରୋସେସ ଚାଲିଛି। ଧାରା ୨୧ରେ ଯେଉଁ ନିୟମ ରହିଛି ସେହି ଅନୁସାରେ ମୂଲ୍ୟାଙ୍କନ କରାଯାଉଛି। ଗ୍ରାମବାସୀ କ'ଣ ପାଇଁ ଗ୍ରାମସଭା କରିଛନ୍ତି, ତାହା ହସ୍ତଗତ ହୋଇନାହିଁ। ତାଙ୍କର ନିଷ୍ପତ୍ତି କ'ଣ ହୋଇଛି ହସ୍ତଗତ ହେବା ପରେ ସେ ନେଇ ଆଲୋଚନା କରାଯିବ। ସମସ୍ତ ନିୟମ ଅନୁଯାୟୀ କାର୍ଯ୍ୟ କରାଯିବ ବୋଲି ଜିଲାପାଳ କହିଛନ୍ତି।



ଚନ୍ଦକା ଗୋଡ଼ିବାରି ନେଚର୍ କ୍ୟାମ୍ପରେ ଦନ୍ତା ରାମୁର କଙ୍କାଳ ଢାଞ୍ଚା ପ୍ରସ୍ତୁତ କରାଯାଉଛି। (ଫଟୋ-ଲିଙ୍ଗରାଜ ରାଉତ)

# ଶେଷ ପର୍ଯ୍ୟାୟରେ ଦନ୍ତା ରାମୁ କଙ୍କାଳର ଢାଞ୍ଚା

**ଚନ୍ଦକା ଗୋଡ଼ିବାରି ନେଚର୍ କ୍ୟାମ୍ପରେ ପ୍ରଦର୍ଶିତ ହେବ**

ବାରଙ୍ଗ,୨୭।୪(ଲିଙ୍ଗରାଜ ରାଉତ)

ଚନ୍ଦକା ଗୋଡ଼ିବାରି ନେଚର୍ କ୍ୟାମ୍ପରେ ଦନ୍ତାହାତୀ ରାମୁ କଙ୍କାଳର ଢାଞ୍ଚା ପ୍ରସ୍ତୁତିର ଶେଷ ପର୍ଯ୍ୟାୟ କାମ ଆରମ୍ଭ ହୋଇଛି। ୨୫୦ ଖଣ୍ଡରୁ ଅଧିକ ହାଡ଼ରେ ବନବିଭାଗ ପକ୍ଷରୁ ରାମୁ କଙ୍କାଳକୁ ସୋମବାର ଛିଡ଼ା କରାଯାଇଛି। ତା'ର ଆକୃତି ମୁତାବକ ଢାଞ୍ଚା ପ୍ରସ୍ତୁତି କରିବାକୁ ବନବିଭାଗ ପକ୍ଷରୁ ଉଦ୍ୟମ କରାଯାଉଛି। ବିଶେଷକରି ପାଦ ଓ ଲାଞ୍ଜ ବାକି ରହିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଏକ କାଚଘରେ ରାମୁର କଙ୍କାଳକୁ ପ୍ରଦର୍ଶିତ କରାଯିବ। ଏଥିସହ ପର୍ଯ୍ୟଟକଙ୍କ ଜାଣିବା ପାଇଁ ବିବରଣୀ ରଖାଯିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୪ଟି ଷ୍ଟ୍ରେନେଜ ଷ୍ଟିଲ୍ କ୍ରେନ୍ କେବୁଲ ଦ୍ୱାରା ହାଡ଼ଗୁଡ଼ିକୁ ଝୁଲନ୍ତା ଅବସ୍ଥାରେ ରଖାଯାଇଛି। ମେରୁଦଣ୍ଡରେ ସ୍କଞ୍ଚଅଫ୍ ଷ୍ଟିଲ୍‌ରଡ୍ ଓ ଗୋଡରେ ଷ୍ଟ୍ରେନେଜ ଷ୍ଟିଲ୍ ରଡ୍ ଦିଆଯାଇ ଫେବ୍ରିକେଶନ ଦ୍ୱାରା ଯୋଡ଼ାଯାଇଛି। ପରେ ଝୁଲନ୍ତା ଅବସ୍ଥାରେ ହାତୀର କଙ୍କାଳକୁ କାଚଘରେ ପ୍ରଦର୍ଶିତ କରାଯିବ, ଯାହାକୁ ପରବର୍ତ୍ତୀ ସମୟରେ ପର୍ଯ୍ୟଟକମାନେ ଦେଖିବାର ସୁଯୋଗ ପାଇପାରିବେ।

ସୂଚନାଯୋଗ୍ୟ, ୨୦୨୪ରେ ଦନ୍ତାହାତୀ ରାମୁର ମୃତ୍ୟୁ ହୋଇଥିଲା। ୨୦୨୫ ଡିସେମ୍ବର ୯ରେ ଭରତପୁର ଡମପଡ଼ା ଜଙ୍ଗଲର ମାଟିତଳୁ ରାମୁର କଙ୍କାଳକୁ ବନବିଭାଗ ଉଦ୍ଧାର କରିଥିଲା। ପ୍ରାୟ ୨୫୦ ଖଣ୍ଡ ହାଡ଼ ମିଳିଥିଲା। ରାମୁର କଙ୍କାଳକୁ ଭୁବନେଶ୍ୱର ରେଞ୍ଜରେ ରାସାୟନିକ ପ୍ରକ୍ରିୟା କରଣରେ ରଖାଯିବା ପରେ ଗୋଡ଼ିବାରି ନେଚର କ୍ୟାମ୍ପକୁ ନିଆଯାଇ କଙ୍କାଳ ଢାଞ୍ଚା ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ ହୋଇଥିଲା। ହାଡ଼ଗୁଡ଼ିକର ଓଜନ ଏକ ଟନ୍ ହେବ ବୋଲି ଅନୁମାନ କରାଯାଉଛି।

# କଳିଙ୍ଗ ବୀର ସୈନିକଙ୍କ ସ୍ମୃତିରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନ ହେବ

**କମିଟି ଗଠନ କଲା ସଂସ୍କୃତି ବିଭାଗ**

- ସଂଗ୍ରହାଳୟ, କାରୁବାକୀ ମନ୍ଦିର, ଆମ୍ଫି-ଥିଏଟର ମଧ୍ୟ ପ୍ରତିଷ୍ଠା ହେବ
- ପ୍ରସ୍ତାବିତ ସ୍ଥାନ ଅନୁଧ୍ୟାନ କଲେ କମିଟି କର୍ମକର୍ତ୍ତା

ଭୁବନେଶ୍ୱର/ପୁରୁଣା ଭୁବନେଶ୍ୱର,୨୭।୪ (ସୌମ୍ୟରଞ୍ଜନ ରାଉତ/ସୁବାସ ଚନ୍ଦ୍ର ପ୍ରଧାନ)

କଳିଙ୍ଗ ଯୁଦ୍ଧ ପୃଥିବୀ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା। କଳିଙ୍ଗର ବୀର ସୈନିକମାନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରି ଇତିହାସରେ ବୀରତ୍ୱ ଓ ପରିବର୍ତ୍ତନର ମହାନଗାଥା ଲେଖି ଯାଇଥିଲେ। ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନର ପ୍ରସ୍ତାବ ଉପରେ ବିଚାର କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏକାମ୍ର ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସାହିତ୍ୟିକ ଡ. ପ୍ରତିଭା ରାୟ, ଐତିହାସିକ ଡ. ନୀହାର ରଞ୍ଜନ ପଟ୍ଟନାୟକ, ଡ. ବେଣୁଧର ପାତ୍ର, ଡ. ଅନାମ ବେହେରା, ଇତିହାସ ଗବେଷକ ଅନିଲ ଧୀର, ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଖୋର୍ଦ୍ଧା ଜିଲାପାଳଙ୍କ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ, ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶକ ଏବଂ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ପ୍ରତିନିଧି ପ୍ରମୁଖ ସଦସ୍ୟ ରହିଛନ୍ତି। ଏନେଇ ସୋମବାର ଧଉଳିଠାରେ ଏକାମ୍ର ବିଧାୟକଙ୍କ ଅଧ୍ୟକ୍ଷତାରେ କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଧଉଳି ପାଦଦେଶରେ ଦୟା ନଦୀକୂଳରେ କଳିଙ୍ଗ ଯୁଦ୍ଧରେ ମୃତ୍ୟୁବରଣ କରିଥିବା କଳିଙ୍ଗର ବୀର ସୈନିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସହ ଏକ ସଂଗ୍ରହାଳୟ, କାରୁବାକୀ ମନ୍ଦିର, ଆମ୍ଫି-ଥିଏଟର ସ୍ଥାପନ କରିବା ପାଇଁ କମିଟିର ସଦସ୍ୟମାନେ ମତ ରଖିଥିଲେ। ଏହି ଅବସରରେ କମିଟିର କର୍ମକର୍ତ୍ତାମାନେ ପ୍ରସ୍ତାବିତ ସ୍ଥାନ ପରିଦର୍ଶନ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରିଥିଲେ।



ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିର କର୍ମକର୍ତ୍ତାମାନେ କ୍ଷେତ୍ର ଅନୁଧ୍ୟାନ କରୁଛନ୍ତି।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ବାରଙ୍ଗ, ୨୭।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ଥାନା ଅଧୀନ ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ଗ୍ରାମରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକ ମୃତଦେହ ଜବତ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ଅଭୟ ବେହେରା (୪୧)।

ଅଭୟ ସୋମବାର ରାତିରେ ଘର ପାଖ ଏକ ଆଜବେଷ୍ଟସ ଗୁହାଳ ଘରେ ରଶି ସାହାଯ୍ୟରେ ଝୁଲି ପଡ଼ିଥିଲେ। ପରିବାର ଲୋକେ ଦେଖିଥିଲେ। ଅଭୟଙ୍କୁ ତୁରନ୍ତ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିବାବେଳେ ଅଭୟଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଖବର ପାଇ ଗୋଡ଼ିସାହି ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଆନି



@ ଅଶୋକ



@ ଚନ୍ଦ୍ରମଣି



@ ପ୍ରିୟଦର୍ଶିନୀ



@ ଶିଶିର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୨୮୦୩ ଜଣଙ୍କୁ ସ୍ଥାୟୀ ପଟ୍ଟା ବାଣ୍ଟିଲେ ଉପମୁଖ୍ୟମନ୍ତ୍ରୀ

- ରାଜ୍ୟର ଜନସାଧାରଣ ଆମ ମାଲିକ: ପୂଜାରୀ
- ଦୀର୍ଘ ୯୯ବର୍ଷର ଜମିଜମା ସମସ୍ୟାର ସ୍ଥାୟୀ ସମାଧାନ

ନିମାପଡ଼ା,୨୭।୪(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ଅଣ୍ଡିଆ ଓ ପାଟପୁର ମୌଜାର ହଜାର ହଜାର ଜମି ମାଲିକ ଜମିଜମା ସମସ୍ୟା ଯୋଗୁ ଦୀର୍ଘ ୯୯ବର୍ଷ ଧରି ପଟ୍ଟା ପାଇବାରୁ ବଞ୍ଚିତ ହୋଇ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାଜ୍ୟରେ ଭାଜପା ସରକାର ହେବାପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ପ୍ରଚେଷ୍ଟା ଯୋଗୁ ଆଜି ଏହି ୯୯ବର୍ଷର ଅଣ୍ଡିଆ ମୌଜାରେ ଥିବା ଜମିଜମା ସମସ୍ୟାର ଅନ୍ତଃ ଘଟିଛି। ନିମାପଡ଼ା ଶହୀଦ ଭବନ ପଡ଼ିଆଠାରେ ଆୟୋଜିତ ଏକ ପଟ୍ଟା ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ସୋମବାର ଅଣ୍ଡିଆ ମୌଜାର ୨,୮୦୦୩ ଜଣ ଜମି ମାଲିକଙ୍କୁ ସେମାନଙ୍କ ଜମିର ସ୍ଥାୟୀ ପଟ୍ଟା ମିଳିପାରିଛି। ଏଥିରେ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ଅତିରିକ୍ତ ଜିଲାପାଳ ଶରତ ମହାପାତ୍ର, ଅତିରିକ୍ତ ଉପଜିଲାପାଳ ପ୍ରମୋଦ କୁମାର ନାୟକ, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ପାଟପୁର ମୌଜାର ଜମିଜମା ସଂକ୍ରାନ୍ତରେ ଚକବନ୍ଦୀ କାର୍ଯ୍ୟ ଚାଲୁରହିଛି, ଖୁବ୍‌ଶୀଘ୍ର ଏହି ସମସ୍ୟାର ସମାଧାନ କରାଯାଇ ପାଟପୁର ମୌଜାରେ ପଟ୍ଟା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।

ରାଜ୍ୟରେ ଭାଜପା ସରକାରଙ୍କ ନିଷ୍ଠା, ପ୍ରତିବଦ୍ଧତା ଯୋଗୁ ନିମାପଡ଼ା ଅଣ୍ଡିଆ ମୌଜାର ଦୀର୍ଘ ୯୯ବର୍ଷ ଧରି ରହିଥିବା ଜମିଜମା ସମସ୍ୟାର ଆଜି ସ୍ଥାୟୀ ସମାଧାନ କରାଯାଇ ମୌଜାବାସୀଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ଅଣ୍ଡିଆ ମୌଜାବାସୀଙ୍କ ପାଇଁ ଏହା ଏକ ଗର୍ବ, ଗୌରବର ବିଷୟ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି। ଅନ୍ୟପକ୍ଷରେ ଜମିବାଡ଼ି ସହ ମଣିଷର ସମ୍ପର୍କ ଯୁଗଯୁଗ ଧରି ରହିଛି, ଆମ ସରକାରରେ ଓଡ଼ିଶାରେ ଜଣେ ହେଲେ କେହି ଭୂମିହୀନ ରହିବେ ନାହିଁ, ସମସ୍ତ ଭୂମିହୀନ ବ୍ୟକ୍ତି ଜମି ପାଇବେ। ଓଡ଼ିଶାର ସମସ୍ତ ମନ୍ତ୍ରୀ, ବିଧାୟକ, ସରକାରୀ ଅଧିକାରୀ ଓ କର୍ମଚାରୀ ଆମେ ସମସ୍ତେ ସେବକ। ରାଜ୍ୟର ଜନସାଧାରଣ ଆମମାନଙ୍କର ମାଲିକ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସମାରୋହରେ ସ୍ଥାନୀୟ ତହସିଲଦାର ମନୋଜ କୁମାର ପ୍ରଧାନ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ରାଜସ୍ୱ ଓ ଚକବନ୍ଦୀ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଯୋଗ ଦେଇଥିଲେ।



ପଟ୍ଟା ବଣ୍ଟନ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।

# ରେଣୁବାଳା ଶ୍ରେଷ୍ଠ ଓଡ଼ିଆଣୀ, ସୌଦାମିନୀ ସହ ଶ୍ରେଷ୍ଠ ଓଡ଼ିଆଣୀ

ଭୁବନେଶ୍ୱର,୨୭।୪(ସୌମ୍ୟରଞ୍ଜନ ରାଉତ)

'ସମ୍ଭାବନା' ପକ୍ଷରୁ ଓଡ଼ିଆ ସ୍ୱାଭିମାନ ଦିବସ ସମାରୋହ ଏବଂ ଉତ୍କଳ ଦିବସରୁ ଓଡ଼ିଆ ନୂଆବର୍ଷ ପର୍ଯ୍ୟନ୍ତ ଚାଲିଥିବା ଶ୍ରେଷ୍ଠ ଓଡ଼ିଆଣୀ ପ୍ରତିଯୋଗିତାର ସମ୍ବର୍ଦ୍ଧନା ପର୍ବ ସହ ଓଡ଼ିଆ ମହୋତ୍ସବର ଉଦ୍‌ଯାପନ ଉତ୍ସବ ସୋମବାର ସୂଚନା ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହକୁ ଅଭିନେତା ପ୍ରଶାନ୍ତ ନନ୍ଦ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସମ୍ମାନିତ ଅତିଥି ଭାବେ ସ୍ତମ୍ଭକାର ଦାଶ ବେନହୁର, ସମାଜିକ କର୍ମୀ କସ୍ତୁରିକା ପଟ୍ଟନାୟକ ଏବଂ ୨୦୨୫ର ଶ୍ରେଷ୍ଠ ଓଡ଼ିଆଣୀ ରୀତା ଶଙ୍ଖୁଆ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ରେଣୁବାଳା ସାହୁଙ୍କୁ ୨୦୨୬ର 'ଶ୍ରେଷ୍ଠ ଓଡ଼ିଆଣୀ' ଓ ସୌଦାମିନୀ ମହାନ୍ତିଙ୍କୁ 'ସହଶ୍ରେଷ୍ଠ ଓଡ଼ିଆଣୀ' ଭାବେ ଘୋଷଣା ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ଭାବନାର ତ୍ରଷ୍ଟି ସ୍ମୃତି ମହାନ୍ତି ଏହି ପ୍ରତିଯୋଗିତାରେ ପ୍ରଥମ ଶ୍ରେଷ୍ଠ ୧୦ ସ୍ଥାନ ଅଧିକାର କରିଥିବା ଓଡ଼ିଆଣୀ ଭାବେ ରଶ୍ମିତା ରଥ, ଜ୍ୟୋତ୍ସ୍ନାରାଣୀ ପାତ୍ର, ମୋନାଲିସା ଓଝା, ବନ୍ଦିତା ଦାସ, ମାନସୀ ରାଉତରାୟ, ବିଜୟଲକ୍ଷ୍ମୀ ବେହେରା, ସୁଶ୍ରୀ ପଟ୍ଟନାୟକ, ବିଦ୍ୟୁଲତା ବେହେରା ପ୍ରମୁଖଙ୍କ ନାମ ଘୋଷଣା କରିଥିଲେ। ସେହିପରି ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରଥମ ୩ ସ୍ଥାନରେ ଥିବା ୨୩ ଜଣ କୃତୀ ଓଡ଼ିଆଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ପରିଜା ଓଡ଼ିଆ ଜାତିର ଅସ୍ମିତା ଓ ପରିଚୟର ପୁନଃସ୍ଥାପକ ମଧୁବାବୁଙ୍କ ଜୟନ୍ତୀ ପୂର୍ବ ସନ୍ଧ୍ୟାରେ ଆୟୋଜିତ ଏହି ଉତ୍ସବ ହେଉଛି ତାଙ୍କ ପ୍ରତି ବାସ୍ତବ ଶ୍ରଦ୍ଧାଞ୍ଜଳି ବୋଲି କହିଥିଲେ। ପରେ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ଓଡ଼ିଶୀ ପ୍ରଦର୍ଶନ ଦର୍ଶକଙ୍କୁ ବିମୋହିତ କରିଥିଲା। ସେହିପରି କଣ୍ଠଶିଳ୍ପୀ ହରପ୍ରିୟା ସ୍ୱାଇଁ ଓ ସିଦ୍ଧାନ୍ତ ଶତପଥୀ ମନଛୁଆଁ ସଙ୍ଗୀତ ପରିବେଷଣ କରିଥିଲେ। ତ୍ରଷ୍ଟି ସ୍ମୃତି ମହାନ୍ତି ଧନ୍ୟବାଦ ଦେଇଥିଲେ।



ଅଭିନେତା ପ୍ରଶାନ୍ତ ନନ୍ଦ, ଆଇନମନ୍ତ୍ରୀ ପୃଥ୍ୱୀରାଜଙ୍କ ସହ ଅନ୍ୟ ଅତିଥିମାନେ 'ଶ୍ରେଷ୍ଠ ଓଡ଼ିଆଣୀ' ଭାବେ ରେଣୁବାଳା ସାହୁ ଓ 'ସହ ଶ୍ରେଷ୍ଠ ଓଡ଼ିଆଣୀ' ଭାବେ ସୌଦାମିନୀ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

# ଆହୁରି ନିରାପଦ ହେବ ଜଳକ୍ରୀଡ଼ା ପର୍ଯ୍ୟଟନ

**ଭୁବନେଶ୍ୱର/ପୁରୀ/କୋଣାର୍କ, ୨୭।୪ (ବନ୍ଦନା ସେଠୀ/ଅଜିତ୍ କୁମାର ମହାନ୍ତି/ଜ୍ୟୋତିରାଜ ମହାନ୍ତି)**

- ଏନ୍ଆଇଡବ୍ଲ୍ୟୁଏସ୍, ଓଏଫ୍ଇଏସ୍ ସହ ପର୍ଯ୍ୟଟନ ବିଭାଗର ଏମ୍ଓୟୁ
- କୋଣାର୍କ ରାମଚଣ୍ଡୀରେ ଆରମ୍ଭ ହେଲା ଲାଇଫ୍‌ଗାର୍ଡ ତାଲିମ

ଓଡ଼ିଶା ହେବ ନିରାପଦ ତଥା ସାହସିକ ପର୍ଯ୍ୟଟନ ଗନ୍ତବ୍ୟସ୍ଥଳ। ରାଜ୍ୟ ସରକାରଙ୍କ ଏଭଳି ଲକ୍ଷ୍ୟ ପୂରଣ ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଜଳଭିତ୍ତିକ ପର୍ଯ୍ୟଟନ ଏବଂ ସୁରକ୍ଷା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ପଦକ୍ଷେପ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ପର୍ଯ୍ୟଟନ ବିଭାଗ ଗୋଆସ୍ଥିତ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ସ୍ପୋର୍ଟସ (ଏନ୍ଆଇଡବ୍ଲ୍ୟୁଏସ୍) ଏବଂ ଓଡ଼ିଶା ଅଗ୍ନିଶମ ଓ ଆପତକାଳୀନ ସେବା (ଓଏଫ୍ଇଏସ୍) ସହ ଏମ୍ଓୟୁ ସ୍ୱାକ୍ଷର କରିଛି। ରାଜ୍ୟରେ ଦ୍ରୁତଗତିରେ ବିକାଶ କରୁଥିବା ଜଳକ୍ରୀଡ଼ା ପରିବେଶର କ୍ଷମତା ବୃଦ୍ଧି, ସୁରକ୍ଷା ମାନଦଣ୍ଡକୁ ସୁଦୃଢ଼ କରିବା ଏବଂ ଆଧୁନିକ ପ୍ରାୟୋଗିକ ଦକ୍ଷତାକୁ ସମ୍ମିଳିତ କରିବା ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ। ଏହି ପଦକ୍ଷେପର ଅଂଶସ୍ୱରୂପ କୋଣାର୍କ ରାମଚଣ୍ଡୀସ୍ଥିତ ଓଡ଼ିଶା ଷ୍ଟେଟ୍ ୱାଟରମ୍ୟାନଶିପ ଆଣ୍ଡ ଲାଇଫ୍‌ଗାର୍ଡ ଇନ୍‌ଷ୍ଟିଚ୍ୟୁଟ୍(ଓସୱାଲି)ଠାରେ ଏକ ସମ୍ପୂର୍ଣ୍ଣ ଆବାସିକ ଲାଇଫଗାର୍ଡ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ସୋମବାର ପ୍ରଥମ ବ୍ୟାଚ୍‌ର ତାଲିମ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଏହି କାର୍ଯ୍ୟକ୍ରମ ଲଗାତର ୧୧ଟି ବ୍ୟାଚ୍‌ରେ ପରିଚାଳିତ ହେବ ଓ ପ୍ରତି ବ୍ୟାଚ୍ ୧୨ଦିନ ଧରି ତାଲିମ୍ ନେବ। ପ୍ରାୟ ଦେଢ଼ ମାସ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ତାଲିମ ପ୍ରକ୍ରିୟା ଶେଷ ହେବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ଆରମ୍ଭ ହେବ। ଏହି ପର୍ଯ୍ୟାୟରେ ସମୁଦାୟ ୧୭୬ଜଣ ସରକାରୀ ଏବଂ ବେସରକାରୀ ଲାଇଫ୍‌ଗାର୍ଡଙ୍କୁ ତାଲିମ ପ୍ରଦାନ କରାଯିବ। ଏଥିରେ ଉଦ୍ଧାର କୌଶଳ, ସି.ପି.ଆର, ପ୍ରାଥମିକ ଚିକିତ୍ସା, ଖୋଲା ଜଳରାଶିରେ କାର୍ଯ୍ୟ କରିବା, ବିପର୍ଯ୍ୟୟ ପରିଚାଳନା, ପର୍ଯ୍ୟଟକ ସୁରକ୍ଷା ନିୟମ ଏବଂ ୱାଟର ସ୍ପୋର୍ଟସ ସୁରକ୍ଷା ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଅନ୍ତର୍ଭୁକ୍ତ କରାଯାଇଛି। ତାଲିମ୍‌ରେ ଉତ୍ତୀର୍ଣ୍ଣ ଲାଇଫ୍‌ଗାର୍ଡମାନଙ୍କୁ ପୁରୀ, ଚନ୍ଦ୍ରଭାଗା ଓ ଅନ୍ୟାନ୍ୟ ପ୍ରମୁଖ ସମୁଦ୍ରତଟ ସହିତ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟଟନ ଗନ୍ତବ୍ୟଗୁଡ଼ିକରେ ନିୟୋଜିତ କରାଯିବ। ଓଡ଼ିଶା ଉପକୂଳ ଏବଂ ଆଭ୍ୟନ୍ତରୀଣ ଜଳ ପର୍ଯ୍ୟଟନ ପାଇଁ ଏକ ମଜଭୁତ ସୁରକ୍ଷା ବ୍ୟବସ୍ଥା ଗଠନ କରିବା ଲକ୍ଷ୍ୟରେ ଆସନ୍ତା ୨/୩ ବର୍ଷ ମଧ୍ୟରେ ପ୍ରାୟ ୨,୦୦୦ ଲାଇଫ୍‌ଗାର୍ଡଙ୍କୁ ତାଲିମ ଦେବା ପାଇଁ ଏକ ରାଜ୍ୟସ୍ତରୀୟ ଯୋଜନା ପ୍ରସ୍ତୁତ କରାଯାଇଛି। ଅପରପକ୍ଷେ ବୈଜ୍ଞାନିକ ଯୋଜନା ଓ ନିୟୋଜନ ପାଇଁ ରାଜ୍ୟର ସମସ୍ତ ୩୦ଟି ଜିଲାରେ ଜଳାଶୟଗୁଡ଼ିକର ବ୍ୟାପକ ମାପଚୁପ କାର୍ଯ୍ୟ ସମାପ୍ତ ହୋଇଛି।

## ଶେଖ୍ ଓଲିମୁଦ୍ଦିନ ସଭାପତି, ସଲିମୁଦ୍ଦିନ ସମ୍ପାଦକ

**ଖୋର୍ଦ୍ଧା, ୨୭।୪ (ପ୍ରଭାତ ପାଣିଗ୍ରାହୀ):** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ପଞ୍ଚାୟତର ଅବସରପ୍ରାପ୍ତ ମିଲିଟାରି ଓ ପୋଲିସ ସଂଘର ନୂତନ ସଭାପତି ଏବଂ କର୍ମକର୍ତ୍ତାଙ୍କ ଚୟନ କରାଯାଇଛି। ଏଥିରେ ସଭାପତିଭାବେ ଶେଖ ଓଲିମୁଦ୍ଦିନ, ଉପସଭାପତି ତାରିଫ ଉଦ୍ଦିନ ଖାଁ, ସାଧାରଣ ସମ୍ପାଦକ ସଲିମୁଦ୍ଦିନ ଖାଁ, ସହସମ୍ପାଦକ ସଫିକୁଲ୍ଲା ଖାଁ, କୋଷାଧ୍ୟକ୍ଷ ମୋଜିବୁର୍ ରହମାନ, ଲେଖା ନିରୀକ୍ଷକ ଶେଖ ଅବଦୁଲ ଜସିମ, ଉପଦେଷ୍ଟାଭାବେ ଶେଖ ଅବ୍ଦୁଲ କରିମ, ଜମ୍ୱେଶ୍ୱର ବଡ଼ଜେନା, ଜଲାଲ ମହମ୍ମଦ, ଶେଖ ଇଦ୍ଦୁ, ସଦାକତ ଅଲ୍ଲି, ଅବଦୁର ରହିମ, ସାହାଜାହାନ ଖାଁ, ହଇଦର ଖାଁ, ମିଆଁଜାନ ଖାଁ ଓ ସୁକଦେବ ନାୟକ ନିର୍ବାଚିତ ହୋଇଛନ୍ତି। ସଲିମୁଦ୍ଦିନ ଖାଁ ନିର୍ବାଚନ ଅଫିସର ରହିଥିଲେ।ଏହି ପରିପ୍ରେକ୍ଷୀରେ ପୂର୍ବତନ ସଭାପତି ଏହେସାନୁଲ ହକ ଖାଁଙ୍କ ବିୟୋଗରେ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା।

## ବୈଦ୍ୟେଶ୍ୱରରେ ରାଜ୍ୟ କୈବର୍ତ୍ତସମାଜ ମହାସଭାର ସାଧାରଣସଭା

**ବୈଦ୍ୟେଶ୍ୱର, ୨୭।୪ (ମାନସ ରଞ୍ଜନ ସାହୁ)**



ବାଙ୍କୀ ବ୍ଲକ ଅନ୍ତର୍ଗତ ବୈଦ୍ୟେଶ୍ୱର ପଞ୍ଚାୟତସ୍ଥିତ ବୈଦ୍ୟନାଥ ମନ୍ଦିର ପାର୍ଶ୍ୱରେ ରବିବାର ତ୍ରୟୋଦଶ ରାଜ୍ୟ କୈବର୍ତ୍ତ ସମାଜ ମହାସଭାର ବିଂଶତମ ଦ୍ୱିବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାସଭା ସଭାପତି ସନାତନ ବେହେରା ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ କୈବର୍ତ୍ତ ସମ୍ପ୍ରଦାୟ ପତାକା ଉତ୍ତୋଳନ କରାଯାଇଥିଲା। ପରେ ମହାସଭା ସମ୍ପାଦକ ନବକିଶୋର ବେହେରା, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ସହ ସମ୍ପାଦକ ଉଦ୍ୟନାଥ ବେହେରା, କୋଷାଧ୍ୟକ୍ଷ ଅଗାଧୁ ବେହେରା ଓ ବଡ଼ମ୍ବା ପୂର୍ବ ରାଜ୍ୟ ସଭାପତି ବୈକୁଣ୍ଠ ନାଥ ବେହେରା ସମ୍ପ୍ରଦାୟ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିଥିଲେ। ସନ୍ଧ୍ୟାରେ ଘୋଡା ନୃତ୍ୟ କରି ମା'ବାସେଲୀଙ୍କ ସହ ବୈଦ୍ୟେଶ୍ୱର ଗ୍ରାମ ପରିକ୍ରମା କରାଯାଇଥିଲା। ମହାସଭା ସଭାପତିଙ୍କ ଅଧ୍ୟକ୍ଷତାରେ ବିଂଶତମ ଦ୍ୱିବାର୍ଷିକ ସାଧାରଣ ସଭା ଆରମ୍ଭ ହୋଇଥିଲା। ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଶୀତୁପ୍ରକାଶ ରଥ, ବିଶିଷ୍ଟ ଅତିଥି ଭାବେ ନିଖିଳ ଓଡିଶା କୈବର୍ତ୍ତ ମହାସଭାର କାର୍ଯ୍ୟକାରୀ ସଭାପତି ମନୋଜ ବେହେରା, ସମ୍ମାନିତ ଅତିଥିଭାବେ ବୈଦ୍ୟେଶ୍ୱର ସରପଞ୍ଚ ସୁରଞ୍ଜନ ପଣ୍ଡା ଏବଂ ଜଗନ୍ନାଥପୁର ସରପଞ୍ଚ ପ୍ରଭୁପ୍ରସାଦ ବେହେରା ଉପସ୍ଥିତ ଥିଲେ। ସାଧାରଣ ସଭାକୁ ଜଗନ୍ନାଥପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଉମାକାନ୍ତ ବେହେରା ସଂଯୋଜନା କରିଥିବା ବେଳେ ସନ୍ତୋଷ ବେହେରା ସହଯୋଗ କରିଥିଲେ। ଏହି ଅବସରରେ ସମ୍ପ୍ରଦାୟ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୮ ଏବଂ ଓଡ଼ିଶା ଅର୍ଥ ସେବା ସଚିବ ପଦରେ ଅଧିଷ୍ଠିତ ଥିବା ଏହି ସମ୍ପ୍ରଦାୟର ୨ ଜଣଙ୍କୁ ଜାତିଶ୍ରେଷ୍ଠ ସମ୍ମାନରେ ସମ୍ମାନିତ କରାଯାଇଥିଲା। ୨୦୨୪ ଓ ୨୦୨୫ରେ ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୬ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ରାଶି ସହ ପ୍ରଶଂସାପତ୍ର ଦିଆଯାଇଥିଲା। ପରେ ଆଗାମୀ ୨ ବର୍ଷ ପାଇଁ ମହାସଭାର ବିଭିନ୍ନ ପଦ ପଦବୀ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ତୟୋଦଶ ମହାସଭାର ସଭାପତି ଭାବେ ପୁନର୍ବାର ସନାତନ ବେହେରା, ଉପସଭାପତି ବିଜୟ ବେହେରା, ପ୍ରହ୍ଲାଦ ଦଳେଇ, ଯୁଧିଷ୍ଠିର ବେହେରା, ସମ୍ପାଦକ ନବକିଶୋର ବେହେରା, ଯୁଗ୍ମ ସମ୍ପାଦକ ନାରାୟଣ ବେହେରା, ସହ ସମ୍ପାଦକ ମହେଶ୍ୱର ଦାସ, କୋଷାଧ୍ୟକ୍ଷ ଅଗାଧୁ ବେହେରା, ଅଧ୍ୟକ୍ଷ ଶିକ୍ଷା କମିଟି ଭାବେ ରମେଶ ଚନ୍ଦ୍ର ବେହେରା ଏବଂ ମନୋନୀତ ସଭ୍ୟ ଭାବେ ମାନ ବେହେରା ନିର୍ବାଚିତ ହୋଇଥିଲେ। ଆୟୋଜକ ରାଜ୍ୟ ସଭାପତି ଗୋବିନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ଟାଙ୍ଗୀ, ୨୭।୪ (ରଘୁନାଥ ସାହୁ):** ବଡ଼ପାରୀ ଗ୍ରାମର ବନ୍ଧୁ ମଲିକଙ୍କ ଦ୍ୱାଦଶାହ ଦିବସରେ ବଡ଼ପାରୀ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ସଂଘ ସଭାପତି ବିଚ୍ଛେନ୍ଦ ଜୟସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଟାଙ୍ଗୀ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷକ ସଦାଶିବ ବେହେରା, ସାମାଜିକ କର୍ମୀ ଗଦାଧର ପାତ୍ର, ବଡ଼ପାରୀ କମିଟି ସମ୍ପାଦକ ସାରଙ୍ଗଧର ପାଲଟାସିଂ, ୱାର୍ଡସଭ୍ୟ ଶତ୍ରୁଘ୍ନ ପାତ୍ର, ଅଜୟ ମହାନ୍ତି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମଲିକ ଜଣେ ସ୍ପଷ୍ଟବାଦୀ, ନିର୍ଭୀକ ତଥା ଗ୍ରାମର ସାମୁହିକ କାର୍ଯ୍ୟରେ ଜଣେ ଆଗୁଆ କର୍ମୀ ଭାବେ କାର୍ଯ୍ୟ କରୁଥିଲେ ବୋଲି ମନ୍ତବ୍ୟ ଦେଇଥିଲେ। ପ୍ରାରମ୍ଭରେ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷକ ଶ୍ୟାମ ସୁନ୍ଦର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକୋତ୍ସବ

**ବେଗୁନିଆ, ୨୭।୪ (ହର ପ୍ରସନ୍ନ ପଣ୍ଡା)**



ଅତିଥି ଜଣେ କୁନି ପ୍ରତିଭାଧାରୀଙ୍କୁ ପୁରସ୍କୃତ କରୁଛନ୍ତି।

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ରବିବାର ୩୩ତମ ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ସୁରେନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ଚକ୍ଷୁ ବିଶେଷଜ୍ଞ ତଥା ସାମାଜିକ କର୍ମୀ ଅରବିନ୍ଦ ରାୟ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବକ୍ତାଭାବେ ଉତ୍ତମ ପାଇକରାୟ ଏବଂ ସମ୍ମାନିତ ଅତିଥିଭାବେ ସିକୋ ସରପଞ୍ଚ ସନ୍ତୋଷୀ ରାୟ, ସମିତି ସଭ୍ୟା ଅଞ୍ଜଳି ସାହୁ, ଚନ୍ଦ୍ରଶେଖର ଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା କୁମାରୀ ମହାପାତ୍ର, ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଲିଙ୍ଗରାଜ ପରମଗୁରୁ, ସିଆର୍‌ସିସି ସୁକାନ୍ତ ପାଇକରାୟ ଏବଂ ଆୟୋଜକ ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଟଶାଣୀ ପ୍ରମୁଖ ମଞ୍ଚାସୀନ ଥିଲେ। ସମ୍ପାଦକ ଯୋଗେଶ୍ୱର ଛୋଟରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିକଶିତ ଭାରତ ଗଠନ ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିଜ୍ଞାନ ଯେତେ ଅଗ୍ରଗତି କରୁଛି ଏବେକାର ଛାତ୍ରୀଛାତ୍ରଙ୍କ ଅତ୍ୟାଧୁନିକ ଜ୍ଞାନ ତାଠାରୁ ଅଧିକ ବୃଦ୍ଧି ପାଇଛି। ତେଣୁ ସେମାନଙ୍କୁ ଦିଗ୍‌ଦର୍ଶନ ପ୍ରେରଣା ଦେବାରେ ଶିକ୍ଷକଙ୍କ ଅବଦାନ ଅତୁଳନୀୟ ବୋଲି ମୁଖ୍ୟ ଅତିଥି ରାୟ ମତବ୍ୟକ୍ତ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ବିଦ୍ୟାଳୟର କୁନି ପିଲାଙ୍କୁ ନେଇ ଗୀତିନାଟ୍ୟ 'ତୀର୍ଥଗୟା' ପରିବେଷଣ ହୋଇଥିଲା।

# ଗୋମାତାଙ୍କ ସୁରକ୍ଷା, ସମ୍ମାନ ପାଇଁ ଦାବିପତ୍ର

**ଖୋର୍ଦ୍ଧା, ୨୭।୪ (ପ୍ରଭାତ ପାଣିଗ୍ରାହୀ)**




ଗୋ'ମାତାଙ୍କୁ ରାଷ୍ଟ୍ର ମାତାର ସମ୍ମାନ ଏବଂ ଭାରତ ବର୍ଷରୁ ସମ୍ପୂର୍ଣ୍ଣ ଭାବେ ଗୋହତ୍ୟା ବନ୍ଦ ଦାବି ନେଇ ସର୍ବଭାରତୀୟ ସ୍ତରରେ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ଏପ୍ରିଲ ୨୭ତାରିଖକୁ ଗୋ ସମ୍ମାନ ଦିବସ ଭାବେ ପାଳନ କରାଯାଇଛି। ଏହିକ୍ରମରେ ଏହି ଅଭିଯାନ ଖୋର୍ଦ୍ଧା ଶାଖା ଆବାହକ ରାଧାମୋହନ ପ୍ରଧାନଙ୍କ ନେତୃତ୍ୱରେ ସୋମବାର ନୂଆ ବସ୍‌ଷ୍ଟାଣ୍ଡରୁ ଏକ ପଦଯାତ୍ରା ବାହାରି ତହସିଲଦାରଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ଗୋମାତାଙ୍କ ସୁରକ୍ଷା ପାଇଁ ସ୍ଲୋଗାନ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାୟ ୫ହଜାର ଦସ୍ତଖତ ସମ୍ବଳିତ ଏକ ଦାବିପତ୍ର ତହସିଲଦାର ବିଭାସ ପାଣିଗ୍ରାହୀଙ୍କୁ ପ୍ରଦାନ କରାଯାଇଛି।

ଏଥିରେ ଉଲ୍ଲେଖ ରହିଛି ଯେ, ଭାରତୀୟ ପରମ୍ପରାରେ ଗୋମାତାଙ୍କ ଦେହରେ ୩୩କୋଟି ଦେବଦେବୀ ନିବାସ କରନ୍ତି। ଭାରତୀୟ ସଂସ୍କୃତି, ପରମ୍ପରା ସଂସ୍କାର ଏବଂ ଜୀବନଶୈଳୀରେ ଗୋମାତାଙ୍କ ବିନା ଅସମ୍ଭବ। ରାଷ୍ଟ୍ରର ଗୌରବ, ସମୃଦ୍ଧି, ସୁରକ୍ଷା, ଆର୍ଥିକ ବିକାଶ ସହ ପ୍ରକୃତି ମାତା ସୁରକ୍ଷା ଗୋମାତା ବିନା ସମ୍ଭବ ନୁହଁ। ତେଣୁ ରାଷ୍ଟ୍ରର ଆରାଧ୍ୟା ଭାବେ ଗୋମାତାଙ୍କୁ ରାଷ୍ଟ୍ରମାତାର ସମ୍ମାନ ପ୍ରଦାନ କରାଯାଉ। ଗୋସେବା ପାଇଁ କେନ୍ଦ୍ରୀୟ ନିୟମ ପ୍ରଣୟନ, ଭାରତବର୍ଷରେ ସମ୍ପୂର୍ଣ୍ଣ ଭାବେ ଗୋହତ୍ୟା ବନ୍ଦ କରାଯାଇ ସୁରକ୍ଷା ସୁନିଶ୍ଚିତ କରାଯାଉ। ଗୋବର, ଗୋମୁତ୍ରକୁ ନେଇ କୃଷି ବିଶ୍ୱବିଦ୍ୟାଳୟରେ ବୃହତ ଅନୁସନ୍ଧାନ କେନ୍ଦ୍ର ପ୍ରତିଷ୍ଠା, ରାସାୟନିକ କୃଷିକୁ ନିୟନ୍ତ୍ରଣ ପାଇଁ ଗୋ ଆଧାରିତ କୃଷିକୁ ପ୍ରୋତ୍ସାହନ ଦିଆଯାଉ। ସରକାରଙ୍କ ନିୟନ୍ତ୍ରଣରେ ରହିଥିବା ମଠ ମନ୍ଦିରରେ ଭୋଗ ଆଳତୀ ପୂଜା ଓ ପ୍ରସାଦରେ ଦେଶୀ ଗୋମାତାଙ୍କ ଦୁଗ୍ଧ, ଘୃତ ବ୍ୟବହାର ଅନିବାର୍ଯ୍ୟ କରାଯାଉ। ସମସ୍ତ ରାଜ୍ୟରେ ଗୋଶାଳାକୁ ଅନୁଦାନ ଦିଆଯାଉ। ସଂରକ୍ଷିତ ଗୋଚର ଜମିକୁ ଜବରଦଖଲ ମୁକ୍ତ,ଏହାର ବ୍ୟବହାର କେବଳ ଗୋଶାଳା ପରିଚାଳନା ଏବଂ ଗାଈ ଚରିବା ପାଇଁ ସଂରକ୍ଷିତ ରଖାଯାଉ। ଗୋଶାଳା ଗୁଡିକୁ ନିର୍ଦ୍ଦିଷ୍ଟ ବିଦ୍ୟୁତ୍ ୟୁନିଟ ମାଗଣା ଦିଆଯାଉ। ଗୋବଂଶ ଶତ ସମ୍ମାନ ଶେଷକୃତ୍ୟ ପାଇଁ ସରକାର ସ୍ଥାନ ଯୋଗାଇ ଦିଅନ୍ତୁ। ଗୋହତ୍ୟା ଏବଂ ଗୋ ଚାଲାଣରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ପାଇଁ ଆଜୀବନ କଠୋର କାରାଦଣ୍ଡ ପ୍ରାବଧାନ ରହୁ। ଗୋଚାଲାଣରେ ଜବତ ଗାଡ଼ିର ରେଜିଷ୍ଟ୍ରେଶନ ରଦ୍ଦ କରାଯାଉ। କମ୍ପାନୀ ଗୁଡିକର ସିଏସଆର ପାଣ୍ଠିରୁ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ଗୋ ସେବା କାର୍ଯ୍ୟ ଖର୍ଚ୍ଚ କରିବା ପାଇଁ ବାଧ୍ୟତାମୂଳକ କରାଯାଉ। ଜିଲାସ୍ତରରେ ପଞ୍ଚଗବ୍ୟ ଚିକିତ୍ସାଳୟ, ମିଡଡେ ମିଲ୍‌ରେ ପିଲାଙ୍କୁ ଗୋଦୁଗ୍ଧ ଦିଆଯାଉ, ସଂସ୍କୃତ ମହାବିଦ୍ୟାଳୟରେ ଗୋ ସେବା ପ୍ରକଳ୍ପ କରାଯାଉ, ବିଦ୍ୟାଳୟରେ ଗୋବଂଶ ବିଷୟଗତ ଶିକ୍ଷା ଦିଆଯାଉ, ରାଜପଥରେ ହେଉଥିବା ଗୋ ଦୁର୍ଘଟଣା ନିୟନ୍ତ୍ରଣ ପାଇଁ ପଦକ୍ଷେ ନେବା ପାଇଁ ଦାବି କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ବେଳେ ଗୋସେବକ ଅଜୟ ମାଝି, ବିଭୂ ପ୍ରସାଦ ମଙ୍ଗରାଜ, ଶୁଭଙ୍କର ପାଇକରାୟ, ଉଦିତ ନାରାୟଣ ପ୍ରହରାଜ, ଏସ୍.ଏମ୍. ଦିବ୍ୟପ୍ରକାଶ, ସତ୍ୟଜିତ ବେହେରା, କୌଶିକ ବରାଳ, ଜ୍ୟୋତିରଞ୍ଜନ ସ୍ୱାଇଁ, ପ୍ରଭୁ ପ୍ରସାଦ ସାହୁ, ଆୟୁଷ ରଞ୍ଜନ ବେହେରାଙ୍କ ସମେତ ବହୁ ଗୋସେବକ ଉପସ୍ଥିତ ଥିଲେ।

## କାର୍-ବାଇକ୍ ଧକ୍କା, ଚାଳକ ଗୁରୁତର

**ବେଗୁନିଆ, ୨୭।୪ (ହର ପ୍ରସନ୍ନ ପଣ୍ଡା):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବେଗୁନିଆ ଥାନା ସମ୍ମୁଖରେ ଏକ ବାଇକ୍ ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ କାର୍‌କୁ ଧକ୍କାଦେଇ ଚାଳକ ଛିଟିକି ପଡ଼ିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡି ଅଧୀନ ମାଗୁରା ଗ୍ରାମର ପ୍ରକାଶ ଚନ୍ଦ୍ର ସାମନ୍ତରାୟ (୨୭) ଖୋର୍ଦ୍ଧା ବିଦ୍ୟୁତ୍ ବିଭାଗର ଗାଡି ଚାଳକ ଭାବେ କାର୍ଯ୍ୟ କରନ୍ତି। ସୋମବାର ଅପରାହ୍ନ ୩ଟାରେ ବାଇକରେ ଗ୍ରାମ ମାଗୁରାକୁ ଫେରୁଥିଲେ। ବେଗୁନିଆ ଥାନା ସମ୍ମୁଖରେ ସୁନାଖଳା ପାର୍ଶ୍ୱରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଓଡି ୦୨ ସିଏମ୍ ୫୨୬୭ ନମ୍ବର ବିଶିଷ୍ଟ କାରକୁ ଧକ୍କାଦେଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଗୁରୁତର ଅବସ୍ଥାରେ ପ୍ରକାଶଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖୋର୍ଦ୍ଧା ଜିଲା ମେଡିକାଲରେ ଭର୍ତ୍ତି କରିଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଜାରି ରଖିଛି।

## ତାମିଲନାଡୁରେ ଓଡ଼ିଆ ବେଦବିତ୍ ସୂର୍ଯ୍ୟନାରାୟଣ ସମ୍ବର୍ଦ୍ଧିତ



**ନିରାକାରପୁର, ୨୭।୪ (ମାନସ ଚନ୍ଦ୍ର ପଟ୍ଟନାୟକ):** ତାମିଲନାଡୁରେ ଶ୍ରୀଚତୁର୍ବେଦ ବିଦ୍ୟାଗଣପତି ବେଦଶାସ୍ତ୍ର ମହାବିଦ୍ୟାସ୍ଥାନମ୍ ଆତୁର୍, ଚେଙ୍ଗଲପଟୁ ପକ୍ଷରୁ ୧୪ଦଶ ବାର୍ଷିକ ଉତ୍ସବ ଓ ୭ମ ସଂସ୍କୃତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁଲ୍‌ପଲ୍ଲୀ ଶ୍ରୀନିବାସ ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ଶ୍ରୀରଙ୍ଗନ, ଅନୁଷ୍ଠାନର ପ୍ରତିଷ୍ଠାତା ଆର୍ କାମକୋଟି, ପ୍ରଧାନ ଆଚାର୍ଯ୍ୟ ଜେ. କୁମାର ଗୁରୁ ଘନପାଠି, ଏମ୍.ଜେ ମନୋଜ ଘନପାଠି, ମୂକାମ୍ବିକାଇ ଧଶନ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତ୍ସ୍ନା କୁମାର ଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରାନ୍ତରୁ ଆସିଥିବା ବୈଦିକ ବେଦବିତ୍‌ମାନେ ଭାଗନେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦିବ୍ୟସିଂହପୁର ବେଦ ବିଶ୍ୱବିଦ୍ୟାଳୟର କୁନି ବେଦବିତ୍ ସୂର୍ଯ୍ୟନାରାୟଣ ପଣ୍ଡା ଉତ୍ତମ ବେଦ ପାଠ, ବକ୍ତୃତାଦି ବିଭିନ୍ନ ବିଷୟରେ କୃତିତ୍ୱ ଅର୍ଜନ କରିଥିଲେ। ତେଣୁ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ବୋଲି ଦିବ୍ୟସିଂହପୁର ବେଦ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ଡ.କୃପାସିନ୍ଧୁ ପଣ୍ଡା କହିଛନ୍ତି।

## ନାଟକ 'କଟିକଟି ଡବଲ କଟି' ମଞ୍ଚସ୍ଥ

**ବୋଲଗଡ଼, ୨୭।୪ (ଦେବବ୍ରତ ହୋତା)**



ନାଟକ ପ୍ରଦର୍ଶନ ପୂର୍ବରୁ ଉପସ୍ଥିତ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

ବୋଲଗଡ଼ ବ୍ଲକ ପିଚୁକୁଳି ଗ୍ରାମର ମହିଷାମର୍ଦ୍ଦିନୀ ଦେବୀଙ୍କ ଦ୍ୱିତୀୟ ବାର୍ଷିକ ଯଜ୍ଞ ଉତ୍ସବର ରବିବାର ପୂର୍ଣ୍ଣାହୁତି ଅବସରରେ ଶ୍ରୀରଘୁନାଥ ଦେବ ନାଟ୍ୟ ସଂସଦ ପକ୍ଷରୁ ନାଟକ 'କଟିକଟି ଡବଲ କଟି' ମଞ୍ଚସ୍ଥ ହୋଇଯାଇଛି। ପଞ୍ଚୁଦୋଳ ପଡ଼ିଆରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ଶତାଧିକ ନାଟ୍ୟପ୍ରେମୀଙ୍କ ସମାଗମ ହୋଇଥିଲା। କଳାକାରଙ୍କ ଅଭିନୟ ଓ ନିଚ୍ଛକ ସଂଳାପ ଦର୍ଶକଙ୍କୁ ଶେଷ ପର୍ଯ୍ୟନ୍ତ ବାନ୍ଧି ରଖିଥିଲା। ନାଟକ ପ୍ରଦର୍ଶନ ପୂର୍ବରୁ ପବିତ୍ର ମୋହନ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଆର୍‌ଏନ୍ ଠିକାସଂସ୍ଥାର ନିର୍ଦ୍ଦେଶକ ସୁନୀଲ କୁମାର ବର୍ମା ମୁଖ୍ୟ ଅତିଥିଭାବେ ଯୋଗଦେଇ ଫିତା କାଟି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ମହାପାତ୍ର ଏବଂ ଖବରଦାତା ଦୀପକକୁମାର ପାହାଡ଼ସିଂହ ଯୋଗଦେଇଥିଲେ। ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ନୃସିଂହ ପରିଡ଼ା, ମିଲୁ ମାଝୀ, କୃଷ୍ଣ ଓଝା, ବାବୁଲି ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି

### ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା ୧୧୬୭ — ତାରିଖ ୨୪.୦୪.୨୦୨୬

No.19001/31/2627: ଏତଦ୍ୱାରା ମାଥିଲି ପଞ୍ଚାୟତ ସମିତି ଅନ୍ତର୍ଗତ 20 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, 2026-27 ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିରାସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଡେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

### ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Mahupadar | 27.04.2026 | 05.05.2026 | 05.05.2026 | 31.07.2026 | GPDO |
| 2 | Kamarpalli | 28.04.2026 | 06.05.2026 | 06.05.2026 | | APO |
| 3 | Salimi | 29.04.2026 | 07.05.2026 | 07.05.2026 | | AEE |
| 4 | Temurupalli | 08.05.2026 | 18.05.2026 | 18.05.2026 | | BSSO |
| 5 | Kianga | 11.05.2026 | 19.05.2026 | 19.05.2026 | | WEO |
| 6 | Udulibeda | 12.05.2026 | 20.05.2026 | 20.05.2026 | | APO |
| 7 | Kartanpalli | 22.05.2026 | 01.06.2026 | 01.06.2026 | | AEE |
| 8 | Dhungiaput | 22.05.2026 | 01.06.2026 | 01.06.2026 | | BSSO |
| 9 | Kutunipalli | 25.05.2026 | 02.06.2026 | 02.06.2026 | | AEE |
| 10 | Mathili | 04.06.2026 | 11.06.2026 | 11.06.2026 | | GPDO |
| 11 | Dalapatiguda | 05.06.2026 | 12.06.2026 | 12.06.2026 | | APO |
| 12 | Ambaguda | 06.06.2026 | 16.06.2026 | 16.06.2026 | | BSSO |
| 13 | Pangam | 17.06.2026 | 24.06.2026 | 24.06.2026 | | WEO |
| 14 | Chedenga | 18.06.2026 | 25.06.2026 | 25.06.2026 | | GPDO |
| 15 | Chaulmendi | 19.06.2026 | 29.06.2026 | 29.06.2026 | | AEE |
| 16 | Mecca | 30.06.2026 | 07.07.2026 | 07.07.2026 | | GPDO |
| 17 | Bhejaguda | 01.07.2026 | 08.07.2026 | 08.07.2026 | | AEE |
| 18 | Bh Pangam | 02.07.2026 | 09.07.2026 | 09.07.2026 | | WEO |
| 19 | Nayakguda | 09.07.2026 | 15.07.2026 | 15.07.2026 | | BSSO |
| 20 | Kothapali | 10.07.2026 | 20.07.2026 | 20.07.2026 | | GPDO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ ?

OIPR-19001/19023/1/26-27/0001

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ମାଥିଲି



## COMPREHENSIVE REGION URBAN TRANSPORT
### Govt Of Odisha

Plot No 548/1452, Kalarahanga, Patia, Bhubaneswar-751031, Odisha, Phone No. 0674-3501580, E-Mail Id:-crutbbsr@gmail.com

No.1201 — Date.24.04.2026

### NOTICE INVITING TENDER (NIT)

**BID IDENTIFICATION No. 1201/G.M (Engg.)/CRUT of 2026-27**

**No.13001/317/2627** : General Manager (Engg.), CRUT, Bhubaneswar on behalf of CRUT invites percentage rate bids in **DOUBLE COVER SYSTEM** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha and having PAN, GSTIN Certificate and valid EPF & ESI registration certificate with up to date payment till March' 2026 for the item of works as indicated in the table below.

| Sl No | Names of work | Estimated Cost (in ₹) | Class of Contractor | EMD (in ₹) | Cost of Tender Paper | Period of Completion |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Pokhariput, Bhubaneswar. (Under P.M e- Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 2. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Naraj, Cuttack. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 3. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Chhend Rourkela. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 4. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Modipada Sambalpur. (Under P.M. e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |
| 5. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Haldipadar, Berhampur. (Under P.M e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |

1. The Bid documents will be available in the website: https://tendersodisha.gov.in from **29.04.2026 to 5.30 P.M. of 28.05.2026**.
2. Bids shall be received only "On line" on or before **5.30 P.M. of 28.05.2026**. The bidder must possess compatible Digital Signature Certificate (DSC) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.
5. Any addendum / corrigendum / cancellation shall only be uploaded in the website: https://tendersodisha.gov.in

**Sd./- General Manager (Engg.), CRUT, Bhubaneswar (on behalf of CRUT, Bhubaneswar)**

**OIPR-13001/13183/1/26-27/0001**

# ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟିତ

**ବୋଲଗଡ଼,୨୭।୪(ଦେବବ୍ରତ ହୋତା)**




ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟନ ଅବସରରେ ବିଧାୟକ ପ୍ରଦୀପ ସାହୁ ଏବଂ ଅନ୍ୟ ଅତିଥି।

ବୋଲଗଡ଼ ବ୍ଲକ ଅଧୀନ ପିଟୁକୁଳିଠାରେ ସୋମବାର ନୀଳକଣ୍ଠେଶ୍ୱର ଲୋକୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସଂସ୍କୃତି ବିଭାଗ ଏବଂ ପିଟୁକୁଳି ବଣିକ ସଂଘର ମିଳିତ ସହଯୋଗରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଲୋକୋତ୍ସବ କମିଟି ସଭାପତି ପବିତ୍ର ମୋହନ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ବିଧାୟକ ସାହୁ ଅଭିଭାଷଣରେ ସ୍ଥାନୀୟ ଲୋକକଳାର ପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥିଭାବେ ବୋଲଗଡ଼ ବ୍ଲକ ଅଧକ୍ଷା ପ୍ରତିନିଧି ପ୍ରଫୁଲ୍ଲ ପ୍ରଧାନ, ସାମାଜିକ କର୍ମୀ ମନୋଜ ପ୍ରଧାନ, ଗୋପାଳପୁର ସରପଞ୍ଚ ପ୍ରଦୀପ ବାରିକ, ସାନପଦର ସରପଞ୍ଚ ବୈକୁଣ୍ଠ ଚରଣ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଜୟନ୍ତୀ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଅଇଁଠୁ ରଣଜିତସିଂହ, ଅଙ୍ଗନୱାଡ଼ି କର୍ମୀ ଶାନ୍ତିଲତା ଦେଈ, ପ୍ରଧାନଶିକ୍ଷକ ସୁଧୀର କୁମାର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ପରିକ୍ଷିତ ମାଝୀ, ରାଜସୁନାଖଳା ପିଏନ୍‌ବି ପରିଚାଳକ ଗୌରବ ଦାସ, ପୂର୍ବତନ ସରପଞ୍ଚ ଫକୀର ସ୍ୱାଇଁ ଏବଂ ନ୍ୟାୟବିତ୍ ନାରାୟଣ ବଳିଆରସିଂହ, ଗଣମାଧ୍ୟମ କ୍ଷେତ୍ରରେ ନିରଞ୍ଜନ ନାୟକ, ସଞ୍ଜୀବ କୁମାର ସେଠୀ ଓ ପ୍ରଫୁଲ୍ଲ କୁମାର ସିଂହଙ୍କୁ ସ୍ମୃତି ଫଳକ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଅପରାହ୍ନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ଦ୍ୱାରା କୁଇଜ କାର୍ଯ୍ୟକ୍ରମ ହୋଇଥିଲା। ଏହାକୁ ଶିକ୍ଷକ ଦୁର୍ଗା ପ୍ରାସାଦ ସୁବୁଦ୍ଧି, ବାସୁଦେବ ବରାଡ, ସୁକାନ୍ତ କୁମାର ବ୍ରହ୍ମା, ବିଜୟ କୁମାର ସାହୁ ଏବଂ ବିମ୍ବାଧର ସାହୁ ପରିଚାଳନା କରିଥିଲେ। ସନ୍ଧ୍ୟାରେ ପୂଜକ ଶରତ ମହାପାତ୍ରଙ୍କ ଦ୍ୱାରା ମଶାଲ ଶୋଭାଯାତ୍ରା ପରେ ଦଣ୍ଡୁ କରଣ ଓ ସାଥୀଙ୍କ ଦ୍ୱାରା ଆଧ୍ୟାତ୍ମିକ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା। ପିଟୁକୁଳି, ଚମ୍ପାଇଲୋ ଓ ଅସରଳା ବିଦ୍ୟାଳୟ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରେ ବଲାଙ୍ଗୀରର 'ସଙ୍ଗୀତ ସାଧନା ଅନୁଷ୍ଠାନ' ଏବଂ 'ସମ୍ବଲପୁରୀ ନୃତ୍ୟ ପ୍ରତିମା'ଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ, ଖୋର୍ଦ୍ଧାର ପ୍ରସିଦ୍ଧ ପାରମ୍ପରିକ 'ପାଇକ ଆଖଡ଼ା' ପ୍ରଦର୍ଶନ କରିଥିଲେ। ଉପସ୍ଥାପକ ଶ୍ରୀକାନ୍ତ କୁମାର ନାୟକ ସଭା ସଂଯୋଜନା କରିଥିବା ବେଳେ ସମ୍ପାଦକ ଚିତ୍ତରଞ୍ଜନ ସାମନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



ପୁରୀବାସୀଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଦାବି ନେଇ ଚାଲିଥିବା ଆନ୍ଦୋଳନ ସୋମବାର ୨୭ ଦିନରେ ପହଞ୍ଚିଛି।

## ଦୀପ୍ତିରେଖା ସଭାପତି, ସମ୍ପାଦକ ସବିତା

### କ୍ଷେତ୍ରମଣି ମହିଳା ସମିତିର କର୍ମକର୍ତ୍ତା ନିର୍ବାଚନ

**ଅସ୍ତରଙ୍ଗ,୨୭।୪(ମମତା ଜେନା)**

ଅସ୍ତରଙ୍ଗ ବ୍ଲକ ବସ୍ତୁଡିହ ଗ୍ରାମର କ୍ଷେତ୍ରମଣି ମହିଳା ସମିତିର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସର୍ବସମ୍ମତିକ୍ରମେ ସଭାପତି ଦୀପ୍ତିରେଖା ଜେନା, ଉପସଭାପତି ସିଲି ସାହୁ, ସମ୍ପାଦକ ସବିତା ମହାନ୍ତି, ସହସମ୍ପାଦକ ଲକ୍ଷ୍ମୀପ୍ରିୟା ବାରିକ, ସଂସ୍କୃତି ସମ୍ପାଦକ ଉମା ଜେନା, କୋଷାଧ୍ୟକ୍ଷ ଦୀପ୍ତିମୟୀ ପ୍ରଧାନ, ପୃଷ୍ଠପୋଷକ ସରସ୍ୱତୀ ସ୍ୱାଇଁ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଉକ୍ତ ନିର୍ବାଚନରେ ଶିକ୍ଷାବିତ୍ ଯତୀନ୍ଦ୍ର କୁମାର ବିଶ୍ୱାଳ, କେଦାର ନାଥ ଜେନା, ସନାତନ ସାହୁ, ରାମଚନ୍ଦ୍ର ବିଶ୍ୱାଳ, ମନୋଜ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

## ପୋଖରୀରୁ ଯୁବକଙ୍କ ମୃତଦେହ ଜବତ

**କୃଷ୍ଣପ୍ରସାଦ,୨୭।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)**

କୃଷ୍ଣପ୍ରସାଦ ବ୍ଲକ ଅଧୀନ ଗୋବରଧୂଳି ଗ୍ରାମର ଏକ ପୋଖରୀରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ଏହି ଗ୍ରାମର ବାଦଲ ପାହାନ। ସୂଚନା ମୁତାବକ, ଗୋବରଧୂଳି ଖଳା ପୋଖରୀରେ ବାଦଲ ଗାଧୋଇବାକୁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସନ୍ଧାନ ପାଇ ନ ଥିଲେ। ଖବରପାଇ ପୋଲିସ ଏବଂ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚିଥିଲେ। ଅଗ୍ନିଶମ କର୍ମଚାରୀ ପୋଖରୀରୁ ବାଦଲଙ୍କ ମୃତଦେହ ଉଦ୍ଧାର କରିଥିଲେ। ପୋଲିସ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

**ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)**

ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବୋଲଗଡ଼ ଥାନା ଅନ୍ତର୍ଗତ ଅସରଳା ଗ୍ରାମର ଜଗନ୍ନାଥ ବରାଡ଼। ସୂଚନା ମୁତାବକ, ଗ୍ରାମ ନିକଟ ବିଲରେ ଜଗନ୍ନାଥ ଶାଗ କାଟୁଥିବା ବେଳେ ହଠାତ୍ ତାଙ୍କୁ ଏକ ସାପ କାମୁଡ଼ି ଦେଇଥିଲା। ଘରକୁ ଫେରି ସେ ଅସୁସ୍ଥ ହୋଇପଡ଼ିବାରୁ, ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ଜିଲା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଗୋ-ସେବକ ପକ୍ଷରୁ ଗୋସମ୍ମାନ ଆହ୍ୱାନ ପଦଯାତ୍ରା




ପଦଯାତ୍ରାରେ ସାମିଲ ହୋଇଥିବା ଗୋସେବକମାନେ।

**ପିପିଲି,୨୭।୪(ପ୍ରଭାତ କୁମାର ମହାପାତ୍ର)**

### ୧୧ହଜାର ଦସ୍ତଖତ ସମ୍ବଳିତ ସ୍ମାରକପତ୍ର ପ୍ରଦାନ

ପିପିଲିରେ ଗୋସେବକ ପକ୍ଷରୁ ଗୋସମ୍ମାନ ଆହ୍ୱାନ ପଦଯାତ୍ରା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ଗୋ-ପ୍ରେମୀ ଓ ସାଧାରଣଜନତା ସାମିଲ ହୋଇ ପିପିଲି ସଙ୍କଟମୋଚନ ହନୁମାନ ମନ୍ଦିରଠାରୁ ଏକ ପଦଯାତ୍ରାରେ ବାହାରିଥିଲେ। ପଦଯାତ୍ରାରେ ପିପିଲିରୁ ୧୧ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କ ଦସ୍ତଖତପତ୍ରକୁ ଧରି ପିପିଲି ବଜାର ପରିକ୍ରମା ପରେ ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲା। ଏହି ଅବସରରେ ସଂଗଠନ ପକ୍ଷରୁ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୧ହଜାରରୁ ଉର୍ଦ୍ଧ୍ୱ ଦସ୍ତଖତ ସମ୍ବଳିତ ସ୍ମାରକପତ୍ରକୁ ପିପିଲି ଅତିରିକ୍ତ ତହସିଲଦାର ଡାକ୍ତର ଶତୋଲିନା ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ଏହି ଗୋସମ୍ମାନ ଆହ୍ୱାନ ସର୍ବଭାରତୀୟସ୍ତରରେ ୫୪୧୦ ତହସିଲ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହେଉଥିବା ବେଳେ ପିପିଲିରେ ମଧ୍ୟ ଶତାଧିକ ସ୍ଥାନୀୟ ବାସିନ୍ଦା ଗୋପ୍ରେମୀ ଏଥିରେ ନିଜକୁ ସାମିଲ କରି ଗୋସୁରକ୍ଷା ଆଇନ ପ୍ରଣୟନ, ଗ୍ରାମାଞ୍ଚଳରୁ ଗୋଚର ଜମି ପୁନରୁଦ୍ଧାର ଏବଂ ଗୋହତ୍ୟା ସମ୍ପୂର୍ଣ୍ଣ ବନ୍ଦ ଆଦି ଦାବି କରିଥିଲେ ଗୋ-ସମ୍ମାନ ଜିଲା ପ୍ରଭାରୀ ପ୍ରକାଶ ପ୍ରଧାନ। କାର୍ଯ୍ୟକ୍ରମରେ ସହ ଜିଲା ପ୍ରଭାରୀ ଅଭିଜିତ୍ ବେହେରା, ସୁଜିତ୍ ବାରିକ, ବିଶ୍ୱଜିତ୍ ନାୟକଙ୍କ ସହ ପିପିଲି ବ୍ଲକ ସଂଯୋଜକ ବିଶ୍ୱଜିତ୍ ନାୟକ, ସମ୍ବିତ ଖଟୋଇ, ସୁନୀଲ ପ୍ରଧାନ, ବିଶ୍ୱଜିତ ପ୍ରଧାନ, ତନ୍ମୟ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଅକ୍ସଫୋର୍ଡ ଇଣ୍ଟର ନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ପିପିଲି,୨୭।୪(ଦୁର୍ଗାମାଧବ ମିଶ୍ର)**

ଜଇଶପାଟଣା ଆରୁହାସ୍ଥିତ ଅକ୍ସଫୋର୍ଡ ଇଣ୍ଟର ନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରତିଷ୍ଠାତା ଡ. ରାଜେଶ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପିପିଲି ବିଇଓ ପୀତବାସ ସେଠୀ ମୁଖ୍ୟ ଅତିଥି, ଗୋବିନ୍ଦପୁର କ୍ଲଷ୍ଟର ସିଆର୍‌ସିସି ସୁନିତା ନାୟକ ମୁଖ୍ୟ ବକ୍ତା, ପୂର୍ବତନ ସିଆର୍‌ସିସି ଚିନ୍ତାମଣି ଓଝା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରମାନେ ଦେଶର ଭବିଷ୍ୟତ। ସେମାନଙ୍କୁ ଗଢ଼ିତୋଳିବାରେ ମା'ମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଅତିଥିମାନେ ମତ ରଖିଥିଲେ। ଶିକ୍ଷକ ରାକେଶ କୁମାର ଜେନା ସଭା ପରିଚାଳନା ଓ ଶିକ୍ଷୟିତ୍ରୀ ଆକାଂକ୍ଷା ପ୍ରିୟଦର୍ଶିନୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଚିନ୍ମୟୀ ସାମନ୍ତରାୟ, ସୁଚିସ୍ମିତା ନାୟକ, ସିନ୍ଧୁସୂତା ପରିମାଣିକ, ସତ୍ୟଭାମା ଦାସ, ରାନୁ ଲେଙ୍କା, ସୋନାଲି ପ୍ରଧାନ, ଶୁଭଶ୍ରୀ ଶୁଭସ୍ମିତା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଡା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଭିନ୍ନ ବିଭାଗର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ୩୬ ବର୍ଷ ପରେ ଏକାଠିହେଲେ ସହପାଠୀ



**ଗୋପ,୨୭।୪ (ଭାରତୀ ଭୂଷଣ ଉପାଧ୍ୟାୟ)**

ବନ୍ଧୁ କଥା ମନକୁ ଆସିଲେ ମନେପଡ଼େ ଶ୍ରୀମଦ୍ ଭାଗବତର ଶ୍ରୀକୃଷ୍ଣ ଓ ସୁଦାମାଙ୍କ କଥା। ସେ ତ ସମାଜକୁ ଦେଇଛନ୍ତି ଏଭଳି ଏକ ସୁନ୍ଦର ବାର୍ତ୍ତା। ସେଥିପାଇଁ ଆମକୁ ଏକତା ସୂତ୍ରରେ ବାନ୍ଧି ରହିଲେ ହିଁ ବନ୍ଧୁତ୍ୱର ପରିଚୟ ସୃଷ୍ଟି ହୋଇପାରିବ। ଚନ୍ଦନପୁରସ୍ଥିତ ଏକ କଲ୍ୟାଣମଣ୍ଡପରେ ମହନ୍ତ ଗଦାଧର ହାଇସ୍କୁଲର ୧୯୯୦ ବ୍ୟାଚ୍‌ର ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୬ ବର୍ଷ ବ୍ୟବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ପୁରୁଣା ସ୍ମୃତି ସମ୍ପର୍କରେ ମତବ୍ୟକ୍ତ କରିଥିବା ବେଳେ ଉପସ୍ଥିତ ୭ ଜଣ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ପୂଜନ କରିବା ସହ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମକୁ ଗୋବିନ୍ଦ ଚନ୍ଦ୍ର ପ୍ରଧାନ, ଶୁଭେନ୍ଦ୍ର ମହାପାତ୍ର, ଜିତେନ୍ଦ୍ର ପରିଡ଼ା, ଶିବସୁନ୍ଦର ମିଶ୍ର, ବିଜୟ କୁମାର ଦାସ ଓ ଚାରୁଲତା ମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

## ଗ୍ରାମ୍ୟ ଉନ୍ନୟନ ବିଭାଗର ତାଗିଦାକୁ ଅଏଲ୍ କମ୍ପାନୀର ଫୁଁ

**କୋଣାର୍କ,୨୭।୪(ଜ୍ୟୋତିରାଜ ମହାନ୍ତି)**

### ଭାରିଯାନ ମାଧ୍ୟମରେ ମାଲ ପରିବହନ

କୋଣାର୍କ ଥାନା ଅଧୀନସ୍ଥ ବନାଖଣ୍ଡି ଛକଠାରୁ ମହଲପଡ଼ା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ବେଆଇନ ଭାରିଯାନ ଚଳାଚଳ ଯୋଗୁ ୭୦ ଭାଗ ରାସ୍ତା ନଷ୍ଟ ହୋଇଗଲାଣି। ଫଳରେ ସ୍ଥାନୀୟ ଲୋକେ ଗମନାଗମନରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଖବରରୁ ପ୍ରକାଶ ଯେ, କୋଣାର୍କ ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ଅଧୀନସ୍ଥ ବନାଖଣ୍ଡି ଛକ ଠାରୁ ମହଲପଡା ଗ୍ରାମକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗର ୧୨ ଫୁଟିଆ ରାସ୍ତାରେ ଭାରିଯାନ ଚଳାଚଳ ଉପରେ ବିଭାଗୀୟ କଟକଣା ରହିଛି। ହେଲେ ଅଏଲ ଇଣ୍ଡିଆ କମ୍ପାନୀ ବେଆଇନ ଭାବେ ହାଇୱା ଦ୍ୱାରା ୪୫ ଟନ କ୍ଷମତା ବିଶିଷ୍ଟ ମାଲ ପରିବହନ ଯୋଗୁ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଫଳରେ ଛାତ୍ରୀଛାତ୍ର, ରୋଗୀସେବା ଓ ଜନସାଧାରଣଙ୍କ ଗମନାଗମନ ବ୍ୟବସ୍ଥା ଠପ୍ ହୋଇଯାଇଛି। ଏହି ରାସ୍ତାରେ ଭାରିଯାନ ଚଳାଚଳ ଉପରେ ରୋକ ଲଗାଇବାକୁ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଗତ ୨୦୨୫ ମସିହା ଏପ୍ରିଲ ୩୦ ତାରିଖରେ ବିଭାଗୀୟ ପତ୍ର ନଂ ୧୮୫୯ ଯୋଗେ ଅଏଲ ଇଣ୍ଡିଆ ଲିମିଟେଡ କମ୍ପାନୀକୁ ପତ୍ର ଲେଖି ପ୍ରତିବନ୍ଧକ ଜାରି କରାଯାଇଥିଲା। ମାତ୍ର କମ୍ପାନୀ ବିଭାଗର କୌଣସି ସର୍ତ୍ତ ପାଳନ କରି ନ ଥିଲା। ପୂର୍ବପରି ବେଧଡ଼କ ଭାବେ ଉକ୍ତ ରାସ୍ତାରେ ଭାରିଯାନ ମାଧ୍ୟମରେ ମାଲ ପରିବହନ ଜାରି ରଖିଛି। ଏ ସମ୍ପର୍କରେ ନିମାପଡ଼ା ଗ୍ରାମ୍ୟ ନିର୍ମାଣ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ମୌସୁମୀ ମିଶ୍ର କହିଛନ୍ତି, ବନାଖଣ୍ଡି ଛକ ଠାରୁ ଯନ୍ତନା ଭାୟା ମୁର୍କୁଣ୍ଡି ଦେଇ ମହଲପଡ଼ାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ରାସ୍ତାରେ ଭାରିଯାନ ଚଳାଚଳ ଉପରେ କଟକଣା ରହିଛି। ମାତ୍ର ଅଏଲ ଇଣ୍ଡିଆ ଲିମିଟେଡ କମ୍ପାନୀ ପକ୍ଷରୁ ଉକ୍ତ ରାସ୍ତାରେ ବେଆଇନ ଭାବେ ଭାରିଯାନ ଚଳାଚଳ କରିବା ଯୋଗୁ ରାସ୍ତାରେ ବଡ଼ବଡ଼ ଖାଲ ସୃଷ୍ଟି ହୋଇଛି। ଏହି ଘଟଣା ଉପରେ ବିଭାଗ ପକ୍ଷରୁ ଦୁଇ ଦୁଇ ଥର କମ୍ପାନୀକୁ ତାଗିଦା ସତ୍ତ୍ୱେ ବେଖାତିର କରି ଭାରିଯାନ ଚାଳନା କରୁଛି। ଏ ନେଇ ବିଭାଗୀୟ ସଚିବ ଓ ମୁଖ୍ୟଯନ୍ତ୍ରୀଙ୍କୁ ଅବଗତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରକାଶ କରିଛନ୍ତି।



## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି

### ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା ୧୧୬୭ — ତାରିଖ ୨୪.୦୪.୨୦୨୬

No.19001/31/2627: ଏତଦ୍ୱାରା ମାଥିଲି ପଞ୍ଚାୟତ ସମିତି ଅନ୍ତର୍ଗତ 20 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, 2026-27 ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ। ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିରାସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ। ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଡେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Mahupadar | 27.04.2026 | 05.05.2026 | 05.05.2026 | 31.07.2026 | GPDO |
| 2 | Kamarpalli | 28.04.2026 | 06.05.2026 | 06.05.2026 | | APO |
| 3 | Salimi | 29.04.2026 | 07.05.2026 | 07.05.2026 | | AEE |
| 4 | Temurupalli | 08.05.2026 | 18.05.2026 | 18.05.2026 | | BSSO |
| 5 | Kianga | 11.05.2026 | 19.05.2026 | 19.05.2026 | | WEO |
| 6 | Udulibeda | 12.05.2026 | 20.05.2026 | 20.05.2026 | | APO |
| 7 | Kartanpalli | 22.05.2026 | 01.06.2026 | 01.06.2026 | | AEE |
| 8 | Dhungiaput | 22.05.2026 | 01.06.2026 | 01.06.2026 | | BSSO |
| 9 | Kutunipalli | 25.05.2026 | 02.06.2026 | 02.06.2026 | | AEE |
| 10 | Mathili | 04.06.2026 | 11.06.2026 | 11.06.2026 | | GPDO |
| 11 | Dalapatiguda | 05.06.2026 | 12.06.2026 | 12.06.2026 | | APO |
| 12 | Ambaguda | 06.06.2026 | 16.06.2026 | 16.06.2026 | | BSSO |
| 13 | Pangam | 17.06.2026 | 24.06.2026 | 24.06.2026 | | WEO |
| 14 | Chedenga | 18.06.2026 | 25.06.2026 | 25.06.2026 | | GPDO |
| 15 | Chaulmendi | 19.06.2026 | 29.06.2026 | 29.06.2026 | | AEE |
| 16 | Mecca | 30.06.2026 | 07.07.2026 | 07.07.2026 | | GPDO |
| 17 | Bhejaguda | 01.07.2026 | 08.07.2026 | 08.07.2026 | | AEE |
| 18 | Bh Pangam | 02.07.2026 | 09.07.2026 | 09.07.2026 | | WEO |
| 19 | Nayakguda | 09.07.2026 | 15.07.2026 | 15.07.2026 | | BSSO |
| 20 | Kothapali | 10.07.2026 | 20.07.2026 | 20.07.2026 | | GPDO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ ?

OIPR-19001/19023/1/26-27/0001

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ମାଥିଲି

## COMPREHENSIVE REGION URBAN TRANSPORT

### Govt Of Odisha

**Plot No 548/1452, Kalarahanga, Patia, Bhubaneswar-751031, Odisha, Phone No. 0674-3501580, E-Mail Id:-crutbbsr@gmail.com**

**No.1201** — **Date.24.04.2026**

**NOTICE INVITING TENDER (NIT)**

**BID IDENTIFICATION No. 1201/G.M (Engg.)/CRUT of 2026-27**

**No.13001/317/2627** : General Manager (Engg.), CRUT, Bhubaneswar on behalf of CRUT invites percentage rate bids in **DOUBLE COVER SYSTEM** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha and having PAN, GSTIN Certificate and valid EPF & ESI registration certificate with up to date payment till March' 2026 for the item of works as indicated in the table below.

| Sl No | Names of work | Estimated Cost (in ₹) | Class of Contractor | EMD (in ₹) | Cost of Tender Paper | Period of Completion |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Pokhariput, Bhubaneswar. (Under P.M e- Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 2. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Naraj, Cuttack. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 3. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Chhend Rourkela. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 4. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Modipada Sambalpur. (Under P.M. e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |
| 5. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Haldipadar, Berhampur. (Under P.M e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |

1. The Bid documents will be available in the website: https://tendersodisha.gov.in from **29.04.2026 to 5.30 P.M. of 28.05.2026**.
2. Bids shall be received only "On line" on or before **5.30 P.M. of 28.05.2026**. The bidder must possess compatible Digital Signature Certificate (DSC) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.
5. Any addendum / corrigendum / cancellation shall only be uploaded in the website: https://tendersodisha.gov.in

**Sd./- General Manager (Engg.), CRUT, Bhubaneswar (on behalf of CRUT, Bhubaneswar)**

**OIPR-13001/13183/1/26-27/0001**


# ବିଶ୍ରାମାଗାର ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

**ନିମାପଡ଼ା,୨୭।୪(ବିଚିତ୍ରାନନ୍ଦ ସାହୁ)**

ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସହାୟତା ଯୋଜନାରେ ୧୦ଲକ୍ଷ ଟଙ୍କା ବ୍ୟୟରେ ନିମାପଡ଼ା ଜୟଶ୍ରୀ ଛକଠାରେ ନବନିର୍ମିତ ବିଶ୍ରାମାଗାରକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ନିମାପଡ଼ା ଜୟଶ୍ରୀ ଛକ ଏକ ଜନବହୁଳ ଅଞ୍ଚଳ ଓ ବ୍ୟବସାୟିକ କେନ୍ଦ୍ର। ଏଠାରେ ଏକ ବିଶ୍ରାମଗାରର ବହୁ ଆବଶ୍ୟକତା ରହିଥିଲା। ଏହି ନବନିର୍ମିତ ବିଶ୍ରାମାଗାର ଦ୍ୱାରା ଯାତ୍ରୀ, ସ୍କୁଲ, କଲେଜର ଛାତ୍ରୀଛାତ୍ର, ସାଧାରଣଜନତା ବହୁଳଭାବେ ଉପକୃତ ହେବେ। ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥିଭାବେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ, ଏମ୍‌ପି ବିଭୁପ୍ରସାଦ ତରାଇ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଏମ୍‌ପିଙ୍କ ପ୍ରତିନିଧି ମୀନଲତା ମହାନ୍ତି, କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ୱାଟ୍‌କୋର ସହକାରୀ ନିର୍ବାହୀଯନ୍ତ୍ରୀ ଧର୍ମେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ଉପମୁଖ୍ୟମନ୍ତ୍ରୀ ପରିଡ଼ା, ରାଜସ୍ୱ ମନ୍ତ୍ରୀ ପୂଜାରୀ, ଏମ୍‌ପି ତରାଇଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା।




ଉପମୁଖ୍ୟମନ୍ତ୍ରୀ ନବନିର୍ମିତ ବିଶ୍ରାମାଗାରର ଶୁଭ ଉଦ୍‌ଘାଟନ କରୁଛନ୍ତି।

# ହାଟ ଉନ୍ନତୀକରଣ କରିବାକୁ ଯାଇ ହଟହଟା

ଭୁବନେଶ୍ୱର, ୨୭।୪ (ବନ୍ଦନା ସେଠୀ)




ବିଏମ୍‌ସିର ଏନଫୋର୍ସମେଣ୍ଟ ଟିମ୍ ପକ୍ଷରୁ ଗଛ କାଟିବାକୁ ଯିବା ସମୟରେ ବ୍ୟବସାୟୀଙ୍କ ବିରୋଧର ସମ୍ମୁଖୀନ ହୋଇଛି।

## ସକାଳୁ ସନ୍ଧ୍ୟା ବିରୋଧ, ଫେରିଗଲା ଏନ୍‌ଫୋର୍ସମେଣ୍ଟ ଟିମ୍

- କର୍ପୋରେଟରଙ୍କ ଅଭିଯୋଗକୁ ଶୁଣୁନି ବିଏମ୍‌ସି
- ହାଟ ସମ୍ପାଦକଙ୍କ ବିରୋଧରେ ଏତଲା ଦେଲେ ଠିକାଦାର

ସହରରେ ଥିବା ବିଭିନ୍ନ ହାଟର ଉନ୍ନତିକରଣ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଣ୍ଟା ଭିଡ଼ିଛି। ୱାର୍ଡ ନଂ. ୫୫ ଅନ୍ତର୍ଗତ ନାଗେଶ୍ୱରଟାଙ୍ଗୀ ହାଟର ଉନ୍ନତିକରଣ ପାଇଁ ପ୍ରସ୍ତାବ ପାରିତ ହେବା ସହିତ ୨୦୨୫ ଡିସେମ୍ବର ୧୧ରୁ ୱାର୍କ ଅର୍ଡର ମିଳିସାରିଛି। ୱାର୍କ ଅର୍ଡରରେ ବ୍ୟୟ ଅଟକଳ ୧କୋଟି ୪୪ଲକ୍ଷ ୯୨୦ଟଙ୍କା ରହିଥିବାବେଳେ ଉନ୍ନତିକରଣ କାମ ଗତବର୍ଷ ଡିସେମ୍ବର ୧୬ରୁ ଆରମ୍ଭ ହୋଇ ଚଳିତ ବର୍ଷ ଏପ୍ରିଲ ୧୪ ଅର୍ଥାତ୍ ୧୨୦ ଦିନ ମଧ୍ୟରେ ସାରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ନିର୍ଦ୍ଧାରିତ ସମୟ ପାର୍ ହୋଇ ସାରିଥିଲେ ମଧ୍ୟ ହାଟର କାମ ଏଯାଏ ଆରମ୍ଭ ହୋଇପାରୁନାହିଁ। ଇତିମଧ୍ୟରେ କାମ କରିବାକୁ ଯାଇ ସ୍ଥାନୀୟ କର୍ପୋରେଟର ନୃପେଶ ନାୟକ ବାରମ୍ବାର ହଟହଟା ହେବା ସହିତ ବିରୋଧର ଶିକାର ହୋଇଛନ୍ତି। ସୋମବାର ମଧ୍ୟ ପୁଣି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ହାଟ ନିକଟରେ ଥିବା ଏକ ବଡ଼ ବରଗଛର କିଛି ଡାଳ କାଟିବା ପାଇଁ ବିଏମ୍‌ସିର ଟ୍ରି କଟିଂ ଟିମ୍ ସେଠାକୁ ଯାଇଥିବାବେଳେ ହାଟ ବ୍ୟବସାୟୀମାନେ ବିରୋଧ କରିଥିଲେ। ଖବର ପାଇ କର୍ପୋରେଟର ନୃପେଶ ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବାକୁ ଚେଷ୍ଟା କରିଥିଲେ। ମାତ୍ର ହାଟ ସମ୍ପାଦକଙ୍କ ସହ ଅନ୍ୟ କେତେଜଣ ବ୍ୟବସାୟୀ ବିରୋଧ କରିବା ସହ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ହାଟ ନିର୍ମାଣ କାମ କେତେ ଦିନରେ ସରିବ ଏବଂ ସେ ପର୍ଯ୍ୟନ୍ତ ବ୍ୟବସାୟୀମାନେ କେଉଁଠି ବସିବେ ସେ ନେଇ ବିଏମ୍‌ସି କମିଶନର ଲେଖି ଦେବା ପରେ କାମ କରାଯିବ ବୋଲି ଜିଦ୍ ଧରିଥିଲେ। ଏନେଇ ନୃପେଶ ବିଏମ୍‌ସି କମିଶନରଓ ଅତିରିକ୍ତ କମିଶନରଙ୍କୁ ଅବଗତ କରାଇଥିଲେ ହେଁ ସେମାନେ ଟିମ୍ ପଠାଉଛୁ କହି ଚୁପ୍ ବସି ଯାଇଥିଲେ। ପରେ ବାରମ୍ବାର ଜଣାଇବା ପରେ ବିଏମ୍‌ସିର ୩ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ବିରୋଧ କରୁଥିବା ବ୍ୟବସାୟୀଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ବ୍ୟବସାୟୀମାନେ ଏନ୍‌ଫୋର୍ସମେଣ୍ଟ ଟିମ୍‌କୁ ଖାତିର କରି ନ ଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଏଭଳି ବିରୋଧ ଚାଲିଥିଲେ ହେଁ ବିଏମ୍‌ସି କମିଶନର କିମ୍ବା ଅତିରିକ୍ତ କମିଶନର କାହାର ଦେଖା ନ ଥିଲା। ଫଳରେ ଏନ୍‌ଫୋର୍ସମେଣ୍ଟ ଟିମ୍ ଏବଂ କର୍ପୋରେଟର କାମ କରି ନ ପାରି ଫେରିଥିଲେ।

ଅପରପକ୍ଷେ ହାଟ ନିର୍ମାଣ ପାଇଁ ଟେଣ୍ଡର ନେଇଥିବା ହେମନ୍ତ କୁମାର ବେହେରା ହାଟ ସମ୍ପାଦକ ସଂଗ୍ରାମ ସାହୁଙ୍କ ବିରୋଧରେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଛନ୍ତି। ସେ ତାଙ୍କୁ ଅସଭ୍ୟ ଭାଷାରେ ଗାଳି କରିଥିବା ଏବଂ ବିନା କାରଣରେ କାମ କରାଇ ଦେଉ ନ ଥିବା ନେଇ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି।

ଏନେଇ ନୃପେଶ କହିଛନ୍ତି, ଏବେ ହାଟରେ ୧୦୪ ଜଣ ବ୍ୟବସାୟୀ ଅଛନ୍ତି। ଏମାନେ ବ୍ୟବସ୍ଥିତ ଭାବେ ନ ଥିବାରୁ ହାଟ ଚାଲିଥିବା ସମୟରେ ଗ୍ରାହକମାନେ ମନଇଚ୍ଛା ଗାଡ଼ିମଟର ରଖି ଦେଉଛନ୍ତି। ଫଳରେ ସ୍ଥାନୀୟ ବାସିନ୍ଦାମାନେ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ତେଣୁ ହାଟର ଉନ୍ନତିକରଣ କରି ଏଠାରେ ବିଲ୍ଡିଂ ନିର୍ମାଣ ପାଇଁ ଯୋଜନା ରହିଛି। ହାଟ ଉନ୍ନତିକରଣ ପାଇଁ ୨୦୧୦ରେ ଶୁଭ ଦିଆଯାଇଥିଲା। ମାତ୍ର ୱାର୍କ ଅର୍ଡର ମିଳିବା ବେଳକୁ ୨୦୨୫ ଡିସେମ୍ବର ହୋଇଗଲା। ଇତି ମଧ୍ୟରେ ହାଟର ୨୫% ଅଞ୍ଚଳକୁ କିଛି ସ୍ଥାନୀୟ ଲୋକେ ଜବରଦଖଲ କରି ରଖିଥିଲେ। ବହୁ ଚେଷ୍ଟା ପରେ ଦୁଇଦିନ ତଳେ ଏହି ଜବରଦଖଲ ଉଚ୍ଛେଦ ହୋଇଥିଲା। ହାଟ ନିକଟରେ ଥିବା ବରଗଛର କିଛି ଡାଳ କାଟିବା ପରେ ହିଁ ସେଠାରେ ପାର୍କିଂ ବ୍ୟବସ୍ଥା କରାଯିବ। ମାତ୍ର ଏହି ଉନ୍ନତିମୂଳକ କାର୍ଯ୍ୟରେ ହାଟ ସମ୍ପାଦକ ଏବଂ କେତେଜଣ ବ୍ୟବସାୟୀ ବାଧା ସୃଷ୍ଟି କରୁଛନ୍ତି। ସେମାନେ ନାଗେଶ୍ୱରଟାଙ୍ଗୀ କିମ୍ବା ପୁରୁଣାଭୁବନେଶ୍ୱର ବାସିନ୍ଦା ନୁହଁନ୍ତି। ତଥାପି ଦୀର୍ଘ ବର୍ଷ ହେବ ସେମାନେ ଏଠାରେ ବ୍ୟବସାୟ କରି ଆସୁଛନ୍ତି। ହାଟ ନିର୍ମାଣ ପରେ ଏଠାରେ ଆଉ ୧୫/୨୦ଟି ପିଣ୍ଡି ହେବା ସହିତ ସ୍ଥାନୀୟ ଲୋକେ ବ୍ୟବସାୟ କରିବାକୁ ସୁଯୋଗ ପାଇବେ। ପାର୍କିଂ ବ୍ୟବସ୍ଥା ମଧ୍ୟ ରହିବ। ମାତ୍ର ବ୍ୟବସାୟୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ନ ଦେଇ ନିଜ ସ୍ୱାର୍ଥ ପାଇଁ ହାଟ ସମ୍ପାଦକ ଏଭଳି କରୁଥିବା ନୃପେଶ ଅଭିଯୋଗ କରିଛନ୍ତି। ତେବେ ଏନେଇ ସଂଗ୍ରାମଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ।

# ଗ୍ୟାସ୍ କଳାବଜାର ବେଳେ ଚଢ଼ାଉ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୨୭।୪ (ପ୍ରସନଜିତ୍ ସାହୁ)

## ୧୯ ସିଲିଣ୍ଡର, ଗ୍ୟାସ୍ ବୁକିଂ ବହି ଓ ରସିଦ୍ ଜବତ



ମଧ୍ୟପ୍ରାଚ୍ୟରେ ଯୁଦ୍ଧ କାରଣରୁ ଦେଶରେ ଏଲ୍‌ପିଜି ସଙ୍କଟ ଦେଖା ଦେଇଛି। ଏହାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ କେତେକ ମୁନାଫାକାରୀ ବ୍ୟବସାୟୀ ଗ୍ୟାସ୍ ସିଲିଣ୍ଡରର କଳାବଜାରି କରୁଥିବା ଅଭିଯୋଗ ହେବା ପରେ ଯୋଗାଣ ବିଭାଗ ତରଫରୁ ଚଢ଼ାଉ ଜାରି ରହିଛି। ସୋମବାର ଗ୍ୟାସ୍ କଳାବଜାରୀ ଅଭିଯୋଗରେ ଚନ୍ଦ୍ରଶେଖରପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ସାଲେପୁର ଅଞ୍ଚଳର ମନୋଜ କୁମାର ସାହୁ। ସେ ଶିଖରଚଣ୍ଡୀ ଅଞ୍ଚଳରେ ରହୁଥିବାବେଳେ ତାଙ୍କ ନିକଟରୁ ପୋଲିସ ମୋଟ ୧୯ ସିଲିଣ୍ଡର ଜବତ କରିଛି। ସେଥିମଧ୍ୟରୁ ୧୨ଟି ସିଲିଣ୍ଡରରେ ଗ୍ୟାସ୍ ଥିବାବେଳେ ୭ଟି ଫାଙ୍କା ରହିଛି। ଏଥିସହିତ ତାଙ୍କ ନିକଟରୁ କିଛି ରସିଦ୍ ଓ ଗ୍ୟାସ୍ ବୁକିଂ ବହି ମଧ୍ୟ ଜବତ କରାଯାଇଛି। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୪୧୮/୨୦୨୬) ରୁଜୁ କରି ମନୋଜଙ୍କୁ କୋର୍ଟ ଚାଲାଣ କରିଛି।

ପୋଲିସ ସୂଚନାନୁସାରେ, ମନୋଜ ପୂର୍ବରୁ ଏକ ଗ୍ୟାସ୍ ଏଜେନ୍ସିରେ ମ୍ୟାନେଜର ଭାବରେ କାମ କରୁଥିଲେ। ସେହି ସମୟରେ ସେ କେତେଜଣ ଲୋକଙ୍କ ଗ୍ୟାସ୍ ବୁକିଂ ବହି ରଖି ଏପରି କଳାବଜାରି କରିଥାନ୍ତି। ସେ ଗ୍ୟାସ୍ ଏଜେନ୍ସିରୁ ସିଲିଣ୍ଡର ପିଛା ୯୩୯ ଟଙ୍କାରେ କିଣି ୩,୫୦୦ ଟଙ୍କାରେ ବିକ୍ରି କରନ୍ତି। ଯେଉଁ ବ୍ୟକ୍ତିଙ୍କ ନାମରେ ସେ ବୁକିଂ କରିଥାନ୍ତି, ତାଙ୍କୁ ୫୦୦ ଟଙ୍କା ଦେଇ ବାକି ସମସ୍ତ ଟଙ୍କା ନିଜେ ରଖିଥାନ୍ତି। ଗ୍ୟାସ୍ ବୁକିଂ କରିବାକୁ ଲୋକମାନଙ୍କୁ ୨୨ରୁ ୨୫ ଦିନ ସମୟ ଲାଗୁଥିବାବେଳେ ଅନ୍ୟମାନଙ୍କ ନାଁରେ ବୁକିଂ କରି ସେ ଚଢ଼ା ଦରରେ ବିକ୍ରି କରୁଥିବା ପୋଲିସ କହିଛି।

# ଆଜି ତଦନ୍ତ କରିବେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷ

## ଏସ୍‌ସିବିରୁ ୧୪ ଶିଶୁ ବିକ୍ରି ଘଟଣା

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲରେ ଅସହାୟ ମହିଳାଙ୍କ ୧୪ ଶିଶୁ ବିକ୍ରି ଘଟଣାର ତଦନ୍ତ କରିବ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)। ମଙ୍ଗଳବାର ପୂର୍ବାହ୍ନରେ ଓଏସ୍‌ସିପିସିଆର୍ ଅଧ୍ୟକ୍ଷ ଏସ୍‌ସିବିରେ ପହଞ୍ଚି କର୍ତ୍ତୃପକ୍ଷଙ୍କୁ ଘଟଣା ସମ୍ପର୍କରେ ପଚରାଉଚରା କରିବେ। ଅନ୍ୟପଟେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଘଟଣାର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ପାଇଁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶନାମା ମିଳିବା ପରେ ତତ୍ପରତା ଦେଖାଦେଇଛି। ମେଡିକାଲ ପକ୍ଷରୁ ଏକ ଟିମ୍ ଗଠନ ସହ ନବଜାତ ଶିଶୁଙ୍କ ପଞ୍ଜୀକରଣ ତାଲିକା ଯାଞ୍ଚ କରାଯାଉଛି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲର ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗରେ ୨୦୧୮ ଡିସେମ୍ବର ୨୬ରୁ ୨୦୨୫ ମାର୍ଚ୍ଚ ୨ ମଧ୍ୟରେ ୧୬ ଜଣ ଅସହାୟ ତଥା ଅପରିଚିତ ମାନସିକ ବିକାରଗ୍ରସ୍ତ ମହିଳାଙ୍କ ପ୍ରସବ କରାଯାଇଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୧୪ ଜଣ ଶିଶୁଙ୍କ ସମ୍ପର୍କରେ କୌଣସି ତଥ୍ୟ ନ ଥିବା ଆର୍‌ଟିଆଇ ତଥ୍ୟରୁ ସାମ୍ନାକୁ ଆସିଛି। ଉକ୍ତ ଘଟଣାର ତଦନ୍ତ ପାଇଁ ଓଏସ୍‌ସିପିସିଆର୍ ଅଧ୍ୟକ୍ଷ ମଙ୍ଗଳବାର ଏଠାକୁ ଆସିବେ। ମାହାଙ୍ଗା ଅଞ୍ଚଳର ଦୀପକ କୁମାର ଆଚାର୍ଯ୍ୟ ଓ ଯାଜପୁର ଅଞ୍ଚଳର ଅଚ୍ୟୁତ କୁମାର ସାହୁ ଉକ୍ତ ଘଟଣାର ତଦନ୍ତ ପାଇଁ ସ୍ୱାସ୍ଥ୍ୟ ସଚିବ, ଆର୍‌ଡିସି, କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି।




୫ ଦଫା ଦାବି ପୂରଣ ପାଇଁ ଓଡ଼ିଶା ସ୍ୱତନ୍ତ୍ର ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜିଠାରେ ଗଣଧାରଣା ପୂର୍ବରୁ ଅନୁଷ୍ଠିତ ବିକ୍ଷୋଭ ଶୋଭାଯାତ୍ରା। (ଫଟୋ: ବିକାଶ ନାୟକ)

# ଧରାପଡ଼ିଲା ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ନେଟ୍‌ୱର୍କ

ଭୁବନେଶ୍ୱର, ୨୭।୪ (ପ୍ରସନଜିତ୍ ସାହୁ)

- ଏଜେଣ୍ଟ ଥିଲା ଶିରିପୁରର ଶିବୁ
- ପଳାଶପଲ୍ଲି ଓ କାରଗିଲ ବସ୍ତିରୁ ଅପରେଟ ହେଉଥିଲା
- ବନ୍ଧାହେଲେ ୩ ଅଭିଯୁକ୍ତ

ସାରା ଦେଶରେ ସାଇବର ଠକମାନେ ବିଭିନ୍ନ ଉପାୟରେ ସାଧାରଣ ଲୋକମାନଙ୍କୁ ଠକେଇ କରି ଲୁଟ୍‌ପାଟ କରୁଥିବା ନଜରକୁ ଆସୁଛି। ସେମାନେ ଲୋକଙ୍କୁ ବିଭିନ୍ନ ଲିଙ୍କ୍ ଓ ଏପିକେ ଫାଇଲ୍ ପଠାଇ ମ୍ୟୁଲ୍ ଆକାଉଣ୍ଟ ଜରିଆରେ ବ୍ୟାଙ୍କ ଆକାଉଣ୍ଟ ସଫା କରୁଛନ୍ତି। ଏପରି କି ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ସାଇବର ଠକମାନେ ମ୍ୟୁଲ୍ ଆକାଉଣ୍ଟ ଅପରେଟ କରୁଥିବା ଚର୍ଚ୍ଚାର ବିଷୟ ପାଲଟିଛି। ମ୍ୟୁଲ୍ ଆକାଉଣ୍ଟ ଅପରେଟ ହେଉଥିବା ଅଭିଯୋଗରେ ଏୟାରପୋର୍ଟ ଥାନା ପୋଲିସ ସୋମବାର ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେହେଲେ ଏୟାରପୋର୍ଟ ଥାନା ଅଧୀନ କାର୍ଗିଲ ବସ୍ତି ତାରିଣୀ ସାହିର ସତ୍ୟଜିତ ନାଥ, ସୋମୁ ନନ୍ଦ ଏବଂ ଅନିଲ ବେହେରା।

ସୂଚନାଯୋଗ୍ୟ, ଏୟାରପୋର୍ଟ ଥାନା ଅନ୍ତର୍ଗତ ପଳାଶପଲ୍ଲୀ ଏବଂ କାରଗିଲ୍ ବସ୍ତି ଅଞ୍ଚଳରେ ବିଭିନ୍ନ ବ୍ୟକ୍ତି ଏବଂ ଏଜେଣ୍ଟଙ୍କ ନେଟ୍‌ୱର୍କ ମାଧ୍ୟମରେ ମ୍ୟୁଲ୍ ବ୍ୟାଙ୍କ ଆକାଉଣ୍ଟ ଅପରେଟ ହେଉଥିଲା। ଏହି ଆକାଉଣ୍ଟଗୁଡ଼ିକ ଦେଶବ୍ୟାପୀ ଠକେଇ ଏବଂ ଅନ୍ୟାନ୍ୟ ସାଇବର ଅପରାଧ ପାଇଁ ବ୍ୟବହାର କରାଯାଉଥିଲା। ଜାତୀୟ ସାଇବର ଅପରାଧ ରିପୋର୍ଟିଂ ପୋର୍ଟାଲ ମାଧ୍ୟମରେ ସେମାନେ ଅପରେଟ କରୁଥିବା ଆକାଉଣ୍ଟଗୁଡ଼ିକ ମ୍ୟୁଲ୍ ଆକାଉଣ୍ଟ ଭାବରେ ବ୍ୟବହାର କରାଯାଉଥିବା ପୋଲିସ ଜାଣିବାକୁ ପାଇଥିଲା। ସେମାନେ ଏହି ଆକାଉଣ୍ଟଗୁଡ଼ିକ ଜରିଆରେ ବାରମ୍ବାର ବିଭିନ୍ନ ବ୍ୟକ୍ତିମାନଙ୍କୁ ଟଙ୍କା ଟ୍ରାନ୍ସଫର କରିଥିଲେ। ଏହି ବ୍ୟାଙ୍କ ଆକାଉଣ୍ଟଗୁଡ଼ିକ ସାଇବର ଠକେଇ ପାଇଁ ସେମାନେ ବ୍ୟବହାର କରୁଥିବା ପୋଲିସ ସୂଚନା ଦେଇଛି। ଅନ୍ୟପଟେ କିଛି ମଧ୍ୟସ୍ଥି କିମ୍ବା ଏଜେଣ୍ଟମାନେ ଏକ ଠକେଇ ନେଟ୍‌ୱର୍କ ଦ୍ୱାରା କିଛି କମିଶନ ଦେଇ ଏପରି ଆକାଉଣ୍ଟ ଖୋଲାଉଥିଲେ ବୋଲି ପୋଲିସ କହିଛି।

# ୫୮ ଅଭିଯୋଗ ଶୁଣିଲେ ଜିଲାପାଳ

ବାଲିପାଟଣା,୨୭।୪(ଅଭିମନ୍ୟୁ ନାୟକ)

ବାଲିପାଟଣା ବ୍ଲକ ଅନ୍ତର୍ଗତ ଭାପୁର ପଞ୍ଚାୟତ ଅଧୀନ ଦିୱାନ୍‌ପାଟଣା ଗ୍ରାମଠାରେ ସୋମବାର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଅମ୍ରିତ୍ ଋତୁରାଜ, ଉପଜିଲାପାଳ ମନୋରଞ୍ଜନ ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଡିଇଓ ସୋନାମିକା ରାୟ, ବିଡିଓ ଶୁଭ୍ରାଂଶୁ ଶେଖର ପାଢ଼ୀ, ତହସିଲଦାର କଳ୍ପନା ଦାସ, ସିଡିପିଓ ରୁନୁବାଳା ସାହୁ, ମେଡିକାଲ ଅଫିସର ଡା. ଶ୍ରୀକାନ୍ତ ବେହେରା, ବିଇଓ ଡା. ପ୍ରଭାତ କୁମାର ରଥ, କସ୍ତୁରିବାଳା ଜେନା, ଶ୍ୟାମଳେନ୍ଦୁ ନାୟକ, ଅଜୟ ବେହେରା, ଅର୍ଚ୍ଚନା ଦାସ, ଶଶିଭୂଷଣ ପାତ୍ର, ନାରାୟଣ ଖୁଣ୍ଟିଆ, ସରପଞ୍ଚ ଲିଲିପ୍ରିୟା ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ୍ ୫୮ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ୪୪ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ସମସ୍ୟା ରହିଥିଲା। ଗାରେଡ଼ିପାଞ୍ଚଣ ପଞ୍ଚାୟତରେ ଏକ ଗୋଶାଳା ପାଇଁ ଜମି ଯୋଗାଇ ଦିଆଯାଇଥିବାରୁ ଫସଲ ସୁରକ୍ଷା କମିଟି ଆବାହକ ସେବା ସମବାୟ ସମିତି ସଭାପତି ଅଭିମନ୍ୟୁ ନାୟକ, ପୂର୍ବତନ ଅଧ୍ୟକ୍ଷ ତ୍ରିଲୋଚନ ସ୍ୱାଇଁ ପ୍ରମୁଖ ଜିଲାପାଳଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଥିଲେ। କିଆଯୋଡ଼ି ବାଲିପାଟଣା ରାସ୍ତାରେ ଅବରୋଧ କରୁଥିବା ବିଦ୍ୟୁତ୍ ଖୁଣ୍ଟ ତୁରନ୍ତ ସ୍ଥାନାନ୍ତର ପାଇଁ କହିଥିଲେ। ସେହିପରି ବିଶ୍ୱନାଥପୁରଠାରେ ଅଟକି ରହିଥିବା ସରଦେଇପୁର-ନିମାପଡ଼ା ରାସ୍ତାର ମୁଖ୍ୟରାସ୍ତାରେ ବ୍ରିଜ୍ କାମ ପାଇଁ ତୁରନ୍ତ ଡ୍ରେନେଜ୍ ବିଭାଗ ପଦକ୍ଷେପ ନେବାକୁ କନିଷ୍ଠ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିର ପରିପ୍ରେକ୍ଷୀରେ ମହିଳା ସଂଗଠନ ପକ୍ଷରୁ ଏକ ଉତ୍ପାଦନ ଦ୍ରବ୍ୟ ପ୍ରଦର୍ଶନୀ ହୋଇଥିଲା।



ଜିଲାପାଳ ଓ ଅନ୍ୟ ପ୍ରଶାସନିକ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।


# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି

## ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା ୧୧୬୭ ତାରିଖ ୨୪.୦୪.୨୦୨୬

No.19001/31/2627: ଏତଦ୍ୱାରା ମାଥିଲି ପଞ୍ଚାୟତ ସମିତି ଅନ୍ତର୍ଗତ 20 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, 2026-27 ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିରାସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

### ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Mahupadar | 27.04.2026 | 05.05.2026 | 05.05.2026 | 31.07.2026 | GPDO |
| 2 | Kamarpalli | 28.04.2026 | 06.05.2026 | 06.05.2026 | | APO |
| 3 | Salimi | 29.04.2026 | 07.05.2026 | 07.05.2026 | | AEE |
| 4 | Temurupalli | 08.05.2026 | 18.05.2026 | 18.05.2026 | | BSSO |
| 5 | Kianga | 11.05.2026 | 19.05.2026 | 19.05.2026 | | WEO |
| 6 | Udulibeda | 12.05.2026 | 20.05.2026 | 20.05.2026 | | APO |
| 7 | Kartanpalli | 22.05.2026 | 01.06.2026 | 01.06.2026 | | AEE |
| 8 | Dhungiaput | 22.05.2026 | 01.06.2026 | 01.06.2026 | | BSSO |
| 9 | Kutunipalli | 25.05.2026 | 02.06.2026 | 02.06.2026 | | AEE |
| 10 | Mathili | 04.06.2026 | 11.06.2026 | 11.06.2026 | | GPDO |
| 11 | Dalapatiguda | 05.06.2026 | 12.06.2026 | 12.06.2026 | | APO |
| 12 | Ambaguda | 06.06.2026 | 16.06.2026 | 16.06.2026 | | BSSO |
| 13 | Pangam | 17.06.2026 | 24.06.2026 | 24.06.2026 | | WEO |
| 14 | Chedenga | 18.06.2026 | 25.06.2026 | 25.06.2026 | | GPDO |
| 15 | Chaulmendi | 19.06.2026 | 29.06.2026 | 29.06.2026 | | AEE |
| 16 | Mecca | 30.06.2026 | 07.07.2026 | 07.07.2026 | | GPDO |
| 17 | Bhejaguda | 01.07.2026 | 08.07.2026 | 08.07.2026 | | AEE |
| 18 | Bh Pangam | 02.07.2026 | 09.07.2026 | 09.07.2026 | | WEO |
| 19 | Nayakguda | 09.07.2026 | 15.07.2026 | 15.07.2026 | | BSSO |
| 20 | Kothapali | 10.07.2026 | 20.07.2026 | 20.07.2026 | | GPDO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ ?

OIPR-19001/19023/1/26-27/0001

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ମାଥିଲି


# ଏମ୍‌ସ ସିନିୟର ନର୍ସିଂ ଅଫିସରଙ୍କୁ ଆକ୍ରମଣ ମାମଲା, ମୁଖ୍ୟ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୭।୪(ପ୍ରସନଜିତ୍ ସାହୁ)

ଏମ୍‌ସ ହସ୍ପିଟାଲର ସିନିୟର ନର୍ସିଂ ଅଫିସରଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତଙ୍କୁ ସୋମବାର ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତମାଣ୍ଡୋ ଅଞ୍ଚଳର ବିଶ୍ୱମ୍ଭର ବିଶ୍ୱଜିତ ସାହୁ। ସୂଚନାଯୋଗ୍ୟ ପନୁଗୁପତି ରମେଶ ଏମ୍‌ସ ହସ୍ପିଟାଲରେ ସିନିୟର ନର୍ସିଂ ଅଫିସର ଭାବେ କାର୍ଯ୍ୟ କରନ୍ତି। ଗତ ମାର୍ଚ୍ଚ ୧୦ ତାରିଖ ଅପରାହ୍ନ ୪ ଟା ୩୫ ସମୟରେ ସେ ଏମ୍‌ସରୁ ଘରକୁ ଫେରୁଥିବା ବେଳେ, ପାତ୍ରପଡା ଆମ ବସ ଷ୍ଟାଣ୍ଡ ନିକଟରେ ୬ ଜଣ ଦୁର୍ବୃତ୍ତ ଅତର୍କିତ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ମାରଣାସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣ କରିବାରୁ ରମେଶଙ୍କ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ଚିକିତ୍ସା ଲାଗି ଏମ୍‌ସ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଏନେଇ ସେ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳ ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିଥିଲା। ତଦନ୍ତ ସମୟରେ ପୋଲିସ ପୂର୍ବରୁ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ସୋମବାର ଏହି ମାମଲାରେ ମୁଖ୍ୟ ଅଭିଯୁକ୍ତ ବିଶ୍ୱମ୍ଭରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଶିଶୁଭବନରେ ନୂତନ ଜୀବନ ପାଇଲେ ଶିଶୁକନ୍ୟା

- ପେଟ ଓ ମଳଦ୍ୱାରକୁ ମାଡ଼ିଯାଇଥିଲା ମାଂସପିଣ୍ଡୁଳା
- ଅସ୍ତ୍ରୋପଚାର ପରେ ବାହାରିଲା ନେଫ୍ରୋବ୍ଲାଷ୍ଟମା ଟ୍ୟୁମର

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)



ଶିଶୁକନ୍ୟା ସହ ଅସ୍ତ୍ରୋପଚାରରେ ସାମିଲ ଥିବା ଡାକ୍ତରମାନେ।

କଟକସ୍ଥିତ ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଶିଶୁରୋଗ ପ୍ରତିଷ୍ଠାନ (ଶିଶୁଭବନ)ରେ ବିରଳ ଅସ୍ତ୍ରୋପଚାର ସଫଳ ହୋଇଛି। ଜଣେ ୩ ବର୍ଷୀୟା ଶିଶୁକନ୍ୟାଙ୍କ ଶରୀରରୁ ନେଫ୍ରୋବ୍ଲାଷ୍ଟମା ନାମକ ଟ୍ୟୁମର ଅସ୍ତ୍ରୋପଚାର କରାଯାଇ ବାହାର କରାଯାଇଛି। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ କରାଯାଇ ଏହି ଅସ୍ତ୍ରୋପଚାର କରାଯାଇଥିବାବେଳେ ପ୍ରାୟ ୩ କେଜିର ଟ୍ୟୁମର କଢ଼ାଯାଇଛି। ଶିଶୁଜଣକ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି ଏବଂ ସେ ମଙ୍ଗଳବାର ଡିସ୍‌ଚାର୍ଜ ହେବେ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

୬ମାସ ପୂର୍ବେ କୋରାପୁଟ ଜିଲା ସେମିଳିଗୁଡ଼ା ଅଞ୍ଚଳର ନକୁଳ ହେନ୍ତଲଙ୍କ ୩ ବର୍ଷୀୟା ଝିଅର ହଠାତ୍ ଶରୀର ଅସୁସ୍ଥ ହେବା ସହ ପେଟ ଫୁଲିବାକୁ ଲାଗିଥିଲା। ଶିଶୁଟିର ଯନ୍ତ୍ରଣା ବଢ଼ିବାରୁ ତାଙ୍କୁ ନକୁଳ କଟକ ଶିଶୁଭବନକୁ ଆଣିଥିଲେ। ପେଡିଆଟ୍ରିକ ସର୍ଜରି ବିଭାଗର ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ଜାରି ରହିଥିଲା। ଅଧିକ ଯନ୍ତ୍ରଣା ହେବାରୁ ଗତ ମାର୍ଚ୍ଚ ୨୮ରେ ଶିଶୁକୁ ଉକ୍ତ ବିଭାଗରେ ଭର୍ତ୍ତି କରାଯାଇଥିଲା। ସମସ୍ତ ପରୀକ୍ଷା ନିରୀକ୍ଷାରୁ ଶିଶୁର ପେଟ ଓ ମଳଦ୍ୱାରରେ ଟ୍ୟୁମର ମାଡ଼ିଯାଇଥିବା ଜଣାପଡ଼ିବାରୁ ଏପ୍ରିଲ ୧୩ରେ ଅସ୍ତ୍ରୋପଚାର କରାଯାଇଥିଲା। ବିଭାଗୀୟ ମୁଖ୍ୟ ପ୍ରଫେସର ପ୍ରଶାନ୍ତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଡା. ଅବିନାଶ କୁମାର ପଣ୍ଡା, ଡା. କିରଣ କୁମାର କର, ଡା. ବିଜୟ କୁମାର ମେହେର, ଆନାସ୍ଥେସିଆ ବିଭାଗ ଡା. ଦେବବ୍ରତ ପଣ୍ଡା ଅସ୍ତ୍ରୋପଚାରରେ ନିୟୋଜିତ ଥିବାବେଳେ ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ପ୍ରଭାକର ମିଶ୍ର ସହଯୋଗ କରିଥିଲେ। ୨ଘଣ୍ଟା ଧରି ଅସ୍ତ୍ରୋପଚାର ଚାଲିଥିଲା ଓ ପରେ ଶିଶୁଟିକୁ ସର୍ଜିକାଲ ୱାର୍ଡରେ ସ୍ୱତନ୍ତ୍ର ନିରୀକ୍ଷଣରେ ରଖାଯାଇଥିଲା। ଶିଶୁଟି ୧୪ ଦିନ ଚିକିତ୍ସିତ ହେବା ପରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛି। ଏନେଇ ବିଭାଗୀୟ ମୁଖ୍ୟ ଡା. ତ୍ରିପାଠୀ କହିଛନ୍ତି, ଏହା ଏକ ବିରଳ ଅସ୍ତ୍ରୋପଚାର। ଏଭଳି ଟ୍ୟୁମର ପ୍ରାୟତଃ ୨ରୁ ୪ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଥାଏ। ପ୍ରାୟତଃ ଶିଶୁପୁତ୍ରମାନେ ଏଥିରେ ପୀଡ଼ିତ ହୋଇଥାନ୍ତି। ଏହାକୁ ଏକ କର୍କଟ ରୋଗ ବୋଲି ମଧ୍ୟ କୁହାଯାଏ, କିନ୍ତୁ ଏହି ଟ୍ୟୁମର କଢ଼ାଯିବା ପରେ କେମୋ ନେବା ଦ୍ୱାରା ବିପଜ୍ଜନକ ହୋଇ ନ ଥାଏ। ଅସ୍ତ୍ରୋପଚାର ପରେ ଏବେ ଶିଶୁକନ୍ୟାଟି ସାଧାରଣ ଶିଶୁଙ୍କ ପରି ଖାଦ୍ୟ ଖାଇପାରିବ। ବର୍ତ୍ତମାନ ସମ୍ପୃକ୍ତ ଶିଶୁ ସମ୍ପୂର୍ଣ୍ଣ ସୁସ୍ଥ ଥିବା ସେ ପ୍ରକାଶ କରିଛନ୍ତି।


# COMPREHENSIVE REGION URBAN TRANSPORT

## Govt Of Odisha

Plot No 548/1452, Kalarahanga, Patia, Bhubaneswar-751031, Odisha, Phone No. 0674-3501580, E-Mail Id:-crutbbsr@gmail.com

No.1201 Date.24.04.2026

### NOTICE INVITING TENDER (NIT)

### BID IDENTIFICATION No. 1201/G.M (Engg.)/CRUT of 2026-27

No.13001/317/2627 : General Manager (Engg.), CRUT, Bhubaneswar on behalf of CRUT invites percentage rate bids in **DOUBLE COVER SYSTEM** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha and having PAN, GSTIN Certificate and valid EPF & ESI registration certificate with up to date payment till March' 2026 for the item of works as indicated in the table below.

| Sl No | Names of work | Estimated Cost (in ₹) | Class of Contractor | EMD (in ₹) | Cost of Tender Paper | Period of Completion |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Pokhariput, Bhubaneswar. (Under P.M e- Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 2. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Naraj, Cuttack. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 3. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Chhend Rourkela. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 4. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Modipada Sambalpur. (Under P.M. e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |
| 5. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Haldipadar, Berhampur. (Under P.M e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |

1. The Bid documents will be available in the website: https://tendersodisha.gov.in from **29.04.2026 to 5.30 P.M. of 28.05.2026**.
2. Bids shall be received only "On line" on or before **5.30 P.M. of 28.05.2026**. The bidder must possess compatible Digital Signature Certificate (DSC) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.
5. Any addendum / corrigendum / cancellation shall only be uploaded in the website: https://tendersodisha.gov.in

OIPR-13001/13183/1/26-27/0001

Sd./- General Manager (Engg.), CRUT, Bhubaneswar
(on behalf of CRUT, Bhubaneswar)

**ସଘନ ସଂଶୋଧନ କାର୍ଯ୍ୟଯାଞ୍ଚ**

ତିଗିରିଆ,(ଜାଫର ଖାଁ): ସାରା ରାଜ୍ୟରେ ଭୋଟର ତାଲିକାକୁ ଠିକ୍ ରୂପ ଦେବା ନିମନ୍ତେ ସଘନ ସଂଶୋଧନ କାର୍ଯ୍ୟ ଚାଲିଛି । ଭୋଟର ତାଲିକାରୁ କୌଣସି ବି ଯୋଗ୍ୟ ବ୍ୟକ୍ତି ଯେପରି ବାଦ ନପଡନ୍ତି ସେନେଇ ନିର୍ବାଚନ ଅଯୋଗ ଅଧିକ ଗୁରୁତ୍ୱ ଦେଇଛନ୍ତି। ଏହି କ୍ରମରେ ଆଠଗଡ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ବିଡିଓ ସଂଗ୍ରାମ କେଶରୀ ଭୋଳ ଏବଂ ତହସିଲଦାର ଧର୍ମରଞ୍ଜନ ପଣ୍ଡା ବିଭିନ୍ନ ବୁଥ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଉକ୍ତ କ୍ଷେତ୍ରରୁ ବାଦ ପଡ଼ିବାକୁ ଥିବା ବ୍ୟକ୍ତିମାନଙ୍କ ବିଷୟରେ ଯାଞ୍ଚ କରିଛନ୍ତି।

## ସଂକ୍ଷେପରେ

### ଗଛରେ ପିଟିଲା ସ୍କୁଟି ; ଚାଳକ ମୃତ

ମାହାଙ୍ଗା,୨୭।୪(ଅଜୟ କୁମାର ମହାନ୍ତି): ମାହାଙ୍ଗା ଥାନା ସାଇ ମନ୍ଦିର ନିକଟ ଲଙ୍ଗଳେଶ୍ୱର ଘାଟ ଶନି ମନ୍ଦିର ନିକଟରେ ସୋମବାର ସନ୍ଧ୍ୟାରେ ଦ୍ରୁତ ଗତିରେ ଆସୁଥିବା ଏକ ସ୍କୁଟି ଭାରସାମ୍ୟ ହରାଇ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଥାନା ଅଧୀନ ତଳ ଗୌଡପଡା ଗ୍ରାମର ରଙ୍ଗାଧର ଜେନାଙ୍କ ପୁଅ ରଞ୍ଜନ ଜେନା। ଖବର ପାଇ ପୋଲିସ ମୃତଦେହ ଜବତ କରି ମାହାଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ମଙ୍ଗଳବାର ବ୍ୟବଚ୍ଛେଦ ପାଇଁ କଟକ ପଠାଯିବ ବୋଲି ପୋଲିସ ସୂଚନା ଦେଇଛି।

ରଞ୍ଜନ ସନ୍ଧ୍ୟାରେ ସ୍କୁଟି ଯୋଗେ ଏରକଣା ଅଭିମୁଖେ ଯାଉଥିଲେ। ଏହି ସମୟରେ ଭାରସାମ୍ୟ ହରାଇ ମୋଡ଼ଣି ପାଖରେ ବରଗଛରେ ପିଟି ହୋଇଯାଇଥିଲେ। ଦୁର୍ଘଟଣାରେ ରଞ୍ଜନଙ୍କ ମସ୍ତିଷ୍କ ବିଛାଡ଼ି ହୋଇ ପଡ଼ିଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରାଯାଇ ଥାନାରେ ରଖାଯାଇଥିବା ପୋଲିସ କହିଛି।

### ଚକାପଦା ସାଧୁସନ୍ଥ ସମ୍ମିଳନୀ ଉଦ୍‌ଯାପିତ

ତାଳବସ୍ତ,୨୭।୪(ସୁବ୍ରତ ନାୟକ/ ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ଚକାପଦାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ସାଧୁସନ୍ଥ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ମାୟାଧର ସାମଲ ଓ ସମ୍ପାଦକ ରମେଶଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ଆୟୋଜିତ ଉକ୍ତ ସମ୍ମିଳନୀରେ ବିଶ୍ୱପ୍ରସିଦ୍ଧ ମହିମା ଗାଦି ଯୋରନ୍ଦାରୁ ଏକ ଶହରୁ ଅଧିକ ସାଧୁସନ୍ଥ ଯୋଗ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଦସ୍ୟ ଗୋପବନ୍ଧୁ ସାହୁ, ଅକ୍ଷୟ କୁମାର ସାମଲ, କିନ୍ନର ରାଉତ, ନବଘନ ବେହେରା, ଦୀନବନ୍ଧୁ ପଣ୍ଡା, ପ୍ରମୋଦ ନନ୍ଦ, ସୁଦର୍ଶନ ରାଉତ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଉଦ୍‌ଯାପନୀ ଦିବସରେ ସାଧୁମାନଙ୍କର ନଗର ଭ୍ରମଣ, ମହାଦୀପ, ବ୍ରହ୍ମନାମ ଭଜନ ଓ ଅଖଣ୍ଡ ଜ୍ୟୋତି ଅର୍ପଣ ସହ ଗ୍ରାମର ଉଚ୍ଚଶିକ୍ଷିତ ପୁଅ ସାଧୁ ହୃଷିକେଶ ଦାଶ ବାବାଙ୍କର ମାତୃଭିକ୍ଷା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ଶତାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗ୍ରାମର ଏହି ମହତ କାର୍ଯ୍ୟକ୍ରମକୁ ଯୋରନ୍ଦାର ସାଧୁମାନେ ଭୂୟସୀ ପ୍ରଶଂସା କରିଛନ୍ତି।

### ଗୋ ସୁରକ୍ଷା ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ବଡମ୍ବା,୨୭।୪(ମାୟାଧର ମଲ୍ଲିକ): ଗୋ ସମ୍ମାନ ଦିବସ ଅବସରରେ ବଡ଼ମ୍ବା ଗୋ ସେବକ ମଣ୍ଡଳୀ ତରଫରୁ ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଡ଼ମ୍ବା ଅତିରିକ୍ତ ତହସିଲଦାର ଜ୍ୟୋତିର୍ମୟୀ ଆଚାର୍ଯ୍ୟଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଗୋ ହତ୍ୟା ବନ୍ଦ କରାଯିବା, ଗୋ ମାତାଙ୍କୁ ରାଷ୍ଟ୍ର ମାତା ଭାବେ ପରିଗଣିତ କରିବା ଆଦି ଦାବି କରାଯାଇଛି। ଏହି ଅବସରରେ ଶତାଧିକ ଗୋ ସେବକ ବଡ଼ମ୍ବା ଗାନ୍ଧିଛକରୁ ଏକ ପଦଯାତ୍ରାରେ ବାହାରି ବଡମ୍ବା ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବହୁ ଜନ ସାଧାରଣ ସାମିଲ ହୋଇଥିଲେ।

### ଚଳଚ୍ଚିତ୍ର ଅଭିନେତା ହେମନ୍ତ ଦାସଙ୍କ ଶ୍ରାଦ୍ଧ ଦିବସ

ବାଙ୍କୀ,୨୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର): ବାଙ୍କୀ ବରପୁତ୍ର, ଜୟଦେବ ପୁରସ୍କାରପ୍ରାପ୍ତ ତଥା ଚଳଚ୍ଚିତ୍ର ଅଭିନେତା ସ୍ୱର୍ଗତ ହେମନ୍ତ ଦାସଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକ ସୋମବାର ପାଳିତ ହୋଇଯାଇଛି। କଳା, ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପରିଷଦ ପରିସରରେ ସ୍ଥାପିତ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପରିଷଦ ଉପସଭାପତି ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ସଭାପତିତ୍ୱ କରି ସ୍ୱର୍ଗତ ଦାସଙ୍କ ଅଭିନୟ ଏକ ସ୍ୱତନ୍ତ୍ର ନିଆରା ଥିଲା ଓ ଦର୍ଶକଙ୍କ ମନକୁ ତାଙ୍କ ଅଭିନୟ ସଦାବେଳେ ଆଦୃତ ହେଉଥିଲା ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରେସକ୍ଲବ ସଭାପତି ବଳଭଦ୍ର ପଣ୍ଡା ଯୋଗଦେଇ ସ୍ୱର୍ଗତ ଦାସ ବାଙ୍କୀ ମାଟିର ଗର୍ବ ଓ ଗୌରବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଧର୍ମପ୍ରସାଦ ମଙ୍ଗରାଜ, ପରିଷଦର ସମ୍ପାଦକ ବେଣୁଧର କର, ସାଂସ୍କୃତିକ ସମ୍ପାଦକ ବିଜୟ କୁମାର ଦୀକ୍ଷିତ, ବାଦଲ ନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଶେଷରେ ନୃତ୍ୟ ଶିକ୍ଷକ ମହେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ଆଲୋକୀକରଣ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ଚୌଦ୍ୱାର,୨୭।୪ (ଆଶୁତୋଷ ଦାସ):**


ପଞ୍ଚାୟତବାସୀ ଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

୫୫ନମ୍ବର ଜାତୀୟ ରାଜପଥର କଜଳଖଣା ଛକରୁ ବାହାରି ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତର ବାଣିପଦା ବନ୍ଦାଳ ଆଦିଗ୍ରାମ ସହିତ ୩ଟିପଞ୍ଚାୟତକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାର ବାଣିପଦା ବନ୍ଦାଳ ପର୍ଯ୍ୟନ୍ତ ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ପଞ୍ଚାୟତବାସୀଙ୍କ ତରଫରୁ କଟକ ଜିଲାପାଳଙ୍କୁ ସୋମବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟରେ ସୋମବାର ଆୟୋଜିତ ଜନ ଶୁଣାଣି କାର୍ଯ୍ୟକ୍ରମରେ ବାଣିପଦା ସରପଞ୍ଚ ଦିଲୀପ କୁମାର ଭୋଇଙ୍କ ନେତୃତ୍ୱରେ ପଞ୍ଚାୟତର ବହୁ ଲୋକେ ଜିଲାପାଳ ଦତ୍ତାତ୍ରେୟ ଭାଓ ସାହେବ ସିନ୍ଦେଙ୍କୁ ଭେଟି ଦାବିପତ୍ର ପ୍ରଦାନ କରଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଗ୍ରାମ ଉନ୍ନୟନ ବିଭାଗଦ୍ୱାରା ନିର୍ମିତ ପ୍ରାୟ ୩ କିମି ଦୀର୍ଘ ଏହି ରାସ୍ତାର ଉଭୟ ପାର୍ଶ୍ୱରେ ଇଡ୍‌କୋ ଶିଳ୍ପାଞ୍ଚଳର ବହୁ ସଂଖ୍ୟକ ଶିଳ୍ପ ଥିବାରୁ ଏହିସବୁ ଶିଳ୍ପର ଶ୍ରମିକ ଓ କର୍ମଚାରୀମାନେ ତଥା ଶିଳ୍ପାନୁଷ୍ଠାନର ଗାଡ଼ି ମୋଟର ଯାତାୟାତ ପାଇଁ ଦିନରାତି ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ବାଣୀପଦା, ବନ୍ଦାଳ, ଚାଙ୍ଗୁଡ଼ିଆ ଆଦି ଗ୍ରାମ ସହିତ ୩ଟି ପଞ୍ଚାୟତର ଜନସାଧାରଣଙ୍କର ଏହି ରାସ୍ତା ହେଉଛି ଯାତାୟାତର ମୁଖ୍ୟ ମାଧ୍ୟମ। ରାସ୍ତାରେ ଆଲୋକ ବ୍ୟବସ୍ଥା ନ ଥିବାରୁ ସର୍ବଦା ଗାଡ଼ି ମୋଟର ଚଳାଚଳ କରୁଥିବାରୁ ରାତିରେ ପଥଚାରୀମାନେ ଅନେକ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ରାସ୍ତାଟି ଅନ୍ଧାର ରହିବାରୁ ଏହାର ସୁଯୋଗ ନେଇ ଅନେକ ସମୟରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାରେ ତୁରନ୍ତ ଆଲୋକ ବ୍ୟବସ୍ଥା କରିବା ପାଇଁ ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେବାକୁ ଗ୍ରାମବାସୀ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି। ଯୁବ ସଂଗଠକ ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ସୁକାନ୍ତ ସ୍ୱାଇଁ, ଅଶୋକ ନାୟକ, ଦିଲୀପ ସୁବୁଦ୍ଧିରାୟ, ଲୋକନାଥ ସୁବୁଦ୍ଧିରାୟ ପ୍ରମୁଖ ପ୍ରତିନିଧି ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

ସେହିପରି ପଞ୍ଚାୟତରେ ସରକାରୀ ଜମି ଜବର ଦଖଲକାରୀଙ୍କ ସଂଖ୍ୟା ବୃଦ୍ଧିପାଉଥିବା ଏବଂ ବହୁ ସଂଖ୍ୟକ ବେଆଇନ ଜମି ପଟ୍ଟାଧାରୀ ରହିଥିବାରୁ ସେମାନଙ୍କ ପଟ୍ଟା ରଦ୍ଦ କରିବା ଓ ଜବର ଦଖଲ ଉଚ୍ଛେଦ ପାଇଁ ଏକ ଦାବିପତ୍ର ପଞ୍ଚାୟତବାସୀଙ୍କ ତରଫରୁ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

## ଚାଷଜମିରେ ରାସ୍ତା ନିର୍ମାଣ: ଥାନାରେ ଅଭିଯୋଗ

**ତିଗିରିଆ,୨୭।୪(ଜାଫର ଖାଁ)**

ତିଗିରିଆ ଥାନା ଅନ୍ତର୍ଗତ ନୂଆପାଟଣା ପଞ୍ଚାୟତସ୍ଥିତ ଏକ ଚାଷ ଜମିରେ କେତେଜଣ ଲୋକେ ଜୋର ଜବରଦସ୍ତ ମାଟି ପକାଇ ରାସ୍ତା ନିର୍ମାଣ କରିଛନ୍ତି। ଏନେଇ ନୂଆପାଟଣା ହରିବଲ୍ଲଭ ସାହିର ଦୁର୍ଯ୍ୟୋଧନ କୁଣ୍ଡୁ ତିଗିରିଆ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ତାଙ୍କ ଚାଷଜମିରେ ରାସ୍ତା ନିର୍ମାଣ ହୋଇଥିବା ଦେଖି ସମ୍ପୃକ୍ତ ଲୋକମାନଙ୍କୁ ଦୁର୍ଯ୍ୟୋଧନ ପଚାରିବାରୁ ସେମାନେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ସେ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଭେଜିଆଠାରୁ ଭାପୁର ଯିବାକୁ ଥିବା ରାସ୍ତାର ମଧ୍ୟ ଭାଗରେ ଥିବା ବାର ଘରିଆ ବନ୍ଧ ନିକଟରେ ତାଙ୍କର ୧୮ ଗୁଣ୍ଠ ଚାଷଜମି ରହିଛି। ଏହାକୁ ଦୁର୍ଯ୍ୟୋଧନ ଚାଷକରି ଚଳିଆନ୍ତି। କିନ୍ତୁ ରବିବାର ନ୍ୟପଙ୍କାଳ ଗ୍ରାମର କେତେଜଣ ବ୍ୟକ୍ତି ଦୁର୍ଯ୍ୟୋଧନଙ୍କ ଅଗୋଚରରେ ଉକ୍ତ ଜମିର ମଝିରେ ମାଟି ପକାଇ ରାସ୍ତା ନିର୍ମାଣ କରିଥିଲେ। ଏସମ୍ପର୍କରେ ପଚାରିବାରେ ହତ୍ୟା ଧମକ ଦିଆଯାଇଥିବା ନେଇ ଦୁର୍ଯ୍ୟୋଧନ ଅଭିଯୋଗରେ ଉଲ୍ଲେଖ କରିଥିଲେ। ଏ ସମ୍ପର୍କରେ ତିଗିରିଆ ଥାନା ଆଇଆଇସି ରମାକାନ୍ତ ନାୟକଙ୍କୁ ପଚାରିବାରେ ଅଭିଯୋଗ ହୋଇଛି। ଯେହେତୁ ଜମି ବାଡ଼ି ମାମଲା ସେନେଇ ତହସିଲଦାରଙ୍କୁ ଅବଗତ କରାଯାଇଛି। ଆବଶ୍ୟକ ପଡ଼ିଲେ ଘଟଣାସ୍ଥଳକୁ ଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନାୟକ କହିଛନ୍ତି।



## ଆଧୁନିକ ରାଷ୍ଟ୍ର ନିର୍ମାଣରେ ଯୁବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ମାହାଙ୍ଗା,୨୭।୪(ଅଜୟ କୁମାର ମହାନ୍ତି):**

ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚାହାପଡ଼ା ଗ୍ରାମପଞ୍ଚାୟତରେ ସୋମବାର ଏକ ବୈଶାଖୀ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ପ୍ରବୀଣ କାନୁନ୍‌ଗୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ ଯୋଗଦେଇ ଆଧୁନିକ ରାଷ୍ଟ୍ର ନିର୍ମାଣରେ ଯୁବକମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଆଜିର ଯୁବ ପିଢ଼ି ରାଜନୀତି ପ୍ରତି ଆକୃଷ୍ଟ ହେବା ଆଗାମୀ ଭବିଷ୍ୟତରେ ଏକ ବିରାଟ ପରିବର୍ତ୍ତନର ସୂଚନା ଦେଉଛି ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାହାଙ୍ଗା ବ୍ଲକ କଂଗ୍ରେସ କମିଟିର ପୂର୍ବତନ ସଭାପତି ଅଲେଖ ପ୍ରସାଦ ସ୍ୱାଇଁ, ଆଇନଜୀବୀ ଭାସ୍କର ଚନ୍ଦ୍ର ବେହେରା, ବାନାମ୍ବର ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତଥିଲେ।

## ପଞ୍ଚାୟତସ୍ତରୀୟ ଜନ ଶୁଣାଣି :୭୭ ଅଭିଯୋଗ ପଞ୍ଜୀକୃତ

**ତାଳବସ୍ତ ୨୭।୪(ସୁବ୍ରତ କୁମାର ନାୟକ):**

ଡମପଡ଼ା ବ୍ଲକ ଅନ୍ତର୍ଗତ ଦୁଲଣାପୁର ଗ୍ରାମ ପଞ୍ଚାୟତ ପ୍ରାଙ୍ଗଣରେ ସୋମବାର ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୭ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଡମପଡ଼ା ବିଡିଓ ଅଂଶୁମାନ ଦାସ ଯୋଗଦେଇ ପଞ୍ଜୀକରଣ ହୋଇଥିବା ୭୭ଟିଅଭିଯୋଗରୁ ୩୪ଟିର ତୁରନ୍ତ ଫଇସଲା କରିଥିଲେ। ଅନ୍ୟ ୪୩ଟି ଅଭିଯୋଗର ୧୫ ଦିନ ଭିତରେ ତୁରନ୍ତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅଭିଯୋଗଗୁଡ଼ିକ ମଧ୍ୟରେ ଅଧିକାଂଶ ପାନୀୟ ଜଳ, ରାଶନ କାର୍ଡ, ଦିବ୍ୟାଙ୍ଗ ଭତ୍ତା, ସୁଭଦ୍ରା, ଲକ୍ଷ୍ମୀବସ୍ ଚଳାଚଳ, ବ୍ୟାଙ୍କ ଋଣ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରହିଥିଲା। ଉକ୍ତ ଶିବିରରେ ଦୁଲଣାପୁର ସରପଞ୍ଚ ସବିତା ସାହୁ, ବ୍ଲକ ଏମ୍‌ଆଇ ସ୍ମୃତିମୟୀ ବେହେରା, ଏବିଡିଓ ଶ୍ରୀକାନ୍ତ କୁମାର ବେହେରାଙ୍କ ସହିତ ବ୍ଲକ କର୍ମଚାରୀ ମନୋଜ କୁମାର ପ୍ରଧାନ, ସୀମାଞ୍ଚଳ ସାହୁ, ଦୁଲଣାପୁର ଏବଂ ତାଳବସ୍ତ ଗ୍ରାମ ପଞ୍ଚାୟତ ପିଇଓ ସଦାନନ୍ଦ ବରାଳ ଓ ଲକ୍ଷ୍ମୀଧର ପାଲ ପ୍ରମୁଖ ଉପସ୍ଥିତ ରହି ଲୋକମାନଙ୍କର ଅଭିଯୋଗ ଗ୍ରହଣ କରିଥିଲେ। ସମସ୍ତ ଅଭିଯୋଗ ଦୁଲଣାପୁର, ଅରପୁରଗ୍ରାମ ସହିତ ବାରବାଟୀ, ହାମିରା, ଇନ୍ଦିରା ଆବାସ ସାହିର ଲୋକମାନଙ୍କର ରହିଥିଲା। ଅସହ୍ୟ ଗରମକୁ ଲକ୍ଷ୍ୟରଖି ଶିବିରରେ ଜନ ସାଧାରଣଙ୍କ ପାଇଁ ପିଇଓ ସଦାନନ୍ଦ ବରାଳ ସମସ୍ତ ପ୍ରକାର ସୁବିଧା କରିଥିଲେ। ମଧ୍ୟାହ୍ନ ୧୨ଟା ପୂର୍ବରୁ ଶିବିର ସରି ଯାଇଥିବାରୁ କିଛି ଲୋକ ଫେରିଥିବାର ଦେଖାଯାଇଥିଲା। ଦୁଲଣାପୁର ଗ୍ରାମ ପଞ୍ଚାୟତର ଅଧା ରହିଥିବା ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଗ୍ରାମବାସୀଙ୍କ ଅନୁରୋଧରେ ବିଡିଓ ଅଂଶୁମାନ ଦାସ ପରିଦର୍ଶନ କରି ଶୀଘ୍ର ଶେଷ କରିବା ପାଇଁ କାର୍ଯ୍ୟାଦେଶଧାରୀଙ୍କୁ ତାଗିଦ କରିଥିଲେ। ଶିବିରକୁ ଶାନ୍ତିଶୃଙ୍ଖଳା ସହ ସମାପ୍ତ କରିବାରେ ଗ୍ରାମର ସାମାଜିକ କର୍ମୀ ଦାଶରଥି ପଡିଆରୀ, ମକର ଜେନା, ଜୟାନନ୍ଦ ବିଶ୍ୱାଳ, ବିପିନ ବିହାରୀ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ୯୦ ଅଭିଯୋଗ ପଞ୍ଜୀକୃତ, ୪୪ ତତ୍କାଳୀନ ସମାଧାନ


ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

### ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

**ବ୍ରାହ୍ମଣଝରିଲୋ, ୨୭।୪:**

ବାରଙ୍ଗ ବ୍ଲକ ଅନ୍ତର୍ଗତ ସାଇଁଶୋ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସ୍ଥାନୀୟ ଜନସାଧାରଣ ନିଜ ନିଜ ସମସ୍ୟା ଓ ଅଭିଯୋଗ ପ୍ରଶାସନ ନିକଟରେ ଜଣାଇଥିଲେ। ଏଥିରେ ମୋଟ ୯୦ଟି ବ୍ୟକ୍ତିଗତ ଓ ସାମୂହିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ୪୪ଟି ଅଭିଯୋଗର ତତ୍କାଳୀନ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡ଼ିକୁ ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗମାନଙ୍କ ନିକଟକୁ ପଠାଇ ଦିଆଯାଇଛି। ଅଭିଯୋଗଗୁଡ଼ିକ ମଧ୍ୟରୁ ଆବାସ ଯୋଜନା, ପେନ୍‌ସନ୍, ରାଶନ କାର୍ଡ, ପାନୀୟ ଜଳ ସୁବିଧା ଓ ଶୌଚାଳୟ ସମ୍ବନ୍ଧୀୟ ସମସ୍ୟା ଆଦି ରହିଥିଲା। ଏହି ଅବସରରେ ବାରଙ୍ଗ ବିଡିଓ ସ୍ୱାଗତ ଦାସ, ସିଡିପିଓ ସଂଯୁକ୍ତା ମହାରଣା, ସୁପରଭାଇଜର ଆରତି ସାମଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ଆଦିତ୍ୟ ନାରାୟଣ ମିଶ୍ର, ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ପ୍ରଫୁଲ୍ଲ କୁମାର ରଥ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏହା ସହିତ ସ୍ୱଚ୍ଛ ଭାରତ ବ୍ଲକ ସଂଯୋଜକ ମହେନ୍ଦ୍ର ବେହେରା, ବିପିସି ମମତା ନାୟକ, ଯୋଗାଣ ଅଧିକାରୀ ଜୟନ୍ତୀ ହରିଚନ୍ଦନ, ବିପିଏମ୍ ସ୍ମିତାରେଖା ମହାନ୍ତି, ବିଏଲସି ଗଙ୍ଗୋତ୍ରୀ ପ୍ରିୟଦର୍ଶିନୀ, ସୁଭଦ୍ରା ସଂଯୋଜିକା ମାମା ଭୂୟାଁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରିୟମ୍ବଦା ବେହେରା ଓ ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଶିବିରରେ ସକ୍ରିୟ ଭାବେ ଯୋଗଦେଇଥିଲେ। ସରପଞ୍ଚ ସରୋଜ କୁମାର ମହାପାତ୍ର ଓ ସମିତି ସଦସ୍ୟ ତୌହିଦ ଖାଁଙ୍କ ସହଯୋଗ ଏହି କାର୍ଯ୍ୟକ୍ରମ ସମ୍ପାଦନା କରାଯାଇଥିଲା। ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ସିଧାସଳଖ ଭାବେ ନିଜ ସମସ୍ୟା ଉପସ୍ଥାପନ କରିପାରିଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ। ଏହି ପ୍ରକାରର ଶିବିର ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସଂଯୋଗକୁ ମଜଭୁତ କରିବାରେ ଉପକାରୀ ହେବ ବୋଲି ମତ ପ୍ରକାଶ ପାଇଛି।

## ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟନ

**ବାଙ୍କୀ,୨୭।୪( ଶୁଭେନ୍ଦୁ ମହାପାତ୍ର):**

ବାଙ୍କୀ ବ୍ଲକ ଅନ୍ତର୍ଗତ ରତାଗଡ ( ଗୋବିନ୍ଦପୁର) ପଞ୍ଚାୟତ ରେ ପଞ୍ଚାୟତ ରାଜ ଦିବସ ଉପଲକ୍ଷେ ନୂତନ ପଞ୍ଚାୟତ ଅଫିସ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ଜିଲାପରିଷଦ ମାନସ ମହାପାତ୍ରଙ୍କ ସଂଚାଳନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦେବୀ ରନ ତ୍ରିପାଠୀ ଯୋଗଦେଇ ଫିତା କାଟି ନୂତନ ପଞ୍ଚାୟତ କାର୍ଯ୍ୟାଳୟ ରେ ଉଦ୍‌ଘାଟନ କରିଥିଲେ। ବାଙ୍କୀ ମାଟିର ପ୍ରଗତି ପଥରେ ଏବଂ ବାଙ୍କୀର ଜନ ସାଧାରଣ ଙ୍କ ବିଭିନ୍ନ ପ୍ରକାର ଉନ୍ନତୀ ମୁଳକ କାର୍ଯ୍ୟରେ ଏହା ସହଯୋଗ କରିବ ବୋଲି ସେ କହିଥିଲେ। ୨୦୧୭ରେ ପଞ୍ଚାୟତ ବିଭାଜନ ହେଲା ପରେ ଏଠାରେ ପଞ୍ଚାୟତ କାର୍ଯ୍ୟାଳୟ ନଥିଲା। ଫଳରେ ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନୂତନ କାର୍ଯ୍ୟାଳୟ ଗୃହ ଖୋଲାଯିବା ପରେ ଏହି ସମସ୍ୟା ଦୂର ହେବ ବୋଲି ବିଧାୟକ କହିଥିଲେ। ସରପଞ୍ଚ ଭାଗ୍ୟଲକ୍ଷ୍ମୀ ମହାପାତ୍ର ଧନ୍ୟବାଦ ଜଣାଇଥିଲେ। ବାଙ୍କୀ ବ୍ଲକ ଅଧକ୍ଷା ପୁଷ୍ପଲତା ସାମନ୍ତ, ବିଡିଓ ଅମ୍ବିଜା ଶିବଦତ୍ତ, ସହକାରୀ ଯନ୍ତ୍ରୀ ଅଂଶୁମାନ ଜେନା, ସୁବର୍ଣ୍ଣପୁର ପଞ୍ଚାୟତ ସରପଞ୍ଚ ହିରଣ୍ୟମୟୀ ଦଳେଇ, ଓଡ୍ରିଆ ପଞ୍ଚାୟତ ସରପଞ୍ଚ ଆର୍ତ୍ତବନ୍ଧୁ ବେହେରା, ସୁବର୍ଣ୍ଣ ପୁର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ତରୁଣ କୁମାର ମହାପାତ୍ର, ଭାଜପା କର୍ମୀ ପ୍ରସନ୍ନ ସ୍ୱାଇଁ ଓ ସଂଗ୍ରାମ ସାମନ୍ତ ସିଂହାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

## ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

### ବିରୂପା ମହୋତ୍ସବ ତୃତୀୟ ସନ୍ଧ୍ୟା

**ସାଲେପୁର,୨୭।୪(ଅରବିନ୍ଦ ଭୂୟାଁ):**



ମହୋତ୍ସବରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ସାଲେପୁର ବ୍ଲକ ଗୋପୀନାଥପୁର ହରିଡ଼ା ପଡ଼ିଆ ଠାରେ ଆଞ୍ଚଳିକ ସାମାଜିକ ଓ ସାଂସ୍କୃତିକ ଉନ୍ନୟନ ଟ୍ରଷ୍ଟ ଏବଂ ବିଜୟାନନ୍ଦ ଯୁବ ପରିଷଦ ପକ୍ଷରୁ ୧୪ତମ ବିରୂପା ମହୋତ୍ସବର ତୃତୀୟ ସନ୍ଧ୍ୟା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ରଙ୍ଗାରଙ୍ଗ କାର୍ଯକ୍ରମରେ ଦଶକମାନେ ଝୁମିଥିଲେ। ଏଥିସହ ମନ ଛୁଇଁଲା ମାଗାନ୍ନା ଓଳିଗି ସଂଳାପ। ମହୋତ୍ସବ କମିଟିର ବ୍ରହ୍ମାନନ୍ଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଇଫ୍‌କୋ ପାରାଦୀପର ମୁଖ୍ୟ ଲୋକ ସମ୍ପର୍କ ଅଧିକାରୀ ପ୍ରସନ୍ନ କୁମାର ବେଉରା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଇଂ.ଶ୍ରୀକାନ୍ତ ସାମଲ ଓ ଅନୁଷ୍ଠାନ ମୁଖ୍ୟ ଉପଦେଷ୍ଟା ଦିଲୀପ ଦାଶ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ କମିଟି ପକ୍ଷରୁ ସମ୍ମାନିତ କରାଯାଇଥିଲା। ସଙ୍ଗଠକ ବିଶ୍ୱରଞ୍ଜନ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁରେଶ କୁମାର ରାଉତ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପୁରୀ କୃଷ୍ଣମଣି ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ପହଣ୍ଡି ନୃତ୍ୟ, ଗଞ୍ଜାମ ହରଗୌରୀ ଚଢେୟା ନୃତ୍ୟ ଓ କେନ୍ଦ୍ରାପଡା ଫିଟ୍ ଆଣ୍ଡ ଫେୟାର ଡ୍ୟାନ୍ସର ଏକାଡେମୀ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ନୃତ୍ୟ ପରିବେଷଣ ଦଶକଙ୍କୁ ଆକୃଷ୍ଟ କରିଥିଲା। ମଞ୍ଚରେ ରାଜ୍ୟସ୍ତରୀୟ ଲୋକକଳା ନୃତ୍ୟ ଅନୁଷ୍ଠିତ ସାଙ୍ଗକୁ ଛୋଟବଡ ପରଦାର ଅଭିନେତା ଓ ଅଭିନେତ୍ରୀଙ୍କୁ ଦେଖି କାର୍ଯ୍ୟକ୍ରମ ଶେଷ ପର୍ଯ୍ୟନ୍ତ ଦର୍ଶକମାନେ ଅଟକି ରହିଥିଲେ। ଏହି ମହୋତ୍ସବକୁ ଦେବେନ୍ଦ୍ର ନାଥ ସ୍ୱାଇଁ, ପ୍ରଶାନ୍ତ କୁମାର ଭୂୟାଁ, ରମେଶ କୁମାର ଲେଙ୍କା, ବନମାଳୀ ପ୍ରଧାନ, ଜ୍ୟୋତିରଞ୍ଜନ ରାଉତ, ରମେଶ କୁମାର ଲେଙ୍କା, ଅଜୟ ଲେଙ୍କା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


## ପଞ୍ଚାୟତ ସମିତି କାର୍ଯ୍ୟାଳୟ, ମାଥିଲି

### ସାମାଜିକ ସମୀକ୍ଷା

ବିଜ୍ଞପ୍ତି ସଂଖ୍ୟା ୧୧୬୭ — ତାରିଖ ୨୪.୦୪.୨୦୨୬

No.19001/31/2627: ଏତଦ୍ୱାରା ମାଥିଲି ପଞ୍ଚାୟତ ସମିତି ଅନ୍ତର୍ଗତ 20 ଗୋଟି ଗ୍ରାମ ପଞ୍ଚାୟତର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, 2026-27 ଆର୍ଥିକ ବର୍ଷରେ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା) ର କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ଶତ ପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ ଯାଞ୍ଚ ତଥା ସାମାଜିକ ସମୀକ୍ଷା କରିବା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀମତେ ସମ୍ପୃକ୍ତ ଗ୍ରାମପଞ୍ଚାୟତଠାରେ ଗ୍ରାମସଭା ଅନୁଷ୍ଠିତ ହେବ । ଉକ୍ତ ସଭାରେ ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟ/ସଦସ୍ୟା, ଗ୍ରାମପଞ୍ଚାୟତର ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକମାନେ ଏବଂ ସମସ୍ତ ଗ୍ରାମବାସୀମାନେ ନିଜ ନିଜର ଜବ୍‌କାର୍ଡ ଧରି ନିର୍ଦ୍ଧାରିତ ତାରିଖ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ମଷ୍ଟର ରୋଲର ସଠିକତା ଯାଞ୍ଚ କରିବେ । ସମ୍ପୃକ୍ତ ଗ୍ରାମ ପଞ୍ଚାୟତର ସରପଞ୍ଚ, କନିଷ୍ଠଯନ୍ତ୍ରୀ, ଜିଆରଏସ, ପିଇଓ, ଯୋଗାଣ ସହାୟକ ଏବଂ ଅଙ୍ଗନୱାଡ଼ି କର୍ମୀ, ଓଡ଼ିଶା ଜୀବିକା ମିଶନର ସମସ୍ତ SHG ମହିଳାମାନେ ଉପସ୍ଥିତ ରହିବେ । ସରପଞ୍ଚମାନେ ଗ୍ରାମସଭାର କାର୍ଯ୍ୟସୂଚୀ ସାଧାରଣ ନୋଟିସ, ଢେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ଉପଯୁକ୍ତ ବିଷୟରେ ବହୁଳ ଭାବରେ ପ୍ରଚାର ନିମନ୍ତେ ଅନୁରୋଧ କରାଗଲା ।

**ସାମାଜିକ ସମୀକ୍ଷାର କାର୍ଯ୍ୟସୂଚୀ**

| କ୍ର.ନଂ. | ଗ୍ରାମପଞ୍ଚାୟତର ନାମ | ସାମାଜିକ ସମୀକ୍ଷା ତାରିଖ | | ପଞ୍ଚାୟତସ୍ତରୀୟ ଗ୍ରାମସଭା ତାରିଖ | ବ୍ଲକସ୍ତରୀୟ ଜନଶୁଣାଣି | ଉପସ୍ଥିତ ଅଧିକାରୀ |
|---|---|---|---|---|---|---|
| 1 | Mahupadar | 27.04.2026 | 05.05.2026 | 05.05.2026 | 31.07.2026 | GPDO |
| 2 | Kamarpalli | 28.04.2026 | 06.05.2026 | 06.05.2026 | | APO |
| 3 | Salimi | 29.04.2026 | 07.05.2026 | 07.05.2026 | | AEE |
| 4 | Temurupalli | 08.05.2026 | 18.05.2026 | 18.05.2026 | | BSSO |
| 5 | Kianga | 11.05.2026 | 19.05.2026 | 19.05.2026 | | WEO |
| 6 | Udulibeda | 12.05.2026 | 20.05.2026 | 20.05.2026 | | APO |
| 7 | Kartanpalli | 22.05.2026 | 01.06.2026 | 01.06.2026 | | AEE |
| 8 | Dhungiaput | 22.05.2026 | 01.06.2026 | 01.06.2026 | | BSSO |
| 9 | Kutunipalli | 25.05.2026 | 02.06.2026 | 02.06.2026 | | AEE |
| 10 | Mathili | 04.06.2026 | 11.06.2026 | 11.06.2026 | | GPDO |
| 11 | Dalapatiguda | 05.06.2026 | 12.06.2026 | 12.06.2026 | | APO |
| 12 | Ambaguda | 06.06.2026 | 16.06.2026 | 16.06.2026 | | BSSO |
| 13 | Pangam | 17.06.2026 | 24.06.2026 | 24.06.2026 | | WEO |
| 14 | Chedenga | 18.06.2026 | 25.06.2026 | 25.06.2026 | | GPDO |
| 15 | Chaulmendi | 19.06.2026 | 29.06.2026 | 29.06.2026 | | AEE |
| 16 | Mecca | 30.06.2026 | 07.07.2026 | 07.07.2026 | | GPDO |
| 17 | Bhejaguda | 01.07.2026 | 08.07.2026 | 08.07.2026 | | AEE |
| 18 | Bh Pangam | 02.07.2026 | 09.07.2026 | 09.07.2026 | | WEO |
| 19 | Nayakguda | 09.07.2026 | 15.07.2026 | 15.07.2026 | | BSSO |
| 20 | Kothapali | 10.07.2026 | 20.07.2026 | 20.07.2026 | | GPDO |

ଯାଞ୍ଚ ହେବାକୁ ଥିବା : (୧) ବ୍ୟବହୃତ ମଷ୍ଟର ରୋଲର କ୍ରମିକ ସଂଖ୍ୟା ଓ କାର୍ଯ୍ୟକ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦତ୍ତ କ୍ରମିକ ସଂଖ୍ୟା ସମାନ କି ନାହିଁ ? (୨) ମଷ୍ଟରରୋଲରେ ଶ୍ରମିକମାନଙ୍କ କାର୍ଯ୍ୟ ପତ୍ର ସଂଖ୍ୟା ଉଲ୍ଲେଖ ହୋଇଛି କି ନାହିଁ ? (୩) ମଷ୍ଟର ରୋଲରେ ସମ୍ପାଦିତ କାର୍ଯ୍ୟର ପରିମାଣ ଓ ଦିଆଯାଇଥିବା ମଜୁରି ପରିମାଣ ସମାନ ହୋଇଛି କି ନାହିଁ ? (୪) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ କାର୍ଯ୍ୟପତ୍ର ବିବରଣୀ ସହ ସମାନ ଅଛି କି ନାହିଁ ? (୫) ମଷ୍ଟର ରୋଲରେ ଉଲ୍ଲେଖିତ ବିବରଣୀ ସହ ମାପ ବହିର ଦର୍ଶିତ ମାପ ମେଳ ଖାଉଛି କି ନାହିଁ ? (୬) ମଷ୍ଟର ରୋଲରେ ଉଲ୍ଲେଖିତ ଶ୍ରମିକ ଓ ସମ୍ପାଦିତ କାର୍ଯ୍ୟ ପରିମାଣ ଠିକ୍ ଅଛି କି ନାହିଁ ?

OIPR-19001/19023/1/26-27/0001

ସ୍ୱା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟକ୍ରମ ଅଧିକାରୀ, ମାଥିଲି

## COMPREHENSIVE REGION URBAN TRANSPORT
### Govt Of Odisha

Plot No 548/1452, Kalarahanga, Patia, Bhubaneswar-751031, Odisha, Phone No. 0674-3501580, E-Mail Id:-crutbbsr@gmail.com

No.1201 — Date.24.04.2026

**NOTICE INVITING TENDER (NIT)**

**BID IDENTIFICATION No. 1201/G.M (Engg.)/CRUT of 2026-27**

**No.13001/317/2627** : General Manager (Engg.), CRUT, Bhubaneswar on behalf of CRUT invites percentage rate bids in **DOUBLE COVER SYSTEM** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha and having PAN, GSTIN Certificate and valid EPF & ESI registration certificate with up to date payment till March' 2026 for the item of works as indicated in the table below.

| Sl No | Names of work | Estimated Cost (in ₹) | Class of Contractor | EMD (in ₹) | Cost of Tender Paper | Period of Completion |
|---|---|---|---|---|---|---|
| (1) | (2) | (3) | (4) | (5) | (6) | (7) |
| 1. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Pokhariput, Bhubaneswar. (Under P.M e- Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 2. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Naraj, Cuttack. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 3. | Construction of 33KV line & Installation of 3 X 2000 KVA 33/0.4KV transformer to effect power supply 4320 KW/6000KVA load at 33KV supply with HT single point metering to CRUT Bus Depot at Chhend Rourkela. (Under P.M e-Bus Seva) | ₹ 2,90,57,999.00 | H.T.License | 1% of the Estimated Cost | ₹ 10,000.00 + 18% GST | 90 (Ninety days) |
| 4. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Modipada Sambalpur. (Under P.M. e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |
| 5. | Construction of 33KV line & Installation of 2 X 1600 KVA 33/0.4KV conventional on load tap changing Substation to effect power supply 2300 KW/3200KVA load at 33KV supply with HT single point metering to CRUT Bus Depot at Haldipadar, Berhampur. (Under P.M e-Bus Seva) | ₹ 1,68,72,397.00 | H.T.License | 1% of the Estimated Cost | ₹ 10,000.00 + 18% GST | 60 (Sixty days) |

1. The Bid documents will be available in the website: https://tendersodisha.gov.in from **29.04.2026 to 5.30 P.M. of 28.05.2026**.
2. Bids shall be received only "On line" on or before **5.30 P.M. of 28.05.2026**. The bidder must possess compatible Digital Signature Certificate (DSC) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.
5. Any addendum / corrigendum / cancellation shall only be uploaded in the website: https://tendersodisha.gov.in

**Sd./- General Manager (Engg.), CRUT, Bhubaneswar (on behalf of CRUT, Bhubaneswar)**

**OIPR-13001/13183/1/26-27/0001**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଚିନ୍ତା ବଢ଼ାଇଲା ପାମ୍ ଅଏଲ ଦରବୃଦ୍ଧି
# ରୋଷେଇ ଘରେ ମହଙ୍ଗା ମାଡ଼

**ନୂଆଦିଲ୍ଲୀ, ୨୭।୪**

ଇରାନ ଓ ଆମେରିକା ମଧ୍ୟରେ ପ୍ରାୟ ଦୁଇ ମାସ ଧରି ଚାଲିଥିବା ଯୁଦ୍ଧର ପ୍ରଭାବ ଭାରତର ସାଧାରଣ ଲୋକଙ୍କ ରୋଷେଇଘର ଉପରେ ପଡ଼ିଛି। ଖାଦ୍ୟ ତେଲ, ରନ୍ଧନ ଗ୍ୟାସ୍, ସାବୁନ, ବିସ୍କୁଟ୍ ସବୁ ଜିନିଷ ଧୀରେ ଧୀରେ ମହଙ୍ଗା ହେଉଛି। ସବୁଠୁ ବଡ଼ ସମସ୍ୟା ହେଉଛି ପାମ୍ ତେଲ। ଏହି ତେଲ ସାବୁନ, ବିସ୍କୁଟ୍, କେଶ ତେଲ, ନୁଡଲ୍ସ ଓ ଖାଦ୍ୟ ତେଲରେ ବ୍ୟବହାର ହୁଏ। ଫର୍ଚୁନ୍, ଜେମିନି, ରୁଚି ଗୋଲ୍ଡ ଭଳି ଲୋକପ୍ରିୟ ଖାଦ୍ୟ ତେଲରେ ମଧ୍ୟ ବହୁତ ପାମ୍ ତେଲ ଥାଏ। ତେଣୁ ପାମ୍ ତେଲ ମହଙ୍ଗା ହେଲେ ରୋଷେଇ ଖର୍ଚ୍ଚ ସିଧାସଳଖ ବଢ଼ିଯାଏ। ଭାରତ ପ୍ରତି ବର୍ଷ ପ୍ରାୟ ୧.୬୭ କୋଟି ଟନ୍ ଖାଦ୍ୟ ତେଲ ବାହାରୁ ଆମଦାନୀ କରିଥାଏ। ଏଥିରେ ୪୦ ପ୍ରତିଶତ ହେଉଛି ପାମ୍ ତେଲ। ଏହା ଇଣ୍ଡୋନେସିଆ ଓ ମାଲେସିଆରୁ ଜାହାଜ ଯୋଗେ ଆସେ। ମାତ୍ର ଯୁଦ୍ଧ ଯୋଗୁ ବିଶ୍ୱରେ ଜାହାଜ ବୀମା ଓ ଭଡ଼ା ବହୁତ ବଢ଼ିଯାଇଛି। ଏହି ଅଧିକ ଖର୍ଚ୍ଚ ଶେଷରେ ଭାରତୀୟ ବଜାରର ତେଲ ଉପରେ ପଡୁଛି। ଇଣ୍ଡୋନେସିଆ ଏବେ କହିଛି ଯେ, ସେ ପାମ୍ ତେଲ ବାହାରକୁ କମ୍ ରପ୍ତାନି କରି ନିଜ ଦେଶରେ ବ୍ୟବହାର କରିବ, କାରଣ ଏଥିରୁ ବାୟୋ ଡିଜେଲ୍ ତିଆରି ହୁଏ ଓ ସେମାନେ ଡିଜେଲ୍ ସହ ମିଶାଇ ବ୍ୟବହାର କରନ୍ତି। ତେଣୁ ପାମ୍ ତେଲ ଯୋଗାଣ ନେଇ ଅନିଶ୍ଚିତତା ଲାଗି ରହିଛି। ମାର୍ଚ୍ଚ ୨୦୨୬ରେ ଭାରତର ପାମ୍ ତେଲ ଆମଦାନୀ ୧୯% କମିଛି। ପାମ୍ ତେଲ ଦରରେ ଅତ୍ୟଧିକ ବୃଦ୍ଧି କାରଣରୁ ଆମଦାନୀକାରୀମାନେ ତେଲ କିଣିବା କମାଇଦେଇଥିଲେ। ଫେବୃଆରୀରେ ସନ୍‌ଫ୍ଲାୱାର ତେଲ ଆମଦାନୀ ମଧ୍ୟ ଅଧା ହୋଇଥିଲା। ଏପ୍ରିଲ୍‌ରେ ମଧ୍ୟ ଏହି ତେଲ କମ୍ ଆସୁଛି। ୨ଟି ବଡ଼ ତେଲ ଉପଲବ୍ଧତା ଏକା ସଙ୍ଗରେ କମ୍ ହେଲେ ବଜାରରେ ଦାମ ବଢ଼ିବା ସ୍ୱାଭାବିକ । କେତେକ ସ୍ଥାନରେ ଖାଇବା ତେଲ ଲିଟର ପିଛା ୧୮୨ ଟଙ୍କାରେ ପହଞ୍ଚିଛି। ଯୁଦ୍ଧ ଯୋଗୁ ଖାଦ୍ୟ ତେଲ ହାରାହାରି ୭% ମହଙ୍ଗା ହୋଇଛି। ପାମ୍ ତେଲ କେବଳ ଖାଦ୍ୟ ତେଲରେ ନୁହେଁ। ଲକ୍ସ, ଲାଇଫ୍‌ବଏ, ସିନ୍ଥଲ୍ ଭଳି ସାବୁନରେ ମଧ୍ୟ ଏହାର ଡେରିଭେଟିଭ୍ ଥାଏ। ହେୟାର ଅଏଲ୍ ଓ ବିସ୍କୁଟ୍-ନମକୀନ୍ ତିଆରିରେ ମଧ୍ୟ ବ୍ୟବହାର ହୁଏ। ଏବେ କମ୍ପାନୀଗୁଡ଼ିକ ତେଲ ଦାମ୍ ବଢ଼ାଉଛନ୍ତି ଅଥବା ସେହି ଦାମରେ ତେଲର ପରିମାଣ କମ୍ କରୁଛନ୍ତି। ଅନ୍ୟପଟେ ଯୁଦ୍ଧ ପରେ ଘରୋଇ ଗ୍ୟାସ୍ ସିଲିଣ୍ଡର ୬୦ ଟଙ୍କା ମହଙ୍ଗା ହୋଇସାରିଛି। ଢାବା-ହୋଟେଲ୍ ବ୍ୟବହାର କରୁଥିବା ବାଣିଜ୍ୟିକ୍ ଗ୍ୟାସ୍ ୧୯୫.୫୦ ଟଙ୍କା ବଢ଼ିଛି। ତେଣୁ ବାହାରେ ଖାଦ୍ୟ ଖାଇବା ମଧ୍ୟ ମହଙ୍ଗା ହୋଇଗଲାଣି। ସରକାରୀ ତଥ୍ୟ ଅନୁସାରେ ମାର୍ଚ୍ଚ ୨୦୨୬ରେ ଭାରତର ଖୁଚୁରା ମୁଦ୍ରାସ୍ଫୀତୀ ୩.୪% ହୋଇଛି। ଖାଦ୍ୟ ଓ ରନ୍ଧନ ଇନ୍ଧନର ମୁଦ୍ରାସ୍ଫୀତି ଆହୁରି ବଢୁଛି। ବିଶେଷଜ୍ଞମାନେ କହୁଛନ୍ତି ଏପ୍ରିଲରେ ଏହା ଆହୁରି ବଢ଼ିପାରେ।





ବିଏସ୍‌ଇ ସେନ୍‌ସେକ୍ସ
୭୭,୩୦୩ (+୬୩୯)



୧ ଡଲାର = ୯୪.୧୧ ଟଙ୍କା



ବ୍ରେଣ୍ଟ କ୍ରୁଡ୍ ଅଏଲ୍ (ପ୍ରତି ବ୍ୟାରେଲ୍) ୧୦୮.୩୫ ଡଲାର

# ଡିଏଭି ଜଗନ୍ନାଥ କ୍ଷେତ୍ରର ପ୍ରତିଷ୍ଠା ଦିବସ



କାର୍ଯ୍ୟକ୍ରମକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

**ତାଳଚେର, ୨୭।୪ (ମନୋଜ ନନ୍ଦ)**

ଅନୁଗୋଳ ଜିଲା ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଜଗନ୍ନାଥ କ୍ଷେତ୍ର ଡିଏଭି ସ୍କୁଲର ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗନ୍ନାଥ କୋଇଲା କ୍ଷେତ୍ରର ମହାପ୍ରବନ୍ଧକ ଅଶୋକ କୁମାର ଧଳ, ସମ୍ମାନିତ ଅତିଥି ଭାବେ ଅଧ୍ୟକ୍ଷ ଡିଏଭି ପବ୍ଲିକ ସ୍କୁଲ କଳିଙ୍ଗକ୍ଷେତ୍ର ପ୍ରଶାନ୍ତ କୁମାର ପଣ୍ଡା, ଅଧ୍ୟକ୍ଷା ଡିଏଭି ପବ୍ଲିକ ସ୍କୁଲ ଉଚ୍ଚ ମାଧ୍ୟମିକ ଏନ୍‌ଟିପିସି ଟିଟିପିଏସ୍ ଜ୍ୟୋତି ମିଶ୍ର, ତାଳଚେରସ୍ଥ ବିଭିନ୍ନ ଡିଏଭି ବିଦ୍ୟାଳୟର ଅଧ୍ୟକ୍ଷା ଅଧ୍ୟକ୍ଷଙ୍କ ସମେତ ଏମ୍‌ସିଏଲ୍ ଜଗନ୍ନାଥ କ୍ଷେତ୍ରର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ଟ୍ରଫି ପ୍ରଦାନ କରିଥିଲେ। ଅଧ୍ୟକ୍ଷା ଶୁକ୍ଳା ଚକ୍ରବର୍ତ୍ତୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ଦେଶବ୍ୟାପୀ ୨,୯୯୪ ଏକର ଜମି ବିକ୍ରି

**ନୂଆଦିଲ୍ଲୀ, ୨୭।୪**

ଦେଶର ରିଅଲ୍ ଇଷ୍ଟେଟ୍ ସେକ୍ଟରରେ ଲିଷ୍ଟେଡ୍ ଡେଭଲପରମାନେ ପ୍ରାଇମ୍ ଲୋକେଶନ୍ ଜମି ଉପରେ ନିଜର ଦଖଲ କ୍ରମାଗତ ଭାବେ ସୁଦୃଢ଼ କରୁଛନ୍ତି। ଏନାରକର ତାଜା ରିପୋର୍ଟ ଅନୁଯାୟୀ, ଆର୍ଥିକ ବର୍ଷ ୨୦୨୬ରେ ଦେଶବ୍ୟାପୀ ରିଅଲ୍ ଏଷ୍ଟେଟ୍ ଡେଭଲପମେଣ୍ଟ ପାଇଁ ୨,୯୯୪ ଏକରରୁ ଅଧିକ ଜମିର ମୋଟ ୧୧୧ଟି ଲ୍ୟାଣ୍ଡ ଡିଲ୍ ସମ୍ପନ୍ନ ହୋଇଛି। ଏଥିରୁ ପ୍ରାୟ ୫୪ଟି ଡିଲ୍ କେବଳ ଲିଷ୍ଟେଡ୍ କମ୍ପାନୀଗୁଡ଼ିକ କରିଛନ୍ତି, ଯାହା ୧,୪୩୩ ଏକରରୁ ଅଧିକ ଜମି ସମ୍ମିଳିତ ଅଟେ। ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ଅଂଶ ୪୯%। ରିପୋର୍ଟ ଅନୁସାରେ ମୋଟ ଲ୍ୟାଣ୍ଡ ଡିଲର ଲିଷ୍ଟେଡ୍ କମ୍ପାନୀଗୁଡ଼ିକର ଅଂଶ ୪୯ ପ୍ରତିଶତ ରହିଛି ଏବଂ ମୋଟ କ୍ରୟ କରାଯାଇଥିବା ଜମିରେ ସେମାନଙ୍କର ଅଂଶ ୪୮ ପ୍ରତିଶତ ଅଟେ। ଏହି ଆକଳନ ଭବିଷ୍ୟତରେ ଘର କ୍ରେତାଙ୍କ ପାଇଁ ବିଶ୍ୱସନୀୟ ଓ ଉନ୍ନତ ହାଉସିଙ୍ଗ୍ ସପ୍ଲାଇ ପାଇଁ ସ୍ପଷ୍ଟ ରୋଡ଼ମ୍ୟାପ୍ ପ୍ରଦାନ କରୁଛି ବୋଲି ରିପୋର୍ଟରେ କୁହାଯାଇଛି। ଟିୟର-୨ ସହରଗୁଡ଼ିକରେ ବଡ଼ ବ୍ରାଣ୍ଡର ପ୍ରବେଶ ଲିଷ୍ଟେଡ୍ ଓ ବଡ଼ ଗ୍ରେଡ୍-ଏ ଡେଭଲପରମାନେ କେବଳ ବଡ଼ ମହାନଗରଗୁଡ଼ିକ ନୁହେଁ, ଟିୟର-୨ ଓ ଟିୟର-୩ ସହରଗୁଡ଼ିକ ପ୍ରତି ମଧ୍ୟ ଆକ୍ରମଣାତ୍ମକ ରୂପରେ ଅଗ୍ରସର ହେଉଛନ୍ତି। ବଦୋଦରା, ଅମୃତସର, ନାଗପୁର, ପାନିପତ୍, ମିସୋରକ, ରାୟପୁର ଓ କୋଏମ୍ବାଟୁର୍ ପରି ଟିୟର-୨ ସହରଗୁଡ଼ିକରେ ସେମାନେ ଜମି ଅଧିଗ୍ରହଣ କରିଛନ୍ତି। ବିଶେଷ କରି ପଞ୍ଜାବର ପ୍ରମୁଖ ସହର ଅମୃତସରରେ ଏକାକୀ ୫୨୦ ଏକର ଜମିର ଦୁଇଟି ବଡ଼ ଲ୍ୟାଣ୍ଡ ଡିଲ୍ ଲିଷ୍ଟେଡ୍ ଡେଭଲପରମାନେ ସମ୍ପନ୍ନ କରିଛନ୍ତି। ଟିୟର-୨ ସହରଗୁଡ଼ିକରେ ବଡ଼ ବ୍ରାଣ୍ଡର ପ୍ରବେଶ ଫଳରେ ସ୍ଥାନୀୟ ଘର କ୍ରେତାମାନେ ଉନ୍ନତ ଜୀବନଶୈଳୀ ଏବଂ ନିରାପଦ ନିବେଶର ସୁଯୋଗ ପାଇବେ ବୋଲି ଆଶା କରାଯାଉଛି।

# ଭାରତୀୟ ସେନା ଓ କିଟ୍ ମଧ୍ୟରେ ଏମ୍‌ଓୟୁ

**ଭୁବନେଶ୍ୱର, ୨୭।୪(ଅନୁରାଧା ମହାରଣା)**





ଶିକ୍ଷାଗତ ସଶକ୍ତୀକରଣ ଏବଂ ଅନ୍ତର୍ଭୁକ୍ତୀମୂଳକ ରାଷ୍ଟ୍ର ନିର୍ମାଣ ଦିଗରେ ଏକ ପଦକ୍ଷେପ ସ୍ୱରୂପ କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସେନା ମଧ୍ୟରେ ଏକ ବୁଝାମଣାପତ୍ର(ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ ସିଂହ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିବା ବେଳେ ଭାରତୀୟ ସେନା ପକ୍ଷରୁ ଏହାର ପ୍ରତିନିଧିତ୍ୱ କରୁଥିବା ସେନା ମୁଖ୍ୟାଳୟର ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା ଏଥିରେ ସ୍ୱାକ୍ଷର କରିଥିଲେ। ଏହା ବୁଝାମଣାପତ୍ର ଅନୁସାରେ କାର୍ଯ୍ୟରତ ଓ ଅବସରପ୍ରାପ୍ତ ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମ (ଡାକ୍ତରୀ ପାଠ୍ୟକ୍ରମ ବ୍ୟତୀତ) ଏବଂ ସେମାନଙ୍କ ପିଲାମାନଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟ ଉଚ୍ଚଶିକ୍ଷା ସୁଯୋଗ ଯୋଗାଇ ଦେବ। ଏଥିପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଶିକ୍ଷା ଫିସରେ ୫୦% ରିହାତି ଓ ମେଡିକାଲ୍ ଏବଂ ଡେଣ୍ଟାଲ୍ ପାଠ୍ୟକ୍ରମ ପାଇଁ ୧୦% ରିହାତି ପ୍ରଦାନ କରାଯିବ। ଏହା ସହିତ ବୀରଗତି ହାସଲ କରିଥିବା ବା ଯୁଦ୍ଧ ସମୟରେ ଶହୀଦ ହୋଇଥିବା ଭାରତୀୟ ସେନା କର୍ମଚାରୀଙ୍କ ପିଲାଙ୍କୁ ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ବ୍ୟତୀତ ଅନ୍ୟ ସମସ୍ତ ପାଠ୍ୟକ୍ରମର ଶିକ୍ଷା ଫିସ୍‌ରେ ୧୦୦% ବୃତ୍ତି ଦିଆଯିବ। ମେଡିକାଲ୍ ଓ ଡେଣ୍ଟାଲ୍ ପାଠ୍ୟକ୍ରମରେ ନାମ ଲେଖା ପାଇଁ ସେନା କର୍ମଚାରୀଙ୍କ ପିଲାଙ୍କୁ 'ନିଟ୍' ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଅନ୍ୟ ସମସ୍ତ ପାଠ୍ୟକ୍ରମରେ ପ୍ରବେଶ ପାଇଁ ଅଧିକାରୀ ବା ପିଲାମାନଙ୍କୁ କିଟ୍ ଦ୍ୱାରା ଆୟୋଜିତ ପ୍ରବେଶିକା ପରୀକ୍ଷା (କିଟ) ମାନଦଣ୍ଡ ପୂରଣ କରିବାକୁ ପଡ଼ିବ। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସୂଚନା ଦେଇ କହିଲେ, ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭାରତୀୟ ସେନା କର୍ମଚାରୀଙ୍କ ପିଲାମାନଙ୍କ ପାଇଁ ଗୁଣାତ୍ମକ ଶିକ୍ଷା ଏବଂ ଆର୍ଥିକ ସହାୟତା ସୁନିଶ୍ଚିତ କରିବା। ସେନା କର୍ମଚାରୀ ଓ ସେମାନଙ୍କ ପିଲାଙ୍କ ଉଚ୍ଚଶିକ୍ଷା ପାଇଁ କିଟ୍‌ରେ ସୁଯୋଗ ସୃଷ୍ଟି କରିଥିବାରୁ ବ୍ରିଗେଡିୟର ଠାକୁର ମୟଙ୍କ ସିହ୍ନା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ପରେ ବ୍ରିଗେଡିୟର ସିଂହ ଓ ସାମନ୍ତଙ୍କ ମଧ୍ୟରେ ସୌଜନ୍ୟମୂଳକ ସାକ୍ଷାତ ଓ ଆଲୋଚନା ହୋଇଥିଲା।

# ବ୍ୟାଙ୍କ୍ ପାଇଁ କଡ଼ା ହେଲା ଆର୍‌ବିଆଇ ନିୟମ

**ନୂଆଦିଲ୍ଲୀ, ୨୭।୪**

ଭାରତୀୟ ରିଜର୍ଭ ବ୍ୟାଙ୍କ୍(ଆର୍‌ବିଆଇ) ବ୍ୟାଙ୍କଗୁଡ଼ିକ ପାଇଁ ନୂଆ ନିୟମ ଜାରି କରିଛି। ଏଥିରେ ଆସେଟ୍ ବର୍ଗୀକରଣ ଓ ପ୍ରୋଭିଜନିଙ୍ଗ୍ ନିୟମ ଆହୁରି କଠିନ କରାଯାଇଛି। ୨୦୨୫ ଅକ୍ଟୋବରରେ ଏହି ପ୍ରସ୍ତାବର ଡ୍ରାଫ୍ଟ ଜାରି ହୋଇଥିଲା। ନୂଆ ନିୟମ, ୨୦୨୭ ଏପ୍ରିଲ୍ ୧ରୁ ଲାଗୁ ହେବ। ଏହାର ମୁଖ୍ୟ ବିଷୟ ହେଉଛି 'ଏକ୍ସପେକ୍ଟେଡ୍ କ୍ରେଡିଟ୍ ଲସ୍' (ଇସିଏଲ୍) ଫ୍ରେମୱର୍କ। ଏହି ନୂଆ ବ୍ୟବସ୍ଥା ବ୍ୟାଙ୍କକୁ ଲୋନ୍ ଦେବା ଆଗରୁ ଭବିଷ୍ୟତରେ କେତେ କ୍ଷତି ହୋଇପାରେ ତାହାର ଆକଳନ କରି ଆଗରୁ ଟଙ୍କା ରଖିବାର ଅନୁମତି ଦେବ। ଏବେ ବ୍ୟାଙ୍କଗୁଡ଼ିକ ଇନକର୍ଡ ଲସ୍ ମୋଡେଲ୍ ବ୍ୟବହାର କରନ୍ତି ଅର୍ଥାତ୍ କ୍ଷତି ହେବା ପରେ ପ୍ରୋଭିଜନିଙ୍ଗ୍ କରନ୍ତି। ବ୍ୟାଙ୍କମାନଙ୍କର ବିରୋଧ ଓ ସମୟ ବୃଦ୍ଧି ଦାବି ସତ୍ତ୍ୱେ ଆର୍‌ବିଆଇ ଏହି ନିୟମ ନିର୍ଦ୍ଧାରିତ ତାରିଖରୁ ଲାଗୁ କରିବ। ନୂଆ ନିୟମ ଅନୁସାରେ ବ୍ୟାଙ୍କକୁ ଲୋନ୍ ଆଧାରରେ ତିନି ସ୍ତରରେ ବାଣ୍ଟିବାକୁ ପଡ଼ିବ। ପ୍ରଥମ ସ୍ତରରେ ଯେଉଁ ଲୋନର କ୍ରେଡିଟ୍ ଆହ୍ୱାନ ବେଶି ନାହିଁ ସେଥିରେ କେବଳ ଏକ ବର୍ଷର ସମ୍ଭାବ୍ୟ କ୍ଷତି ପାଇଁ ପ୍ରୋଭିଜନିଙ୍ଗ୍ କରିବାକୁ ପଡ଼ିବ। ଦ୍ୱିତୀୟ ସ୍ତରରେ ଲୋନ୍ ଦେବା ପରେ ଯଦି କ୍ରେଡିଟ୍ ଆହ୍ୱାନ ବହୁତ ବଢ଼ିଯାଏ ତେବେ ଲୋନ୍‌ର ପୂରା ଅବଧିର ସମ୍ଭାବ୍ୟ କ୍ଷତି ପାଇଁ ପ୍ରାବଧାନ କରିବାକୁ ପଡ଼ିବ। ତୃତୀୟ ସ୍ତରରେ ଯେଉଁ ଲୋନ୍ ଏନ୍‌ପିଏ ହୋଇସାରିଛି ସେଥିରେ ମଧ୍ୟ ପୂରା ଅବଧିର କ୍ଷତି । ଆକଳନ କରି ପ୍ରୋଭିଜନିଙ୍ଗ୍ କରିବାକୁ ପଡ଼ିବ। ଏନ୍‌ପିଏ ଚିହ୍ନଟ ନିୟମରେ କୌଣସି ପରିବର୍ତ୍ତନ ହୋଇନାହିଁ। ଲୋନ୍ ୯୦ ଦିନ ମଧ୍ୟରେ ଗୋଟିଏ ମଧ୍ୟ କିସ୍ତି ନ ଦେଲେ ଏନ୍‌ପିଏ ବିବେଚିତ ହେବ। ଯଦି ଜଣେ ଗ୍ରାହକର ଏକ ଲୋନ୍ ଏନ୍‌ପିଏ ହୁଏ ତେବେ ତା'ର ଅନ୍ୟ ସବୁ ଲୋନ୍ ଖାତାକୁ ମଧ୍ୟ ଏନ୍‌ପିଏ ବର୍ଗରେ ରଖାଯିବ। ନୂଆ ଗାଇଡଲାଇନ୍ ଅନୁସାରେ, ବ୍ୟାଙ୍କ କ୍ଷତି ଆକଳନ ପାଇଁ ବୈଜ୍ଞାନିକ ତଥ୍ୟ ବ୍ୟବହାର କରିବାକୁ ପଡ଼ିବ। ସୁଧ ହାର ଗଣନା ସମୟରେ ସବୁ ପ୍ରକାରର ଚାର୍ଜ ଓ ଫିସ୍ ମଧ୍ୟ ଯୋଡ଼ି ହେବ। କ୍ଷତି ନିର୍ଣ୍ଣୟ କରିବା ସମୟରେ ଦେଶର ବର୍ତ୍ତମାନ ଓ ଭବିଷ୍ୟତର ଆର୍ଥିକ ସ୍ଥିତି ବିଷୟରେ ବିସ୍ତୃତ ଯାଞ୍ଚ କରିବାକୁ ପଡ଼ିବ। ତେବେ ଏନ୍‌ପିଏ ଚିହ୍ନଟ ଏବେ ସ୍ୱୟଂଚାଳିତ ଓ ପ୍ରତିଦିନ ଦିନର ଶେଷରେ ହେବ। ଏହା ଦ୍ୱାରା ଲୋନ୍‌ର ସ୍ଥିତି କୌଣସି ପ୍ରକାରେ ଗୁପ୍ତ ରହିବ ନାହିଁ ଓ ଆର୍ଥିକ ଶୃଙ୍ଖଳା ବଜାୟ ରହିବ।

## Classified Everyday
0674-2580101, 9692975378



REAL ESTATE
SALE

DO U NEED TO INVEST on property/ Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-254





3BHK flat at Chandrama Complex, Block-A, Unit-III 3BHK flat at Park Tower, Ganga Nagar, Bhubaneswar Contact: 9348491449, 9437062777. D-230

Commercial Space Available: 200 to 1200sqft. suitable for Shop, Office, Bank, or Institute 1500 to 8000sqft. at Rajpath, Bhubaneswar Contact: 9348491449, 9437062777. D-231





Newly open health benefits spa by expert therapist. Contact-7504222886. D-76963

Newly health benifits, Joint pain relax environment atmosphere 7653969971. D-229

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### AFFIDAVIT

By virtue of an affidavit sworn before the Notary Public, Berhampur, Ganjam, I, Nabina Kumar Das, aged about 37 years, S/o-Kailash Chandra Das, Permanent Residing of At- House No.- 54, Chandraprabha Street 2nd Lane, P.S.- B.N. Pur, Berhampur, Dist.- Ganjam, Odisha declare by this Affidavit No. A-825, date 20.04.2026 that now onwards I shall be known as Nabin Kumar Das for all future purposes. D-228

**By virtue of an affidavit sworn before Executive Magistrate, Bhubaneswar on 21.04.2026, I, Rajendra Kumar Pattanayak, resident of Plot No- 222-223, 1st. Floor, Unit-3, P.O.- GPO, P.S.- Kharvel Nagar, Bhubaneswar, Odisha, PIN- 751001 declare that I have changed my surname from Patanaik to Pattanayak. Henceforth, I shall be known as RAJENDRA KUMAR PATTANAYAK for all future purposes.** D-61984

By virtue of an affidavit before Notary Public, Kantabanji on 27.04.2026 that before my marriage my name and surname written as Dalimba Majhi, D/o- Kusha Majhi in my Aadhaar Card along with Bank Pass Book, after marriage to Biranchi Dharua, I treated as Dalimba Dharua, W/o- Biranchi Dharua of Village- Babejuri, P.O.- Gudighat, P.S.- Muribahal, Dist.- Balangir, Odisha where as Dalimba Majhi and Dalimba Dharua is same and one person and updated my present Aadhaar card. D-220

I, Dinbandhu Prasad, S/o- Late Kalika Prasad resident of Ward No- 1, near Doon Public School, Sarbahal, P.S./ P.O./Dist.- Jharsuguda, PIN- 768201, Odisha declare by this affidavit No- 4354, dtd- 17.04.26 that now onwards I shall be known as Dinabandhu Prasad for all future purposes. D-221

By virtue of an affidavit sworn before Executive Magistrate, Bhubaneswar, dated 20.04.2026, I, Mardela Avinash, Address Chorda bypass, Jajpur Road, Jajpur, Odisha, 755019 declare that I have changed my name from Mardela Avinash to M Avinash. Henceforth, my name shall be known as M Avinash for all purpose.
M Avinash D-227

By virtue of an affidavit sworn before Executive Magistrate, Sambalpur, No.2086, dated 23.04.2026, Ambubati Pan, W/o- Goutam Pan, R/o.- At- Jhankarpada, P.O./P.S.- Hirakud, Dist.- Sambalpur, Odisha, PIN- 768016 declare that I have changed my name from Sukanti Sohela to Ambubati Pan. Henceforth, I shall be known as Ambubati Pan for all purposes.
Ambubati Pan D-224

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

By virtue of an affidavit sworn before the Notary Public, Titilagarh, dt. 27.04.2026, I, Surendra Nag, S/o- Cheru Nag, R/o. Village- Rengali, P.O.- Kamarlaga, P.S.- Saintala, Dist.- Balangir (Odisha), PIN- 767032 declare that now I have changed my son's name from Subham Nag to Kairav Nag. Henceforth, he shall be known as Kairav Nag for all purposes.
Surendra Nag D-223

I, Gyanaranjan Das, S/o- Sulabh Charan Das, Vill- Patarajpur, P.O./ P.S.- Balichandrapur, Dist.- Jajpur, PIN- 754205, Odisha are by this affidavit No.- 279, dt. 22.04.2026 that now onwards I shall be known as Gyana Ranjan Das for all future purposes. D-226

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

### ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



ସ୍ୱ. ରଜତ କୁମାର ମହାପାତ୍ର
(Retd Forest range officer)
ଆବିର୍ଭାବ : ୧୫.୦୫.୧୯୬୧
ତିରୋଧାନ: ୧୯.୦୪.୨୦୨୬

ଆପଣ ଙ୍କ ଅନୁପସ୍ଥିତି ଆମ ମାନଙ୍କୁ ଶୋକ ସାଗର ରେ ଭସାଇ ଦେଇଛି. ଆମ ମାନଙ୍କୁ ଅବିରତ ଲୁହ ଦେଇ ଆପଣ ଚାଲିଗଲେ. ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଚରଣ କମଳ ରେ ଆପଣ ଙ୍କର ଆତ୍ମା ଲୀନ ହୋଇଯାଉ. କେବଳ ଏତିକି ପ୍ରାର୍ଥନା.

ଶୋକସନ୍ତପ୍ତ
ପବିତ୍ର ପ୍ରସାଦ ମହାପାତ୍ର (ଲକି)
ଏବଂ ପରିବାର ଓ ବନ୍ଧୁ ବର୍ଗ
D-311

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ।

# ଭଲ ନୁହେଁ ନୀରବତା

**କଥାବାର୍ତ୍ତା ନ କରି ପରସ୍ପରଠାରୁ ଦୂରେଇ ରହିଲେ କିଛିଦିନ ପରେ ସମ୍ପର୍କ ସଜାଡ଼ି ହେବ ବୋଲି ଭାବନ୍ତି ଅନେକେ। ହେଲେ ଦାମ୍ପତ୍ୟରେ ଏହି ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟ ବେଶି ସମୟ ରହିବା ଠିକ୍ ନୁହେଁ। ଭାବନାତ୍ମକ ଦୂରତା ବଢ଼ିବା ପୂର୍ବରୁ ସଚେତନ ହେବା ଜରୁରୀ...**



ବେଳେବେଳେ ଦାମ୍ପତ୍ୟରେ ଝଗଡ଼ା କିମ୍ବା ମତଭେଦ ହେବା କାରଣରୁ ପରସ୍ପର କଥାବାର୍ତ୍ତା ବନ୍ଦକରି ଦେଇଥାନ୍ତି। କିଛିଦିନ ବା କିଛି ଘଣ୍ଟା ଚୁପ୍ ରହିଲେ ସମ୍ପର୍କ ଆପେ ଆପେ ସଜାଡ଼ି ହୋଇଯିବ ବୋଲି ଭାବନ୍ତି ଅନେକେ। ସେଥିପାଇଁ ଉଭୟେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ଅନେକ ସମୟରେ ଉଭୟଙ୍କ ମଧ୍ୟରୁ ଜଣେ ବି କଥାବାର୍ତ୍ତା ନ କଲେ ସମ୍ପର୍କରେ ନୀରବତା ଘରକରି ନେଇଥାଏ। ଏଭଳି ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟକୁ ଆପଣେଇଥିବା ସାଥୀ ବା ଦମ୍ପତି ଭାବନ୍ତି ଏମିତି କିଛିଦିନ ପରେ ସମ୍ପର୍କ ଆପେ ଆପେ ସଜାଡ଼ି ହୋଇଯିବ। ହେଲେ ଅଧିକ ସମୟ ପର୍ଯ୍ୟନ୍ତ ଏହି ଅବସ୍ଥା ରହିଲେ ସମ୍ପର୍କରେ ଭାବନାତ୍ମକ ଦୂରତା ବି ବଢ଼ିଚାଲେ। ଆଉ କେତେବେଳେ ହୁଏତ ଏଇ ଦୂରତା ସମ୍ପର୍କରେ ଫାଟ ସୃଷ୍ଟି କରିଥାଏ।

**କାରଣ**

ସାଇଲେଣ୍ଟ ଟ୍ରିଟ୍‌ମେଣ୍ଟ ବା ନୀରବତାର ମୁଖ୍ୟ କାରଣ ହେଉଛି ଅସନ୍ତୋଷ, କ୍ରୋଧ କିମ୍ବା ମତଭେଦ। ଏଇସବୁ କାରଣରୁ ହିଁ ପରସ୍ପର ମଧ୍ୟରେ ଛୋଟମୋଟ ଝଗଡ଼ା ସୃଷ୍ଟି ହୋଇଥାଏ। ଏମିତି ଏକ ପରିସ୍ଥିତିରେ ସାଥୀଙ୍କ ମଧ୍ୟରୁ କେହି ଯଦି ରାଗିଥାନ୍ତି କିମ୍ବା ଅସନ୍ତୁଷ୍ଟ ରହିଥାନ୍ତି ତେବେ ଅନେକ ସମୟରେ ସେ ପ୍ରାୟତଃ ଚୁପ୍ ରହିବାକୁ ପସନ୍ଦ କରନ୍ତି। ଏହି ପରିସ୍ଥିତି ଉଭୟଙ୍କ ମଧ୍ୟରେ ଏକ ଭାବନାତ୍ମକ ଦୂରତା ବି ସୃଷ୍ଟି କରିଥାଏ। ବାରମ୍ବାର ପରସ୍ପର ମଧ୍ୟରେ କମ୍ ସମୟ କଥାବାର୍ତ୍ତା କାରଣରୁ ମନରେ ଏକ ପ୍ରକାର ଅଭିମାନ ସୃଷ୍ଟିହୁଏ। ଫଳରେ ସେମାନେ ନୀରବ ରହିବା ବାଟକୁ ବାଛି ନିଅନ୍ତି। ଅର୍ଥାତ୍ ସମ୍ପୂର୍ଣ୍ଣ ରୂପେ କଥାବାର୍ତ୍ତା ବନ୍ଦ କରିଦିଅନ୍ତି। ନିଜ ନିଜ ଜିଦ୍‌ରେ ଏଭଳି ସେମାନେ ଅଟଳ ରହନ୍ତି ଯେ ସମ୍ପର୍କରେ ଏହା ବିପରୀତ ପ୍ରଭାବ ପଡୁଛି ବୋଲି ଭୁଲିଯାଆନ୍ତି। ତେଣୁ ଉଭୟ ଦମ୍ପତି ଏସବୁ ଦୃଷ୍ଟିରୁ ଯଦି ଠିକ୍ ସମୟରେ ସଚେତନ ରହିପାରିବେ ତାହେଲେ ଏକ ସୁନ୍ଦର ମଧୁର ସମ୍ପର୍କକୁ ଅନୁଭବ କରିପାରିବେ।

**ସମ୍ପର୍କରେ ପ୍ରଭାବ**

ସାଥୀଙ୍କ ମଧ୍ୟରୁ ଜଣେ ଚୁପ୍ ରହିବା ଅନ୍ୟ ଜଣଙ୍କ ପାଇଁ ଯନ୍ତ୍ରଣା ଭଳି।





ଏଭଳି ସ୍ଥିତିରେ ଉଭୟ ସାଥୀ ଏକୁଟିଆ ମନେକରନ୍ତି। ଉଭୟ ବିଚାର କରନ୍ତି ଯେ ତାଙ୍କ ସମ୍ପର୍କକୁ ତାଙ୍କର ଯୋଗ୍ୟତାକୁ ସାଥୀଜଣକ ଗ୍ରହଣ କରୁନାହାନ୍ତି। ବାରମ୍ବାର ସାଥୀଙ୍କ ପାଖରୁ ଇଗ୍ନୋର ହେବା କାରଣରୁ ତାଙ୍କର ଆତ୍ମସମ୍ମାନରେ ମଧ୍ୟ ଆଞ୍ଚ ଆସିଥାଏ। ସାଥୀଙ୍କ ନୀରବତା ପାଇଁ ସେ ନିଜକୁ ଦୋଷୀ ମନେକରନ୍ତି କିମ୍ବା ପ୍ରତିକ୍ରିୟାଶୀଳ ହୋଇପଡ଼ନ୍ତି। ଫଳରେ ଅଭିମାନ ଅହଙ୍କାରର ରୂପ ନିଏ ଆଉ ସେତେବେଳେ ସାଥୀଜଣକ ସବୁଦିନ ପାଇଁ ଚୁପ୍ ରହିବାକୁ ପସନ୍ଦ କରନ୍ତି। ଏମିତି ଅନେକ ଦିନ ରହିବା ଫଳରେ କିଛିଦିନ ପରେ ପରସ୍ପର ଉପରୁ ବିଶ୍ୱାସ ଓ ଭରସା କମ୍ ହୋଇଯାଏ। ତା'ପରେ ଧୀରେ ଧୀରେ ସମ୍ପର୍କରେ ଦୂରତା ସୃଷ୍ଟି ହୋଇଥାଏ।

**କରନ୍ତୁ ସମାଧାନ**

ଆପଣଙ୍କ ସାଥୀ ଯଦି ଆପଣଙ୍କର କୌଣସି କଥା ବା ବ୍ୟବହାରରେ ଅସନ୍ତୁଷ୍ଟ ହୋଇଛନ୍ତି ବା ଅଭିମାନକରି କିଛି କହୁନାହାନ୍ତି ତେବେ ଆପଣ ହିଁ ପ୍ରଥମେ କଥାବାର୍ତ୍ତା ଆରମ୍ଭ କରନ୍ତୁ। ନିଜର ବ୍ୟବହାରରେ ଭୁଲ୍ ଥିବାର ପ୍ରଥମେ ସ୍ୱୀକାର କରି ତା'ପରେ ସାଥୀଙ୍କ ସହ କଥା ହୁଅନ୍ତୁ। ଏହାପରେ ସାଥୀଙ୍କ ଅଭିମାନର କାରଣ ସମ୍ପର୍କରେ ଜାଣିବା ପାଇଁ ଚେଷ୍ଟା କରନ୍ତୁ। ଏହାପରେ ଆପଣ ପ୍ରକୃତ କାରଣ ଜାଣିପାରିବେ ଓ ସେହି ଅନୁସାରେ ସାଥୀଙ୍କୁ ବୁଝାଇ ପାରିବେ। ଏମିତି ଏକ ଛୋଟ ପ୍ରୟାସ ଦ୍ୱାରା ଦୁଇଜଣଙ୍କ ଜୀବନରେ ଖୁସି ଫେରିପାରିବ। ଫଳରେ ପୂର୍ବଭଳି କଥାବାର୍ତ୍ତା କରି ସମ୍ପର୍କ ମଜଭୁତ କରିପାରିବେ।

## ଏମାନେ କ'ଣ କରନ୍ତି

**ଅଭିମାନରେ କଥା ବନ୍ଦ କରେ**



ବେଳେବେଳେ ଅଭିମାନରେ କଥାବାର୍ତ୍ତା ବନ୍ଦ କରିଦିଏ। କିନ୍ତୁ ଅନ୍ୟ ସବୁ କାମ କରୁଥାଏ। ସେ କେତେବେଳେ ଖାଇବେ, କ'ଣ ଖାଇବେ, ଡ୍ରେସ୍ ସଫା କରିବା ଏମିତି ତାଙ୍କ ପ୍ରତି ପୂରା ସମର୍ପିତ ରହିଥାଏ। ତାଙ୍କର ଯେତେବେଳେ ଯାହା ଦରକାର ସବୁ କରିଦିଏ ହେଲେ ସିଧାସଳଖ କଥା ହୁଏନି। ତେବେ ଏମିତି ବେଶି ଦିନ ବି ରହିପାରେନି। ଦିନେ କି ଦୁଇଦିନ ଭିତରେ ଆମେ ପରସ୍ପର ସହ କଥାବାର୍ତ୍ତା ହୋଇଥାଉ। କେବେ କେବେ ସେ ଆଗ କଥା ହୁଅନ୍ତି ତ ଆଉ କେବେ ମୁଁ ବି କଥାବାର୍ତ୍ତା ଆରମ୍ଭ କରେ। ସମୟ ଗଡ଼ିଗଲେ ରାଗରୁଷା ଆପେ ଆପେ କମିଯାଏ। ତା'ଛଡ଼ା ବେଶିଦିନ କଥା ନ ହୋଇ ମୁଁ ରହିପାରିବିନି। ସେଥିପାଇଁ ଯେମିତି ହେଉ କଥା ଆରମ୍ଭ କରେ।

– ***ସୁନନ୍ଦା ପଟ୍ଟନାୟକ***, *ଗୃହିଣୀ, ବ୍ରହ୍ମପୁର*

**କଥାବାର୍ତ୍ତାରେ ସମାଧାନ କରୁ**



ଅନେକ ସମୟରେ ଘର କଥାକୁ ନେଇ ଆମ ଭିତରେ ମତଭେଦ ହୋଇଥାଏ। ମୋର କୌଣସି କଥାକୁ ସେ ଯଦି ଗ୍ରହଣ କରି ନ ଥାନ୍ତି ତା'ହେଲେ ମତେ ବିରକ୍ତ ଲାଗେ। ସମସ୍ତଙ୍କ ଆଗରେ ପ୍ରତିବାଦ ତ କରେନି, କିନ୍ତୁ ରାଗରେ କାହାକୁ କିଛି କହେନି। ପରେ ସେହି ବିଷୟରେ ଆମେ ଦୁଇଜଣ କଥାବାର୍ତ୍ତା ହୋଇ ସମାଧାନ କରିଥାଉ। ଏହି ସମୟରେ ଆମେ ପରସ୍ପରର ଭାବନାକୁ ବୁଝିଥାଉ। ସେ କେଉଁ ଉଦ୍ଦେଶ୍ୟ ରଖି ଘର ଲୋକଙ୍କ ଆଗରେ କିଭଳି କଥା କହନ୍ତି ସେ ସମ୍ପର୍କରେ ଜାଣିପାରେ। ତେଣୁ ଆଉ ରାଗ ଅଭିମାନ କିଛି ରହେନି।

– ***ସୌମ୍ୟାଶ୍ରୀ ମିଶ୍ର***, *ଗୃହିଣୀ, ମହାନଦୀବିହାର, କଟକ*

**ଆଗ କଥା ହୁଏ**



ସବୁବେଳେ ମୁଁ ଆଗ ରାଗିଯାଏ ଆଉ କଥାବାର୍ତ୍ତା ବନ୍ଦ କରିଦିଏ, ପୁଣି ଆଗୁଆ ଯାଇ କଥା ହୁଏ। କାହିଁକିନା ସେ ମତେ ଫୋନ୍‌ରେ ମେସେଜ୍ ମାଧ୍ୟମରେ ଏଭଳି ବିଭିନ୍ନ କଥା କହନ୍ତି ଯାହାଫଳରେ ମୋର ସବୁ ଅଭିମାନ ଦୂରେଇଯାଏ। ତା'ପରେ ଫୋନ୍ କରି ଆଗୁଆ ଯାଇ କଥା ହୁଏ। ଜୀବନରେ ଏମିତି ଅନେକ ଥର ଝଗଡ଼ା ହୁଏ। ହେଲେ କୌଣସି ଥର ଏମିତି ଚୁପ୍ ରହିବା ବେଶିଦିନ ହୁଏନି କି ସମ୍ପର୍କରେ କୌଣସି ପ୍ରଭାବ ପକାଇ ନ ଥାଏ। ବରଂ ଏମିତି ଛୋଟମୋଟ ଝଗଡ଼ା ପାଇଁ ଆମ ସମ୍ପର୍କ ଆହୁରି ନିବିଡ଼ ହୋଇଥାଏ।

– ***ସୁଜାତା ନାୟକ***, *କର୍ମଜୀବୀ, ନୟାପଲ୍ଲୀ, ଭୁବନେଶ୍ୱର*





# ଖରାଦିନେ ଶାଢ଼ି

**ଶାଢ଼ି ପିନ୍ଧିଲେ ଅଧିକ ଗରମ ହେବ ବୋଲି ସାଧାରଣତଃ ଧାରଣା ରହିଥାଏ। ମାତ୍ର ଏଭଳି କେତେକ ଫାବ୍ରିକ୍ ରହିଛି ଯାହା ଷ୍ଟାଇଲିଶ୍ ଦେଖାଯିବା ସହ ଖରାଦିନେ ପିନ୍ଧିବା ପାଇଁ ମଧ୍ୟ ଆରାମ ଲାଗିବ...**



**କଟନ୍ ଶାଢ଼ି–** ଖରାଦିନ ପାଇଁ ସବୁଠୁ ଭଲ ଫାବ୍ରିକ୍ ଶାଢ଼ି ହେଉଛି କଟନ। ଏହି ଫାବ୍ରିକ୍‌ର ଶାଢ଼ି ହାଲୁକା ଓ ବ୍ରିଦେବଲ୍ ହୋଇଥାଏ। ତେଣୁ ଝାଳକୁ ଶୀଘ୍ର ଗ୍ରହଣ କରି ଶରୀରକୁ ଆରାମ ଦେଇଥାଏ। ତେଣୁ ଯେତେ ଅଧିକ ଗରମ ହେଲେ ବି କଟନ୍ ଶାଢ଼ି ପିନ୍ଧନ୍ତୁ ଷ୍ଟାଇଲିଶ୍ ଦେଖାଯିବା ସହ ଆରାମ ଲାଗିବ।

**ଲିନେନ୍–** ରେଗୁଲାର ଅଫିସ୍‌କୁ ଶାଢ଼ି ପିନ୍ଧି ଯାଉଥିଲେ ଲିନେନ୍ ଫାବ୍ରିକ୍ ଏକ ସୁନ୍ଦର ବିକଳ୍ପ ହୋଇପାରିବ। ଏହି ପ୍ରକାର ଶାଢ଼ି ସଫ୍ଟ ଓ ହାଲୁକା ହୋଇଥାଏ। ତେଣୁ ଅତ୍ୟଧିକ ଗରମ ହେଲେ ବି ଏହା ଝାଳକୁ ଗ୍ରହଣ କରି ଆରାମ ଅନୁଭବ କରାଇଥାଏ।

**ଖଦି ଶାଢ଼ି–** ଖରାଦିନେ ଗରମରେ ଆରାମ ଅନୁଭବ କରିବା ପାଇଁ ସବୁଠୁ ଭଲ ଫାବ୍ରିକ୍ ହେଉଛି ଖଦି। ଏହି ପ୍ରକାର ଶାଢ଼ି ବ୍ରିଦେବଲ ଓ ଇକୋ ଫ୍ରେଣ୍ଡଲି। ଏହି ଫାବ୍ରିକ୍ ଝାଳକୁ ଶୀଘ୍ର ଗ୍ରହଣ କରିଥାଏ ଓ ଶରୀରକୁ ଥଣ୍ଡା ରଖେ। ଏହା ଆରାମଦାୟକ ହେବା ସହ ଏଲିଗାଣ୍ଟ ଓ କ୍ଲାସି ଲୁକ୍ ଦେଇଥାଏ। ତେଣୁ ଏହାକୁ ଆପଣ ଯେକୌଣସି ସ୍ଥାନକୁ ପିନ୍ଧି ଯାଇପାରିବେ।

**ଶିଫନ ଶାଢ଼ି–** ଏହି ପ୍ରକାର ଶାଢ଼ି ଏତେ ହାଲୁକା ହୋଇଥାଏ ଯେ ପିନ୍ଧିଲେ ଖୁବ୍ ଆରାମ ଲାଗିଥାଏ। ଗରମ ଅନୁଭବ ମଧ୍ୟ କମ୍ କରିଥାଏ। ଏହାର ବିଭିନ୍ନ ଡିଜାଇନ ରହିଛି ଯାହାକୁ ଆପଣ ବିଭିନ୍ନ ସ୍ଥାନକୁ ପିନ୍ଧି ଯାଇପାରିବେ।

**ମସ୍‌ଲିନ୍ ଶାଢ଼ି–** ଏହି ପ୍ରକାର ଶାଢ଼ି ଲହୁଣି ଭଳି ନରମ ଓ ଚିକ୍‌କଣ ଲାଗିଥାଏ। ତେଣୁ ଏହାକୁ ଗରମ ଦିନେ ପିନ୍ଧିଲେ ବହୁତ ଆରାମ ଲାଗେ।

# ଏସି ଲଗାଉଥିଲେ...

**ଖରାଦିନେ ଏସି ବ୍ୟବହାର କରୁଥିଲେ ବିଭିନ୍ନ ଦିଗପ୍ରତି ଧ୍ୟାନ ଦେବାକୁ ପଡ଼ିବ। ଜାଣନ୍ତୁ ସେ ସମ୍ପର୍କରେ...**

➤ ଘଣ୍ଟା ଘଣ୍ଟା ଧରି ଏସି ଚାଲିଲେ କମ୍ପ୍ରେସର ଉପରେ ଚାପ ପଡ଼ିଥାଏ। ତେଣୁ ଠିକ୍ ସମୟରେ ଟେକ୍‌ନିସିଆନ୍‌ଙ୍କୁ ଡାକି ଏହାର ସର୍ଭିସିଂ କରାନ୍ତୁ। ନଚେତ୍ ଅତ୍ୟଧିକ ଗରମ ହୋଇ ବ୍ଲାଷ୍ଟ ହେବାର ଆଶଙ୍କା ଥାଏ।

➤ ଏସିର ଆଉଟଡୋର୍ ୟୁନିଟ୍‌କୁ ଛାତ ଉପରେ ରଖିଲେ ଦିନ ସାରା ଖରା ପଡ଼ିଥାଏ। ଫଳରେ ଅନେକ ସମୟରେ ମେଶିନ୍‌ର ତାପମାତ୍ରା ସହିତ ଖରା ଯୋଗୁଁ ମେଶିନ୍ ଖରାପ ହେବାର ଆଶଙ୍କା ସୃଷ୍ଟି ହୋଇଥାଏ। ତେଣୁ ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେପରି ଉପରେ କୌଣସି ପ୍ରକାରର ଛାତ ଅଥବା ଛାଇ ହେଉଥିବ।

➤ ଖରାଦିନେ ଭୋଲଟେଜ୍ କମ୍ ବେଶି ହୋଇଥାଏ। ଏହି କାରଣରୁ ଏସି ମୋଟର ଓ ସର୍କିଟ୍ ପୋଡ଼ିଯିବାର ଆଶଙ୍କା ରହିଥାଏ। ଏହି ସମସ୍ୟା ନ ହେବା ପାଇଁ ଭଲ କ୍ୱାଲିଟିର ଭୋଲଟେଜ୍ ଷ୍ଟାବିଲାଇଜର ଲଗାନ୍ତୁ।

➤ ଏସି ଲାଗିବା ପରେ ଯଦି ଥଣ୍ଡା ହେଉ ନ ଥାଏ ତେବେ ଗ୍ୟାସ୍ ଲିକେଜ୍ ହୋଇଥାଇପାରେ। ତେଣୁ ତୁରନ୍ତ ଏହାକୁ ଠିକ୍ କରାନ୍ତୁ।

➤ ଏସି ଲଗାଇବା ପରେ ଯଦି ହଠାତ୍ କିଛି ଖରାପ ଶବ୍ଦ ହୁଏ ଅଥବା ପୋଡ଼ିବାର ଗନ୍ଧ ହୁଏ ତାହେଲେ ତୁରନ୍ତ ଏସି ବନ୍ଦ କରି ପ୍ଲଗ୍ ବାହାର କରି ଦିଅନ୍ତୁ।

➤ ଖରାପ ହୋଇଥିବା ତାର କିମ୍ବା ଢିଲା ପ୍ଲଗ୍ ଥିଲେ ଶୀଘ୍ର ବଦଳାଇ ଦିଅନ୍ତୁ।

**ଖାଦ୍ୟରୁଚି**

# ଟମାଟୋ ପକୁଡ଼ି

**ଆବଶ୍ୟକ ସାମଗ୍ରୀ–** ଟମାଟୋ– ୮ରୁ ୧୦ଟି, ବେସନ– ୫୦୦ ଗ୍ରାମ୍, ଛାଣିବା ପାଇଁ ତେଲ

**ଆଳୁ ପୁର ପାଇଁ–** ଆଳୁ ୫୦୦ ଗ୍ରାମ୍, ପିଆଜ– ୨ଟି, ପାନମଧୁରୀ, ଧନିଆ ଓ ଜିରା– ଅଧା ଚାମଚ, କଞ୍ଚାଲଙ୍କା– ୫ଟି, ଅଦା– ଖଣ୍ଡେ (୧ ଇଞ୍ଚ), ଗୋଲମରିଚ ଗୁଣ୍ଡ– ଅଧା ଚାମଚ, ହେଙ୍ଗୁ– ଅଳ୍ପ, ଲଙ୍କାଗୁଣ୍ଡ– ଅଧା ଚାମଚ, ଧନିଆ ଗୁଣ୍ଡ– ଅଧା ଚାମଚ, କସ୍ତୁରୀ ମେଥି– ଅଳ୍ପ, ଗରମ ମସଲା– ଅଧା ଚାମଚ, ଆମଚୁର ପାଉଡର– ଅଳ୍ପ, ଜୁଆଣି– ଅଧା ଚାମଚ, ସ୍ୱାଦ ଅନୁସାରେ ତେଲ ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ–** ପ୍ରଥମେ ଆଳୁକୁ ସିଝାଇ ଚୋପା ଛଡ଼ାଇ ରଖନ୍ତୁ। ପିଆଜକୁ ଛୋଟ ଛୋଟ କରି କାଟନ୍ତୁ। ଆଳୁ ପୁର ପ୍ରସ୍ତୁତି ନିମନ୍ତେ ଗ୍ୟାସ୍ ଲଗାଇ କଡ଼େଇ ଗରମ କରନ୍ତୁ। ଏଥିରେ ଅଳ୍ପ ସୋରିଷ ତେଲ ପକାନ୍ତୁ। ତେଲ ଗରମ ହେବା ପରେ ସେଥିରେ ଜିରା, ପାନ ମଧୁରୀ, ଧନିଆ ପକାନ୍ତୁ। ଏସବୁ ଫୁଟିବା ପରେ ସେଥିରେ କଞ୍ଚାଲଙ୍କା ଛୋଟ ଛୋଟ କାଟି ପକାନ୍ତୁ। ଏହାପରେ ଅଦାକୁ କୋରି ପକାନ୍ତୁ। ଏବେ ଏଥିରେ ଅଳ୍ପ ହେଙ୍ଗୁ ଓ ୨ ବଡ଼ ଚାମଚ ବେସନ ପକାଇ ହାଲୁକା ଆଞ୍ଚରେ ଭାଜନ୍ତୁ। ଗୋଲମରିଚ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ ଓ କସ୍ତୁରୀ ମେଥି ପକାନ୍ତୁ। ଏବେ ସେଥିରେ ପିଆଜକୁ ଛୋଟ ଛୋଟ କାଟି ପକାନ୍ତୁ। ପିଆଜ ଭାଜି ହୋଇ ଆସିଲେ ସେଥିରେ ସିଝା ଆଳୁକୁ ହାତରେ ଖଣ୍ଡ ଖଣ୍ଡ କରି ପକାନ୍ତୁ। ଏବେ ସେଥିରେ ଲୁଣ, ବ୍ଲାକ୍ ସଲ୍ଟ, ଗରମ ମସଲା ଓ ଆମଚୁର ପାଉଡର ପକାଇ ଭାଜନ୍ତୁ। କିଛି ସମୟ ପରେ ତଳକୁ ଓହ୍ଲାଇ ଥଣ୍ଡା କରନ୍ତୁ। ଅନ୍ୟ ଏକ ପାତ୍ରରେ ବେସନ ସହ ଜୁଆଣି, ଲୁଣ ଓ ଲଙ୍କା ଗୁଣ୍ଡ ପକାଇ ଏକ ଗାଢ଼ା ଘୋଳ ତିଆରି କରି ୧୦ ମିନିଟ୍ ଘୋଡ଼ାଇ ରଖି ଦିଅନ୍ତୁ। ଟମାଟୋକୁ ଅଧାକୁ କାଟି ସେଥିରେ ଥିବା ମଞ୍ଜି ହାଲୁକା ଭାବରେ ବାହାର କରି ଦିଅନ୍ତୁ। ଏବେ ସେଥିରେ ଆଳୁପୁର ଭର୍ତ୍ତିକରି ବେସନରେ ବୁଡ଼ାଇ ତେଲ ଗରମ କରି ଛାଣି ନିଅନ୍ତୁ। ଏହାକୁ ଗରମ ଗରମ କୌଣସି ଚଟଣି କିମ୍ବା ସସ୍ ସହ ଖାଆନ୍ତୁ।



**ସୌନ୍ଦର୍ଯ୍ୟ**

# ସ୍କିନ୍ କେୟାର

**ଖରାଦିନେ ଖାଦ୍ୟପେୟ ସହ ତ୍ୱଚାର ମଧ୍ୟ ଉପଯୁକ୍ତ ଯତ୍ନନେବାକୁ ହୋଇଥାଏ। ଜାଣନ୍ତୁ ଏ ସମ୍ପର୍କରେ...**





ଖରାଦିନେ ଅଲ୍‌ଟ୍ରା ଭାଓଲେଟ୍ ରଶ୍ମି ଓ ହ୍ୟୁମିଡିଟି ଯୋଗୁ ତ୍ୱଚା ପ୍ରଭାବିତ ହୋଇଥାଏ। ବିଶେଷକରି ଟ୍ୟାନିଂ, ପିଗ୍‌ମେଣ୍ଟେଶନ ଓ ଇନ୍‌ଫେକ୍‌ଶନ ହେବାର ଆଶଙ୍କା ରହିଥାଏ। ତେଣୁ ଏହି ଦିନେ କିଭଳି ଯତ୍ନ ନେବେ ଜାଣିରଖନ୍ତୁ।

→ ଦିନକୁ ୨ଥର ଫେସ୍‌ୱାଶ୍‌ରେ ମୁହଁ ଧୁଅନ୍ତୁ। ଅଏଲି ସ୍କିନ୍ ହୋଇଥିଲେ ଜେଲ୍‌ବେସ୍‌ଡ ଫେସ୍‌ୱାଶ୍ ଲଗାନ୍ତୁ। ଡ୍ରାଏ ସ୍କିନ୍ ହୋଇଥିଲେ କ୍ରିମ୍ ବେସ୍‌ଡ ଫେସ୍‌ୱାଶ୍ ଲଗାନ୍ତୁ। ଫଳରେ ଝାଳ, ଧୂଳି ଓ ଅତ୍ୟଧିକ ଅଏଲି ହୋଇଥିଲେ ସ୍କିନ୍ ଫ୍ରେଶ୍ ଲାଗିବ।

→ ଏହି ଦିନେ ପିଏଚ୍ ବାଲାନ୍ସ କରିବା ନିମନ୍ତେ ଟୋନର ବ୍ୟବହାର ନିଶ୍ଚୟ କରନ୍ତୁ। ତେବେ ଖରାଦିନ ପାଇଁ ଆଲ୍‌କୋହଲ ଫ୍ରି ଟୋନର ଲଗାନ୍ତୁ। କିନ୍ତୁ ଡ୍ରାଏ ସ୍କିନ୍ ହୋଇଥିଲେ ହାଇଡ୍ରେଟିଂ ଟୋନର ଲଗାନ୍ତୁ।

→ ସ୍ନାନକରିବା ପରେ ଓ ଶୋଇବା ପୂର୍ବରୁ ତ୍ୱଚାରେ ମଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ। ତେବେ ସେନ୍‌ସିଟିଭ୍ ସ୍କିନ୍ ହୋଇଥିଲେ ଆଲୋଭେରା ବେସ୍‌ଡ ମଶ୍ଚରାଇଜର ଲଗାନ୍ତୁ।

→ ତ୍ୱଚାରେ ଅଲ୍‌ଟ୍ରା ଭାଓଲେଟ୍ ରଶ୍ମିର ପ୍ରଭାବ କମ୍ କରିବା ନିମନ୍ତେ ଏସ୍‌ପିଏଫ୍ ୩୦ କିମ୍ବା ତା' ଠାରୁ ଅଧିକ ଥିବା ସନ୍‌ସ୍କ୍ରିନ୍ ଲଗାନ୍ତୁ। ପ୍ରତି ୩ ଘଣ୍ଟାରେ ଥରେ ଏହାକୁ ଲଗାନ୍ତୁ। ଯଦି ବେଶି ସମୟ ଖରାରେ ରହୁଛନ୍ତି କିମ୍ବା ଅତ୍ୟଧିକ ଝାଳ ବାହାରୁଛି ତା'ହେଲେ ପ୍ରତି ୨ ଘଣ୍ଟାରେ ଥରେ ସନ୍‌ସ୍କ୍ରିନ୍ ଲଗାନ୍ତୁ।

→ ସପ୍ତାହକୁ ୨ଥର ମୃତକୋଷ ଦୂର କରିବା ନିମନ୍ତେ ଘରେ ଫେସିଆଲ୍ କରିପାରିବେ। ଯଦି ଫେସିଆଲ କରିପାରୁନାହାନ୍ତି ତେବେ ୨–୩ ଥର କ୍ଲେ ମାସ୍କ ଲଗାନ୍ତୁ। ସପ୍ତାହକୁ ଥରେ କିମ୍ବା ୨ ଥର ସ୍କ୍ରବ୍ କରନ୍ତୁ।

→ ପ୍ରଚୁର ପାଣି ପିଅନ୍ତୁ ଓ ଫଳ ତଥା ପନିପରିବା ଖାଆନ୍ତୁ।





# ବେଙ୍ଗାଲୁରୁ ପରାଜୟର ପ୍ରତିଶୋଧ ଦିଲ୍ଲୀରେ



ଉଇକେଟ ନେବା ପରେ ଜୋଶ ହାଜେଲ୍‌ଉଡ୍‌ଙ୍କୁ କ୍ରୁନାଲ ପାଣ୍ଡ୍ୟାଙ୍କ ବଧେଇ।

**ନୂଆଦିଲ୍ଲୀ,୨୭।୪**

ବେଙ୍ଗାଲୁରୁରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ପରାଜୟର ପ୍ରତିଶୋଧ ଦିଲ୍ଲୀରେ ନେଇଛି ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି)। ଜୋଶ୍ ହାଜେଲଉଡ ଓ ଭୁବନେଶ୍ୱର କୁମାର (ଭୁବି)ଙ୍କ ଘାତକ ବୋଲିଂ ପରେ ଦେବଦତ୍ତ ପଡିକାଲଙ୍କ ବିସ୍ଫୋରକ ବ୍ୟାଟିଂ ସହାୟତାରେ ଆରସିବି ୯ ଉଇକେଟରେ ଦିଲ୍ଲୀକୁ ପରାସ୍ତ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଦିଲ୍ଲୀ ଦଳ ୧୬.୩ ଓଭରରେ ମାତ୍ର ୭୫ ରନକରି ଅଲଆଉଟ ହୋଇଥିଲା। ଜବାବରେ ଆରସିବି ୬.୩ ଓଭରରେ ମାତ୍ର ୧ ଉଇକେଟ ହରାଇ ୭୭ ରନ ସଂଗ୍ରହ କରି ନେଇଥିଲା। ଜ୍ୟାକବ ବେଥେଲ ୨୦ ରନକରି ଆଉଟ ହୋଇଥିବାବେଳେ ପଡିକାଲ ୧୩ ବଲ୍‌ରୁ ୩୪ (୩ ଚୌକା, ୩ ଛକା)

## ଭୁବି-ହାଜେଲଉଡ୍‌ଙ୍କ ଘାତକ ବୋଲିଂ

ଓ ବିରାଟ କୋହଲି ୨୩ ରନରେ ଅପରାଜିତ ରହି ମ୍ୟାଚ ଫିନିଶ୍ କରିଥିଲେ। ଏଥିସହ କୋହଲି ଆଇପିଏଲ୍‌ରେ ୯୦୦୦ ରନ ପୂରଣ କରିଥିଲେ। ଭୁବି ଓ ହାଜେଲଉଡ୍‌ଙ୍କ ପେସ ଯୋଡ଼ି ଦିଲ୍ଲୀର ବ୍ୟାଟିଂ ଲାଇନ୍‌ଅପ୍‌କୁ ଧ୍ୱଂସ କରି ଦେଇଥିଲା। ଘରୋଇ ଦଳ ୪ ଓଭର ମଧ୍ୟରେ ୮ ରନରେ ୬ ଉଇକେଟ ହରାଇଥିଲା। ଏପରିକି ଦଳ ପ୍ରଥମ ୬ ଓଭର ସୁଦ୍ଧା ୬ ଉଇକେଟ ହରାଇ ମାତ୍ର ୧୩ ରନ କରିଥିଲା, ଯାହାକି ଆଇପିଏଲ୍ ଇତିହାସରେ ସର୍ବନିମ୍ନ ପାୱାରପ୍ଲେ ସ୍କୋର। ଦୁଇ ପେସର ପାୱାରପ୍ଲେରେ ୩ ଲେଖାଏ ଉଇକେଟ ନେଇଥିଲେ, ଯାହାକି ଆଇପିଏଲ୍ ଇତିହାସରେ ପ୍ରଥମ। ଅଭିଷେକ ପୋରେଲଙ୍କ ଦୃଢ଼ ବ୍ୟାଟିଂ ଯୋଗୁ ଦଳୀୟ ସ୍କୋର ୫୦ ପାର ହୋଇଥିଲା। ପୋରେଲ ୩୦ ରନ୍ କରି ଆଉଟ୍ ହୋଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ ୨୦ ଓଭରରେ ୭୫/ଅଲଆଉଟ୍ (ଅଭିଷେକ ପୋରେଲ-୩୦, ଡେଭିଡ୍ ମିଲର-୧୯, ଭୁବନେଶ୍ୱର କୁମାର-୩/୫, ଜୋଶ ହାଜେଲଉଡ୍-୪/୧୨)। ବେଙ୍ଗାଲୁରୁ ୬.୩ ଓଭରରେ ୭୭/୧ (ଦେବଦତ୍ତ ପଡିକାଲ-୩୪*, ବିରାଟ କୋହଲି-୨୩*, ଜ୍ୟାକବ ବେଥେଲ-୨୦, କାଏଲ ଜେମିସନ ୧/୪୨)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ପଞ୍ଜାବ ବନାମ ରାଜସ୍ଥାନ
ସ୍ଥାନ: ନ୍ୟୁ ଚଣ୍ଡିଗଡ଼
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ରୟାଲ ଚ୍ୟାଲେଞ୍ଜର୍ସ | ୮ | ୬ | ୨ | ୦ | ୧୨ | +୧.୯୧୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ ରୟାଲ୍ସ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଗୁଜରାଟ ଟାଇଟନ୍ସ | ୮ | ୪ | ୪ | ୦ | ୮ | -୦.୪୭୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୮ | ୩ | ୫ | ୦ | ୬ | -୦.୧୨୧ |
| ଦିଲ୍ଲୀ କ୍ୟାପିଟାଲ୍ସ | ୮ | ୩ | ୫ | ୦ | ୬ | -୧.୦୬୦ |
| ନାଇଟ ରାଇଡର୍ସ | ୮ | ୨ | ୫ | ୧ | ୫ | -୦.୭୫୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ମୌ ସୁପର ଜାଏଣ୍ଟ୍ସ | ୮ | ୨ | ୬ | ୦ | ୪ | -୧.୧୦୬ |



ଭୁବନେଶ୍ୱର କୁମାର

## ଆରସିବିର ସବୁଠୁ ସଫଳ ରନ୍‌ଚେଜ୍

**ନୂଆଦିଲ୍ଲୀ, ୨୭।୪**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ସୋମବାର ଆଇପିଏଲ୍ ମ୍ୟାଚରେ ୮୧ ବଲ୍ ବାକି ଥାଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ବଲ୍ ଦୃଷ୍ଟିରୁ ଆରସିବିର ଏହା ସବୁଠୁ ସଫଳ ରନ୍ ଚେଜ୍। ଏହି ତାଲିକାରେ ମୁମ୍ବାଇ ଇଣ୍ଡିଆନ୍ସ ଶୀର୍ଷରେ ରହିଛି। ୨୦୦୮ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ମୁମ୍ବାଇ ୮୭ ବଲ୍ ବାକିଥାଇ ରନ୍‌ଚେଜ୍ କରିଥିଲା। ଆଇପିଏଲ୍‌ରେ ୯୦୦୦ ରନ ପୂରଣ କରିଥିବା ବିରାଟ କୋହଲି ଚେନ୍ନାଇ ସୁପର କିଙ୍ଗ୍ସ ବିପକ୍ଷରେ ସର୍ବାଧିକ ୧୧୭୪, ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ୧୧୭୨ ଓ ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ୧୧୫୯ ରନ ସଂଗ୍ରହ କରିଛନ୍ତି। କୋଲକାତା ବିପକ୍ଷରେ ୧୧୬୧ ରନ ସଂଗ୍ରହ କରି ରୋହିତ ଶର୍ମା ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଦିଲ୍ଲୀ ବିପକ୍ଷରେ ୩୫ ମ୍ୟାଚରୁ ଆରସିବିର ଏହା ୨୧ତମ ବିଜୟ। ଏଥିସହ କୌଣସି ଏକ ଦଳ ବିପକ୍ଷରେ ସର୍ବାଧିକ ମ୍ୟାଚ ବିଜୟରେ ଆରସିବି ମିଳିତଭାବେ ଦ୍ୱିତୀୟ ସ୍ଥାନରେ ରହିଛି। କୋଲକାତା ନାଇଟ ରାଇଡର୍ସ ବିପକ୍ଷରେ ୩୬ ମ୍ୟାଚରୁ ୨୫ଟିରେ ଜିତି ମୁମ୍ବାଇ ଇଣ୍ଡିଆନ୍ସ ତାଲିକାର ଶୀର୍ଷରେ ରହିଛି। ମ୍ୟାଚର ୨ଟି ଇନିଂସରେ ମୋଟ ୧୫୨ ରନ ସ୍କୋର ହୋଇଥିଲା। ଆରସିବି-ଦିଲ୍ଲୀ ମ୍ୟାଚରେ ଏହା ସର୍ବନିମ୍ନ ଏଗ୍ରିଗେଟ୍।

# ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସେସ (କିସ୍) ଆନୁକୂଲ୍ୟରେ ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ ସୋମବାର ଶେଷ ହୋଇଛି। କିଟ୍-କିସ୍ ଅନ୍ତର୍ଜାତୀୟ ସୁଇମିଂ କମ୍ପ୍ଲେକ୍ସରେ ସୁଇମରମାନେ ଏହି କାର୍ଯ୍ୟକ୍ରମରୁ ଉପଯୋଗୀ ଅଭିଜ୍ଞତା ହାସଲ କରିଛନ୍ତି। ପ୍ରବଳ ଗ୍ରୀଷ୍ମପ୍ରବାହ ସତ୍ତ୍ୱେ କୋଚ୍, ବୈଷୟିକ ଅଧିକାରୀ, ଭଲ୍ୟୁଣ୍ଟିୟର ଓ ଆୟୋଜକଙ୍କ ଉଦ୍ୟମ ଯୋଗୁ ଏହି ଇଭେଣ୍ଟ ସଫଳତାର ସହ ସମ୍ପନ୍ନ ହୋଇଛି। ଓଡ଼ିଶା (ଆଇଆଇଏସ୍ ଭୁବନେଶ୍ୱର, ଜିଏଏଫ୍ କିସ୍), କର୍ନାଟକ (ପିଇଟି ମଧ୍ୱ), ପଶ୍ଚିମବଙ୍ଗ (ବେଙ୍ଗଲ ସୁଇମିଂ ଏକାଡେମୀ, ଏଚ୍ଏଲ୍ଏନ୍‌କେ ସାନ୍ତାର) ଓ ଝାଡ଼ଖଣ୍ଡ (ଟାଟା) ଆଦି ଦଳର ସୁଇମରମାନେ ଏଥିରେ ଭାଗ ନେଇଥିଲେ। ଓପନ, ଗ୍ରୁପ୍-୨, ଗ୍ରୁପ୍-୩ ଏବଂ ଗ୍ରୁପ୍-୪ ବର୍ଗରେ ପ୍ରତିଯୋଗିତାରେ ମୋଟ ୫୬ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ୧୫ଟି କ୍ଲବର ୫୧୪ ସୁଇମର ଏଥିରେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ମୋଟ ୧,୯୧୪ ବ୍ୟକ୍ତିଗତ ଏଣ୍ଟ୍ରି ସନ୍ତରଣ କ୍ରୀଡ଼ାର ଲୋକପ୍ରିୟତାକୁ ସୂଚାଉଛି। ପ୍ରତି ବର୍ଗର ୩ ଜଣ ଲେଖାଏ ଶ୍ରେଷ୍ଠ ସୁଇମରଙ୍କୁ ପୁରସ୍କୃତ କରାଯାଇଛି। କିସ୍ ପକ୍ଷରୁ ସର୍ବାଧିକ ୨୯୮ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ୧୯୦ ବାଳିକା ଓ ୧୦୮ ବାଳକ ସାମିଲ। ପ୍ରଦର୍ଶନ ଦୃଷ୍ଟିରୁ ଇନ୍‌ସ୍ପାୟର ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍ପୋର୍ଟ୍ସ (ଆଇଆଇଏସ୍) ଭୁବନେଶ୍ୱରର ପ୍ରଦର୍ଶନ ପ୍ରଭାବୀ ରହିଥିଲା। ବିଭିନ୍ନ ବର୍ଗରେ ଏହାର ପ୍ରତିଯୋଗୀମାନେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଗ୍ଲେନମାର୍କ ଆକ୍ୱାଟିକ୍ ଫାଉଣ୍ଡେଶନର ଉଦ୍ୟମ ଯୋଗୁ କିସ୍ ପ୍ରତିଯୋଗୀମାନେ ପ୍ରଦର୍ଶନର ଛାପ ଛାଡ଼ିଥିବାରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଖୁସିବ୍ୟକ୍ତ କରିଛନ୍ତି।



ଆଇସ୍ୱିମ୍ ସମର ଚ୍ୟାଲେଞ୍ଜ ପ୍ରତିଯୋଗିତା ଅବସରରେ ପ୍ରତିଯୋଗୀମାନେ।

# ଅଷ୍ଟ୍ରେଲିଆକୁ ହରାଇ କ୍ୱାର୍ଟରରେ ଭାରତ

**ହୋର୍ସେନ, ୨୭।୪ (ପି.ଟି.)**

**ଥୋମାସ୍ କପ୍ ବ୍ୟାଡ୍‌ମିଣ୍ଟନ**

ଗ୍ରୁପ୍ 'ଏ'ରେ ଅଷ୍ଟ୍ରେଲିଆ ବିପକ୍ଷରେ ୫-୦ରେ ବିଜୟ ହାସଲ କରି ଭାରତ ଏଠାରେ ଚାଲିଥିବା ଥୋମାସ କପ୍ ଫାଇନାଲ୍ସ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ସୋମବାର ଏହି ବିଜୟ ଦ୍ୱାରା ଭାରତ ଓ ଚାଇନା ଗ୍ରୁପ୍‌ରେ ପ୍ରଥମ ଦୁଇ ସ୍ଥାନ ଅଧିକାର କରିନେଇଛନ୍ତି। ୨୦୨୨ ଚାମ୍ପିୟନ ୪-୧ରେ କାନାଡାକୁ ପରାସ୍ତ କରି ଟୁର୍ନାମେଣ୍ଟରେ ଏହାର ଅଭିଯାନ ଆରମ୍ଭ କରିଥିଲା। ଅନ୍ୟପକ୍ଷରେ ଚାଇନା ପୂର୍ବରୁ ଅଷ୍ଟ୍ରେଲିଆ ବିପକ୍ଷରେ ୫-୦ରେ ବିଜୟ ଲାଭ କରିଥିବା ବେଳେ ସୋମବାର ସକାଳେ କାନାଡାକୁ ୪-୧ରେ ହରାଇ ଦେଇଥିଲା। ଇଫ୍ରେମ୍ ଷ୍ଟିଫେନ ସାମ୍‌ଙ୍କୁ ୨୧-୧୪, ୨୧-୧୬ରେ ପରାସ୍ତ କରି ପ୍ୟାରିସ ଅଲିମ୍ପିଆନ ତଥା ରାଜ୍ୟଗୋଷ୍ଠୀ ଚାମ୍ପିୟନ ଲକ୍ଷ୍ୟ ସେନ୍ ଭାରତକୁ ପ୍ରଥମେ ଅଗ୍ରଣୀ କରାଇଥିଲେ। ଅନ୍ୟପକ୍ଷରେ ୟୁଏସ୍ ଓପନ ଚାମ୍ପିୟନ ତଥା ନିକଟରେ ବ୍ୟାଡ୍‌ମିଣ୍ଟନ ଏସିଆ ଚାମ୍ପିୟନଶିପ୍‌ରେ ରନରଅପ୍ ଆୟୁଷ ଶେଟ୍ଟି ଶ୍ରେ ଧଣ୍ଡଙ୍କ ବିପକ୍ଷରେ ୨୧-୮, ୨-୧୬ରେ ବିଜୟ ଲାଭ କରିଥିଲେ। ସେହିପରି ଏସିଆନ ଗେମ୍ସ ଚାମ୍ପିୟନ ତଥା ଭାରତର ଟପ୍ ଡବଲ୍ସ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ପ୍ରତିପକ୍ଷ ରିଜ୍‌କି ହିଦାୟତ ଓ ଜ୍ୟାକ୍ ୟୁଙ୍କୁ ୨୧-୧୪, ୨୧-୧୬ରେ ହରାଇ ଭାରତକୁ ୩-୦ରେ ଅଗ୍ରଣୀ କରାଇବା ସହ ବିଜୟକୁ ପକ୍କା କରିଥିଲେ।

## ଆୟର୍ଲାଣ୍ଡ ଗସ୍ତ ସ୍ମରଣୀୟ କଲେ ସୁବ୍ରତ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

ଓଡ଼ିଶାର କ୍ୟୁ ସ୍ପୋର୍ଟ୍ସ ତାରକା ସୁବ୍ରତ ଦାସଙ୍କ ଆୟର୍ଲାଣ୍ଡ ଗସ୍ତ ସ୍ମରଣୀୟ ହୋଇଛି। ପ୍ରଥମଥର ପାଇଁ ଆଇରିସ ଓପନ ଚ୍ୟାଲେଞ୍ଜ କପ୍ ଚାମ୍ପିୟନ ହୋଇଥିବା ସୁବ୍ରତ ଆଇବିଏସ୍ଏଫ୍ ବିଶ୍ୱ ବିଲିୟାର୍ଡ୍ସ ଚାମ୍ପିୟନଶିପ୍‌ରେ ମଧ୍ୟ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ଲିଗ୍ ପର୍ଯ୍ୟାୟର ପ୍ରଥମ ମ୍ୟାଚରେ ଆୟର୍ଲାଣ୍ଡର ସିଆରାନ ଡୋୟଲେଙ୍କୁ ୫୪୦-୧୩୬ରେ ହରାଇ ଅଭିଯାନ ଆରମ୍ଭ କରିଥିଲେ ସୁବ୍ରତ। ମାତ୍ର ପରବର୍ତ୍ତୀ ୨ଟି ମ୍ୟାଚରେ ଇଂଲଣ୍ଡର ଡେଭିଡ କୌଜିଅରଙ୍କଠାରୁ ୧୪୧-୧୦୬୦ ଏବଂ ଭାରତର ରାଫାଥ ହବିବଙ୍କଠାରୁ ୨୫୦-୩୫୦ରେ ହାରିବାରୁ ନକ୍‌ଆଉଟ ପ୍ରବେଶରୁ ବଞ୍ଚିତ ହୋଇଛନ୍ତି। ଆୟର୍ଲାଣ୍ଡ ଗସ୍ତରୁ ସେ କ୍ୟାରିୟରର ସବୁଠାରୁ ବଡ଼ ଅଭିଜ୍ଞତା ହାସଲ କଲେ। ମାଇକ ରସେଲ ଓ ଡେଭିଡ କୌଜିଅରଙ୍କ ଭଳି କିମ୍ବଦନ୍ତୀ ଖେଳାଳିଙ୍କ ସହ ଖେଳିବାକୁ ମଧ୍ୟ ସୁଯୋଗ ମିଳିଲା। ଏହା ତାଙ୍କୁ ଭବିଷ୍ୟତରେ ନିଶ୍ଚିତ ସାହାଯ୍ୟ କରିବ ବୋଲି ସୁବ୍ରତ ପ୍ରକାଶ କରିଛନ୍ତି। ଭାରତ ବାହାରେ ପ୍ରଥମଥର ପାଇଁ ସେ ଏକ ଟୁର୍ନାମେଣ୍ଟରେ ଚାମ୍ପିୟନ ହେବାରେ ସକ୍ଷମ ହୋଇଛନ୍ତି। ଏହା ତାଙ୍କ ମନୋବଳକୁ ଦୃଢ଼ କରିଛି। ଅଧିକ ପରିଶ୍ରମ ଏବଂ ଆଡ୍‌ଭାନ୍ସ କୋଚିଂ ନେଇ ସେ ଆଗାମୀ ଦିନରେ ବିଶ୍ୱ ଟାଇଟଲ ଜିତିବାକୁ ଚେଷ୍ଟା କରିବେ ବୋଲି କହିଛନ୍ତି ସୁବ୍ରତ।

# ଅଙ୍କିତାଙ୍କୁ ୫ ଉଇକେଟ ; ରାଉରକେଲା ବିଜୟୀ

**କଟକ,୨୭।୪(କୁମାରଶ୍ରୀ)**

**ଆନ୍ତଃଜିଲା ମହିଳା ଟି୨୦**

ଆନ୍ତଃଜିଲା ମହିଳା ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ଏକ ମ୍ୟାଚ୍‌ରେ ରାଉରକେଲା ୯ ଉଇକେଟରେ ନୂଆପଡାକୁ ପରାସ୍ତ କରିଛି। ରେଲୱେ ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରିଥିବା ନୂଆପଡା ମାତ୍ର ୧୭ରନରେ ଅଲଆଉଟ ହୋଇଥିଲା। ରାଉରକେଲାର ଅଙ୍କିତା ପାଣି ୪ରନ ବିନିମୟରେ



ଅଙ୍କିତା ପାଣି

୫ଟି ଉଇକେଟ ଦଖଲ କରି ନୂଆପଡାର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ୨.୪ ଓଭରରେ ଗୋଟିଏ ଉଇକେଟ ହରାଇ ରାଉରକେଲା ବିଜୟ ହାସଲ କରିଥିଲା। ୫ ଉଇକେଟ ସଫଳତା ପାଇଥିବା ଅଙ୍କିତା ପ୍ଲେୟର ଅଫ ଦି ମ୍ୟାଚ୍ ହୋଇଥିଲେ। ଅନ୍ୟ ମ୍ୟାଚ୍ ଗୁଡିକରେ କିଟ ୩୮ରନରେ କୋରାପୁଟକୁ, ବରଗଡ ୪୧ରନରେ ଗଞ୍ଜାମକୁ, କଟକ ୬ ଉଇକେଟରେ ମୟୂରଭଞ୍ଜକୁ, ଭଦ୍ରକ ୮ ଉଇକେଟରେ ମାଲକାନଗିରିକୁ, ଜଗତସିଂହପୁର ୮ ଉଇକେଟରେ କଳାହାଣ୍ଡିକୁ, ବଲାଙ୍ଗୀର ୧୫ରନରେ ସୁନ୍ଦରଗଡକୁ, କେନ୍ଦୁଝର ୯୨ରନରେ ନୟାଗଡକୁ, ନବରଙ୍ଗପୁର ୫୮ରନରେ ଦେବଗଡକୁ ପରାସ୍ତ କରିଛି।

# ସିନିୟର ରୋଲ୍ ବଲ୍‌ରେ ଓଡ଼ିଶାକୁ ପ୍ରଥମ ପଦକ



ବ୍ରୋଞ୍ଜ ପଦକ ବିଜୟୀ ଓଡ଼ିଶା ରୋଲ ବଲ୍ ଦଳ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

ଓଡ଼ିଶା ରୋଲ୍ ବଲ୍ ଦଳ ସିନିୟର ସ୍ତରରେ ପ୍ରଥମ ପଦକ ହାସଲ କରି ଇତିହାସ ରଚିଛି। ମେଘାଳୟର ଶିଲଂଠାରେ ଅନୁଷ୍ଠିତ ପୂର୍ବାଞ୍ଚଳ ସିନିୟର ରୋଲ୍ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ବ୍ରୋଞ୍ଜ ପଦକ ହାସଲ କରିଛି। ମେଘାଳୟ ରୋଲ ବଲ୍ ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ଓଡ଼ିଶା ସିନିୟର ଦଳ ଚମତ୍କାର ପ୍ରଦର୍ଶନ କରିଥିଲା। ଓଡ଼ିଶା ପକ୍ଷରୁ ପ୍ରତୀକ ଅର୍ନବ ଜେନା ସର୍ବାଧିକ ୭ ଗୋଲ ସ୍କୋର କରିଥିଲେ। ସେ ମାତ୍ର ୧୪ ବର୍ଷର ହୋଇଥିଲେ ମଧ୍ୟ ନିଜ ଦକ୍ଷତା ମାଧ୍ୟମରେ ଓଡ଼ିଶାକୁ ଏହି ଐତିହାସିକ ସଫଳତା ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଓଡ଼ିଶା ରୋଲ ବଲ୍ ଆସୋସିଏଶନ ଏବଂ ଏହାର ପ୍ରତିଷ୍ଠାତା ପାର୍ଥ ସାରଥି ଜେନା ରାଜ୍ୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଗତ କିଛିବର୍ଷ ଧରି ଓଡ଼ିଶା ଦଳ ବିଭିନ୍ନ ବୟସ ବର୍ଗରେ ପ୍ରଭାବୀ ପ୍ରଦର୍ଶନ କରି ଆସୁଛି। ଏବେ ସିନିୟର ସ୍ତରରେ ପଦକ ଜିତି ଏକ ମାଇଲଖୁଣ୍ଟ ସ୍ଥାପନ କରିଛି ବୋଲି ପାର୍ଥ ସାରଥି ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର ପ୍ରଥମ, କୋରାପୁଟ ଜିଲା ଦ୍ୱିତୀୟ




ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

**ରାଜ୍ୟସ୍ତରୀୟ କରାଟେ ପ୍ରତିଯୋଗିତା ଉଦ୍‌ଯାପିତ**

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲ ପରିସରରେ ରାଜ୍ୟ ସ୍ତରୀୟ ୩୭ତମ ଜୁନିୟର, କ୍ୟାଡେଟ୍ ଏବଂ ୩୮ତମ ସବ୍‌ଜୁନିୟର କରାଟେ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଛି। ପ୍ରତିଯୋଗିତାରେ ଓଡ଼ିଶାର ବିଭିନ୍ନ ଜିଲାରୁ ୬୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଭାବୀ ପ୍ରଦର୍ଶନ କରି ଭୁବନେଶ୍ୱର ୫୮ଟି ସ୍ୱର୍ଣ୍ଣ ସହ ମୋଟ ୧୮୨ ପଦକ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ୯ ସ୍ୱର୍ଣ୍ଣ ସହ ୨୬ ପଦକ ପାଇ କୋରାପୁଟ ଜିଲା ଦ୍ୱିତୀୟ ଏବଂ ୮ ସ୍ୱର୍ଣ୍ଣ ସହ ୩୦ ପଦକ ପାଇ ବାଲେଶ୍ୱର ଜିଲା ତୃତୀୟ ସ୍ଥାନ ଅଧିକାର କରିଛି। ଓଡ଼ିଶା କରାଟେ ସଂଘର ପୂର୍ବତନ ସମ୍ପାଦକ ପ୍ରକାଶ ପଟ୍ଟନାୟକ, ଉପଦେଷ୍ଟା ସନକ ନାୟକ, ସଦସ୍ୟ ହିମାଂଶୁ ଶେଖର ଦାସ ପ୍ରମୁଖ ପୁରସ୍କାର ବିତରଣ କରିଥିଲେ। ଓଡ଼ିଶା ରାଜ୍ୟ କରାଟେ ସଂଘର ସଭାପତି ହରିପ୍ରସାଦ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ସମ୍ପାଦକ ଗୌରୀ ମହାନ୍ତି ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଓଡ଼ିଶାର ବିଭିନ୍ନ ଜିଲାରୁ ୩୫ ଜଣ ବିଚାରକ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ଉତ୍କଳ କରାଟେ ସ୍କୁଲର କାର୍ଯ୍ୟକର୍ତ୍ତା ଅବିନାଶ ପୁନ୍ଦିର, ସନ୍ଦୀପ ଦାଶ, ସନ୍ତୋଷ ମହାରଣା, ଦିଲୀପ ଜେନା, ସପନ ମିଶ୍ର, ରଜନୀ ବିଶି, ସଞ୍ଜୀବ ପୁଟେଲ୍‌ଙ୍କ ସମେତ ଅନ୍ୟ ସଦସ୍ୟମାନେ ପ୍ରତିଯୋଗିତାର ସଫଳ ପରିଚାଳନାରେ ସହଯୋଗ କରିଥିଲେ। ଏହି ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀମାନେ କରାଟେ ଇଣ୍ଡିଆ ଅର୍ଗାନାଇଜେଶନ୍ ଦ୍ୱାରା ହେବାକୁଥିବା ଜାତୀୟ କରାଟେ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି।


4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>